

'କ୍ରିସ୍-୪'ର ନିର୍ଦ୍ଦେଶନା ଦେବେ ସିଦ୍ଧାର୍ଥ

▶ପୃଷ୍ଠା ୧୪ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-309 ♦BHUBANESWAR ♦MONDAY ♦6 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୦୯ ♦ଭୁବନେଶ୍ୱର ♦ସୋମବାର ♦୬ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


### ବୌଦ୍ଧ, ବୀରମହାରାଜପୁର, ସୋନପୁରରେ ପାଣ୍ଡିଆନ ଫୁଙ୍କିଲେ ପ୍ରଗତିର ବିଜୟ ଶଙ୍ଖ

# ବିରୋଧୀ ନେତା 'ନିର୍ବାଚନ ପର୍ଯ୍ୟଟକ'

## ଏବେ ଦେଉଛନ୍ତି ବଡ଼ ବଡ଼ ଭାଷଣ; ନିର୍ବାଚନ ସରିଗଲେ ଉଭାନ



- ବିଜେପିକୁ ମନେ ପକାଇଦେଲେ ଗତ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି
- କୁଆଡ଼େ ଗଲା ୨ କୋଟି ଚାକିରି, ଧାନର ୨ ଗୁଣ ଏମ୍ଏସ୍‌ପି ବୃଦ୍ଧି
- ଏକମାତ୍ର ରାଜ୍ୟ ଭାବେ ୯୫% କଲେଜ ପିଲାଙ୍କୁ ବୃତ୍ତି ଦେଉଛି ଓଡ଼ିଶା
- ଝିଅମାନଙ୍କୁ ୧୦ ହଜାର ଟଙ୍କା ଓ ପୁଅମାନଙ୍କୁ ୯ ହଜାର ବୃତ୍ତିରାଶି

■ **ବୌଦ୍ଧ/ବିନିକା/ବୀରମହାରାଜପୁର/ ୫।୫ (ସମିସ):** ରବିବାର ବୌଦ୍ଧ, ସୋନପୁର, ବୀରମହାରାଜପୁର, ନୟାଗଡ଼ରେ ପ୍ରଗତି ଓ ଉନ୍ନତିର ଶଙ୍ଖନାଦ ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଭିକ୍ଷା କରିଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ଏହି ଅବସରରେ ସମର୍ପିତ ବିକାଶ ଓ ରୂପାନ୍ତରଣର ପ୍ରତିବଦ୍ଧତା ଦୋହରାଇବା ସହ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିବାକୁ ନମ୍ର ଅନୁରୋଧ କରିଛନ୍ତି। ଅନୁରୂପ ଭାବରେ ସେ ଏହି ସମାବେଶରେ ରାଜ୍ୟର ବିକାଶ ଓ ଲୋକ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଅସହିଷ୍ଣୁ ବିରୋଧୀଙ୍କୁ କଟୁ ସମାଲୋଚନା କରିଛନ୍ତି। ବିରୋଧୀ ନେତାଙ୍କୁ 'ନିର୍ବାଚନ ପର୍ଯ୍ୟଟକ' ଭାବରେ ଅଭିହିତ କରି ଶାଣିତ କଟାକ୍ଷ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେବାରେ ବିଶ୍ୱାସ କରନ୍ତି, ଲୋକଙ୍କୁ କାମର ହିସାବ ଦେବାରେ ବିଶ୍ୱାସ କରନ୍ତି। ଲୋକଙ୍କ ଅସୁବିଧାକୁ ନିଜ ଅସୁବିଧା ଭାବି ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଅନ୍ତି; କିନ୍ତୁ ବିରୋଧୀ ଲୋକଙ୍କ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ନିର୍ବାଚନ ସମୟରେ ପର୍ଯ୍ୟଟକ ଭଳି ଆସନ୍ତି; ବଡ ବଡ କଥା କୁହନ୍ତି, ମିଠା ମିଠା ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ସରିଗଲେ ଆଉ ସେମାନଙ୍କର ଦେଖା ମିଳେ ନାହିଁ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ।

ଏହି ସମାବେଶଗୁଡ଼ିକରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସାରା ଓଡ଼ିଶାବାସୀଙ୍କୁ ନିଜ ପରିବାର ଭାବେ ଭାବନ୍ତି ଓ ସେମାନଙ୍କ ଉନ୍ନତି ▶ପୃଷ୍ଠା-୯

### ରାଜ୍ୟ ବିଜେପିର 'ଇସ୍ତାହାର'କୁ କଟାକ୍ଷ

## ଭୁଆଁ ବୁଲାଇବାର ଗ୍ୟାରେଣ୍ଟି

- ନିର୍ବାଚନ ବେଳେ ଏମ୍ଏସ୍‌ପି ବଢ଼ାଇବା କଥା ମନେ ପଡ଼ିଲା?
- ଦୀର୍ଘ ଦଶ ବର୍ଷ କ୍ଷମତାରେ ଥିବାବେଳେ କ'ଣ ଶୋଇଥିଲେ?
- ଭତ୍ତା ବଢ଼ାଇବା ପାଇଁ କହୁଛନ୍ତି; ଆଗରୁ କଲେ ନାହିଁ କାହିଁକି?
- 'ଡବଲ୍ ଇଞ୍ଜିନ୍' ଭତ୍ତା ଦେଉଛି ୩୦୦; 'ନବୀନ ଇଞ୍ଜିନ' ୧୦୦୦
- ମୁଖ୍ୟମନ୍ତ୍ରୀ କମ୍ କଥା କହନ୍ତି; ସମସ୍ତଙ୍କ ପାଇଁ କାମ କରନ୍ତି

■ **ଭୁବନେଶ୍ୱର, ୫।୫(ସମିସ):** ନିର୍ବାଚନୀ ଇସ୍ତାହାରରେ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି ଓ ଭତ୍ତା ୩୦୦୦ ଟଙ୍କା ବୃଦ୍ଧି ନିମନ୍ତେ ରାଜ୍ୟ ବିଜେପି ଦେଇଥିବା ପ୍ରତିଶ୍ରୁତିକୁ କଟାକ୍ଷ କରିଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ଏହା କେବଳ ଓଡ଼ିଶାବାସୀଙ୍କୁ ଠକିବା ଓ ଭୂଆଁ ବୁଲାଇବାର ଗ୍ୟାରେଣ୍ଟି ବୋଲି ପାଣ୍ଡିଆନ ଉଲ୍ଲେଖ କରି ନିର୍ବାଚନ ସମୟରେ ଚାଷୀ ଓ ଗରିବଙ୍କ କଥା କେମିତି ମନେ ପଡ଼ିଲା ବୋଲି ପ୍ରଶ୍ନ କରିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ରାଜ୍ୟ ବିଜେପି ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରିଛନ୍ତି। ଏଥିରେ ଧାନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୦୦୦ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ମାତ୍ର ଗତ ୧୦ ବର୍ଷ ଧରି ସେମାନେ କ୍ଷମତାରେ ଥିଲେ, ସେତେବେଳେ ୧୦ ବର୍ଷ ▶ପୃଷ୍ଠା-୯

## ଲୋକକଥା



ସ୍ୱାଧୀନରୁ ପ୍ରାର୍ଥୀ ହୋଇଲେଣି କେତେ
ଏ ଦଳୁ ସେ ଦଳ ଧାଇଁ ଧାଇଁ,
ହୃଦ କୋରିହେଲା, ମନ ଜଳିଗଲା
ଏପଟ ସେପଟ ଆସି-ଯାଇ !
ନିରାଶ ହୋଇଲେ ଧୋକା ଖାଇ,
ନିର୍ବାଚନ କଣ୍ଠୁ ମେଣ୍ଟେଇବା ପାଇଁ
ଆଉ ବା କଅଣ ବାଟ କାହିଁ !!

# ଆଜିଠୁ କାଳବୈଶାଖୀ ବର୍ଷା

> **ପବନର ବେଗ ୫୦ କିମି ଛୁଇଁବ**
> **୮ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

■ **ଭୁବନେଶ୍ୱର, ୫।୫ (ସମିସ):** ରାଜ୍ୟରେ ଗ୍ରୀଷ୍ମ ଲହରୀ ସଂଖ୍ୟା ୨୧ ଦିନରେ ପହଞ୍ଚିଛି। ଏପ୍ରିଲ୍ ୧୫ ତାରିଖରୁ ଆଜି ଯାଏଁ ଅର୍ଥାତ ମେ ୫ ତାରିଖ ପର୍ଯ୍ୟନ୍ତ ଲଗାତାର ୨୧ ଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଲଗାତାର ଭାବେ ରାଜ୍ୟରେ ଏକାଧିକ ସହର ତାପାତ୍ରା ୪୦ ଡିଗ୍ରୀ ଉପରେ ରହିବା ସହ ବହୁ ସହରରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୪ରୁ ୫ ଡିଗ୍ରୀ ଉପରେ ରହୁଛି। ଫଳରେ ଲୋକେ ପ୍ରାୟ ମାସେ ହେବ ନାହିଁ ନ ଥିବା କଷ୍ଟ ଅନୁଭବ କରୁଛନ୍ତି। ରବିବାର ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏଠାରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯା ରବିବାର ରାଜ୍ୟର ୨୬ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ୫ସହରରେ ତାପମାତ୍ରା ୪୪ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ କଟକ-ଭୁବନେଶ୍ୱରରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି। ଆଜି ବଲାଙ୍ଗିର, ନୟାଗଡ଼, ନୂଆପଡ଼ା, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର ଏବଂ ବୌଦ୍ଧ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ ବର୍ତ୍ତମାନ ଉପକୂଳ ଓଡ଼ିଶାରେ ଅପେକ୍ଷାକୃତ ତାତି ହ୍ରାସ ଘଟିଛି। ହେଲେ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବା ହେତୁ ଗୁଳୁଗୁଳିର ପ୍ରକୋପ ଯଥେଷ୍ଟ ଅଧିକ ରହୁଛି। ଏହାର ପରିଣାମ ସ୍ୱରୂପ ତାତି କମିଲେ ମଧ୍ୟ ଲୋକେ ଗୁଳୁଗୁଳି ଯୋଗୁଁ ଅସହଯ ଅନୁଭବ କରୁଛନ୍ତି। ତେବେ ସୋମବାରଠାରୁ ଏହି ସ୍ଥିତିରେ ▶ପୃଷ୍ଠା-୯

### ଭାରତରତ୍ନ ସ୍ୱାମୀନାଥନଙ୍କ ସୁପାରିସକୁ କେନ୍ଦ୍ରର ଉପେକ୍ଷା

# ଭୋଟ ବେଳକୁ ମନେପଡ଼ିଲେ ଚାଷୀ

- ଉତ୍ପାଦନ ମୂଲ୍ୟର ଦେଢ଼ଗୁଣ ଏମ୍ଏସ୍‌ପି କରିବାକୁ ସୁପାରିସ କରିଥିଲେ ସ୍ୱାମୀନାଥନ କମିଶନ
- ୨୦୧୭ରେ ଓଡ଼ିଶା ବିଧାନସଭାରେ ଧାନର ସହାୟକ ମୂଲ୍ୟ ବୃଦ୍ଧି ଲାଗି ଗୃହୀତ ହୋଇଛି ପ୍ରସ୍ତାବ
- ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା କରିବାକୁ ଓଡ଼ିଶା ସରକାର କରିଛନ୍ତି ସୁପାରିସ
- ଗତ ୭ ବର୍ଷ ମଧ୍ୟରେ ୧୫ରୁ ଅଧିକ ଥର ରାଜ୍ୟ ସରକାର କେନ୍ଦ୍ର ନିକଟରେ କରିଛନ୍ତି ଅନୁରୋଧ
- ଗତ ବିଧାନସଭାରେ ଧାନର ଏମ୍ଏସ୍‌ପି ୩୩୩୦ ଟଙ୍କା କରିବାକୁ ଦାବି କରିଛି ବିଜେଡି

| ବର୍ଷ | ଏମ୍ଏସ୍‌ପି |
|---|---|
| ୨୦୧୮-୧୯ | ₹ ୧୭୫୦ |
| ୨୦୧୯-୨୦ | ₹ ୧୮୧୫ |
| ୨୦୨୦-୨୧ | ₹ ୧୮୬୮ |
| ୨୦୨୧-୨୨ | ₹ ୧୯୪୦ |
| ୨୦୨୨-୨୩ | ₹ ୨୦୪୦ |
| ୨୦୨୩-୨୪ | ₹ ୨୨୭୫ |

■ **ଭୁବନେଶ୍ୱର, ୫।୫ (ସମିସ):** କୃଷି କ୍ଷେତ୍ରରେ ଅନନ୍ୟ ଅବଦାନ ନିମନ୍ତେ ସ୍ୱାମୀନାଥନଙ୍କୁ 'ଭାରତ ରତ୍ନ' ସମ୍ମାନ ପ୍ରଦାନ କରିଥିବା କେନ୍ଦ୍ର ସରକାର ବାସ୍ତବରେ ତାଙ୍କୁ ଅସମ୍ମାନ କରି ଚାଲିଛନ୍ତି। କୃଷିର ବିକାଶ ଓ କୃଷକମାନଙ୍କ କଲ୍ୟାଣ ପାଇଁ ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଗଠିତ 'ସ୍ୱାମୀନାଥନ୍ କମିଶନ' ରିପୋର୍ଟକୁ ଅଳିଆଗଦାରେ ଫିଙ୍ଗି ଦେଇଛନ୍ତି କେନ୍ଦ୍ର ସରକାର। ସମ୍ପ୍ରତି ଓଡ଼ିଶାରେ ଏକ କ୍ୱିଣ୍ଟାଏ ଧାନର ଉତ୍ପାଦନ ମୂଲ୍ୟ ୨୪୦୩ ଟଙ୍କାରେ ପହଞ୍ଚିଥିବାବେଳେ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୨୩-୨୪ ବର୍ଷରେ ୨୧୮୩ ଟଙ୍କା ଧାର୍ଯ୍ୟ କରିଛନ୍ତି। ସହାୟକ ମୂଲ୍ୟ ବୃଦ୍ଧି ନିମନ୍ତେ ରାଜ୍ୟର ସୁପାରିସ ଓ ଅନୁରୋଧକୁ କେନ୍ଦ୍ରର ବିଜେପି ସରକାର ଏହାପ୍ରତି କର୍ଣ୍ଣପାତ କରୁନାହାନ୍ତି; ମାତ୍ର ଏବେ ରାଜ୍ୟ ବିଜେପି ନିଜ ଇସ୍ତାହାରରେ କ୍ଷମତାକୁ ଆସିଲେ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା କରିବ ବୋଲି ଘୋଷଣା କରିଛି। ▶ପୃଷ୍ଠା-୯




**ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସରିଲା ପ୍ରଚାର**

# ୯୩ ଆସନରେ ୭ରେ ମତଦାନ

ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଆସନ୍ତା ୭ ତାରିଖରେ ଲୋକସଭାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୯୩ ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୧୦ଟି ଆସନରେ ମତଦାନ ହେବାକୁ ଯାଉଥିବା ବେଳେ ଗୁଜରାଟ ୨୬, କର୍ଣ୍ଣାଟକ ୧୪, ବିହାର



୫, ମଧ୍ୟପ୍ରଦେଶ ୮ ଏବଂ ମହାରାଷ୍ଟ୍ରରେ ୧୧ଟି ଆସନ ସାମିଲ ହୋଇଛି। ଏଥିପାଇଁ ରବିବାର ସୁଦ୍ଧା ନିର୍ବାଚନ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ଆସାମ, ବିହାର, ଛତିଶଗଡ଼, ଗୋଆ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ତଥା ଡାମନ ଡିଉ ଓ ଦ୍ୱାଦା ନଗର ହାବେଲିରେ ମତଦାନ ହେବାକୁ ଯାଉଥିବା ବେଳେ ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଏବଂ ଉତ୍ତରପ୍ରଦେଶ ଭଳି ବିଭିନ୍ନ ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ଆସନରେ ମତଦାନ ହେବା ସହିତ ନାମୀଦାମୀ ନେତାଙ୍କ ଭାଗ୍ୟ ଇଭିଏମ ଭିତରେ କଏଦ ହେବ।

**ସୁପ୍ରିମକୋର୍ଟଙ୍କ ଟିପ୍ପଣୀ**

# କୋର୍ଟ ଟେପ୍ ରେକର୍ଡର ଭଳି କାମ ନ କରନ୍ତୁ

ନୂଆଦିଲ୍ଲୀ, ୫।୫ (ଏଜେନ୍ସି):

କୋର୍ଟଗୁଡିକ କେବଳ ଟେପ୍ ରେକର୍ଡର ଭଳି କାମ ନ କରିବା ଉଚିତ। କୋର୍ଟ ମାମଲାରେ ସକ୍ରିୟ ଭୂମିକା ନିଭାଇବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କୌଣସି ଆପରାଧିକ ମାମଲାର ଶୁଣାଣି ସମୟରେ ସରକାରୀ ଓକିଲ ବିରୋଧୀ ସାକ୍ଷୀଙ୍କ ସହ ପ୍ରଭାବୀ ଏବଂ ଉପଯୁକ୍ତ ଚର୍ଚ୍ଚା ନ କରିବାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତା ପ୍ରକଟ କରିଛନ୍ତି। କୋର୍ଟ ଶୁକ୍ରବାର ଏକ ମାମଲାର ନିଷ୍ପତ୍ତି ଶୁଣାଇ କହିଥିଲେ ଯେ ପ୍ରୋସିକ୍ୟୁସନର ଅବହେଳା କିମ୍ବା ମନ୍ଥର ହେବା ସତ୍ତ୍ୱେ ନ୍ୟାୟ ପାଇବାରେ ସହାୟତା ଦେବା ପାଇଁ ଜଣେ ବିଚାରପତି ପ୍ରକ୍ରିୟା ଉପରେ ନଜର ରଖିବା ଉଚିତ। ସତ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଏବଂ ନ୍ୟାୟର ଉଦ୍ଦେଶ୍ୟ ରକ୍ଷା ପାଇଁ କୋର୍ଟର କାର୍ଯ୍ୟକୁ ପ୍ରଭାବୀ ଭାବେ ନିୟନ୍ତ୍ରଣ କରିବା ଉଚିତ। ଏହା ଅଦାଲତଙ୍କ କର୍ତ୍ତବ୍ୟ। ସାକ୍ଷୀ ଯାହା

- ଟ୍ରାଏଲରେ ବିଚାରପତିଙ୍କ ସକ୍ରିୟ ଯୋଗଦାନ ରହିବା ଉଚିତ
- ସରକାରୀ ଓକିଲଙ୍କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ
- ବିରୋଧୀଙ୍କ ସାକ୍ଷୀଙ୍କ ସହ ଉପଯୁକ୍ତ ଚର୍ଚ୍ଚା କରାଯାଉ
- ସରକାରୀ ଓକିଲ ନିଯୁକ୍ତିରେ ରାଜନୀତି ନ ହେଉ



କହୁଛନ୍ତି ତାହାର ରେକର୍ଡ ରଖିବା ପାଇଁ କୋର୍ଟ କେବଳ ଟେପ୍ ରେକର୍ଡର ଭଳି କାର୍ଯ୍ୟ ନ କରିବା ଉଚିତ। ୧୯୯୫ର ଜଣେ ବ୍ୟକ୍ତିଙ୍କ ପତ୍ନୀଙ୍କ ହତ୍ୟା ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ, ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ ଯେ ପବ୍ଲିକ ପ୍ରୋସିକ୍ୟୁସନ ସର୍ଭିସ ଏବଂ ନ୍ୟାୟପାଳିକା ମଧ୍ୟରେ ଉତ୍ତମ ସମ୍ବନ୍ଧ ଆପରାଧିକ ନ୍ୟାୟ ପ୍ରଣାଳୀର ଆଧାରଶିଳା। ସରକାରୀ ଓକିଲ ଭଳି ପଦରେ ନିଯୁକ୍ତିରେ ରାଜନୀତି ନ ହେବା ଉଚିତ ବୋଲି ଶୀର୍ଷ କୋର୍ଟ ବାରମ୍ବାର କହି ଆସୁଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଟ୍ରାଏଲରେ ବିଚାରପତିଙ୍କ ସକ୍ରିୟ ଯୋଗଦାନ ରହିବା ଉଚିତ। ଏହା ସହିତ ମାମଲାର ଶେଷ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଜରୁରୀ ସାମଗ୍ରୀ ହାସଲ କରିବା ଉଚିତ।

ଖଣ୍ଡପୀଠଙ୍କ ଅନୁଯାୟୀ ସରକାରୀ ଓକିଲ ପ୍ରୋସିକ୍ୟୁସନ ପାଇଁ ଦାୟୀ। ସେ ଅଦାଲତଙ୍କ ନିଷ୍ପତ୍ତି ବିରୋଧରେ ଆବେଦନ କରିପାରିବେ। ସେ କେସ୍‌ର କ୍ରିୟାନ୍ୱୟନରେ ସ୍ୱାଭାବିକ ଭାବେ ବିଚାରପତିଙ୍କ ସହ ସମକକ୍ଷଙ୍କ ମଧ୍ୟରୁ ଅନ୍ୟତମ। ଆପରାଧିକ ମାମଲା ସ୍ୱାଧୀନ କିମ୍ବା ନିରେପକ୍ଷ ନୁହେଁ ବୋଲି ଜନତାଙ୍କ ମନରେ ସନ୍ଦେହ ରହୁଛି। କାରଣ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସରକାରୀ ଓକିଲ ସେହିଭଳି କିଛି ମାମଲା ଲଢ଼ିଥାନ୍ତି ଯେଉଁଥିରେ ପ୍ରସିକ୍ୟୁସନ ପକ୍ଷର ସାକ୍ଷୀ ଶତ୍ରୁ ହୋଇଯାଇଥାନ୍ତି।



## ସାମ୍ନାକୁ ଆସିଲା ବାବା ଅମରନାଥଙ୍କ ପ୍ରଥମ ଫଟୋ

ଅନନ୍ତନାଗ, ୫।୫ (ଏଜେନ୍ସି): ଜମ୍ମୁ-କାଶ୍ମୀର ଅନନ୍ତନାଗ ଜିଲ୍ଲାରେ ସ୍ଥିତି ବାବା ଅମରନାଥଙ୍କ ଚଳିତ ବର୍ଷର ପ୍ରଥମ ଫଟୋ ସାମ୍ନାକୁ ଆସିଛି। ଶିବଲିଙ୍ଗର ଉଚ୍ଚତା ପ୍ରାୟ ୮ ଫୁଟ ରହିଛି। ବାବା ବର୍ଫାନୀଙ୍କ ଦର୍ଶନ ପାଇଁ ଜୁନ୍ ୨୯ରୁ ୫୨ ଦିନିଆ ଯାତ୍ରା ଆରମ୍ଭ ହେଉଛି। ଏହି ଯାତ୍ରା ଅଗଷ୍ଟ ୨୯ ରେ ଶେଷ ହେବ। ଏହି ଯାତ୍ରା ପାଇଁ ଏପ୍ରିଲ ୧୫ରୁ ପଞ୍ଜିକରଣ ଆରମ୍ଭ ହେଲାଣି। ୧୩ରୁ ୭୦ ବର୍ଷର ବ୍ୟକ୍ତି ଏହି ଯାତ୍ରାରେ ଯାଇପାରିବେ।

## ନାଟୋ ସୀମାରେ ରୁଷ୍ କ୍ଷେପଣାସ୍ତ୍ର

ମସ୍କୋ, ୫।୫ (ଏଜେନ୍ସି): ନିଜ ସୀମା ନିକଟରେ ଦୀର୍ଘ ୪ ମାସ ପର୍ଯ୍ୟନ୍ତ ନାଟୋ ଚଲାଇଥିବା ସମରାଭ୍ୟାସକୁ ରୁଷ୍ ତୀବ୍ର ସମାଲୋଚନା କରିଛି। ନାଟୋ ରୁଷ୍ ସହ ଯୁଦ୍ଧର ସମ୍ଭାବ୍ୟ ପ୍ରସ୍ତୁତି କରୁଛି। ଏଥିପାଇଁ ସମସ୍ତଙ୍କୁ ଏକାଠି କରି ସବୁ ଅସ୍ତ୍ରଶସ୍ତ୍ର ସହ ଯୁଦ୍ଧାଭ୍ୟାସ 'ଷ୍ଟିଡଫାଷ୍ଟ ଡିଫେଣ୍ଡର' ଚଳାଇଛି ବୋଲି ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ରୁଷ୍ ସୀମା ନିକଟରେ ସାମରିକ କାର୍ଯ୍ୟକଳାପକୁ ନେଇ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ପ୍ରଶାସନ ନାଟୋକୁ ଚେତାବନୀ ଦେଇଛନ୍ତି। ନାଟୋର ଯୁଦ୍ଧାଭ୍ୟାସ ଉତ୍ତେଜନା ବଢ଼ାଉଛି ଏବଂ ଅସ୍ଥିରତା ସୃଷ୍ଟି କରୁଛି ବୋଲି କୁହାଯାଇଛି। ଏହାକୁ ଦେଖି ରୁଷ୍ ଫିନଲାଣ୍ଡ ସୀମା ନିକଟରେ ଇସ୍‌କନ୍ଦର କ୍ଷେପଣାସ୍ତ୍ର ମୁତୟନ କରିଛି। ଏହା ସହିତ ସୈନ୍ୟ ସଂଖ୍ୟାକୁ ବଢ଼ାଇ ଦେଇଛି।

## ସାମାଜିକ ଗଣମାଧ୍ୟମ ଯୋଗୁଁ ବ୍ୟୁଟି କ୍ୱିନ୍‌ଙ୍କୁ ହତ୍ୟା

କ୍ୱିଟୋ, ୫।୫ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ନିଜ ବିଷୟରେ ଟିକିନିଖି ଖବର ପୋଷ୍ଟ କରୁଥିବା ଲୋକଙ୍କୁ ବିଚଳିତ କରିବା ଭଳି ଏକ ଘଟଣା ଘଟିଛି। ଇକ୍ୱେଡରର ବ୍ୟୁଟି କ୍ୱିନ ତଥା ସାମାଜିକ ଗଣମାଧ୍ୟମ ଇନ୍‌ଫ୍ଲୁଏନ୍ସର ଲାଣ୍ଡି ପରାଗା ଗୋୟବୁରୋ (୨୩)ଙ୍କୁ ହତ୍ୟା କରାଯାଇଛି। ତେବେ ଏହି ହତ୍ୟା ପଛରେ ସାମାଜିକ ଗଣମାଧ୍ୟମର ହାତ ରହିଛି। ସୂଚନା ଅନୁଯାୟୀ ଏପ୍ରିଲ ୨୮ ରେ ମଧ୍ୟାହ୍ନ ଭୋଜନ ସମୟରେ ସେ



ଇନ୍‌ଷ୍ଟାଗ୍ରାମରେ ନିଜ ଲୋକେସନ (ଠିକଣା) କହି ଦେଇଥିଲେ। ଏହାର କିଛି ସମୟ ପରେ ଅଜ୍ଞାତ ଆକ୍ରମଣକାରୀ ରେସ୍ତୋରାଁରେ ପହଞ୍ଚି ତାଙ୍କୁ ଗୁଳି ମାରି ହତ୍ୟା କରି ଫେରାର ହୋଇ ଯାଇଥିଲେ। ସେମାନେ ଗୋୟବୁରା ପୋଷ୍ଟ କରିଥିବା ଫଟୋ ଦେଖି ଠିକଣା ଜାଣି ପାରିଥିଲେ। ଏହି ହତ୍ୟା ଅନ୍ୟମାନଙ୍କ ପାଇଁ ଚେତାବନୀ ସଦୃଶ। ଏହି ହତ୍ୟାକାଣ୍ଡ ସିସିଟିଭିରେ କଏଦ ହୋଇଯାଇଛି। ଗୋୟବୁରୋ ୨୦୨୨ରେ ମିସ୍ ଇକ୍ୱେଡର ପ୍ରତିଯୋଗିତାରେ ଭାଗ ନେଇଥିଲେ। ତେବେ ଏ ପର୍ଯ୍ୟନ୍ତ ତାଙ୍କ ହତ୍ୟାର କାରଣ ଜଣାପଡ଼ି ନାହିଁ।

## ପୀୟୁଷଙ୍କ ନାମାଙ୍କନ ରଦ୍ଦ ଦାବି

ମୁମ୍ବାଇ, ୫।୫ (ଏଜେନ୍ସି): ମୁମ୍ବାଇ-ଉତ୍ତର ଲୋକସଭା ଆସନର ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲଙ୍କ ନାମାଙ୍କନ ରଦ୍ଦ ଦାବି କରାଯାଇଛି। ମନୋଜ ଫୁଲଚନ୍ଦ ନାମକ ବ୍ୟକ୍ତି ମୁମ୍ବାଇ ଉତ୍ତର ନିର୍ବାଚନ ସଂଘର ରିଟର୍ଣ୍ଣିଂ ଅଫିସର କୋର୍ଟରେ ଏହି ଆବେଦନ ଦାଖଲ କରିଛନ୍ତି। ସେ ଲୋକ ପ୍ରତିନିଧି ଆଇନ ୧୯୫୧ର ଧାରା ୩୬(୨) ଅଧିନରେ ଗୋୟଲଙ୍କ ନାମାଙ୍କନ ରଦ୍ଦ ପାଇଁ ଦାବି କରିଛନ୍ତି। ଏହି ଆଇନର ଧାରା ୩୩(୫) ନିୟମ ଅନୁଯାୟୀ ସେ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା କହିଛନ୍ତି। ଅଭିଯୋଗରେ ମନୋଜ ଦର୍ଶାଇଛନ୍ତି ଯେ ଗୋୟଲ ମୁମ୍ବାଇ ଦକ୍ଷିଣ ଲୋକସଭା କ୍ଷେତ୍ରର ବାସିନ୍ଦା। ସେ ମୁମ୍ବାଇ ଉତ୍ତରରେ ରହୁନାହାନ୍ତି। ଏହା ସହ ସେ ମାଲାବାର ହିଲ୍ ବିଧାନସଭା କ୍ଷେତ୍ରର ଭୋଟର। ଏହିଭଳି ଭାବେ ସେ ଲୋକପ୍ରତିନିଧି ଆଇନ ପାଳନ କରିନାହାନ୍ତି।

## ୧୫ ଟନ୍ ଅପମିଶ୍ରିତ ମସଲା ଜବତ; ୩ ଗିରଫ

ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚ ରବିବାର କରାବଳ ନଗରରେ ୨ଟି ନକଲି ମସଲା ବନାଉଥିବା ଉତ୍ପାଦନ ୟୁନିଟର ଖୁଲାସା କରିଛି। ଏଠାରୁ ୧୫ ଟନ ଅପମିଶ୍ରିତ ମସଲା ଏବଂ କଞ୍ଚା ମାଲ ଜବତ କରାଯାଇଛି। ଜବତ ସାମଗ୍ରୀରେ ହଳଦୀ ଗୁଣ୍ଡ, ଗରମ ମସାଲା ଗୁଣ୍ଡ, ଶୁଖିଲା ଆମ୍ବ ଗୁଣ୍ଡ, ସଢ଼ି ଯାଇଥିବା ଚାଉଳ, ନଡ଼ିଆ ଆଦି ସାମିଲ ରହିଛି। ଏହି ମାମଲାରେ ତିନି ଜଣ ଦିଲୀପ ସିଂହ ଓରଫ ବଣ୍ଟି, ଖୁର୍ସିଦ ମଲିକ ଏବଂ ସର୍ଫରାଜକୁ ଗିରଫ କରାଯାଇଛି।

## ଟ୍ରକ୍‌କୁ ଧକ୍କାଦେଲା କାର୍; ୬ ମୃତ



ଜୟପୁର, ୫।୫ (ଏଜେନ୍ସି): ରାଜସ୍ଥାନ ସବାଇ ମାଧୋପୁର ଜିଲ୍ଲା ଦେଇ ଯାଇଥିବା ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ-ୱେର ବନାସ ନଦୀ ପୋଲ ନିକଟରେ ରବିବାର ସକାଳେ ଏକ ଟ୍ରକ୍ କାର୍‌କୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ କାର୍‌ରେ ଯାଉଥିବା ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣ ଶିଶୁ ମଧ୍ୟ ଆହତ ହୋଇଛନ୍ତି। ଝୁନ୍‌ଝୁନ ମୁକନ୍ଦଗଡ଼ର ବାସିନ୍ଦା ଏହି ପରିବାର ସବାଇ ମାଧୋପୁରର ଏକ ଗଣେଶ ମନ୍ଦିରକୁ ପୂଜା କରିବାକୁ ଯାଉଥିଲେ। ଧକ୍କା ଦେବା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଛି। ପୁଲିସ ତାଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଛି।

**ହିନ୍ଦୁ ନେତାଙ୍କୁ ହତ୍ୟା ଷଡଯନ୍ତ୍ର**

## ସୁରଟରୁ ମୌଲବୀ ଗିରଫ

ଗାନ୍ଧୀନଗର, ୫।୫ (ଏଜେନ୍ସି): ଦେଶରେ କିଛି ଜଣାଶୁଣା ହିନ୍ଦୁ ରାଜନେତାଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର କରିଥିବା ଜଣାପଡ଼ିବା ପରେ ସୁରଟ୍ ପୁଲିସ ଏଠାକାର ଜଣେ ୨୭ ବର୍ଷୀୟ ମୌଲବୀଙ୍କୁ ରବିବାର ଗିରଫ କରିଛି। ମୌଲବୀ ମହମ୍ମଦ ସୋହେଲ ମହାରାଷ୍ଟ୍ରର ନନ୍ଦୁରବର ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ସେ ଦୀର୍ଘ ଦିନ ଧରି ସୁରଟ ଜିଲ୍ଲାର କଠୋର ଗ୍ରାମସ୍ଥିତ ଏକ ମଦ୍ରାସାରେ ଶିକ୍ଷା ଦେବା ସହ ଏକ ଫ୍ୟାକ୍ଟ୍ରିରେ ମ୍ୟାନେଜର ଭାବେ କାମ କରୁଥିଲେ। କିନ୍ତୁ କିଛି ଦିନ ତଳେ ସେ ସୁରଟର ଜଣେ ହିନ୍ଦୁ ନେତା ଓ ସନାତନ ସଙ୍ଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉପଦେଶ ରାଣାଙ୍କୁ ହତ୍ୟା ଧମକ ଦେବା ସହ ସୁଦର୍ଶନ ଟିଭି ଚ୍ୟାନେଲର ମୁଖ୍ୟ ସମ୍ପାଦକ ସୁରେଶ ଚାଭାନକେଙ୍କୁ ଧମକ ଦେଇଥିଲେ। ଏହାବ୍ୟତୀତ ବିଜେପିର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ସମେତ ହିନ୍ଦୁ ସଂଗଠନର ଅନ୍ୟ କିଛି ନେତାଙ୍କୁ ମଧ୍ୟ ହତ୍ୟା କରିବାକୁ ଏହି ମୌଲବୀ ଯୋଜନା କରୁଥିବା ସୂଚନା ମିଳିବା ପରେ ସୁରଟ ପୁଲିସ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ମହମ୍ମଦ ସୋହେଲ ଅବୁବକର ପାକିସ୍ତାନ ଏବଂ ନେପାଳର କିଛି ଲୋକଙ୍କ ସହ ଯୋଗାଯୋଗରେ ଥିଲା। ଗିରଫ ପରେ ସୋହେଲଙ୍କ ମୋବାଇଲ୍ ଫୋନରୁ ବହୁ ଆପତ୍ତିଜନକ ତଥ୍ୟ ମିଳିଥିବା ସୁରଟ ପୁଲିସ କମିଶନର ଅନୁପମ ସିଂ ଗେହଲଟ୍ କହିଛନ୍ତି। ଅଭିଯୁକ୍ତ ପାକିସ୍ତାନ, ଭିଏତନାମ, ଇଣ୍ଡୋନେସିଆ, କାଜାଖିସ୍ତାନ, ଲାଓସ ଭଳି ବିଭିନ୍ନ ଦେଶର କୋଡ ସହିତ ହ୍ୱାଟସଆପ ନମ୍ବରଧାରୀଙ୍କ ସହ ଯୋଗାଯୋଗରେ ଥିବା ଜଣାପଡ଼ିଛି। ବର୍ତ୍ତମାନ ଦେଶରେ ନିର୍ବାଚନ ଚାଲିଥିବା ବେଳେ ଏହି ସମୟରେ ବିଭିନ୍ନ ସ୍ଥାନରେ ଆକ୍ରମଣ କରିବାକୁ ଯୋଜନା ସୋହେଲ ଯୋଜନା କରିଥିଲା ବୋଲି ସୁରାକ୍ ମିଳିଛି।



ନେଇଥିଲେ କୋଟିଏ ଟଙ୍କା ସୁପାରୀ

## ପ୍ଲାଷ୍ଟିକ ଖାଇ ମଦ ବନାଇଦେଉଛନ୍ତି ପୋକ

ଓଟାୱା, ୫।୫ (ଏଜେନ୍ସି): ମନୁଷ୍ୟ ବନାଇ ଥିବା ପ୍ଲାଷ୍ଟିକ ପ୍ରଦୂଷଣ ଏବେ ମନୁଷ୍ୟ ପାଇଁ ମୁଣ୍ଡବିନ୍ଧା ପାଲଟିଛି। ପ୍ରତି ଦିନ ପ୍ରାୟ ୨ ହଜାର ଟ୍ରକ୍ ଆବର୍ଜନା ମହାସାଗର, ନଦୀ ଏବଂ ହ୍ରଦରେ ଫୋପଡ଼ା ଯାଉଛି। ତେବେ ଶହ ଶହ ବର୍ଷ ପର୍ଯ୍ୟନ୍ତ ନଷ୍ଟ ନ ହେଉଥିବାରୁ ସମସ୍ୟା ହେଉଛି। ଏବେ ଏହାର ପ୍ରାକୃତିକ ସମାଧାନ ମିଳିଯାଇଛି। 'ୱାକ୍ସ ୱାର୍ମ' ନାମକ ଏକ ପୋକ ପାଖରେ ପ୍ଲାଷ୍ଟିକକୁ ଖାଇବାର କ୍ଷମତା ରହିଛି। ସାଧାରଣତଃ ଏକ ବୋତଲ ନଷ୍ଟର ହେବାକୁ ୪୫୦ ଲାଗୁଛି। ମାତ୍ର ଏହି ପୋକ କିଛି ସପ୍ତାହ ମଧ୍ୟରେ ପ୍ଲାଷ୍ଟିକକୁ ଖାଇ ମଦ ବନାଇ ଦେଉଛି। କାନାଡ଼ାର ବ୍ରେଣ୍ଡନ ୟୁନିଭର୍ସିଟିର ଗବେଷକମାନେ ଏହି ପୋକ ଉପରେ ଗବେଷଣା ଜାରି ରଖିଛନ୍ତି।



ସୂଚନା ଅନୁଯାୟୀ ଗେଲେରିଆ ମେଲୋନେଲା ନାମକ ମାଥ୍‌ର ଲାର୍ଭାକୁ 'ୱାକ୍ସ ୱାର୍ମ' କୁହାଯାଇଥାଏ। ଏହା ମହୁମାଛି ବସା ନିକଟରେ ରହିଥାଏ। ଏହା ପଲିଥିନ ମଧ୍ୟ ଖାଇଥାଏ। ୨୦୧୭ରେ ପ୍ରଥମେ ଏ ବିଷୟରେ ସୂଚନା ମିଳିଥିଲା। କାନାଡ଼ା ଗବେଷକମାନେ ଏହି କୀଟକୁ ଅନେକ ଦିନ ପର୍ଯ୍ୟନ୍ତ କେବଳ ପଲିଥିନ ଖାଇବାକୁ ଦେଇଥିଲେ। ଏହା ଖାଇବାରୁ କୀଟର ମଳ ବଦଳି ଯାଇ ତରଳ ହୋଇ ଯାଇଥିଲା। ସେଥିରୁ ମଦରେ ବ୍ୟବହୃତ ଗ୍ଲାଇକୋଲ ଥିବା ଜଣାପଡ଼ିଥିଲା। ଗବେଷକମାନେ କୀଟନକୁ ସପ୍ତାହରୁ କମ୍ ସମୟରେ ୩୦ ସ୍କୋୟାର ସେମିର ପ୍ଲାଷ୍ଟିକ ବ୍ୟାଗ ଖାଇବାକୁ ଦେଇଥିଲେ।

**ମୋଦୀଙ୍କୁ କଂଗ୍ରେସର ଚ୍ୟାଲେଞ୍ଜ୍**

## ଦକ୍ଷିଣ ଭାରତର କୌଣସି ଆସନରୁ ଲଢ଼ିକି ଦେଖାଅ

ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାହିଁକି ଦକ୍ଷିଣ ଭାରତର କୌଣସି ଲୋକସଭା ଆସନରୁ ନିର୍ବାଚନ ଲଢୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ ପୱନ ଖେରା। ଲୋକସଭା ନିର୍ବାଚନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେରଳର ୱେୟନାଡ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିବା ଓ ସେଠାରେ ମତଦାନ ସରିଥିବା ବେଳେ ରାଏବରେଲୀ ଆସନରୁ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିବାରୁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ କଟାକ୍ଷ କରି କହିଥିଲେ, ଡରୋ ମତ୍- ଭାଗୋ ମତ୍। ଏହାର ଅର୍ଥ, ଭୟ କରନାହିଁ, ପଳାୟନ କରନାହିଁ। ତାହାର ପ୍ରତିକ୍ରିୟାରେ ଖେରା କହିଛନ୍ତି, ରାହୁଲ ଗାନ୍ଧୀ ଉଭୟ ଦକ୍ଷିଣ ଭାରତ ଓ ଉତ୍ତର ଭାରତରୁ ଲୋକସଭା ନିର୍ବାଚନ ଲଢ଼ିଛନ୍ତି। ମୋଦୀ ତ ଦେଶର ପ୍ରଧାନମନ୍ତ୍ରୀ। ସେ କାହିଁକି ଦକ୍ଷିଣ ଭାରତର କୌଣସି ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେଉନାହାନ୍ତି? ଡରୁଛନ୍ତି କାହିଁକି? ଗତକାଲି ସମ୍ବାଦ ସରବରାହ ସଂସ୍ଥା ଏଏନଆଇ'କୁ ଦେଇଥିବା ସାକ୍ଷାତକାରରେ ଖେରା ଏହା କହିଛନ୍ତି। କଂଗ୍ରେସ ଲୋକଙ୍କ ଉପରେ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଜିଜିୟା କର ଲାଗୁ କରିବାକୁ ଚାହୁଁଛି, ଜିଜିୟା କର ଯାହା କଂଗ୍ରେସ ଇସ୍ତାହାରରେ ଥିବା ଉତ୍ତରାଧିକାର କର ତାହା ବୋଲି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତକାଲି ମଧ୍ୟପ୍ରଦେଶର ଅଶୋକନଗର ଜିଲ୍ଲା ଅନ୍ତର୍ଗତ ଗୁନା ଲୋକସଭା ନିର୍ବାଚନମଣ୍ଡଳୀ(ବିଜେପି ପ୍ରାର୍ଥୀ ଜ୍ୟୋତିରାଦିତ୍ୟ ସିନ୍ଧିଆ)ର ଏକ ନିର୍ବାଚନ ପ୍ରଚାର ସଭାରେ କହିଥିବାରୁ, ତା'ର ଉତ୍ତରରେ ଖେରା କହିଛନ୍ତି, ଯୋଗୀ ଆଦିତ୍ୟନାଥ କଂଗ୍ରେସର ନିର୍ବାଚନ ଇସ୍ତାହାର ପଢ଼ିନାହାନ୍ତି।

## କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତାଙ୍କ ଇସ୍ତଫା

ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଛତିଶଗଡ଼ କଂଗ୍ରେସ କାର୍ଯ୍ୟାଳୟରେ ସ୍ଥାନୀୟ ନେତାଙ୍କ ଖରାପ ବ୍ୟବହାରରେ ଅତିଷ୍ଠ ହୋଇ ରାଷ୍ଟ୍ରୀୟ ପ୍ରବକ୍ତା ରାଧିକା ଖେଡ଼ା ଦଳରୁ ଇସ୍ତଫା ଦେଇଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସେ ପ୍ରାଥମିକ ସଦସ୍ୟତା ଏବଂ



ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ କଂଗ୍ରେସର ସ୍ଲୋଗାନ 'ଲଡ଼କି ହୁଁ ଔର ଲଡ଼ ସକତି ହୁଁ' ଦେଇଛନ୍ତି ଏବଂ ଏପରି କରୁଥିବା କହିଛନ୍ତି। ଦେଶବାସୀଙ୍କ ନ୍ୟାୟ ପାଇଁ ସର୍ବଦା ଲଢ଼େଇ ଜାରି ରଖିବେ ବୋଲି ଉଲ୍ଲେଖ କରିଛନ୍ତି। ଏବେ ସେ ବିଜେପିରେ ସାମିଲ ହେବେ ବୋଲି କୁହାଯାଉଛି।

■ ଷ୍ଟିଙ୍ଗ ଭିଡିଓ ଜାରି କରି ଟିଏମ୍‌ସିର ଦାବି

## ସନ୍ଦେଶଖାଲିରେ ଷଡ଼ଯନ୍ତ୍ର ରଚିଛନ୍ତି ଶୁଭେନ୍ଦୁ ଅଧିକାରୀ

କୋଲକାତା, ୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ସନ୍ଦେଶଖାଲି ମାମଲାରେ ଟିଏମ୍‌ସି ବିଜେପି ଉପରେ ଗୁରୁତର ଅଭିଯୋଗ ଲଗାଇଛି। ଟିଏମ୍‌ସି ଶନିବାର ସାମାଜିକ ଗଣମାଧ୍ୟମରେ ବିଜେପି ମଣ୍ଡଳ (ବୁଥ) ଅଧ୍ୟକ୍ଷ ଗଙ୍ଗାଧର କାୟଲଙ୍କ ଷ୍ଟିଙ୍ଗ ଅପରେସନର ଏକ ଭିଡିଓ ଜାରି କରିଛି। ଏଥିରେ ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟକୁ ବଦନାମ କରିବା ପାଇଁ ବିଜେପି ଷଡ଼ଯନ୍ତ୍ର କରିଛି ବୋଲି ଅଭିଯୋଗ କରାଯାଇଛି। ଭିଡିଓରେ ଦାବି କରାଯାଇଛି ଯେ ବିଜେପି ବିଧାୟକ ଶୁଭେନ୍ଦୁ ଅଧିକାରୀ ଶାହାଜହାଁ ଶେଖ୍ ସହିତ ଟିଏମ୍‌ସିର ୩ ନେତାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ମିଥ୍ୟା ଅଭିଯୋଗ ଲଗାଇଛନ୍ତି। ଭିଡିଓରେ ବିଜେପି ନେତା କହୁଛନ୍ତି ଯେ ସ୍ଥାନୀୟ ମହିଳାଙ୍କୁ ଉସୁକାଇବା ପାଇଁ ଶୁଭେନ୍ଦୁ ବିଜେପି ନେତାଙ୍କୁ କହିଥିଲେ। ଟିଏମ୍‌ସିର ପ୍ରମୁଖ ନେତାଙ୍କୁ ସେତେବେଳ ପର୍ଯ୍ୟନ୍ତ ଗିରଫ କରାଯାଇପାରିବ ନାହିଁ ଯେ ପର୍ଯ୍ୟନ୍ତ ତାଙ୍କୁ ମିଥ୍ୟା ଦୁଷ୍କର୍ମ ମାମଲାରେ ନ ଫସା ଯାଇଛି। ଦୁଷ୍କର୍ମର ଶିକାର ହୋଇ ନ ଥିବା ମହିଳାଙ୍କୁ ପୀଡ଼ିତା ଭାବେ ଉପସ୍ଥାପନ କରାଯାଇଛି। ଶୁଭେନ୍ଦୁ ନିଜେ ସନ୍ଦେଶଖାଲିର ଏକ ଘରେ ନିଜର ବନ୍ଧୁକ ରଖିଥିଲେ। ପରେ ସିବିଆଇ ଏହାକୁ ଜବତ କରାଯାଇଥିବା ଦେଖାଇ ଥିଲା। ଏହି ଭିଡିଓକୁ ନେଇ ବିବାଦ ବଢ଼ିବା ପରେ କାୟଲ ସ୍ପଷ୍ଟୀକରଣ ଦେଇଛନ୍ତି।

**ଭାରତ ବିରୋଧୀଙ୍କ ଗଡ଼ ପାଲଟିଛି କାନାଡ଼ା-ଆମେରିକା**

# ୧୭ ଦେଶରେ ଲୁଚିଛନ୍ତି ୩୪ ମୋଷ୍ଟ ୱାଣ୍ଟେଡ୍

ନୂଆଦିଲ୍ଲୀ, ୫।୫ (ଏଜେନ୍ସି):

ଭାରତର ମୋଷ୍ଟ ୱାଣ୍ଟେଡ ଅପରାଧି ତାଲିକାରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ୍ ଶୀର୍ଷରେ ରହିଛି। ଏହି ଆତଙ୍କବାଦୀ ୧୯୮୬ରୁ ଫେରାର ଅଛି। ସେ ଏବେ ପାକିସ୍ତାନରେ ଥିବା ନେଇ ଚର୍ଚ୍ଚା ହେଉଛି। ଏଠାରୁ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଉଛି। ଏବେ ସୁଦ୍ଧା ଭାରତର ୩୪ ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ବିଦେଶକୁ ଫେରାର ହୋଇଯାଇଛନ୍ତି। ଏହି ତାଲିକାରେ ଦାଉଦଠାରୁ ନେଇ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ଗୋଲ୍ଡି ବ୍ରାର ପର୍ଯ୍ୟନ୍ତ ସାମିଲ ଅଛନ୍ତି। ଏମାନେ ୧୭ ଦେଶରେ ଲୁଚି ବସିଛନ୍ତି। ସେଠାରୁ ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଇଛନ୍ତି। ଦେଶରୁ ପଳାଇ ବିଦେଶରେ କଳା ସାମ୍ରାଜ୍ୟ ବଢ଼ାଇବାର ଧାରା ଦାଉଦର ଡି କମ୍ପାନୀଠାରୁ ଆରମ୍ଭ ହୋଇଥିଲା। ଏହି ମୋଷ୍ଟ ୱାଣ୍ଟେଡ଼ ଆତଙ୍କବାଦୀ ହତ୍ୟା, ବଟି ଆଦାୟ, ଟାର୍ଗେଟ ହତ୍ୟା, ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ଆତଙ୍କବାଦକୁ ପାଣ୍ଠି ଯୋଗାଣ, ନିଶା ଚୋରାଚାଲାଣ ଆଦି ଅପରାଧରେ ସାମିଲ ରହିଛନ୍ତି। ଏହି ଅପରାଧିଙ୍କୁ ଭାରତ ଆଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଇଣ୍ଟରପୋଲର ସହାୟତା ନେଉଛି। ସମସ୍ତଙ୍କ ନାମରେ ମୋଟା ଅଙ୍କର ପୁରସ୍କାର ରାଶି ଘୋଷଣା ସହିତ ରେଡ୍ କର୍ଣ୍ଣର ନୋଟିସ ଜାରି

**ଦାଉଦଠାରୁ ନେଇ ଗୋଲ୍ଡି ବ୍ରାର୍ ସାମିଲ**

କରାଯାଇଛି। ଏହି ଅପରାଧୀଙ୍କ ପ୍ରତ୍ୟର୍ପଣ ପାଇଁ ବିଦେଶ ମନ୍ତ୍ରାଳୟ ବିଭିନ୍ନ ଦେଶ ସହ ପ୍ରତ୍ୟର୍ପଣ ଆବେଦନ କରିଛି। ଏହା ସତ୍ତ୍ୱେ ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ଭାରତୀୟ ଯାଞ୍ଚ ଏଜେନ୍ସି ସହିତ ସେଠାକାର ଯାଞ୍ଚ ଏଜେନ୍ସିଙ୍କୁ ଚକ୍‌ମା ଦେଇ ସ୍ଥାନ ପରିବର୍ତ୍ତନ କରିବାରେ ଲାଗିଛନ୍ତି।







ଦାଉଦ ଶେଖ୍ ଇବ୍ରାହିମ କାଶକର ମୁମ୍ବାଇ ସିରିଏଲ ବୋମା ବିସ୍ଫୋରଣ ମାମଲାର ୱାଣ୍ଟେଡ ଅଛି। ସେ ପାକିସ୍ତାନରେ ରହୁଛି। ସେଠାକାର ସରକାର ମଧ୍ୟ ଏହି ଆତଙ୍କବାଦୀକୁ ସୁରକ୍ଷା ଦେଉଛନ୍ତି। ଏହା ପାଖରେ ଦୁବାଇର ତିନୋଟି, ପାକିସ୍ତାନର ୪ଟି ଏବଂ ଡୋମିନିକାର ଗୋଟିଏ ପାସପୋର୍ଟ ରହିଛି। ସେହିପରି ଗୋଲ୍ଡି ବ୍ରାର ଆତଙ୍କବାଦୀ ସଂଗଠନ ବବ୍ବର ଖାଲସା ସହ ଜଡ଼ିତ। ସେ ଆମେରିକାରେ ଅଛି। ସେ ଲରେନ୍ସ ବିଷ୍ଣୋଇ ମାଧ୍ୟମରେ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସେୱାଲାକୁ ହତ୍ୟା କରାଇଥିଲା। ଗୋଲ୍ଡିର ଡାହାଣ ହାତ ତଥା ମୋଷ୍ଟ ୱାଣ୍ଟେଡ ହରଜୋତ ସିଂହ ଗିଲ୍ ମଧ୍ୟ ଆମେରିକାରେ ଅଛି। ଏହା ବ୍ୟତୀତ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁକୁ କାନାଡ଼ା ଏବଂ ଆମେରିକାର ଦ୍ୱୈତ ନାଗରିକତା ମିଳିଛି। ସେ ଏହି ଦୁଇ ଦେଶରୁ ରହି ଭାରତକୁ ଧମକ ଦେବାରେ ଲାଗିଛି। ସେ ଖଲିସ୍ତାନୀ କାର୍ଯ୍ୟକଳାପ ସହିତ ଆତଙ୍କବାଦକୁ ପାଣ୍ଠି ଯୋଗାଣ, ଟାର୍ଗେଟ ହତ୍ୟା ଆଦିରେ ସମ୍ପୃକ୍ତ ରହିଛି।

ଭାରତର ଏହି ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ପାକିସ୍ତାନ, ଆମେରିକା, କାନାଡ଼ା ବ୍ୟତୀତ ଅଷ୍ଟ୍ରେଲିଆ, ଅଜରବୈଜାନ, ଜର୍ମାନୀ, ଇଣ୍ଡୋନେସିଆ, ବ୍ରିଟେନ ଏବଂ ୟୁଏଇ ଭଳି ଦେଶରେ ଶରଣ ନେଇଛନ୍ତି। ସର୍ବାଧିକ ୧୧ ମୋଷ୍ଟ ୱାଣ୍ଟେଡ କାନାଡ଼ାରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ପନ୍ନୁ, ଲରେନ୍ସର ସାର୍ପ ସୁଟର ସତବିନ୍ଦର ସାମିଲ ରହିଛି। ସେହିପରି ଦ୍ୱିତୀୟ ସ୍ଥାନରେ ଆମେରିକା ରହିଛି। ଏଠାରେ ଗୋଲ୍ଡି, ହରଜୋତ, ପନ୍ନୁ, ଦରନ କହଲୋ, ଅନମୋଲ ବିଷ୍ଣୋଇ ଏବଂ ଅମୃତ ବଲ ଲୁଚି ରହିଛି। ଏହି ସବୁ ଅପରାଧୀ ବାରମ୍ବାର ନିଜ ଠିକଣା, ଫୋନ ନଂ ବଦଳାଉଛନ୍ତି। ଗୋଲ୍ଡିନ ଦିନକୁ ୪ରୁ ୫ ଥର, ପନ୍ନୁ ୩ରୁ ୪ ଥର ସ୍ଥାନ ବଦଳାଉଛି।

# ଧର୍ମେନ୍ଦ୍ରଙ୍କୁ ପ୍ରଣବଙ୍କ ଖୋଲା ଚ୍ୟାଲେଞ୍ଜ

## ସାହସ ଥିଲେ ଇସ୍ତାହାରରେ ଶ୍ରୀମନ୍ଦିର, ସମଲେଇ ପ୍ରକଳ୍ପ ବନ୍ଦ କରିବାକୁ ଲେଖନ୍ତୁ

## ରାଜ୍ୟର କୋଟି କୋଟି ଶ୍ରଦ୍ଧାଳୁଙ୍କୁ ଏତକ କହିବାର ସାହସ କରି ଦେଖାନ୍ତୁ

**ଭୁବନେଶ୍ୱର, ୫ ।୫(ସମିସ):** ପୁରୀ ଶ୍ରୀ ମନ୍ଦିର ଓ ମା' ସମଲେଇଙ୍କ ପ୍ରକଳ୍ପ ବିରୋଧରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ବିଷୋଦଗାର କରୁଛନ୍ତି। ରାଜନୀତି ପାଇଁ ରାଜ୍ୟର ଦୁଇ ଆରାଧ୍ୟ ସ୍ଥଳରେ ହୋଇଥିବା ଉନ୍ନତିକୁ ନେଇ ସମାଲୋଚନା କରୁଛନ୍ତି। ଏହି ଦୁଇ ମହତ୍ୱାକାଂକ୍ଷୀ ପ୍ରକଳ୍ପର ସଫଳତାକୁ ନେଇ ଶ୍ରୀ ପ୍ରଧାନଙ୍କ ମନରେ ବହୁତ ଇର୍ଷା ଓ କ୍ରୋଧ ରହିଛି। ଯଦି ପ୍ରକୃତରେ ଶ୍ରୀ ମନ୍ଦିର ଓ ମା' ସମଲେଇ ପ୍ରକଳ୍ପ ଏତେ ଖରାପ ତା ହେଲେ ଏହି ଦୁଇ କାର୍ଯ୍ୟକୁ ବନ୍ଦ କରିଦେବା ପାଇଁ ନିର୍ବାଚନ ଇସ୍ତାହାରରେ ଉଲ୍ଲେଖ କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଖୋଲା ଆହ୍ୱାନ ଦେଇଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ।

ଶ୍ରୀ ମନ୍ଦିର ଏବଂ ମା' ସମଲେଇ ପ୍ରକଳ୍ପକୁ ନେଇ ଶ୍ରୀ ପ୍ରଧାନ ଯେପରି ଭାବେ ପ୍ରତିଦିନ ବିଷୋଦଗାର କରୁଛନ୍ତି ତାହାର ଜବାବ୍‌ରେ ବିଜେଡି ସଂଗଠନ ସମ୍ପାଦକ ତଥା ବିଜେଡି ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ନିଜର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ 'ଏକ୍ସ'ରେ କଡ଼ା ସମାଲୋଚନା କରିଛନ୍ତି। ଓଡ଼ିଶାବାସୀଙ୍କ ଧାର୍ମିକ ଭାବନାକୁ ନେଇ ରାଜନୀତି କରୁଥିବା ଶ୍ରୀ ପ୍ରଧାନଙ୍କୁ କଟୁ





ସମାଲୋଚନା କରି ପ୍ରଣବପ୍ରକାଶ କହିଛନ୍ତି ଯେ ପୁରୀ ଶ୍ରୀମନ୍ଦିର ପରିକ୍ରମା ଏବଂ ମା' ସମଲେଇଙ୍କ ପ୍ରକଳ୍ପକୁ ନେଇ ପ୍ରତ୍ୟେକ ଓଡ଼ିଶାବାସୀ ଗର୍ବିତ। ଓଡ଼ିଶାର ଆରାଧ୍ୟ ଦେବସ୍ଥଳ ଆଜି ଭବ୍ୟ ରୂପ ପାଇଛି; କିନ୍ତୁ ଦୁଃଖର ବିଷୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜନୀତି ପାଇଁ ଲୋକଙ୍କ ଧର୍ମୀୟ ଭାବନା ଉପରେ କୁଠାରଘାତ କରିବାକୁ ପଶ୍ଚାତପଦ ହେଉ ନାହାନ୍ତି। ପ୍ରତିଦିନ ଦୁଇ ପ୍ରକଳ୍ପକୁ ନେଇ ବିଷୋଦଗାର କରୁଛନ୍ତି। ଏଥିରୁ ଦୁଇ ପ୍ରକଳ୍ପକୁ ନେଇ ସେ କେତେ କ୍ରୋଧିତ ଏବଂ ଇର୍ଷାନ୍ୱିତ ତାହା ସ୍ପଷ୍ଟ ଜଣାପଡୁଛି। ଯଦି କେନ୍ଦ୍ରମନ୍ତ୍ରୀ ଭାବୁଛନ୍ତି ପୁରୀ ପରିକ୍ରମା ପ୍ରକଳ୍ପର କୌଣସି ଆବଶ୍ୟକତା ନାହିଁ, ତା ହେଲେ ନିଜ ଦଳର ନିର୍ବାଚନ ଇସ୍ତାହାରରେ ତାହା ଉଲ୍ଲେଖ କରି ମହାପ୍ରଭୁଙ୍କର ଏହି ପ୍ରକଳ୍ପକୁ ବନ୍ଦ କରିଦେବେ ବୋଲି କୋଟି କୋଟି ଶ୍ରଦ୍ଧାଳୁଙ୍କୁ କୁହନ୍ତୁ। ସତସାହସ ଥିଲେ ଶ୍ରଦ୍ଧାଳୁଙ୍କ ପାଇଁ ହୋଇଥିବା ସୁବିଧା ସବୁ ବନ୍ଦ କରିଦେବେ; ପରିକ୍ରମା ପ୍ରକଳ୍ପ ସ୍ଥାନରେ ପୂର୍ବ ପରି ପୁଣିଥରେ ଜୋତା ଦୋକାନ, ହୋଟେଲ, ଲଜ୍ ଛିଡ଼ା କରିବେ ବୋଲି ନିଜ ନିର୍ବାଚନ ଇସ୍ତାହାରରେ ଲେଖନ୍ତୁ ବୋଲି ବୋଲି ପ୍ରଣବପ୍ରକାଶ କହିଛନ୍ତି। ଶ୍ରୀ ମନ୍ଦିର ପ୍ରକଳ୍ପ ଭଳି ମା' ସମଲେଇ ମନ୍ଦିରର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପକୁ କେନ୍ଦ୍ରମନ୍ତ୍ରୀ ସହିପାରୁ ନାହାନ୍ତି। ମା'ଙ୍କ ମନ୍ଦିର ଯେପରି ଝଲସୁଛି ତାହା ଶ୍ରୀ ପ୍ରଧାନଙ୍କ ଆଖିରେ କଣ୍ଟା ହୋଇଛି। ଯଦି ମା'ଙ୍କ ପ୍ରକଳ୍ପ ଏତେ ଖରାପ ତା ହେଲେ ତାକୁ ବି ବନ୍ଦ କରିଦେବା ପାଇଁ ନିଜ ଦଳର ନିର୍ବାଚନୀ ଇସ୍ତାହାରରେ କହି ଦିଅନ୍ତୁ। ମା'ଙ୍କର ଲକ୍ଷ ଲକ୍ଷ ଭକ୍ତଙ୍କୁ ଏତିକି କହିବାର ସାହସ ଦେଖାନ୍ତୁ ବୋଲି ଶ୍ରୀ ଦାସ କେନ୍ଦ୍ରମନ୍ତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି।

# ଜଷ୍ଟିସ୍ ସଞ୍ଜୟ ମିଶ୍ର ଜିଏସଟି ଆପିଲେଟ୍ ଟ୍ରିବ୍ୟୁନାଲ ସଭାପତି ନିଯୁକ୍ତ

**ନୂଆଦିଲ୍ଲୀ, ୫।୫(ଏଜେନ୍ସି):** ଝାଡଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ରଙ୍କୁ ଜିଏସଟି ଆପିଲେଟ୍ ଟ୍ରିବ୍ୟୁନାଲ (ଜିଏସଟିଏଟି)ର ସଭାପତି ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ରୀୟ ନିଯୁକ୍ତି କ୍ୟାବିନେଟ୍ କମିଟି ପକ୍ଷରୁ ମଞ୍ଜୁରୀ ଦିଆଯିବା ପରେ ଶ୍ରୀ ମିଶ୍ରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ



ପଦବୀରେ ନିଯୁକ୍ତି ମିଳିଛି। ସେ ଆଗାମୀ ୪ ବର୍ଷ ପାଇଁ ଏହି ପଦବୀରେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ୍ ମିଶ୍ର ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିବା ପରେ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ।

# ଆଉ ୫ ବିଧାନସଭା ଆସନରେ ପ୍ରାର୍ଥୀ ବଦଳାଇଲା କଂଗ୍ରେସ

**ଭୁବନେଶ୍ୱର, ୫ ।୫(ସମିସ):** ପୁଣି ରାଜ୍ୟର ୫ଟି ବିଧାନସଭା ଆସନରେ ନିଜର ପ୍ରାର୍ଥୀ ବଦଳାଇଛି କଂଗ୍ରେସ। ଜଳେଶ୍ୱର, ବରୀ, ଆଠମଲ୍ଲିକ, ଆଠଗଡ଼ ଓ ପୁରୀ ବିଧାନସଭା ଆସନର ଘୋଷିତ ପ୍ରାର୍ଥୀଙ୍କ ସ୍ଥାନରେ ନୂତନ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯାଇଛି।

- ଜଳେଶ୍ୱରରୁ ସୁଦର୍ଶନ, ବରୀରୁ ଦେବାଶିଷ, ପୁରୀରୁ ଉମାବଲ୍ଲଭ
- ୧୪ ବିଧାନସଭା, ୨ ଲୋକସଭା ଆସନରେ ବଦଳିଲେଣି ପ୍ରାର୍ଥୀ

ଜଳେଶ୍ୱରରେ ସୁଦର୍ଶନ ଦାସଙ୍କୁ ପୁଣି ଥରେ ପ୍ରାର୍ଥୀ କରିଛି ଦଳ। ପୂର୍ବରୁ ଦେବୀପ୍ରସନ୍ନ ଚାନ୍ଦଙ୍କୁ ଏହି ଆସନ ପାଇଁ ମନୋନୀତ କରାଯାଇଥିଲା। ଏହାକୁ ନେଇ ସୁଦର୍ଶନ ପ୍ରଶ୍ନ ଉଠାଇଥିଲେ। ଏବେ ଦଳ ପୁଣିଥରେ ତାଙ୍କ ଉପରେ ଭରସା କରିଛି। ଅନୁରୂପ ଭାବରେ କଂଗ୍ରେସରେ ଯୋଗ ଦେବାର ଗୋଟିଏ ଦିନ ପରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କୁ ବରୀର ପ୍ରାର୍ଥୀ କରାଯାଇଛି। ଦଳ ପୂର୍ବରୁ ଏହି ଆସନ ପାଇଁ ଆରତି ଦେଓଙ୍କ ନାଁ ଘୋଷଣା କରିଥିଲା, ମାତ୍ର ବିଜେପି ଛାଡ଼ି ଦେବାଶିଷ କଂଗ୍ରେସରେ ଯୋଗ ଦେବା ପରେ ତାଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଆଠମଲ୍ଲିକରେ ବିଜୟାନନ୍ଦ ଚାଉଳିଆଙ୍କ ସ୍ଥାନରେ ହିମାଂଶୁ ଚାଉଳିଆଙ୍କୁ ଏବଂ ଆଠଗଡ଼ରେ ମେହବୁବ୍ ଅହମ୍ମଦ ଖାଁଙ୍କ ସ୍ଥାନରେ ସୁଦର୍ଶନ ସାହୁଙ୍କୁ ପ୍ରାର୍ଥୀ କରିଛି । ଅନ୍ୟପକ୍ଷରେ ପୁରୀ ବିଧାନସଭା ଆସନରେ ସୁଜିତ ମହାପାତ୍ରଙ୍କ ପରିବର୍ତ୍ତେ ଉମାବଲ୍ଲଭ ରଥଙ୍କୁ ପ୍ରାର୍ଥୀ କରିଛି ଦଳ। ଏହାବ୍ୟତୀତ ନୀଳଗିରି ବିଧାନସଭା ଆସନ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କୁ ଦଳ ଟିକଟ ଦେଇଛି । ଅପରପକ୍ଷରେ ପୁରୀ ଲୋକସଭା ଆସନ ପ୍ରାର୍ଥୀ ବଦଳାଇଛି କଂଗ୍ରେସ। ପାଣ୍ଠି ଅଭାବ ଅଭିଯୋଗ କରି ସୁଚରିତା ମହାନ୍ତି ଟିକଟ ନେବାକୁ ଅରାଜି ହେବା ପରେ ଜୟ ନାରାୟଣ ପଟ୍ଟନାୟକଙ୍କୁ ସାଂସଦ ପ୍ରାର୍ଥୀ କରାଯାଇଛି।

ବର୍ତ୍ତମାନ ସୁଦ୍ଧା କଂଗ୍ରେସ ସମ୍ବଲପୁର ଓ ପୁରୀ ଲୋକସଭା ଆସନ ସହ ୧୪ଟି ବିଧାନସଭା ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରିଛି ।

## ପୁରୀ କଂଗ୍ରେସରେ ଘଡ଼ିକେ ଘୋଡ଼ା ଛୁଟୁଛି

# ସୁଜିତ ଆଉଟ୍, ଉମା ବଲ୍ଲଭ ଇନ୍

**ପୁରୀ, ୫।୫(ସମିସ):** ପୁଣି ଚର୍ଚ୍ଚାରେ ପୁରୀ କଂଗ୍ରେସ। ଶନିବାର ପୁରୀ ଲୋକସଭା କଂଗ୍ରେସ ପ୍ରାର୍ଥୀ ଟିକଟ୍ ଫେରାଇ ଦେଇଥିବା ବେଳେ ରବିବାର ପୁରୀ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସୁଜିତ୍ ମହାପାତ୍ରଙ୍କୁ ବଦଳାଇ ଦେଇଛି ଦଳ। ତାଙ୍କ ସ୍ଥାନରେ ଅଭିଜ୍ଞ ରାଜନେତା ଉମାବଲ୍ଲଭ ରଥଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ରୋଚକ କଥା ହେଉଛି, ଶନିବାର ଶହଶହ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ ସୁଜିତ୍। ଅନ୍ୟପକ୍ଷରେ ଉମାବଲ୍ଲଭ ଏଥର ସ୍ୱାଧୀନ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଚାଲିଥିଲା। କିନ୍ତୁ ଏବେ ଚିତ୍ର ବଦଳିଯାଇଛି। ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କୁ ନିରାଶ ହେବାକୁ ପଡ଼ିଥିବା ବେଳେ ଏବେ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି ଉମା।

- ନାମାଙ୍କନ ଦାଖଲ କରିସାରିଥିଲେ ସୁଜିତ୍ ମହାପାତ୍ର
- ଉମାବଲ୍ଲଭ ରଥ ସ୍ୱାଧୀନ ପ୍ରାର୍ଥୀ ହେବା ନେଇ ଚାଲିଥିଲା ଚର୍ଚ୍ଚା





ପୁରୀ ସଂସଦୀୟ କ୍ଷେତ୍ର ଲାଗି ଏବେ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିଥିବା ବେଳେ ସୋମବାର ଅର୍ଥାତ୍ ମେ' ୬ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ରହିଥିବା ବେଳେ ଏ ପର୍ଯ୍ୟନ୍ତ ପୁରୀ କଂଗ୍ରେସରେ ସ୍ଥିରତା ଆସିନାହିଁ। ଶନିବାର ପୁରୀ ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସୁଚରିତା ମହାନ୍ତି ଟିକଟ ଫେରସ୍ତ କରିଥିଲେ। ଦଳ ପକ୍ଷରୁ କୌଣସି ଆର୍ଥିକ ସହାୟତା ଦିଆଯାଇ ନଥିବା ଓ ପୁରୀ ସଂସଦୀୟ କ୍ଷେତ୍ରରେ ଦୁର୍ବଳ ବିଧାୟକ ପ୍ରାର୍ଥୀ ଦିଆଯାଇଥିବା ଅଭିଯୋଗ ଆଣି ସେ ଟିକଟ ଫେରସ୍ତ କରିଛନ୍ତି ବୋଲି କହିଥିଲେ। ଏନେଇ ସେ ଇ-ମେଲ୍ ଯୋଗେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଏଆଇସିସି ସାଧାରଣ ସମ୍ପାଦକ(ସଙ୍ଗଠନ) କେ.ସି. ଭେନୁଗୋପାଳଙ୍କୁ ଜଣାଇଥିଲେ। ବିନା ଫଣ୍ଡିଂରେ ନିର୍ବାଚନ ଲଢ଼ିବା ସହଜ ନୁହେଁ ବୋଲି ଦର୍ଶାଇଥିଲେ। ସୁଚରିତା ଓହରିଯିବା ପରେ ଦଳ କାହାକୁ ପ୍ରାର୍ଥୀ କରିବ ବୋଲି ଦଳୀୟ ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ଥିବାବେଳେ ଶନିବାର ରାତିରେ ନୂତନ ସାଂସଦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା ଦଳ। ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକଙ୍କୁ ସାଂସଦ ପ୍ରାର୍ଥୀ କରାଯାଇଥିବା ବେଳେ ରବିବାର ପୁନଶ୍ଚ ପୁରୀ ବିଧାୟକ ପ୍ରାର୍ଥୀ ସୁଜିତ୍ ମହାପାତ୍ରଙ୍କ ଟିକଟ କାଟିଛି ଦଳ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୁଜିତ୍ ଶନିବାର ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଗୁଣ୍ଡିଚା ମନ୍ଦିର ସମ୍ମୁଖର ଶହ ଶହ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଯାଇ ରିଟର୍ଣ୍ଣିଂ ଅଫସର୍ ତଥା ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ଭରିଥିଲେ। ହେଲେ ୨୪ଘଣ୍ଟା ବିତିନି, ତାଙ୍କର ଟିକଟ୍‌କୁ କାଟିଛି ଦଳ। ଅର୍ଥାତ୍ ସୁଜିତଙ୍କ ବଦଳରେ ପୁରୀ ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଉମାବଲ୍ଲଭ ରଥଙ୍କ ନାଁ ଘୋଷଣା କରାଯାଇଛି। ଉମାବଲ୍ଲଭ କଂଗ୍ରେସ ପ୍ରାର୍ଥୀ ହେବେ ବୋଲି ପୂର୍ବରୁ ତାଙ୍କ ନାଁ ଚର୍ଚ୍ଚା ହେଉଥିଲା। ହେଲେ ଦଳ ସୁଜିତ୍‌ଙ୍କୁ ପ୍ରାର୍ଥୀ କରିଥିଲା। ମାତ୍ର ସୁଜିତ୍ ପ୍ରଚାର କରିବା, ଏପରିକି ନାମାଙ୍କନପତ୍ର ଦାଖଲ କରିଥିଲେ ସୁଦ୍ଧା ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଯଦି ଦଳ ସୁଜିତ୍‌ଙ୍କ ଉପରେ ଭରସା କରିପାରୁ ନ ଥିଲା, ତେବେ ତାଙ୍କୁ କାହିଁକି ପ୍ରଥମରୁ ଟିକଟ ଦେଲା ବୋଲି ତାଙ୍କ ସମର୍ଥକମାନେ ପ୍ରଶ୍ନ କରିଛନ୍ତି।

ସୂଚନାଥାଉ କି, ଉମାବଲ୍ଲଭ ରଥ ୨୦୧୪ରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇ ମହେଶ୍ୱର ମହାନ୍ତିଙ୍କୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ମହେଶ୍ୱରଙ୍କୁ ୭୬, ୭୬୦ ଭୋଟ ମିଳିଥିବା ବେଳେ ୪୨, ୦୩୯ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ ଉମାବଲ୍ଲଭ। ମାତ୍ର ୨୦୧୯ରେ ଉମାବଲ୍ଲଭ ଆଠଗଡ଼ରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ଏଥର ଦଳ ପୁଣିଥରେ ଉମାବଲ୍ଲଭଙ୍କୁ ପୁରୀରୁ ପ୍ରାର୍ଥୀ କରିଛି।

## ■ ସୁଜିତ୍‌ଙ୍କ ଟିକଟ କଟିଲା ପରେ କର୍ମୀଙ୍କ ହଙ୍ଗାମା

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭଙ୍ଗାରୁଜା

**ପୁରୀ, ୫।୫(ସମିସ):** ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସୁଜିତ୍ ମହାପାତ୍ରଙ୍କ ଟିକଟ କଟିବା ପରେ ତାଙ୍କ ସମର୍ଥକମାନେ ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଶନିବାର ସୁଜିତ ତାଙ୍କ ସମର୍ଥକମାନଙ୍କ ସହ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଭରିଥିଲେ। ନାମାଙ୍କନକୁ ୨୪ ଘଣ୍ଟା ପୂରିନି, ତାଙ୍କ ଟିକଟ୍ କାଟି ଦେଇଛି କଂଗ୍ରେସ। ତାଙ୍କ ସ୍ଥାନରେ ଉମାବଲ୍ଲଭ ରଥଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ କାହିଁକି ଦଳ ତାଙ୍କ ଟିକଟ୍ କାଟିଲା ସେ ନେଇ ପ୍ରଶ୍ନ କରିଛନ୍ତି ସୁଜିତ୍‌ଙ୍କ ସମର୍ଥକ। ଆଉ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ଜିଲ୍ଲା କାର୍ଯ୍ୟାଳୟରେ ଚେୟାର, ଟେବୁଲ ଆଦି ଆସବାବପତ୍ର ଭଙ୍ଗାରୁଜା କରିବା ସହ ପୋଷ୍ଟର, ଫ୍ଲେକ୍ସ ଫାଡି ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ କିଛି ଶୀର୍ଷ ନେତା ଚକ୍ରାନ୍ତ କରି ସୁଜିତ୍ ମହାପାତ୍ରଙ୍କ ଟିକଟ୍ କାଟି ଦେଇଛନ୍ତି। ଏହାକୁ ସେମାନେ ଗ୍ରହଣ କରିପାରୁନାହାନ୍ତି। ସୁଜିତଙ୍କ ନାଁ ଘୋଷଣା ହେବା ପରେ ପୁରୀରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଥିଲା। ଆଗାମୀ ନିର୍ବାଚନରେ ଜୋର୍‌ଦାର ଲଢ଼େଇ ପାଇଁ ସମସ୍ତେ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଉମାବଲ୍ଲଭ ରଥଙ୍କୁ କାହିଁକି ପୁଣି ପ୍ରାର୍ଥୀ କରାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ପୁରୀରେ କଂଗ୍ରେସ ଦଳର ବ୍ୟାପକ କ୍ଷତି ହେବ ବୋଲି ସମର୍ଥକ କହିଛନ୍ତି।



# ଉମାବଲ୍ଲଭଙ୍କୁ ମରଣାନ୍ତକ ଆକ୍ରମଣ

- ୫ରୁ ଅଧିକ ଦୁର୍ବୃତ୍ତ ଅଚାନକ ଆକ୍ରମଣ କରିଛନ୍ତି
- ବାମପଟ ଆଖିପତା ଓ ମୁଣ୍ଡରେ ଲାଗିଛି ଆଘାତ
- ପୁଲିସ ସୁରକ୍ଷା ଲୋଡ଼ିଲେ ଉମାବଲ୍ଲଭ



**ପୁରୀ, ୫।୫(ସମିସ):** ପୁରୀ କଂଗ୍ରେସରେ ଘଡ଼ିକେ ଘୋଡ଼ା ଛୁଟୁଛି। ସାଧାରଣ ନିର୍ବାଚନ ଲାଗି ପ୍ରାର୍ଥୀ ଘୋଷଣା ହେବା ଏବଂ ପ୍ରାର୍ଥିପତ୍ର ଦାଖଲ କରିବା ପରେ ଟିକଟ୍ କଟୁଛି। ଏହାକୁ ନେଇ ତୁମୁଳକାଣ୍ଡ ସୃଷ୍ଟି ହେଉଥିବା ବେଳେ ପ୍ରାର୍ଥୀଙ୍କୁ ବି ମରଣାନ୍ତକ ଆକ୍ରମଣ କରାଯାଉଛି। ଶନିବାର ଓ ରବିବାର ଏହି ଦୁଇଦିନ ଭିତରେ ପୁରୀ କଂଗ୍ରେସରେ ଏମିତି କିଛି ଘଟଣା ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛି। ରବିବାର ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଘୋଷିତ ପ୍ରାର୍ଥୀ ଉମାବଲ୍ଲଭ ରଥଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୫ରୁ ଅଧିକ ଦୁର୍ବୃତ୍ତ କାଚ ବୋତଲ, ଇଟାରେ ତାଙ୍କୁ ଆକ୍ରମଣ କରିଥିବା ବେଳେ ତାଙ୍କ ବାମପଟ ଆଖିପତା ଏବଂ ମୁଣ୍ଡରେ ଆଘାତ ଲାଗିଛି। ଏହି ଆକ୍ରମଣରେ ତାଙ୍କ ସମର୍ଥକ ବୀରକିଶୋର ମହାନ୍ତି ମଧ୍ୟ ଆହତ ହୋଇଛନ୍ତି। ଏନେଇ ଶ୍ରୀ ରଥ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିବା ସହ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପୁଲିସ୍ ସୁରକ୍ଷା ଲୋଡ଼ିଛନ୍ତି।

ଆଜି ଅପରାହ୍ଣରେ ଉମାବଲ୍ଲଭ ନିଜର କିଛି ସମର୍ଥକମାନଙ୍କ ସହ ପୁରୀ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ବାଚନ ରଣନୀତି ସଂପର୍କରେ ଆଲୋଚନା କରୁଥିବା ବେଳେ ଅଚାନକ ୫ରୁ ଅଧିକ ଦୁର୍ବୃତ୍ତ ପହଞ୍ଚି ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ କାଚ ବୋତଲ, ଇଟାରେ ତାଙ୍କୁ ଆକ୍ରମଣ କରିବାରୁ ସେ ପଡ଼ି ଯାଇଥିଲେ। ତାଙ୍କ ବାମପଟ ଆଖିପତା ଫାଟି ଯାଇଥିବା ବେଳେ ମୁଣ୍ଡ, ହାତ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି ବୋଲି କହିଛନ୍ତି ଶ୍ରୀ ରଥ। ଏହି ଆକ୍ରମଣରେ ଉମାଙ୍କ ସମର୍ଥକ ବୀରକିଶୋର ମହାନ୍ତି ମଧ୍ୟ ଆହତ ହୋଇଥିଲେ। ଅପରପକ୍ଷେ, ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ମଧ୍ୟ ବେଶ୍ ତତ୍ପର ହୋଇପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର କହିଛନ୍ତି, ଦୁର୍ବୃତ୍ତଙ୍କୁ ଧରିବା ପାଇଁ ୪ଟି ଟିମ୍ ଗଠନ କରାଯାଇଛି। ସିସିଟିଭି ଯାଞ୍ଚ କରି ଅଭିଯୁକ୍ତମାନଙ୍କୁ ଠାବ କରିବାକୁ ଚେଷ୍ଟା ଚାଲିଛି। ରାଜନୈତିକ ହିଂସାକୁ ନେଇ ଏପରି ଆକ୍ରମଣ ହୋଇଥାଇପାରେ।

# ଆଜିଠୁ ଓଜେଇଇ

**ଭୁବନେଶ୍ୱର, ୫ ।୫(ସମିସ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ୨୦୨୪ ଆସନ୍ତାକାଲି ଅର୍ଥାତ୍ ସୋମବାରଠାରୁ ଆରମ୍ଭ ହେବ। ୧୦ ତାରିଖ ପର୍ଯ୍ୟନ୍ତ ଦିନକୁ ୩ଟି ପର୍ଯ୍ୟାୟରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ସକାଳ ୮. ୩୦ଟାରୁ ୧୦. ୩୦ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ନ ୧୨.୩୦ରୁ ୨.୩୦ ପର୍ଯ୍ୟନ୍ତ ଏବଂ ତୃତୀୟ ପର୍ଯ୍ୟାୟରେ ୪.୩୦ରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ। କମ୍ପୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡ୍‌ରେ ଏହି ପରୀକ୍ଷା ହେବ। ଚଳିତ ବର୍ଷ ସମୁଦାୟ ୬୫୭୪୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ରାଜ୍ୟରେ ମୋଟ୍ ୫୭ ଓ ବାହାର ରାଜ୍ୟରେ ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ସମସ୍ତ ଜିଲ୍ଲାରେ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ପଶ୍ଚିମବଙ୍ଗର କୋଲକାତା, ବିହାରର ପାଟନା ଓ ଝାଡ଼ଖଣ୍ଡର ରାଞ୍ଚିରେ ପରୀକ୍ଷା କେନ୍ଦ୍ର କରାଯାଇଥିବା ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି।

## ମୟୂରଭଞ୍ଜରେ ଗୁଣିଗାରେଡ଼ି ଜନିତ ହତ୍ୟା ସର୍ବାଧିକ

# ୧୧ ବର୍ଷରେ ଗଲାଣି ୧୧୦ ଜଣଙ୍କ ଜୀବନ

**ବାରିପଦା, ୫।୫ (ମନୋଜ ପଣ୍ଡା):** ଆଜିର ବିଜ୍ଞାନ ଯୁଗରେ ବାରମ୍ବାର ସଚେତନତା ସତ୍ତ୍ୱେ ଅନ୍ଧବିଶ୍ୱାସ, କୁ-ସଂସ୍କାର କବଳରୁ ମଣିଷ ନିଜକୁ ମୁକ୍ତ କରିପାରିନାହିଁ। ଆଜି ମଧ୍ୟ ସମାଜରେ କେଉଁଠି ନା କେଉଁଠି ବାଲ୍ୟ ବିବାହ ଓ ବଳିପ୍ରଥା ପ୍ରଚଳିତ ହୋଇଆସୁଛି। ପ୍ରତ୍ୟେକ ଦିନ ଡାହାଣି, ଗୁଣିଗାରେଡ଼ି ପରି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିରୀହ ଲୋକଙ୍କ ଜୀବନ ଅଦିନରେ ଝଡ଼ି ପଡୁଛି। ମୟୂରଭଞ୍ଜ ଜିଲ୍ଲାରେ ଏହି ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଓ ନିର୍ଯାତନା ଦୈନିକ ଘଟିବାରେ ଲାଗିଛି। ଫଳରେ ଜିଲ୍ଲାର ଥାନାଗୁଡ଼ିକରେ ମାମଲା ଓ ଜିଲ୍ଲାରେ ଏ ଜନିତ ମୃତ୍ୟୁ ହାର କମୁନାହିଁ। ଜିଲ୍ଲାରେ ୩୨ ଥାନାରୁ ଗୋଟିଏ ଦୁଇଟିକୁ ବାଦ୍ ଦେଲେ ଅଧିକାଂଶ ଥାନାରେ ଏପରି ମାମଲା ରୁଜୁ ହେଉଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଗତ ୧୧ ବର୍ଷ ମଧ୍ୟରେ ୧୧୦ ଜଣଙ୍କୁ ଗୁଣିଗାରେଡ଼ି ଜନିତ ଘଟଣାରେ ହତ୍ୟା କରାଯାଇଛି। ବିଶେଷକରି ଜିଲ୍ଲାର ରାଇରଙ୍ଗପୁର, ବାଦାମପାହାଡ଼, ଶରତ, ଯଶିପୁର ଓ ତିରିଂ ଥାନାରେ ସର୍ବାଧିକ ଘଟଣା ଘଟିଥିବା ରେକର୍ଡରୁ ଜଣାପଡ଼ିଛି। ଏପରି ଘଟଣାର ଅଧିକାଂଶ କ୍ଷେତ୍ରରେ ଶରୀର ଅସୁସ୍ଥତା କାରଣରୁ ପରିବାର ସଦସ୍ୟଙ୍କ ମୃତ୍ୟୁ ଘଟିଛି; ମାତ୍ର ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାରର ସଦସ୍ୟମାନଙ୍କୁ ଆରୋଗ୍ୟ କରିବା ନିମନ୍ତେ ଗୁଣିଆ ନିକଟକୁ ଯିବା ପାଇଁ ବାଧ ହେଉଛନ୍ତି। ଧର୍ମ, ସଂସ୍କୃତି ଓ ପରମ୍ପରାର ଦ୍ୱାହି ଦେଇ ଗୁଣିଆମାନେ ସରଳ ଏବଂ ନିରୀହ ଲୋକମାନଙ୍କ ମନରେ ଡାହାଣୀ ଭଳି ଅନ୍ଧବିଶ୍ୱାସ, କୁସଂସ୍କାର ଭରିବା ଦ୍ୱାରା ଆତ୍ମୀୟସ୍ୱଜନଙ୍କୁ ହରାଇଥିବା ଅବସ୍ଥାରେ ପ୍ରତିଶୋଧ ପରାୟଣ ହୋଇ ଅପରାଧ କରିବାକୁ ଆଗେଇ ଅଭିଯୁକ୍ତମାନେ ଆସୁଛନ୍ତି।

ଏଭଳି ଘଟଣା ପ୍ରାୟତଃ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟରେ ଦେଖିବାକୁ ମିଳୁଛି। ଏଥିନିମନ୍ତେ ସ୍ୱାସ୍ଥ୍ୟ ସଚେତନତାର ଅଭାବକୁ ମୁଖ୍ୟ କାରଣ ବୋଲି କୁହାଯାଉଛି। ଘଟିଥିବା ପ୍ରତ୍ୟେକ ଆରୋପ, ହତ୍ୟାକାଣ୍ଡ, ନିର୍ଯାତନା ଘଟଣାର ମୂଳକାରଣ ଅନ୍ଧବିଶ୍ୱାସ। ପ୍ରାୟ ୮୩ ଭାଗ ସ୍ୱାସ୍ଥ୍ୟ ଓ ୧୭ ଭାଗ ଅନ୍ୟାନ୍ୟ କାରଣରୁ ଏଭଳି ଘଟଣା ଘଟୁଛି। ଅଧିକାଂଶ ଘଟଣା ଡାହାଣୀ ଓ ଗୁଣିଗାରେଡ଼ି ଭିତରେ ହିଁ ସୀମାବଦ୍ଧ ରହୁଛି। ହତ୍ୟାକାରୀ ମଧ୍ୟରେ ରକ୍ତ ସମ୍ପର୍କୀୟ ଅର୍ଥାତ ପୁଅ, ପୁତୁରା, ଭାଇ, ଜ୍ୱାଇଁ, ନାତି ଓ ବୋହୂ ପ୍ରମୁଖ ରହୁଥିବା ବେଳେ ଅବଶିଷ୍ଟ ପଡୋଶୀ କିମ୍ବା ଗ୍ରାମର ଅନ୍ୟମାନେ ଜଡିତ ରହୁଛନ୍ତି। ଫଳରେ ଅଭିଯୋଗ ଆସୁଥିବା ବ୍ୟକ୍ତି ବା ମହିଳାଙ୍କୁ ଅକଥନୀୟ ନିର୍ଯାତନା ଦିଆଯିବା ସହିତ ନୃଶଂସ ଭାବରେ ହତ୍ୟା କରାଯାଇଥାଏ। ଲଗ୍ନ କରିବା, ବିଷ୍ଠା ଖୁଆଇବା, ଲଣ୍ଡା କରିବା, ଚେଙ୍କ ଦେବା, ଦାନ୍ତ ଭାଙ୍ଗିବା, ମାଡ ମାରିବା, ବାସନ୍ଦ କରିବା ଓ ଘରୁ ତଡିଦେବା ଭଳି ଆଦି ଅମାନୁଷିକ କାଣ୍ଡ ଭିଆଇଥାନ୍ତି।

ଅନ୍ଧବିଶ୍ୱାସର ବଶବର୍ତ୍ତୀରେ ଉପଯୁକ୍ତ ଚିକିତ୍ସା ନ କରିବା ଦ୍ୱାରା ରୋଗୀ ସୁସ୍ଥ ହୋଇନଥାଏ। ଏକମାତ୍ର ବିକଳ୍ପ ଓ ଶେଷ ଭରସା ହୋଇଥାଏ ଗୁଣିଆ। ଗୁଣିଆ ପରାମର୍ଶରେ ରହି ଶେଷରେ ଜୀବନ ଯାଇଥାଏ। ଡାହାଣୀ ସନ୍ଦେହରେ ହତ୍ୟା କରାଯାଉଥିବା ଲୋକଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ କୌଣସି ସହାୟତା ବା ଥଇଥାନ ବ୍ୟବସ୍ଥା ନାହିଁ। ଏହି ପ୍ରକାରର ଡାହାଣୀର ଆଖ୍ୟା ପାଇ ଅତି ଅମାନୁଷିକ ଭାବେ ହତ୍ୟା ସହିତ ଆକ୍ରମଣ ଓ ନିର୍ଯାତନାର ଶିକାର ହୋଇ ଆସୁଥିବା ବିଧବା, ବୃଦ୍ଧା ମହିଳାଙ୍କ ସଂଖ୍ୟା ସର୍ବାଧିକ ରହି ଆସିଥିବା ବେଳେ କୋହ୍ଲ ସମ୍ପ୍ରଦାୟ ମଧ୍ୟରେ ସର୍ବାଧିକ ଅଘଟଣ ଘଟିଛି। ଏହା ତଳକୁ ସାନ୍ତାଳ ସମ୍ପ୍ରଦାୟ ରହିଥିବା ଜଣାପଡ଼ିଛି। ଗଣମାଧ୍ୟମରେ ଦୈନିକ ଗୁଣିଗାରେଡି ସନ୍ଦେହରେ ହତ୍ୟା ବା ନିର୍ଯାତନା ପ୍ରସାରିତ ହେଉଛି। ଅଧିକାଂଶ ଅଭିଯୁକ୍ତ ଅପରାଧ ଘଟାଇ ସ୍ୱଇଚ୍ଛାରେ ଥାନାରେ ଆସି ଆତ୍ମସମର୍ପଣ କରୁଛନ୍ତି। ସେମାନେ ପ୍ରତିଶୋଧର ଅଗ୍ନିକୁଣ୍ଡରେ ପୂର୍ଣ୍ଣାହୁତି ଦେବା ଭଳି ଆତ୍ମସନ୍ତୋଷ ଲାଭ କରି ଆଇନକୁ ନ ଫାଙ୍କି ଥାନାରେ ବା ପୁଲିସ ପାଖରେ ଆତ୍ମସର୍ମପଣ କରୁଛନ୍ତି। ଅନ୍ଧବିଶ୍ୱାସରେ କ୍ଷତିଗ୍ରସ୍ତ ପରିବାର ନିଜର ଦୁଃଖକୁ ଆଦରି ପଡ଼ି ରହିବା ହିଁ କେବଳ ଏକମାତ୍ର ରାସ୍ତା ଅପଣାଉଛନ୍ତି। ସମାଜରୁ ଏହି କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ପ୍ରଣୀତ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ଆଜି ବି ତ୍ରୁଟି ରହିଛି। ରାଜା ରାମମୋହନ ରାୟ ଭଳି ଜଣେ ମହାପୁରୁଷଙ୍କୁ ସମାଜ ବର୍ତ୍ତମାନ ମଧ୍ୟ ଖୋଜୁଛି। ଏହି ଅନ୍ଧବିଶ୍ୱାସ ଓ କୁସଂସ୍କାର ପାଇଁ ଦାୟୀ ବ୍ୟକ୍ତିବିଶେଷ, ସମାଜ ଓ ଗୋଷ୍ଠୀଙ୍କୁ ଆଧୁନିକାତାର ସ୍ରୋତରେ ସାମିଲ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଜରୁରୀ ବୋଲି ମତପ୍ରକାଶ ପାଇଛି।

# ବିଖଣ୍ଡିତ ଭୋଟ୍‌ବ୍ୟାଙ୍କ ଭରସାରେ କଂଗ୍ରେସ

**ବାଲେଶ୍ୱର,୫।୫(ସମିସ):** ବାଲେଶ୍ୱର କଂଗ୍ରେସରେ ଘଡିକେ ଘୋଡ଼ା ଛୁଟୁଛି। ପ୍ରାର୍ଥୀପତ୍ର ଦାଖଲ ତାରିଖ ଯେତେ ପାଖେଇ ଆସୁଛି କଂଗ୍ରେସର ବିବାଦ ସେତେ ମୁଣ୍ଡ ଟେକୁଛି। ଶ୍ରୀକାନ୍ତଙ୍କ ପାଇଁ ଛିଡୁନି ବାଲେଶ୍ୱରର ଅଙ୍କ। ଦିନକୁ ଦିନ ବିଗୁଡୁଛି ପ୍ରାର୍ଥୀ ସମସ୍ୟା। ଆଜି ପୁଣି ଜଳେଶ୍ୱରରେ ପ୍ରାର୍ଥୀ ପରିବର୍ତ୍ତନ କରିଛି ଦଳ। ୨୦୦୯ ସାଧାରଣ ନିର୍ବାଚନରେ ବାଲେଶ୍ୱରବାସୀ ଶ୍ରୀକାନ୍ତଙ୍କୁ ଭରସା କରି କଂଗ୍ରେସକୁ ଲୋକସଭା ଆସନରେ ଜିତାଇଥିଲେ। ଶ୍ରୀକାନ୍ତ ବି କେନ୍ଦ୍ର ୟୁପିଏ ସରକାରରେ ମନ୍ତ୍ରୀ ହେବାର ସୁଯୋଗ ପାଇ ଦିଲ୍ଲୀକୁ ବାଲେଶ୍ୱରରେ ପହଞ୍ଚାଇବାର ସ୍ୱପ୍ନ ଦେଖାଇ ଜନତାଙ୍କ ନିକଟତର ହୋଇଥିଲେ। କିନ୍ତୁ ୨୦୧୪ ସାଧାରଣ ନିର୍ବାଚନରେ ସେ ପୁଣି କଂଗ୍ରେସରୁ ସାଂସଦ ପ୍ରାର୍ଥୀ ହୋଇ ବିଜେଡିର ରବୀନ୍ଦ୍ର କୁମାର ଜେନାଙ୍କ ଠାରୁ ପରାସ୍ତ ହୋଇଥିଲେ। ତା' ପରଠାରୁ ଶ୍ରୀକାନ୍ତ ବାଲେଶ୍ୱର କଂଗ୍ରେସ ସଂଗଠନଠୁ ଦୂରେଇ ଯିବା ସହ ଜନମାନସରୁ ଉଭାନ ହୋଇଯାଇଥିଲେ। ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ନବଜ୍ୟୋତି ପଟ୍ଟନାୟକଙ୍କୁ ବାଲେଶ୍ୱର ସାଂସଦ ପ୍ରାର୍ଥୀ କରିବା ପରେ ଜିଲ୍ଲାର ସମୀକରଣ ବଦଳି ଥିଲା। ଯଦିଓ କଂଗ୍ରେସର ଭୋଟ ବ୍ୟାଙ୍କ ପ୍ରତ୍ୟେକ ନିର୍ବାଚନରେ ଖସି ଖସି ଚାଲିଥିଲା, ଚଳିତ ନିର୍ବାଚନରେ କଂଗ୍ରେସ ମଧ୍ୟରେ ଉପୁଜିଥିବା ଅନ୍ତଃକନ୍ଦଳ ଶ୍ରୀକାନ୍ତଙ୍କ ପାଇଁ ବୁମେରାଂ ପାଲଟିବାକୁ ଯାଉଛି।

ପ୍ରକାଶ ଥାଉକି; କଂଗ୍ରେସ ଭୋଗରାଇ, ବସ୍ତା ଓ ରେମୁଣାରେ ପ୍ରାର୍ଥୀ ଘୋଷଣା ପ୍ରଥମେ କରିନେଇଥିଲା। ତେବେ ଜଳେଶ୍ୱର, ନୀଳଗିରି ଓ ସଦର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରିଚାଲିଥିଲା। ଏହି ତିନି ଆସନରେ ଏକାଧିକ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଓ ଟଣାଓଟରା ଚାଲିଥିବା ବେଳେ ଏହାର ରିମୋଟ୍ ଶ୍ରୀକାନ୍ତ ଧରିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଜଳେଶ୍ୱରରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଓ ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିବା ବେଳେ ପ୍ରଥମେ ଦେବୀଙ୍କ ନାଁରେ ମୋହର ଲାଗିଥିଲା। ଦେବୀଙ୍କ ପ୍ରାର୍ଥିତ୍ୱକୁ ସୁଦର୍ଶନ ଖୋଲାଖୋଲି ବିରୋଧ କରିବା ପରେ ଆଜି ପୁଣି ଜଳେଶ୍ୱରରୁ ଦେବୀଙ୍କ ସ୍ଥାନରେ ସୁଦର୍ଶନଙ୍କୁ ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ। ସେହିପରି ବାଲେଶ୍ୱର ସଦର ଆସନ ପାଇଁ ଏକାଧିକ କଂଗ୍ରେସ ପ୍ରାର୍ଥୀ ଆଶାୟୀ ଥିବା



ବେଳେ ମହିଳା ପ୍ରାର୍ଥୀ ଭାବେ ମୋନାଲିସା ଲେଙ୍କା (ସାମଲ)ଙ୍କୁ ପ୍ରାର୍ଥୀ କରିଛି। ଆଶାୟୀ ଭାବେ ଦୌଡ଼ରେ ଥିବା ଯୁବନେତା ବିକ୍ରମ ପଣ୍ଡା ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିବା ପରେ କଂଗ୍ରେସରେ ଭୋଟ୍ ବିଭାଜନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ଆଶିଷ ପାତ୍ର ଦଳ ଛାଡ଼ି ବିଜେପିରୁ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ନୀଳଗିରିରୁ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କୁ କଂଗ୍ରେସ ତାର ପ୍ରାର୍ଥୀ ଘୋଷଣା କରିଛି। କଂଗ୍ରେସ ଟିକେଟ୍ ଦୌଡ଼ରେ ଥିବା ଅନ୍ୟ ଆଶାୟୀଙ୍କୁ ନିରାଶ ହେବାକୁ ପଡ଼ିଛି। ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଖଣ୍ଡିତ ଅବସ୍ଥାରେ ଥିବା କଂଗ୍ରେସ ଭୋଟ୍‌ବ୍ୟାଙ୍କ ଶ୍ରୀକାନ୍ତଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି।

ଅନ୍ୟପକ୍ଷେ କଂଗ୍ରେସ ଭୋଟ୍‌ବ୍ୟାଙ୍କକୁ ବିଚାରକୁ ନିଆଗଲେ ବାଲେଶ୍ୱର ଲୋକସଭା ଆସନରୁ ଗତ ୨୦୦୯ରେ କଂଗ୍ରେସରୁ ଶ୍ରୀକାନ୍ତ ଜେନା ନିର୍ବାଚନ ଲଢ଼ି ମୋଟ୍ ୩୫.୧୭ ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ କଂଗ୍ରେସ ଭୋଟ୍ ହାର ହ୍ରାସ ପାଇ ୨୬.୪୪ ପ୍ରତିଶତରେ ପହଞ୍ଚି ଯାଇଥିଲା। ୨୦୦୯ ମସିହାରେ ଜିତିଥିବା ଶ୍ରୀକାନ୍ତ ୨୦୧୪ରେ ତୃତୀୟ ସ୍ଥାନକୁ ଖସି ଯାଇଥିଲେ। ୨୦୧୯ ମସିହାରେ ବାଲେଶ୍ୱର ସାଂସଦ ପ୍ରାର୍ଥୀ

- ଶ୍ରୀକାନ୍ତଙ୍କ ପାଇଁ ବାଲେଶ୍ୱର ଅଙ୍କ ଛିଡୁନି
- ଜଳେଶ୍ୱରରେ ପୁଣି ପ୍ରାର୍ଥୀ ପରିବର୍ତ୍ତନ
- ଦେବୀଙ୍କ ସ୍ଥାନରେ ଲଢ଼ିବେ ସୁଦର୍ଶନ
- ଦଳୀୟ ଅନ୍ତଃକନ୍ଦଳ ସାଜିବ ବୁମେରାଂ

ଭାବେ କଂଗ୍ରେସରୁ ନବଜ୍ୟୋତି ପଟ୍ଟନାୟକ ଲଢ଼ିଥିଲେ; ତାଙ୍କୁ ମାତ୍ର ୧୫.୪୯ ପ୍ରତିଶତ ଭୋଟ୍ ମିଳିଥିବା ବେଳେ ସେ ତୃତୀୟ ସ୍ଥାନରେ ରହି ଯାଇଥିଲେ। ୨୦୨୪ ନିର୍ବାଚନରେ ଶ୍ରୀକାନ୍ତ ପୁଣି ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବା ପରେ ବିକ୍ଷିପ୍ତ କଂଗ୍ରେସ ଭୋଟ୍ ବ୍ୟାଙ୍କକୁ ଏକଜୁଟ୍ କରି ଆଗାମୀ ନିର୍ବାଚନରେ ଦୃଢ଼ ଜବାବ ଦେବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିଲା। ମାତ୍ର ଜିଲ୍ଲାର ବିଧାନସଭା ଆସନ ମାନଙ୍କରେ ପ୍ରାର୍ଥୀ ଘୋଷଣାକୁ ନେଇ କଂଗ୍ରେସ ଅଡୁଆ ସୂତାରେ ଛନ୍ଦି ଯାଇଥିବା ଏବଂ କଂଗ୍ରେସ ୨୦ ପ୍ରତିଶତ ଭୋଟ୍ ବ୍ୟାଙ୍କ ହ୍ରାସ ଘଟି ସାରିଥିବା ବେଳେ ଏହାକୁ ଏକାଠି କରି ନିର୍ବାଚନୀ ବୈତରଣୀ ପାରି ହେବା ଗୁରୁ ଆହ୍ୱାନ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

୨୦୦୯ ସାଧାରଣ ନିର୍ବାଚନରେ କଂଗ୍ରେସ ବସ୍ତା ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ୪୪.୨ପ୍ରତିଶତ ଭୋଟ୍ ପାଇଥିବା ବେଳେ ଜଳେଶ୍ୱରରୁ ୪୦.୯୫% ଓ ଭୋଗରାଇରୁ ୪୦.୫୩% ଭୋଟ୍ ପାଇଥିଲା। ବାଲେଶ୍ୱର ସଦରରୁ ମାତ୍ର ୯.୨%, ରେମୁଣାରୁ ୧୧.୦୩ %, ନୀଳଗିରିରୁ ୧୯.୫୧% ଏବଂ ବଡ଼ସାହିରୁ ୩୦.୭୭% ଭୋଟ କଂଗ୍ରେସ ପାଇଥିଲା। ସେହିପରି ୨୦୧୪ ସାଧାରଣ ନିର୍ବାଚନରେ ବସ୍ତାରୁ ୪୩.୬୯%, ଭୋଗରାଇରୁ ୩୭.୩୭%, ଜଳେଶ୍ୱରରୁ ୩୧.୬୯%, ନୀଳଗିରିରୁ ୨୩.୦୪%, ବାଲେଶ୍ୱର ସଦରରୁ ୧୯.୭୫%, ରେମୁଣାରୁ ୯.୨% ଏବଂ ବଡ଼ସାହିରୁ ୨୬.୪% ଭୋଟ ହାର ସହିତ ତଳକୁ ଖସି ଯାଇଥିଲା। ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଭୋଟ୍ ବ୍ୟାଙ୍କ ଆହୁରି ଖସି ଭୋଗରାଇରେ ୩୬.୫୧%, ବସ୍ତାରେ ୩୫.୦୨%, ଜଳେଶ୍ୱରରେ ୧୯.୮୪%, ସଦରରେ ୧୨.୪୫%, ନୀଳଗିରିରେ ୭.୯୨%, ରେମୁଣାରେ ୫.୬୮% ଏବଂ ବଡ଼ସାହିରେ ୮.୬୫%ରେ ପହଞ୍ଚି ଯାଇଥିଲା। ଏପରିକି ୨୦୨୦ ବାଲେଶ୍ୱର ସଦର ଉପ ନିର୍ବାଚନରେ କଂଗ୍ରେସ ଭୋଟ୍‌ବ୍ୟାଙ୍କ ଖସି ମାତ୍ର ୩%ରେ ପହଞ୍ଚିଯାଇଥିଲା। ଏଭଳି ଦୟନୀୟ ପରିସ୍ଥିତିରେ ଥିବା କଂଗ୍ରେସ ଶ୍ରୀକାନ୍ତଙ୍କ ଭରସାରେ ବିକ୍ଷିପ୍ତ ଭୋଟ୍ ବ୍ୟାଙ୍କକୁ କେତେଟା ଯୋଡ଼ିବାରେ ସକ୍ଷମ ହେଉଛନ୍ତି, ତାହା ଆଗାମୀ ନିର୍ବାଚନୀ ସମୀକରଣକୁ ନିର୍ଦ୍ଧାରଣ କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ହେବ ଦ୍ୱିମୁଖୀ ଲଢ଼େଇ

# ମୈଦାନରେ ରାଇସେନ ଓ ଜଲେନ

**ରାଇରଙ୍ଗପୁର, ୫।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ୯ଟି ବିଧାନସଭା ଆସନ ମଧ୍ୟରେ ରାଇରଙ୍ଗପୁର ସର୍ବଦାନ ଚର୍ଚ୍ଚାରେ ରହିଆସିଛି। ଏହି ଗୁରୁତ୍ୱପୂର୍ଣ୍ଣ ଆସନକୁ ହାତେଇବା ପାଇଁ ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଏବଂ ଜନହିତକର ଯୋଜନାକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବା ବେଳେ ବିଜେପି ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହାୱାକୁ ନେଇ ନିର୍ବାଚନକୁ ଓହ୍ଲାଇଛନ୍ତି। ଏହି ଆସନ ପାଇଁ ବିଜେଡିରୁ ରାଇସେନ ମୁର୍ମୁ, ବିଜେପିରୁ ଜଲେନ ବାରଦା, କଂଗ୍ରେସରୁ ସୁନାରାମ ଟୁଡୁ ଏବଂ ଜେଏମ୍ଏମ୍‌ରୁ ଯୋଗେନ୍ଦ୍ର ବାନରା ପ୍ରାର୍ଥୀ ହୋଇଛନ୍ତି। ହେଲେ ଏହି ଆସନରେ ମୁଖ୍ୟତଃ ବିଜେଡି-ବିଜେପି ମଧ୍ୟରେ ଲଢେଇ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏହା ବ୍ୟତୀତ ଜେଏମ୍ଏମ୍‌ର କିଛି ପକେଟ ଭୋଟ ରହିଥିବା ବେଳେ କଂଗ୍ରେସର ପ୍ରାର୍ଥୀ ମଧ୍ୟ ସମ୍ମାନ ବଜାୟ ରଖିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ହେଲେ ଏହି ଉଭୟ ଦଳର ପ୍ରାର୍ଥୀଙ୍କ ଚେହେରା ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ପରିଚିତ ନ ଥିବାରୁ ତାଙ୍କ ଲୋକପ୍ରିୟତା ନଗଣ୍ୟ ରହିଥିବା ଚର୍ଚ୍ଚା ହେଉଛି। ତେଣୁ କେବଳ ବିଜେଡି-ବିଜେପି ମଧ୍ୟରେ ଲଢେଇ ହେବ। ଗତ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ନବଚରଣ ମାଝୀଙ୍କୁ ଲୋକେ ଜିତାଇଥିଲେ। ଚଳିତ ନିର୍ବାଚନରେ ସେ ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ହୋଇଥିବାରୁ ଦଳ ଜଲେନ ବାରଦାଙ୍କୁ ପ୍ରାର୍ଥୀ କରିଛି। ତେଣୁ ଜଲେନଙ୍କ ବିଜୟ ଉଭୟ ସାଂସଦ ଓ ବିଜେପି ପାଇଁ ସମ୍ମାନର ପ୍ରଶ୍ନ। ସେହିପରି ବିଜୁ ଜନତା ଦଳ ପୁଲିସ ବିଭାଗରୁ ଅବସର ନେଇଥିବା ରାଇସେନ ମୁର୍ମୁଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଛି।





ଅନ୍ୟପକ୍ଷରେ ବିଜେଡି ଛାଡି ଜଲେନ ବାରଦା ବିଜେପି ଯୋଗଦେବା ପରେ ଦଳ ତାଙ୍କୁ ଟିକଟ ଦେଇଥିଲେ ମଧ୍ୟ ଅନ୍ୟ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ତେଣୁ ଏହି ନିର୍ବାଚନରେ ଅସନ୍ତୁଷ୍ଟମାନେ ହିଁ ବିଜେପିର କଣ୍ଟା ସାଜିବେ ବୋଲି ଚର୍ଚ୍ଚା ହେଉଛି। ବାସ୍ତବ କ୍ଷେତ୍ରରେ ବିଜୁ ଜନତା ଦଳର ସମଗ୍ର ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ନୂତନ ଯୋଜନା କାର୍ଯ୍ୟକାରୀ କରିବା ସହ ଜନହିତକର ଯୋଜନାଗୁଡିକୁ ନେଇ ଦଳର ଲୋକପ୍ରିୟତା ବଢ଼ି ଚାଲିଛି। ଏହାର ଫଳ ଗତ ୨୦୨୨ ମସିହା ଜିଲ୍ଲା ପରିଷଦ ନିର୍ବାଚନରେ ଜଣାପଡ଼ିଛି। ଭୋଟରମାନେ ସମସ୍ତ ବିଜେପି ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ। ଜିଲ୍ଲା ପରିଷଦ ନିର୍ବାଚନରେ ମୋଟ ୧୧ଟି ଜୋନ ମଧ୍ୟରେ ରାଇରଙ୍ଗପୁର, ବିଜାତଳା, ବହଳଦା, କୁସୁମୀ ଜାମଦା ଓ ତିରିଂ ବ୍ଲକରେ ବିଜୁ ଜନତା ଦଳ ପ୍ରାର୍ଥୀ ଜୟଯୁକ୍ତ ହୋଇଥିଲେ। ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାକୁ ମାତ୍ର ୩ଟି ଆସନ ମିଳିଥିବା ବେଳେ ଭାରତୀୟ ଜନତା ପାର୍ଟି ତୃତୀୟ ସ୍ଥାନରେ ଖସି ଯାଇଥିଲା। ସେହିପରି ପୌର ପରିଷଦ ନିର୍ବାଚନରେ ମଧ୍ୟ ବିଜେଡିକୁ ଅପୂର୍ବ ସଫଳତା ମିଳିଥିଲା। ତେଣୁ ଚଳିତ ନିର୍ବାଚନରେ ଭୋଟରମାନେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ବଜାୟ ରଖି ବିଜେଡି ପ୍ରାର୍ଥୀ ରାଇସେନ ମୁର୍ମୁଙ୍କୁ ଆଶୀର୍ବାଦ କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## କୋରେଇ ବିଧାନସଭା ଆସନ

# ଅଣକଂଗ୍ରେସର ଗଡ଼

**ଯାଜପୁର,୫।୫(ସମିସ):** ଯାଜପୁର ଜିଲ୍ଲାର କୋରେଇ ବିଧାନସଭା ଆସନ ରାଜ୍ୟର ଅନ୍ୟତମ ପ୍ରମୁଖ ନିର୍ବାଚନମଣ୍ଡଳୀ। ଏଠାରୁ ସ୍ୱାଭିମାନୀ ଅଣକଂଗ୍ରେସର ବରିଷ୍ଠ ନେତା ଅଶୋକ ଦାସ ଛ'ଥର ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକଙ୍କ ଏକାନ୍ତ ସହଯୋଗୀ ଅଶୋକ ଦାସ ରାଜ୍ୟର ବିରୋଧୀ ଦଳ ନେତା ଭାବେ ମଧ୍ୟ ଏହି ଆସନରୁ କାର୍ଯ୍ୟ କରିଛନ୍ତି। ଏଥିସହିତ କଂଗ୍ରେସରୁ ରାମଚନ୍ଦ୍ର ଖୁଣ୍ଟିଆ ନିର୍ବାଚିତ ହୋଇ ରାଜ୍ୟସଭା ସାଂସଦ ହେବାର ସୁଯୋଗ ପାଇଥିବା ବେଳେ ବିଜେପି ପକ୍ଷରୁ ସଞ୍ଚିତା ମହାନ୍ତି ଏ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲାର ଏକମାତ୍ର ବିଜେପି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ଇତିହାସକୁ ଦେଖିଲେ ଏହି ଆସନଟି ସବୁବେଳେ ଅଣକଂଗ୍ରେସ କବ୍‌ଜାରେ ରହିଛି।

୧୯୭୪ରୁ ପ୍ରଥମ ଥର ପାଇଁ ଉତ୍କଳ କଂଗ୍ରେସ ଦଳରୁ ଅଶୋକ ଦାସ ଏଠାରୁ ବିଧାୟକ ହୋଇଥିଲେ। ଏହାର ପରବର୍ତ୍ତୀ ସମୟରେ ଜନତା ପାର୍ଟି, ଜନତା ଦଳ, ଚରଣ ସିଂହ ଜନତା ଦଳ, ଜନତା ଦଳ (ଧର୍ମନିରପେକ୍ଷ) ଭଳି ଦଳରୁ ଛଅ ଛଅ ଥର ନିର୍ବାଚିତ ହୋଇଥିଲେ। କେବଳ ୧୯୮୫ରେ କଂଗ୍ରେସରୁ ରାମଚନ୍ଦ୍ର ଖୁଣ୍ଟିଆ ଥରେ ମାତ୍ର ବିଧାୟକ ହୋଇଥିବା ବେଳେ ୨୦୦୪ରେ ବିଜେଡି ମେଣ୍ଟରୁ ବିଜେପିର ସଞ୍ଚିତା ମହାନ୍ତି ବିଜୟ ଲାଭ କରିଥିଲେ। ଏହା ପରଠାରୁ ପ୍ରୀତିରଞ୍ଜନ ଘଡ଼ାଇ, ଆକାଶ ଦାସନାୟକ, ଅଶୋକ କୁମାର ବଳ ବିଜୁ ଜନତା ଦଳରୁ ବିଜୟୀ ହୋଇଛନ୍ତି। ପ୍ରତ୍ୟେକ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରତିପକ୍ଷ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ପରାସ୍ତ କରୁଥିବା ଲକ୍ଷ୍ୟ କରାଯାଏ। ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥିନୀ ବନ୍ଦିତା ପରିଡ଼ା ୨୮, ୪୮୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିବା ବେଳେ ବିଜେପି ପ୍ରାର୍ଥୀ ବିଶ୍ୱଜିତ ନାୟକ ୪୨, ୬୭୯ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ ଓ ବିଜୁ ଜନତା ଦଳ ପ୍ରାର୍ଥୀ ଅଶୋକ କୁମାର ବଳ ସର୍ବାଧିକ ୭୩.୪୦୩ ଖଣ୍ଡ ଭୋଟ ପାଇ ବିଜୟଲାଭ କରିଥିଲେ।

କୋରେଇ ବିଧାନସଭା ଆସନଟି କୋରେଇ ବ୍ଲକର ସମସ୍ତ ପଞ୍ଚାୟତ, ବ୍ୟାସନଗର ପୌରପାଳିକା ଓ ରସୁଲପୁର ବ୍ଲକର ୯ଟି ପଞ୍ଚାୟତକୁ ଗଠନ କରାଯାଇଛି। କୋରେଇ ବ୍ଲକ ଓ ରସୁଲପୁର ବ୍ଲକ ଏବଂ ବ୍ୟାସନଗର ପୌରପାଳିକା ଏବେ ବିଜୁ ଜନତା ଦଳ କବଜାରେ ରହିଛି। ଚଳିତ ନିର୍ବାଚନରେ କେବଳ ବିଜୁ ଜନତା ଦଳ ଓ ବିଜେପି ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ରହିଛି। କଂଗ୍ରେସ ପକ୍ଷରୁ ପୁରୁଣା ପ୍ରାର୍ଥୀ ବନ୍ଦିତା ପରିଡ଼ା ଲଢୁଥିବାବେଳେ ବିଜେପିରୁ ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ପ୍ରାର୍ଥୀ ହୋଇଛନ୍ତି। କିନ୍ତୁ ବିଜେଡି ଏ ଆସନରୁ ଛଅ ଛଅ ଥର ବିଜୟୀ ହୋଇଥିବା ଅଶୋକ ଦାସଙ୍କ ପତ୍ନୀ ସନ୍ଧ୍ୟାରାଣୀ ଦାସଙ୍କୁ ପ୍ରାର୍ଥୀ କରିଛି। ଅଶୋକ ଦାସଙ୍କ କୋରେଇବାସୀଙ୍କ ପ୍ରତି ରହିଥିବା ଭଲ ପାଇବା ଓ ତାଙ୍କ ଦ୍ୱାରା ରହିଥିବା ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସନ୍ଧ୍ୟାରାଣୀଙ୍କୁ ପ୍ରାର୍ଥୀ କରିଛନ୍ତି। ଏକଦା ଏ ଆସନ ଅଶୋକ ଦାସଙ୍କ ହସ୍ତମୁଦି ମାହଲ ଥିଲା। ତେବେ ୨୦୦୪ରୁ ଅଶୋକଙ୍କ ପରିବାର ହାତରୁ ଏ ଆସନ ଖସିଯାଇଥିଲେ ମଧ୍ୟ ଅଶୋକ ପ୍ରେମୀ ତାଙ୍କ ପରିବାରରୁ କାହାକୁ ଏଠାରେ ପ୍ରାର୍ଥୀ ହେବାକୁ ବାରମ୍ବାର ଅନୁରୋଧ କରୁଥିଲେ। ତେବେ ଦୀର୍ଘ ଦିନ ପରେ ଅଶୋକଙ୍କ ପତ୍ନୀ ସନ୍ଧ୍ୟାରାଣୀଙ୍କୁ ଏଠାରେ ଲଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ସୁଯୋଗ ଦେବା ପରେ ଏହାକୁ କୋରେଇବାସୀ ବେଶ୍ ଉତ୍ସାହର ସହିତ ଗ୍ରହଣ କରିଛନ୍ତି। ଏପରିକି ପୂର୍ବତନ ବିଧାୟକ ଅଶୋକ ବଳ ସନ୍ଧ୍ୟାରାଣୀଙ୍କୁ ଭେଟି ନିଜର ସମର୍ଥନ ଦେବା ସହିତ ପ୍ରଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।







ସନ୍ଧ୍ୟାଙ୍କ ପ୍ରାର୍ଥିତ୍ୱ ପରେ ବିଜେପି ଦଳରେ ହଠାତ୍ ସାମିଲ ହୋଇ ଟିକେଟ ହାତେଇ ଥିବା ଅଭିନେତା ଆକାଶ ଏବେ ହରଡ଼ଘଣାରେ ପଡ଼ିଛନ୍ତି। କାରଣ ପୂର୍ବରୁ ଟିକଟ ଲବିରେ ଥିବା ବିଶ୍ୱଜିତ ନାୟକ ଓ ଆଲେକଜାଣ୍ଡାର ଆକାଶଙ୍କ ପ୍ରାର୍ଥିତ୍ୱକୁ ବିରୋଧ ଜାରି ରଖିଛନ୍ତି। ଏପରିକ ସ୍ଥଳଲେ ସନ୍ଧ୍ୟାରାଣୀଙ୍କ ପ୍ରାର୍ଥିତ୍ୱ ଆକାଶଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। କଂଗ୍ରେସ ସଂଗଠନ ସମଗ୍ର ନିର୍ବାଚନ ମଣ୍ଡଳୀରେ ସେତେଟା ଦୃଢ଼ ନ ଥିବାବେଳେ କେବଳ ବ୍ୟାସନଗର ପୌରପାଳିକା ଉପରେ ଦଳର ଭୋଟ ନିର୍ଭର କରୁଛି। ତେଣୁ ଏଠାରେ ବିଜେଡି-ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା କୁହାଯାଉଥିଲେ ମଧ୍ୟ ଫଳ କିନ୍ତୁ ଏକପାଖିଆ ଯିବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

## ଦେଓଗାଁ ବ୍ଲକରେ ରାଜନୈତିକ ଉଷ୍ମତା ବୃଦ୍ଧି

# ବିଜେଡି, କଂଗ୍ରେସ ଓ ବିଜେପିର ବଳ କଷାକଷି

**ଦେଓଗାଁ,୫।୫(ସମିସ):** ବଲାଙ୍ଗିର ରାଜନୀତିରେ ଦେଓଗାଁ ବ୍ଲକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ଦେଓଗାଁ ବ୍ଲକ ଉପରେ ତିନି ପ୍ରମୁଖ ଦଳର ସ୍ୱତନ୍ତ୍ର ନଜର ରହିଛି। ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବା ପରେ ଦଳୀୟ ପ୍ରଚାରକୁ ଏବେ ଦ୍ୱିଗୁଣିତ କରିଛନ୍ତି। ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ୨୬ଟି ପଞ୍ଚାୟତକୁ ନେଇ ଗଠିତ। ଏହି କ୍ରମରେ ଦେଓଗାଁ ବ୍ଲକର ୧୨ ଓ ୧୩ ଉଭୟ ଜୋନରେ ତିନି ଦଳର ପ୍ରାର୍ଥୀମାନେ ଲୋକଙ୍କ ନିକଟତର ହେଉଛନ୍ତି। ପୂର୍ବ ନିର୍ବାଚନ ଭଳି ଗାଁ ଦାଣ୍ଡମାନଙ୍କରେ ସେତେଟା ପୋଷ୍ଟର, ବ୍ୟାନର ଓ ଦଳୀୟ ପତାକା ଆଦି ନଜରକୁ ଆସିନାହିଁ। ନିର୍ବାଚନକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ବ୍ଲକ ସ୍ତରରେ ଏକ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଥିବା ବେଳେ ପୁଲିସ ପ୍ରଶାସନ ମଧ୍ୟ ତତ୍ପରତାର ସହ ବିଭିନ୍ନ ଛକରେ ଯାଞ୍ଚ ସହ ପାଟ୍ରୋଲିଂ ଜାରି ରଖିଛି।

ଜିଲ୍ଲାର କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିବା ପରେ ଏହାର ପ୍ରଭାବ ଦେଓଗାଁ ବ୍ଲକରେ ପଡ଼ିଥିବା ମଧ୍ୟ ନଜରକୁ ଆସିଛି। ଏଠାରେ



ଦିନକୁ ଦିନ ବିଜେଡି ମଜଭୁତ ସ୍ଥିତିକୁ ଯାଉଥିବା ବେଳେ କଂଗ୍ରେସ ଦଳ ମଧ୍ୟ ହେଭିୱେଟ୍ ନେତା ନରସିଂହ ମିଶ୍ରଙ୍କ ଦ୍ୱାରା ହୋଇଥିବା ବିକାଶଧାରାକୁ ନେଇ ନିଜ ସ୍ଥିତି ଜାହିର କରିବାପାଇଁ ଉଦ୍ୟମ ଜାରି ରଖିଛି। ତେବେ ବିଜେପି ଦଳ ନରେନ୍ଦ୍ର ମୋଦିଙ୍କ ଲହର ଆଶାରେ ସ୍ଥିତି ସଜାଡ଼ିବାକୁ ଉଦ୍ୟମ ଜାରି ରଖିଛି। ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ କଳିକେଶ ନାରାୟଣ ସିଂଦେଓ, କରିଥିବା ବେଳେ କଂଗ୍ରେସ ତରଫରୁ ସମରେନ୍ଦ୍ର ମିଶ୍ର ଓ ବିଜେପି ତରଫରୁ ଗୋପାଳଜୀ ପାଣିଗ୍ରାହୀ ପ୍ରାର୍ଥୀ ହୋଇଛନ୍ତି। ଏହି ବ୍ଲକରେ କାହାର ପତିଆରା ବୃଦ୍ଧି ହେବ ତାହା ଆଗାମୀ ଦିନ ହିଁ କହିବ। ବିଭାଗୀୟ ସୂଚନାନୁସାରେ, ଏହି ବ୍ଲକର ୧୨୭ଟି ଗାଁରେ ୭୭୮୧୫ ଭୋଟରଙ୍କ ମଧ୍ୟରୁ ୩୯୬୩୫ ପୁରୁଷ ଭୋଟର ଓ ୩୮୧୬୮ ମହିଳା ଭୋଟର ରହିଛନ୍ତି। ତେବେ ମହିଳା ଭୋଟ ଉପରେ ସମସ୍ତଙ୍କ ନଜର ରହିଥିବା ଦେଖିବାକୁ ମିଳିଛି। ବ୍ଲକରେ ମୋଟ ୧୦୩ଟି ବୁଥ କରାଯାଇଥିବା ବେଳେ ତନ୍ମଧ୍ୟରୁ ୧୦ଟି ପିଙ୍କ୍ ବୁଥ ଓ ହାତିସରାରେ ଗୋଟିଏ ୟଙ୍ଗ ବୁଥ କରାଯାଇଛି। ବ୍ଲକ ତରଫରୁ ୧୦ଟି ସେକ୍ଟର ଅଫିସର ନିଯୁକ୍ତି ହୋଇଥିବା ଜଣାପଡ଼ିଛି।

# ମନ ଜିଣିବେ ପ୍ରାର୍ଥୀ, ଚିହ୍ନ ଜାଣିବେ ଭୋଟର

**ବ୍ରହ୍ମପୁର,୫।୫(ସମିସ):** ଆସନ୍ତା ମେ' ୧୩ ତାରିଖରେ ବ୍ରହ୍ମପୁର ଲୋକସଭା ପାଇଁ ଭୋଟ ପଡ଼ିବ। ଏଥିପାଇଁ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ଭୋଟରଙ୍କ ମନ ଜିଣିବାକୁ ବିଭିନ୍ନ ପ୍ରୟାସ କରୁଛନ୍ତି। ଅନୁରୂପ ଭାବେ ଭୋଟରଙ୍କୁ ମଧ୍ୟ ସେମାନଙ୍କ ନିର୍ବାଚନୀ ଚିହ୍ନ ସମ୍ପର୍କରେ ଅବଗତ କରୁଛନ୍ତି। ଏଥିପାଇଁ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ସମସ୍ତ ଗଳିକନ୍ଦିରେ ଏବେ ବେଶ ଜମୁଛି ରାଜନୀତି ଚର୍ଚ୍ଚା। ଓଡ଼ିଆ ଓ ତେଲୁଗୁ ଗୀତରେ ଏବେ ଏଠାରେ ଭୋଟର୍‌ଙ୍କୁ ଆକୃଷ୍ଟ କରିବା ଲାଗି ଚାଲିଛି ଜୋରଦାର ପ୍ରଚାର।

ସାଧାରଣ ନିର୍ବାଚନ ପାଇଁ ସରଗରମ ହେଉଛି ଗାଁ ଦାଣ୍ଡ ଓ ସହରର ଗଳିକନ୍ଦି। ରାଜନୀତି କଥା ଓ ଚର୍ଚ୍ଚା ଭିତରେ ଚା' ଖଟି ବି ଉଷ୍ମ ହେଉଛି। ଏଣେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ବିଭିନ୍ନ ଗଳିକନ୍ଦିରେ ଜମୁଛି ପ୍ରଚାର। ସମାଜ ଓ ସାମାଜିକ ଗଣମାଧ୍ୟମ ଉଭୟକୁ ଆୟୁଧ କରିଦେଇଛନ୍ତି ପ୍ରାର୍ଥୀ ଓ ନେତା। ଶିକ୍ଷିତ ଯୁବକଙ୍କ ସାହାରା ନେଇ ନିଜ ସପକ୍ଷରେ ପ୍ରଚାର କରିବାରେ ଲାଗି ପଡ଼ିଛନ୍ତି ପ୍ରାର୍ଥୀମାନେ। ସମସ୍ତଙ୍କ ମନରେ ଉତ୍ସାହ, ଉତ୍କଣ୍ଠା ଭରି ରହିଛି। ଟେକ୍ନୋଲୋଜି ବିଷୟରେ ଅବଗତ ନଥିବା ନେତା ମଧ୍ୟ ଧୀରେଧୀରେ ସୋସିଆଲ୍ ମିଡିଆ ବ୍ୟବହାର ସମ୍ପର୍କରେ ଜାଣୁଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ସୋସିଆଲ୍ ମିଡିଆ ମୁଖ୍ୟ ଭୂମିକା ସାଜିଥିବା ବେଳେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଭିନ୍ନଭିନ୍ନ ପ୍ରକାରର ସ୍ଲୋଗାନ୍‌ମାନ ଦେଉଛନ୍ତି। ବିଧାୟକ ଓ ସାଂସଦ ପ୍ରାର୍ଥୀମାନେ ବିକାଶ ଓ ମୌଳିକ ସୁବିଧା ଯୋଗାଇବାକୁ କହି ଭୋଟରଙ୍କ ନିକଟରେ ଗ୍ରହଣୀୟ ହେବାକୁ ଭଳିକି ଭଳି ବ୍ୟାନର୍ ଓ ପୋଷ୍ଟର୍ କରି ଭୋଟ୍ ଭିକ୍ଷା କରୁଛନ୍ତି। ଏପଟେ ସାହିସାହି ବୁଲି ଏଲ୍ଇଡି ଜରିଆରେ ଲୋକଙ୍କୁ ଭିଜୁଆଲ ଚିତ୍ର ଦେଖାଇ ପ୍ରଚାର କରାଯାଉଛି। ଉଭୟ ବିଜେଡି ଓ ବିଜେପି

- ଓଡ଼ିଆ ଓ ତେଲୁଗୁ ଗୀତରେ ମନ ଜିଣିବାକୁ ପ୍ରୟାସ
- ପ୍ରଚାରରେ କମ୍ପୁଛି ଗାଁ ଦାଣ୍ଡ, ସହରର ଗଳିକନ୍ଦି

ସେମାନଙ୍କ ଯୋଜନାର ସଫଳ ରୂପାୟନ ବିଷୟରେ ଏଲ୍ଇଡି ମାଧ୍ୟମରେ ଲୋକଙ୍କ ବୁଝାଉଛନ୍ତି।

ଅପରପକ୍ଷେ ଲୋକଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ରକମର ଓଡ଼ିଆ ଓ ତେଲୁଗୁ ଭାଷାରେ ଗୀତ ମଧ୍ୟ ରେକର୍ଡିଂ କରାଯାଇଛି। ଏହି ଗୀତରେ ଏବେ ପ୍ରଚାର ମଇଦାନ କମ୍ପୁଛି। ଓଡ଼ିଆ ଗୀତ 'ଖାଲି ଡେଇଁ ଯାଉ ଜ୍ୟୋଷ୍ଠ ଆଷାଢ଼, ଗୁଆଘିଅ, ଷ୍ଟେସନ୍ ବଜାର ଝିଅଟି, ଖେଳ ହେବ, ହେ ନବୀନ ବାବୁ ଆମେ ତମ ଫ୍ୟାନ, ତେଲୁଗୁ ଗୀତ 'ଏ ବିଡ଼ା ଇଦି ନା ଆଡ଼ା' 'ବାବୁ ଅଚାଡ଼େ ଓଲେ ଆକା ବାବୁ ଅଚାଡ଼େ' ଗୀତରେ ପ୍ରଚାର ଲୋକଙ୍କୁ ଆକର୍ଷିତ କରୁଛି। ସେହିଭଳି ଖେଳ ହେବ ଗୀତ ମଧ୍ୟ ବିଭିନ୍ନ ସ୍ଥାନରେ ବାଜୁଥିବା ଲକ୍ଷ୍ୟ କରାଯାଇଛି। ବିଶେଷକରି ଖାଲି ଡେଇଁ ଯାଉ ଜ୍ୟୋଷ୍ଠ ଆଷାଢ଼ ଗୀତରେ ବହୁ ପ୍ରାର୍ଥୀ ସେମାନଙ୍କ ନିର୍ବାଚନ ସଙ୍ଗୀତ ପ୍ରସ୍ତୁତ କରିଥିବା ଦେଖିବାକୁ ମିଳିଛି। ଏହି ମେଲୋଡି ଗୀତ ଗତ କିଛି ଦିନ ହେବ ଲୋକଙ୍କ



ଦ୍ୱାରା ଗ୍ରହଣୀୟ ହୋଇଥିବା ବେଳେ ନିର୍ବାଚନ ସଙ୍ଗୀତ ମଧ୍ୟ ଭୋଟର୍‌ଙ୍କୁ ଆକୃଷ୍ଟ କରୁଛି। ଭୋଟର୍ କିପରି ଆକୃଷ୍ଟ ହେବେ ଓ ପ୍ରାର୍ଥୀଙ୍କ ମୁଦ୍ଦା ସମ୍ପର୍କରେ ଜାଣିବେ; ସେନେଇ ପ୍ରାର୍ଥୀମାନେ ପ୍ରୟାସ କରୁଛନ୍ତି।

କଳେବଳେ କୌଶଳେ ଗୀତ ମାଧ୍ୟମରେ ନିଜ ବ୍ୟକ୍ତିତ୍ୱ ସମ୍ପର୍କରେ କହି ଯୁବ ଭୋଟରକୁ ନିଜ ଆଡ଼କୁ ଟାଣିବାକୁ ସମସ୍ତେ ଦିନରାତି ଏକ କରି ଦେଇଛନ୍ତି। ବାସ୍ତବତାକୁ ଉପଲବ୍ଧି କରି ଉଚିତ ପ୍ରାର୍ଥୀଙ୍କୁ ବାଛିବାକୁ ମଧ୍ୟ କହୁଛନ୍ତି। ଶିକ୍ଷିତ ପ୍ରାର୍ଥୀମାନେ ସାଙ୍ଗସାଥୀଙ୍କ ଦ୍ୱାରା ତାଙ୍କ 'ପୋଷ୍ଟ'କୁ ସେୟାର କରିବାକୁ କହୁଥିବା ବେଳେ ଅଭିଜ୍ଞ ନେତାମାନେ ମଧ୍ୟ ସେମାନଙ୍କ କର୍ମୀଙ୍କ ସାହାଯ୍ୟରେ ଏହି କାର୍ଯ୍ୟ କରୁଛନ୍ତି। ନିର୍ବାଚନୀ ମୁଦ୍ଦା ଓ ଚିହ୍ନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି। ଗୀତ ମାଧ୍ୟମରେ ଭୋଟ ଭିକ୍ଷା କରୁଛନ୍ତି ପ୍ରାର୍ଥୀ। ପୂର୍ବରୁ ପାରମ୍ପରିକ ଗୀତରେ ପ୍ରଚାର ଚାଲିଥିଲା। ଏବେ ଗୀତର ନୂଆ ଟ୍ରେଣ୍ଡ ପ୍ରତି ଚାହିଦା ରହିଛି। ବାଦ୍ୟଯନ୍ତ୍ର ଓ ଗୀତିକାରମାନେ ମଧ୍ୟ ପୂର୍ବରୁ ଟ୍ରାକ୍ ପ୍ରସ୍ତୁତି ସହ ଷ୍ଟୁଡିଓରେ ସମ୍ପୂର୍ଣ୍ଣ ଟିମ୍ ନିର୍ବାଚନୀ ଗୀତ ତିଆରିରେ ଲାଗି ପଡ଼ିଛନ୍ତି।

**ପୁଅ ପାଇଁ ଭୋଟ୍ ଭିକ୍ଷା କରୁଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ**

## ନିର୍ବାଚନ ସମୟରେ ଓଡ଼ିଶା ଗସ୍ତ ଉପରେ ଅଙ୍କୁଶ ଲଗାଇବାକୁ ଇସିଙ୍କ ନିକଟରେ ବିଜେଡିର ଦାବି




ଭୁବନେଶ୍ୱର, ୫।୫(ସମିସ): ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ଆଣିଛି ବିଜେଡି। ଏ ସମ୍ପର୍କରେ 'ଇ-ମେଲ' ଜରିଆରେ ଜାତୀୟ ନିର୍ବାଚନ କମିସନଙ୍କୁ ବିଜେଡି ପକ୍ଷରୁ ଅବଗତ କରାଯାଇଛି। ଏଥିସହ ଏହାର ଏକ କପି ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିଛି। ଶ୍ରୀ ହରିଚନ୍ଦନ ଗତ ଏପ୍ରିଲ ୩୦ରେ ଭୁବନେଶ୍ୱର ଆସି ମେ' ୪ରେ ଫେରି ଯାଇଥିଲେ। ଏହି ସମୟ ଭିତରେ ସେ ନିଜ ଭୁବନେଶ୍ୱରସ୍ଥିତ ବାସଭବନରେ ଚିଲିକା ନିର୍ବାଚନମଣ୍ଡଳୀ ଲୋକଙ୍କୁ ନେଇ ବୈଠକ କରିଥିବା ବିଜେଡି ଅଭିଯୋଗ କରିଛି। ଏହାସହ ଫୋନ ଯୋଗେ ନିଜ ପୁଅ ତଥା ବିଜେପିର ଚିଲିକା ପାର୍ଥୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସପକ୍ଷରେ ପରୋକ୍ଷରେ ଭୋଟ ପାଇଁ ପ୍ରବର୍ତ୍ତାଇଛନ୍ତି। ବିଶ୍ୱଭୂଷଣ ହରିଚନ୍ଦନ ଏକ ସାମ୍ବିଧାନିକ ପଦରେ ରହି ଏପରି କରିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଏହାର ତଦନ୍ତ ପାଇଁ ଦାବି କରିବା ସହ ନିର୍ବାଚନ ସମୟରେ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଓଡ଼ିଶା ଆସିବା ଉପରେ ଅଙ୍କୁଶ ଲଗାଇବାକୁ ଜାତୀୟ ନିର୍ବାଚନ କମିସନଙ୍କୁ ବିଜେଡି ଅନୁରୋଧ କରିଛି। ଯେପରି ବିଶ୍ୱଭୂଷଣ ହରିଚନ୍ଦନ ନିର୍ବାଚନ କାମରୁ ନିଜକୁ ନିବୃତ୍ତ ରଖିବେ, ଏନେଇ ତାଙ୍କୁ ସତର୍କ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ବିଜେଡି ପକ୍ଷରୁ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ମଧୁସ୍ମିତା ନାୟକ, ପ୍ରିୟବ୍ରତ ମାଝୀ, ଡାକ୍ତର ହରିଶ ଚୌଧୁରି, ଓମ୍ ପ୍ରକାଶ ସାହୁ ପ୍ରମୁଖ ସିଇଓ ଅଫିସରେ ଅଭିଯୋଗ କରିଛନ୍ତି।

## ସିଦ୍ଧାର୍ଥ ଦାଶ ସମ୍ବଲପୁର ସଂସଦୀୟ କ୍ଷେତ୍ର ବିଜେଡି ସଂଯୋଜକ

**ସଞ୍ଜୟ ବାବୁ ସମ୍ବଲପୁର ବିଧାନସଭା କ୍ଷେତ୍ର ପ୍ରଭାରୀ**

**ଭୁବନେଶ୍ୱର, ୫।୫(ସମିସ):** ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦଳୀୟ ନେତାଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ସିଦ୍ଧାର୍ଥ ଦାଶଙ୍କୁ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକ ନିଯୁକ୍ତ କରାଯାଇଥିବା ବେଳେ ସଞ୍ଜୟ ବାବୁଙ୍କୁ ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଛି। ସେହିପରି ସିଦ୍ଧାର୍ଥ ଶାହାଙ୍କୁ ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଶୁଭଲକ୍ଷ୍ମୀ ମାଝୀ ନୀଳଗିରି ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ସଂଯୋଜକ ନିଯୁକ୍ତ କରାଯାଇଛି। ଜ୍ୟୋତିର୍ମୟୀ ଦେହୁରୀ ବିଜୁ ମହିଳା ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ବିଜେଡି ପକ୍ଷରୁ ଜାରି ଅନ୍ୟ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ନିଶିକାନ୍ତ ପ୍ରଧାନ ଗୁଣୁପୁର ବିଧାନସଭା କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ଏବଂ ଜ୍ଞାନଗିରି ଗୋସ୍ୱାମୀଙ୍କୁ ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

## ଅଭୟଙ୍କ ପ୍ରାର୍ଥିତ୍ୱକୁ ଆଠଗଡ଼ରେ ବିରୋଧ

**ଟିଗିରିଆ,୫।୫(ସମିସ):** ଆଠଗଡ଼ ନିର୍ବାଚନମଣ୍ଡଳୀରେ ଦଳୀୟ ସ୍ଥିତିକୁ ମଜଭୁତ କରିଥିବା ନେତାଙ୍କୁ ବିଜେପି ଅଣଦେଖା କରିଛି। ଉପଯୁକ୍ତ ପ୍ରାର୍ଥୀ ବଦଳରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଦଳ ଟିକଟ ଦେଇଛି। ଆଠଗଡ଼ ବିଧାନସଭା ଆସନରୁ ଟିକଟ ପାଇଥିବା ଅଭୟ ବାରିକଙ୍କ ନାଁରେ ଦେଶଦ୍ରୋହ, ହତ୍ୟା ଉଦ୍ୟମ, ହତ୍ୟା ଧମକ, ଠକେଇ, ଦାଦାବଟି ଭଳି ଅନେକ ସଙ୍ଗୀନ ଅଭିଯୋଗ ବିଭିନ୍ନ ଥାନାରେ ରହିଛି। ଏ ବାବଦରେ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ସଚିବ ମାନସ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳୁନାହିଁ; ବରଂ ଏଭଳି ଅଭିଯୋଗ କରିବା ପରେ ଫୋନ୍ ଯୋଗେ ଏବଂ ବିଭିନ୍ନ ଲୋକଙ୍କ ମାଧ୍ୟମରେ ହତ୍ୟା ଧମକ ମିଳୁଛି। ଦଳର ମଙ୍ଗଳ ପାଇଁ କାର୍ଯ୍ୟ କରିବା ଯୋଗୁଁ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ଆଠଗଡ଼ ବ୍ଲକ ୩ନଂ ଜିଲ୍ଲା ପରିଷଦ ଜୋନ ଘଣ୍ଟିଖାଲ ମଣ୍ଡଳ ବିଜେପି ସଭାପତି ନିର୍ମଳ କୁମାର ପତ୍ରି ଅଭିଯୋଗ କରିଛନ୍ତି। ଆଠଗଡ଼ ବ୍ଲକ କାଇପୁଡିଆ ଗ୍ରାମ ସ୍ଥିତ ଆଖଣ୍ଡଳମଣି ମହାଦେବ ମନ୍ଦିର ନିକଟରେ ରବିବାର ବିଜେପିର ନେତା ଓ କର୍ମୀଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପତ୍ରିଙ୍କ ସମେତ ଘଣ୍ଟିଖାଲ ମଣ୍ଡଳ ବିଜେପି ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚାର ସଭାପତି ମଦନ ଦେଉରୀ, କନ୍ଦରପୁର ଶକ୍ତିକେନ୍ଦ୍ରର ପ୍ରମୁଖ ଧରଣୀଧର ସାହୁ, ବୁଥ ପ୍ରମୁଖ ସନାତନ ଦଳେଇଙ୍କ ସମେତ ଧିରେନ ପତ୍ରୀ, ପ୍ରାଣବନ୍ଧୁ ପତ୍ରୀ, ଦିଲ୍ଲୀପ ପତ୍ରୀ ପ୍ରମୁଖ ବିଜେପିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ।

ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି, ଆଠଗଡ଼ ବିଜେପିରେ ଗୋଷ୍ଠୀ କନ୍ଦଳ ସେତିକି ତୀବ୍ର ହେବାରେ ଲାଗିଛି। ଦଳର ଉଚ୍ଚପଦାଧିକାରୀ ମାନଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଆଠଗଡ଼ ନିର୍ବାଚନମଣ୍ଡଳୀ ସମେତ କଟକ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନ ଭୁଶୁଡ଼ିବାରେ ଲାଗିଛି।

ପ୍ରକାଶ ଥାଉକି, ଅଭୟ ବାରିକଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଆଠଗଡ଼ ନିର୍ବାଚନମଣ୍ଡଳୀର ଟିଗିରିଆ ମଣ୍ଡଳ ସଭାପତି ଚିନ୍ମୟ ମଲ୍ଲିକ, ଆଠଗଡ଼ ଘଣ୍ଟିଖାଲ ମଣ୍ଡଳ ପୂର୍ବତନ ସଭାପତି ରଞ୍ଜନ ସେନାପତି, ଡାଃ ହରିହର ସାହୁ, କ୍ୟାପଟେନ ପ୍ରଫୁଲ୍ଲ କୁମାର ପରିଡ଼ାଙ୍କ ଭଳି ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ପୂର୍ବରୁ ଦଳ ଛାଡ଼ି ସାରିଲେଣି। ଏହାଛଡ଼ା ବିଜେପିର ବରିଷ୍ଠ ନେତା ବିଜୟ କୁମାର ପରିଡ଼ା ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଡାଃ ହରିହର ମଧ୍ୟ ଖୁବଶୀଘ୍ର ନାମାଙ୍କନ କରିବେ। ଏପରି ପରିସ୍ଥିତିରେ ଆଠଗଡ଼ରେ ବିଜେପି ପାଇଁ ଆଗାମୀ ନିର୍ବାଚନ ଲଢ଼ିବା ଜଟିଳ ହେବାରେ ଲାଗିଛି।



- ବିଜେପି ମଣ୍ଡଳ ସଭାପତି ଓ କର୍ମୀଙ୍କ ଇସ୍ତଫା
- ସଙ୍ଗୀନ ଅଭିଯୋଗ : ଅପରାଧୀଙ୍କୁ ଟିକେଟ ଦେଇଛି ବିଜେପି

## ବିଜେଡି ଶିବିରରେ ଶ୍ରୀୟା ସମ୍ବେଦନା



ଭୁବନେଶ୍ୱର, ୫।୫(ସମିସ): କଟକ-ବାରବାଟୀ ନିର୍ବାଚନମଣ୍ଡଳୀର ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀୟା ସମ୍ବେଦନାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀୟା ସମ୍ବେଦନାଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ତାଙ୍କର ଯୋଗଦାନ ଫଳରେ କଟକ-ବାରବାଟୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ଶ୍ରୀୟା ସମ୍ବେଦନା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ବିଜୁ ଜନତା ଦଳ ଏପରି ଏକ ଦଳ, ଯିଏ କେବଳ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ କଲ୍ୟାଣ ଦିଗରେ ସମର୍ପିତ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କ ସାରା ରାଜ୍ୟରେ ବିକାଶ କରିଛନ୍ତି। ଓଡ଼ିଶାକୁ ଗର୍ବିତ କରିଛନ୍ତି। ତାଙ୍କରି ପ୍ରେରଣାରେ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ, ତାକୁ ସୁଚାରୁରୂପେ ତୁଲାଇବି। ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ମିଶ୍ରଣ ପର୍ବରେ ପ୍ରକାଶ ରାଉତରାୟ, ସୁଶାନ୍ତ ମହାପାତ୍ର, ବିଶ୍ୱନାଥ ପାଣିଗ୍ରାହୀ, ରାକେଶ କୁମାର ସିଂ, ସନ୍ତୋଷ ସ୍ୱାଇଁ, ସୁମିତ ମିଶ୍ର, ପରେଶ ରାଉତରାୟ, ଶଶିକାନ୍ତ ଆଚାର୍ଯ୍ୟ, ଅଜୟ ମଲ୍ଲିକ, ଗଜେନ୍ଦ୍ର ସାହୁ, ରଞ୍ଜିତ ମହାନ୍ତି, ସଞ୍ଜୀବ ରାୟ, ଅମରନାଥ ବେହେରା, ସୌମ୍ୟ ରଞ୍ଜନ ମହାନ୍ତି, ତନୟ ବେହେରା, ଲକି ବେହେରା, ରବି ବେହେରା, ଦିଲ୍ଲୀପ ବେହେରା, ଜଗମୋହନ ବେହେରା, ରାହୁଲ ସେଠୀ, ସରୋଜ ବେହେରା, ସନ୍ତୋଷ ସ୍ୱାଇଁ, ବଳରାମ ସାହୁ, ସୁମନ୍ତ ସେଠୀ, ରାଜା ଦାସ, ରୋହିତ ସାହୁ, ଅରୁଣ ନାୟକଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

**ହିଞ୍ଜିଳିରେ ବଳଶାଳୀ ହେଲା ବିଜେଡି**

## ଦଳରେ ମିଶିଲେ କଂଗ୍ରେସ ଓ ବିଜେପି ନେତା ଓ କର୍ମୀ

**ଭୁବନେଶ୍ୱର, ୫।୫(ସମିସ):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳି ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ, ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ବିଜେଡିରେ ମିଶିଛନ୍ତି। ଶଙ୍ଖଭବନରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବିଜେଡି ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ବିଜେପି ଓ କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ହିଞ୍ଜିଳି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମହାପାତ୍ର କହିଥିଲେ। ଏହି ମିଶ୍ରଣ ପର୍ବରେ ପୁରୁଷୋତ୍ତମ ସ୍ୱାଇଁ, ଗିରିଜା ନନ୍ଦ ପାତ୍ର, ଜିତେନ୍ଦ୍ର କୁମାର ସାମଲ, ଯୁଗଳ କିଶୋର ଜେନା, ପ୍ରଭାକର ସାହୁ, ସୁନିଲ ପ୍ରଧାନ, ବିପ୍ର ଚରଣ ଗୌଡ, ଲକ୍ଷ୍ମଣ ନାୟକ, କୁନା ପଣ୍ଡା, ବନ ପ୍ରଧାନ, ନିର ନାୟକ, ନାରାୟଣ ଜେନା, ଉପେନ୍ଦ୍ର ନାୟକ, ରମେଶ ନାୟକ, କାଳିଆ ନାୟକ, ରାମ ନାୟକ, ସନିଆ ଗୌଡ, ବିଧାର ପ୍ରଧାନ, ନରସିଂହ ଡାକୁଆ, ସୁଶାନ୍ତ ପ୍ରଧାନ, ଅଜିତ ପାଣିଗ୍ରାହୀ, କେଶର ପ୍ରଧାନ, ତୁରିୟା ନାୟକ, ଗୌଡ ପାଣିଗ୍ରାହୀ, ପୀତବାସ ପଣ୍ଡା, ଜିତେନ୍ଦ୍ର କୁମାର ସାମଲ, ଯୁଗଳ କିଶୋର ଜେନା, ଲତିକା ଦାସ, ତାପସ ମଦ୍ଧାର, କିଶାନ ନାୟକ, କେଦାର ପଟ୍ଟନାୟକ, ମିଥୁନ ସାମଲ, ହଂସ ସାମଲ, ଅଜୟ କୁମାର ପରିଡ଼ା, ଲିପିକା ଦାସ ଓ ଶଙ୍କର ପ୍ରଧାନଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।



## ଅମର ପଟ୍ଟନାୟକ 'ଅପ୍ରବାସୀ ସାମ୍ମୁଖ୍ୟ'ର ମୁଖ୍ୟ ପରାମର୍ଶଦାତା

**ଭୁବନେଶ୍ୱର, ୫।୫(ସମିସ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଜନତା ଦଳ 'ଅପ୍ରବାସୀ ସାମ୍ମୁଖ୍ୟ'ର କର୍ମକର୍ତ୍ତାମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥିରେ ମୁଖ୍ୟ ପରାମର୍ଶଦାତା ଭାବେ ଡଃ ଅମର ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଥିବା ବେଳେ ପରମର୍ଶଦାତା ଭାବେ ଡଃ ଅଚ୍ୟୁତାନନ୍ଦ ସାମନ୍ତ, ରାଜେନ୍ଦ୍ର ଢୋଲକିଆ, ଏନ. ଭାସ୍କର ରାଓ, ସୁଜିତ କୁମାର ଓ ଭୁପେନ୍ଦ୍ର ସିଂ ନିଯୁକ୍ତି ପାଇଛନ୍ତି। ସେହିପରି ରାଜ୍ୟ ସଂଯୋଜକ ଭାବେ ନନ୍ଦଲାଲ ସିଂଙ୍କୁ ନିଯୁକ୍ତି ମିଳିଥିବା ବେଳେ ଉପସଂଯୋଜକ ଭାବେ ବ୍ରହ୍ମେଶ୍ୱର ସିଂ ଯାଦବ, ଆଲାମ ସିଂ ରୋପ୍ରା ଓ ରାମମୂର୍ତ୍ତି ତିୱାରୀଙ୍କୁ ନିଯୁକ୍ତି ମିଳିଛି। ସେହିଭଳି ସାଧାରଣ ସମ୍ପାଦକ ଭାବେ ମନୋଜ ଶର୍ମା, ମୁକୁନ୍ଦ ସିହ୍ନା, ବିନୋଦ କୁମାର ମାହେଶ୍ୱରୀ, ସୁବାସ ଅଗ୍ରୱାଲ, ଆନନ୍ଦ ଅଗ୍ରୱାଲ, ନିଶାନ ଡଗ, ରାମଚରଣ ସାହୁ, ସୁନୀଲ ତିୱାରୀ, ରାହୁଲ ପାଣ୍ଡେ, ସଞ୍ଜୟ ଯାଦବ, ଦଳୀୟ ଦେବନାଥ, ସୁବାଷ ଜୈନ, ଅନିଲ କୁମାର ସିଂଙ୍କୁ ନିଯୁକ୍ତି ମିଳିଛି। ସେହିପରି ସମ୍ପାଦକ ଭାବେ ମୁକେଶ ସିଂ, କେ. ଭାସ୍କର ରାଓ, ରାଜେଶ ଗୁପ୍ତା, ରାଜେନ୍ଦ୍ର ସିଂ ବାଗ୍, ଶମ୍ଭୁ ଗୁପ୍ତା, ମୁଲଚାନ୍ଦ ଫାଣ୍ଡେ, ଅବଦୂର ରେହମାନ୍, ଅମରନାଥ୍ ଶାହ, ସନ୍ତୋଷ ଭାରତୀ, ଏସ୍ ଦୀଲେଶ ରାଓ, ମନୋଜ କୁମାର ଯାଦବ, ଭିକି ଶର୍ମାଙ୍କୁ ନିଯୁକ୍ତି ମିଳିଛି। ଏଥିସହ ରାଜ୍ୟ ସଂଯୋଜକ ଭାବେ କଟକ ଜିଲ୍ଲାରେ ସଲିଲ ଘୋଷଙ୍କୁ ନିଯୁକ୍ତି ମିଳିଥିବା ବେଳେ ଉପସଂଯୋଜକ ଭାବେ କେ. ଦୁର୍ଗାପ୍ରସାଦଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲାରେ ସଂଯୋଜକ ଭାବେ ରାମଶଙ୍କର ରୁଙ୍ଗଟା ଓ ଉପସଂଯୋଜକ ଭାବେ ଶଙ୍କର ଯାଦବଙ୍କୁ ନିଯୁକ୍ତି ମିଳିଛି। ସେହିଭଳି ବଲାଙ୍ଗିର ଜିଲ୍ଲାରେ ସଂଯୋଜକ ଭାବେ ସୁନୀଲ କୁମାର ଗୋଏଲ, କେନ୍ଦୁଝର ଜିଲ୍ଲାରେ ସତ୍ୟଜିତ୍ ସିଂ, ସୁନ୍ଦରଗଡ଼ ଜିଲ୍ଲାରେ ସୁରେଶ ଶର୍ମା, ନୂଆପଡ଼ାରେ ସିଡୁ ବୋଦ୍ଧଙ୍କର, ଝାରସୁଗୁଡ଼ାରେ ବିଜୟ ଶର୍ମା ଓ ମୟୂରଭଞ୍ଜ-୨ ପାଇଁ ଅରବିନ୍ଦ ବାଗଡ଼ିଆଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

**ଖଣ୍ଡପଡ଼ା ବିଧାନସଭା ଆସନ**

## ସାବିତ୍ରୀଙ୍କୁ ଅନୁଭବ-ଗୟାଧରଙ୍କ ସମର୍ଥକଙ୍କ ସମର୍ଥନ

**ବିଜେଡି କର୍ମୀଙ୍କ ଦୃଢ଼ୋକ୍ତି: 'ସାବିତ୍ରୀ' ପୂର୍ବରୁ ବିଜୟୀ ହେବେ ସାବିତ୍ରୀ**

**ନୟାଗଡ଼,୫।୫(ସମିସ):** ଖଣ୍ଡପଡ଼ା ବିଧାନସଭା ଆସନରେ ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନଙ୍କୁ ପ୍ରାର୍ଥୀ କରି ବିଜେଡି ଏଠାରେ ମହିଳା କାର୍ଡ ଖେଳିଛି। ସମିତି ସଭ୍ୟାରୁ ବିଧାୟିକା ପ୍ରାର୍ଥୀ ହୋଇଥିବା ସାବିତ୍ରୀ ନିର୍ବାଚନରେ ବାଜିମାତ୍ କରିବା ପାଇଁ ପୂରା ଜୋରସୋର୍‌ରେ ଲାଗି ପଡ଼ିଛନ୍ତି। ଏହି ଅବସରରେ ତାଙ୍କ ସମର୍ଥକମାନଙ୍କ ଏକ ଦାବି ଖଣ୍ଡପଡ଼ା ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ସମର୍ଥକମାନଙ୍କ କହିବା କଥା, ଜୁନ୍ ୬ ତାରିଖରେ ସାବିତ୍ରୀ ଅମାବାସ୍ୟା। ତା' ପୂର୍ବରୁ ଜୁନ୍ ୪ ତାରିଖରେ ନିର୍ବାଚନର ଫଳାଫଳ ବାହାରିବ। ତେଣୁ ସାବିତ୍ରୀ ପୂର୍ବରୁ ସାବିତ୍ରୀ ବିଜୟୀ ହେବେ ବୋଲି ସେମାନେ ଦୃଢ଼ୋକ୍ତି ବାଢ଼ୁଛନ୍ତି। ଏପରି ଦୃଢ଼ୋକ୍ତି ପଛର କାରଣ ସଂପର୍କରେ ସେମାନଙ୍କ କହିବା କଥା ହେଲା, ଦଳରୁ ଇସ୍ତଫା ଦେଇଥିବା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଏବଂ ଭାପୁର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ସମର୍ଥକମାନେ ଏବେ ସାବିତ୍ରୀଙ୍କୁ ସମର୍ଥନ ଦେବା ଆରମ୍ଭ କରିଛନ୍ତି। ଏହା ଉଭୟ ବିଜେଡି ଓ ସାବିତ୍ରୀଙ୍କ ପାଇଁ ସହାୟକ ହେବ ବୋଲି କୁହାଯାଉଛି।

ଗତ ସାଧାରଣ ନିର୍ବାଚନରେ ଏହି ବିଧାନସଭା ଆସନରୁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ ୧ ଲକ୍ଷ ୩୮ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ୧୮ ହଜାର ୬୦୮ ଖଣ୍ଡ ଭୋଟ ପାଇଥିଲେ। ବିଜେପି ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ ୧୪ ହଜାର ୧୪ ଖଣ୍ଡ ଭୋଟ ପାଇଥିଲେ। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଏହି ବିଧାନସଭା ଆସନ ଦୀର୍ଘଦିନ ଧରି ରାଜପରିବାର ଦଖଲରେ ରହି ଆସିଛି। ୧୯୫୧ ମସିହାରୁ ୧୯୭୧ ମସିହା ପର୍ଯ୍ୟନ୍ତ ସ୍ୱାଧୀନ ଓ କଂଗ୍ରେସରୁ ହରିହର ସିଂ ମର୍ଦ୍ଦରାଜ ଭ୍ରମରବର ରାୟ ବିଧାୟକ ହୋଇଥିଲେ। ୧୯୭୧ ମସିହାରେ ବଂଶୀଧର ପଟ୍ଟନାୟକ ସ୍ୱାଧୀନ ଭାବେ ବିଧାୟକ ହୋଇଥିଲେ। ୧୯୭୪ ଓ ୧୯୭୭ ମସିହାରେ ସତ୍ୟସୁନ୍ଦର ମିଶ୍ର ସ୍ୱାଧୀନ, ୧୯୮୦ରେ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ସ୍ୱାଧୀନ, ୧୯୮୫ରେ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ କଂଗ୍ରେସ, ୧୯୯୦ରେ ଅରୁଣ କୁମାର ପଟ୍ଟନାୟକ ଜନତା ଦଳ, ୧୯୯୫ରେ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ କଂଗ୍ରେସ, ୨୦୦୦ ମସିହାରେ ବିଜୟଲକ୍ଷ୍ମୀ ପଟ୍ଟନାୟକ ବିଜେଡି, ୨୦୦୪ରେ ଶ୍ରୀମତୀ ପଟ୍ଟନାୟକ ସ୍ୱାଧୀନରୁ ବିଧାୟିକା ହୋଇଥିଲେ। ୨୦୦୯ ମସିହାରେ ବିଜେଡିରୁ ସିଦ୍ଧାର୍ଥ ଶେଖର ସିଂ, ୨୦୧୪ ମସିହାରେ ଅନୁଭବ ପଟ୍ଟନାୟକ ବିଧାୟକ ହୋଇଥିଲେ। ସାବିତ୍ରୀ ଯଦି ଏଥର ବିଜୟୀ ହେବେ, ତେବେ ସେ ନିର୍ବାଚନ ମଣ୍ଡଳୀର ଦ୍ୱିତୀୟ ମହିଳା ବିଧାୟିକା ହେବେ।

ଟିକଟ ଘୋଷଣା ହେବା ପରେ ସାବିତ୍ରୀ ଏବେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ସରକାର ବିକାଶକୁ ପ୍ରସଙ୍ଗ କରି ସେ ଭୋଟ୍ ଭିକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଅନେକ ଯୋଜନା କରିଥିବା ବେଳେ ଖଣ୍ଡପଡ଼ା କଣ୍ଟିଲୋଠାରେ ଅବସ୍ଥିତ ଆଦ୍ୟ ଜଗନ୍ନାଥ ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ରର ରୂପାନ୍ତରଣ ପାଇଁ ଶହେ କୋଟି ଟଙ୍କାର ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମାନଗମନ କ୍ଷେତ୍ରରେ ଅନେକ ବିକାଶ ହୋଇଛି।



ଖଣ୍ଡପଡ଼ା ବ୍ଲକ୍‌ର ୨୨ପଞ୍ଚାୟତ, ଭାପୁର ବ୍ଲକ୍‌ର ୨୦ ପଞ୍ଚାୟତ ଏବଂ ଖଣ୍ଡପଡ଼ା ଏନ୍ଏସିକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀ କଟକ ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି। ଏହି ବିଧାନସଭା ଆସନରୁ କଂଗ୍ରେସ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ବୈଜୟନ୍ତୀମାଳ ମହାନ୍ତିଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପିରୁ ଦୁଷ୍ମନ୍ତ କୁମାର ସ୍ୱାଇଁ, ଓଡ଼ିଶା ଜନତା ପାର୍ଟିରୁ ତ୍ରିନାଥ ନାୟକ, ମାନସ ଲୋକଶକ୍ତି ଦଳରୁ ରଶ୍ମିତା ବେହେରା, ସ୍ୱାଧୀନରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ଜିତେନ୍ଦ୍ର ବେହେରା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଆସନ୍ତାକାଲି (ସୋମବାର) ବିଜେଡି ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ ତାଙ୍କ ନାମାଙ୍କନ ଦାଖଲ କରିବେ ବୋଲି ସୂଚନା ମିଳିଛି।

- ଟିକଟ ପରିବର୍ତ୍ତନ ପରେ ଜଳେଶ୍ୱର କଂଗ୍ରେସରେ ବିଦ୍ରୋହ

## ଇସ୍ତଫା ଦେଲେ ବ୍ଲକ କଂଗ୍ରେସ ସଭାପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା

**ଜଳେଶ୍ୱର ବ୍ଲକ, ୫।୫(ସମିସ):** ଜଳେଶ୍ୱର ବିଧାନସଭା ଆସନରେ ପ୍ରାର୍ଥୀ ପରବର୍ତ୍ତନକୁ ନେଇ କଂଗ୍ରେସରେ ବିଦ୍ରୋହ ଦେଖାଦେଇଛି। ଦଳ ଦେବୀପ୍ରସନ୍ନ ଚାନ୍ଦଙ୍କଠାରୁ ଟିକଟ ଫେରାଇ ସୁଦର୍ଶନ ଦାସଙ୍କୁ ଦେଇଥିବାରୁ ଏଠାରେ କଂଗ୍ରେସର ଗୋଷ୍ଠୀକନ୍ଦଳ ତୀବ୍ର ହୋଇଛି। ଏହାର ପ୍ରତିବାଦରେ ଆଜି ବ୍ଲକ୍ କଂଗ୍ରେସ ସଭାପତି ରାଜୀବ କୁମାର ପରିଡ଼ା, ନଗର କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, କିଶାନ କଂଗ୍ରେସ ସଭାପତି ନୟନ କୁମାର ସେଠୀ, ଯୁବ କଂଗ୍ରେସ ସଭାପତି ସପନ କୁମାର ରାଉତ, ରାଜ୍ୟ ମିଡିଆ ସଂଯୋଜକ ହରିଶଙ୍କର ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ସୁକୁମାର ଘୋଷ, ଜିଲ୍ଲା ସାଧାରଣ ସମ୍ପାଦକ ଶେଖ ଫରିଦ ଅହମ୍ମଦ ପ୍ରମୁଖ ନିଜ ପଦ ପଦବୀରୁ ଇସ୍ତଫା ଦେଇଛନ୍ତି। ସେମାନେ ଇସ୍ତଫାପତ୍ର ରାଜ୍ୟ ସଭାପତିଙ୍କୁ ପଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ଦଳର ପ୍ରାର୍ଥୀ ଚୟନର ମାପକାଠିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଯଦି ପୁଣି ପ୍ରାର୍ଥୀ ପରିବର୍ତ୍ତନ କରା ନ ଯାଏ ତାହାଲେ ଆଗାମୀ ଦିନରେ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

## କୋରେଇରେ ଇସ୍ତଫା ପାଇଁ ଧାଡ଼ି ବାନ୍ଧିଲେ ବିଜେପି ନେତା

**ବ୍ୟାସନଗର/ଶଙ୍ଖଚିଲା, ୫।୫(ସମିସ):** କୋରେଇ ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ଦୁର୍ବଳ ହେଉଛି ବିଜେପି। ଦୀର୍ଘବର୍ଷ ଧରି ନେତା, କର୍ମୀଙ୍କ ନିଷ୍ଠା ଓ ବିଶ୍ୱାସକୁ ଦଳ ଅଣଦେଖା କରିଛି। ଫଳସ୍ୱରୂପ ହଜାର ହଜାର ସମର୍ଥକଙ୍କ ଉପସ୍ଥିତିରେ ରବିବାର ତାଙ୍କ ଜହ୍ନାସ୍ଥ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ବହୁ ବିଜେପି ନେତା ତଥା ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ଇସ୍ତଫା ଘୋଷଣା କରିବା ସହିତ ଇସ୍ତଫାପତ୍ର ରାଜ୍ୟ ବିଜେପି ସଭାପତିଙ୍କୁ ପ୍ରଦାନ କରିଛନ୍ତି।

ରବିବାର ଅନୁଷ୍ଠିତ ବୈଠକରେ ବିଶ୍ୱଜିତଙ୍କ ସମେତ ୧ ହଜାରରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ମଧ୍ୟ ବିଜେପି ଦଳ ଛାଡ଼ିବା ନେଇ ଘୋଷଣା କରିଛନ୍ତି। ବିଶ୍ୱଜିତ ଗତ ୨୦୧୯ ନିର୍ବାଚନରେ ବିଜେପି ଟିକେଟରୁ କୋରେଇ ବିଧାନସଭା ଆସନ ପାଇଁ ଲଢ଼ିଥିଲେ। ତେବେ ଚଳିତଥର ବିଜେପି ତାଙ୍କୁ ଟିକଟ ନ ଦେବାରୁ ସେ ଏପରି ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଛି। ଦଳ ଚଳିତଥର ତାଙ୍କୁ ଅଣଦେଖା କରି ବିଜେଡିରୁ ଆମଦାନୀ ନେତା ଆକାଶ ଦାସନାୟକଙ୍କୁ ବିଜେପି ପ୍ରାର୍ଥୀ କରିଛି। ବିଜେପିରୁ ଇସ୍ତଫା ଘୋଷଣା କରିବା ପରେ ପ୍ରତିକ୍ରିୟା ରଖିଛନ୍ତି ବିଶ୍ୱଜିତ ନାୟକ। ଦଳର ମେରି ରାୟ ନୀତି ପାଇଁ ସମସ୍ତେ ଇସ୍ତଫା ଦେଇଥିବା ସେ କହିଛନ୍ତି। ଦୀର୍ଘ ବର୍ଷ ଧରି ନିଷ୍ଠାର ସହ ଦଳ ପାଇଁ କାର୍ଯ୍ୟ କରିବା ପରେ ମଧ୍ୟ ଦଳ ତାଙ୍କୁ ଅଣଦେଖା କରିଥିବା ସେ କହିଛନ୍ତି। ଏଥିସହ ତାଙ୍କ ସହ ବା କୌଣସି ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା ନ କରି ଜଣେ ଅଣବିଜେପି ଲୋକ ବା ଅନ୍ୟ ଦଳରୁ ଆସିଥିବା ନେତାଙ୍କୁ ବିଜେପି ଦଳ ଟିକଟ ଦେଇଥିବାରୁ ଦଳର ଶୀର୍ଷ ନେତୃତ୍ୱ ସମସ୍ତଙ୍କ ଭାବାବେଗକୁ କୁଠାରାଘାତ କରିଛି ବୋଲି ବିଶ୍ୱଜିତ କହିଛନ୍ତି।

ବିଜେପି କୋରେଇ ଆସନରେ ପ୍ରାର୍ଥୀ ଘୋଷଣା ପରେ ବିଶ୍ୱଜିତ ଓ ତାଙ୍କ ସମର୍ଥକ ଆକାଶଙ୍କୁ ଧରାଛୁଆଁ ଦେଉ ନଥିଲେ। ବର୍ତ୍ତମାନ ବିଶ୍ୱଜିତ ବିଜେପିରୁ ଇସ୍ତଫା ଦେବା ଆସନ୍ତା ମାସରେ ହେବାକୁ ଥିବା ନିର୍ବାଚନରେ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିବ। ତେବେ ବିଶ୍ୱଜିତ ଖୁବ୍‌ଶୀଘ୍ର ବିଜୁ ଜନତା ଦଳରେ ଯୋଗ ଦେବେ ବୋଲି ସୂଚନା ମିଳିଛି। ବିଜେପି ଦଳୀୟ ପ୍ରାର୍ଥୀ ଘୋଷଣା କରିବା ପରଠାରୁ ଏହାକୁ ନେଇ ଅସନ୍ତୋଷ ଜାରି ରହିଛି। ଗତକାଲି ବିଜେପି ନେତା କରୁଣାକର ଇସ୍ତଫା ଦେଇଥିବାବେଳେ ଆଜି ବିଶ୍ୱଜିତ ନାୟକଙ୍କ ଭଳି ବିଧାୟକ ପ୍ରାର୍ଥୀ ଇସ୍ତଫା ଦେବା ଘଟଣା ବିଜେପିର ରାଜ୍ୟ ନେତୃତ୍ୱଙ୍କୁ ଚିନ୍ତାରେ ପକାଇଛି। ଆଗକୁ ଆହୁରି ନେତା ସମାନ ରାସ୍ତା ଧରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

- ଗତକାଲି କରୁଣାକରଙ୍କ ପରେ ଆଜି ଆଶାୟୀ ପ୍ରାର୍ଥୀ ବିଶ୍ୱଜିତ ଦଳ ଛାଡ଼ିଲେ
- ଖୁବ୍‌ଶୀଘ୍ର ବିଜୁ ଜନତା ଦଳରେ ସାମିଲ ହେବା ନେଇ ଚର୍ଚ୍ଚା

## ଜମୁଛି ପ୍ରଚାର ବଢୁଛି ବିଜେଡିର ଶକ୍ତି

# ମୁଖ୍ୟମନ୍ତ୍ରୀ କରନ୍ତି, ଧର୍ମେନ୍ଦ୍ର ପ୍ରଧାନ କହନ୍ତି: ପ୍ରଣବ ପ୍ରକାଶ

**ସମ୍ବଲପୁର,୫।୫(ସମିସ)**

ସମୟାନୁକ୍ରମେ ସମ୍ବଲପୁରରେ ବଢୁଛି ବିଜେଡିର ଶକ୍ତି। ଦିନ ତମାମ ମାରାଥନ ପ୍ରଚାର। ବିଭିନ୍ନ ବର୍ଗର ଲୋକଙ୍କୁ




ଭେଟି ବାର୍ତ୍ତାଳାପ। ସେମାନଙ୍କର ସମସ୍ୟାର ସମାଧାନ କିଭଳି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରୁଥିବା ଦେଖି ପ୍ରଣବ ପ୍ରକାଶଙ୍କ ପ୍ରତି ବିଶ୍ୱାସ ଜାହିର କରୁଛନ୍ତି ସମ୍ବଲପୁରର ଜନତା। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାମ କରିବାର ପ୍ରତିବଦ୍ଧତା ଓ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପ ଗୁଡିକ ଦେଖି ବିଜୁ ଜନତା ଦଳରେ ରହିବାକୁ ଇଚ୍ଛା ଜାହିର କରି ଦଳରେ ମିଶୁଛନ୍ତି ବିଭିନ୍ନ ବର୍ଗ, ସମ୍ପ୍ରଦାୟ, ସଙ୍ଗଠନ ଓ ରାଜନୈତିକ ଦଳର କର୍ମକର୍ତ୍ତାମାନେ। ପ୍ରତିଦିନ ଏଭଳି କାର୍ଯ୍ୟକ୍ରମର ଆୟୋଜନ ହେବା ଫଳରେ ବିଜେଡିର ଶକ୍ତି ବୃଦ୍ଧି ପାଉଥିବା ଦେଖି ବିରୋଧୀଙ୍କ ନିଦ ହଜିଯାଇଛି। ନିର୍ବାଚନରେ ତାଙ୍କୁ କେମିତି ଚେକ୍ ଦେଇହେବ ସେନେଇ ବିରୋଧୀ ଶିବିରରେ ଭାଳେଣି ପଡ଼ିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ନେଇ ଲୋକଙ୍କ ପାଖକୁ ପହଞ୍ଚୁଛନ୍ତି ନବୀନ ଓଡ଼ିଶାର ଦକ୍ଷ ସେନାପତି ପ୍ରଣବ ପ୍ରକାଶ ଦାସ।

ମାରାଥନ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରି ରବିବାର ସକାଳୁ ସକାଳୁ ଶୀତଳ ଷଷ୍ଠୀ କମିଟିର କର୍ମକର୍ତ୍ତା ମାନଙ୍କୁ ଭେଟିଥିଲେ ପ୍ରଣବ ପ୍ରକାଶ। ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ପାଖେଇ ଆସୁଥିବାବେଳେ ଏ ସମ୍ପର୍କରେ କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଥିଲେ। ଶୀତଳ ଷଷ୍ଠୀକୁ କିଭଳି ଆହୁରି ଭବ୍ୟ ଓ ଆଡ଼ମ୍ବର କରାଯାଇପାରିବ ସେନେଇ ପ୍ରସ୍ତାବ ମାଗିଥିଲେ। କର୍ମକର୍ତ୍ତାମାନେ କହିଥିବା ସମସ୍ତ ସମସ୍ୟାର ସମାଧାନ କରିବାକୁ ପ୍ରଣବ ପ୍ରକାଶ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ବିଜୁ ଜନତା ଦଳର ସମ୍ବଲପୁର ଲୋକସଭା ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ଏହାପରେ ସେ ପହଞ୍ଚିଥିଲେ ସାକ୍ଷୀପଡ଼ା ସ୍ଥିତ ଚର୍ଚ୍ଚଠାରେ। ସେଠାରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଭାଇଭଉଣୀଙ୍କ



## ପ୍ରଣବ ପ୍ରକାଶଙ୍କ ଲୋକପ୍ରିୟତା ଦେଖି ବିରୋଧୀ ଛାନିଆ

ସହିତ ଭାବବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାପରେ ସେ ଡ. ନାରାୟଣୀ ପଣ୍ଡାଙ୍କ ଘରେ ପହଞ୍ଚିଥିଲେ। ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ସମ୍ବଲପୁରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ବାହାରି ସିନ୍ଦୁରପଙ୍କରେ ଖ୍ରୀଷ୍ଟିୟାନ ସମାଜ ଦ୍ୱାରା ଆୟୋଜିତ ହୋଇଥିବା ଏକ ବିଶାଳ ସମାବେଶରେ ଯୋଗଦାନ କରିଥିଲେ ପ୍ରଣବ ପ୍ରକାଶ। ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଉନ୍ନତି ପାଇଁ ରାଜ୍ୟ ସରକାର କରିଥିବା ଯୋଜନା ସମ୍ପର୍କରେ ବୁଝାଇଥିଲେ। ଚର୍ଚ୍ଚ ଗୃହର ଉନ୍ନତିକରଣ ଓ ରୂପାନ୍ତରୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଥିବାବେଳେ ଆଗକୁ ଆହୁରି ବିକାଶମୁଖୀ ଯୋଜନା ଓ ପ୍ରକଳ୍ପ ରହିଛି ବୋଲି ସୂଚନା ଦେଇଥିଲେ। ଏହାପରେ ପ୍ରଣବ ପ୍ରକାଶ ସମ୍ବଲପୁରର ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱୟଂ ସହାୟକ ଦଳର ମାଁ ମାନଙ୍କୁ ଭେଟିଥିଲେ। ମହିଳାମାନଙ୍କ ସହିତ ଆଲୋଚନା କଲା ସମୟରେ ଏଠାକାର ବିଜେପି ଲୋକସଭା ପ୍ରାର୍ଥୀ ସାଜିଥିବା ଧର୍ମେନ୍ଦ୍ର ପ୍ରଧାନ ମିଶନ ଶକ୍ତି ବନ୍ଦ କରିବାକୁ ଚକ୍ରାନ୍ତ କରୁଥିବା ଜାଣି ମହିଳାମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଣବ ପ୍ରକାଶ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ମା'ମାନଙ୍କ ସହିତ ସବୁବେଳେ ଅଛନ୍ତି। ତାଙ୍କ ସୁଖରେଦୁଃଖରେ ଛିଡାହୋଇ ପ୍ରିୟଭାଜନ ହୋଇପାରିଛନ୍ତି। ଏହାକୁ ବିରୋଧୀ ନେତା ସହି ନ ପାରି ମିଶନ ଶକ୍ତି ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି କହିଥିଲେ। ଏହାର ଶକ୍ତ ଜବାବ ଦେବାକୁ ହେଲେ ଆପଣମାନଙ୍କୁ ଶଙ୍ଖ ଚିହ୍ନରେ ଦୁଇଥର ଭୋଟଦେଇ ଏମପି ଓ ଏମଏଲଏ ପ୍ରାର୍ଥୀଙ୍କୁ ଜିତାଇବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଆହୁରି ଟାଣ କରିବାକୁ ପଡ଼ିବ ବୋଲି କହିଥିଲେ। ଉପସ୍ଥିତ ଥିବା ମା' ମାନେ ମଧ୍ୟ ଶଙ୍ଖ ଚିହ୍ନରେ ହିଁ ଭୋଟ ଦେବୁ ବୋଲି ନିଷ୍ପତ୍ତି ନେଇଥିବା କହିଛନ୍ତି। ଏହାପରେ ପ୍ରଣବ ପ୍ରକାଶ ଭାରତୀୟ ଜନତା ପାର୍ଟିରୁ ଆସିଥିବା କିଛି ଯୁବକଙ୍କୁ ଭେଟିଥିଲେ। ସେମାନେ ବିଜେପି ପାଇଁ ସ୍ୱେଚ୍ଛାକୃତ ଭାବରେ କାମ କରୁଥିଲେ। କିନ୍ତୁ ବିଜେପିରୁ ନିର୍ବାଚିତ ହୋଇଥିବା ନେତାଙ୍କର ଜନସେବା ପାଇଁ ଆନ୍ତରିକତା ନାହିଁ। ଅନ୍ୟପକ୍ଷରେ ବିଜୁ ଜନତା ଦଳର ଜଣେ ଦକ୍ଷ ନେତା ସମ୍ବଲପୁରରୁ ଲଢିବାକୁ ନିଷ୍ପତ୍ତି ନେଇଥିବା ଜାଣି ସେମାନେ ମଧ୍ୟ ପ୍ରଣବ ପ୍ରକାଶଙ୍କୁ ସମର୍ଥନ କରିବାକୁ ଆସିଛୁ ବୋଲି କହିଥିଲେ। ପ୍ରଣବ ପ୍ରକାଶ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସେ ମାରୱାଡି ସମାଜର ବୈଠକରେ ଯୋଗ ଦେଇଥିଲେ। ସମାଜର ସଦସ୍ୟ ସଦସ୍ୟା ମାନଙ୍କ ସହିତ ଆଲୋଚନା କରି ତାଙ୍କର ସମସ୍ୟା ଶୁଣିଥିଲେ। ଏହାପରେ ସେ ମାରୱାଡି ବିପ୍ର ସମାଜର କର୍ମକର୍ତ୍ତାମାନଙ୍କୁ ମଧ୍ୟ ଭେଟିଥିଲେ। ତାଙ୍କ ଦ୍ୱାରା ଆୟୋଜିତ ଏକ ସଭାରେ ଯୋଗଦାନ କରି ନିର୍ବାଚନ ସମୟରେ ତାଙ୍କର ସହଯୋଗ କାମନା କରିଥିଲେ।



## ଧର୍ମେନ୍ଦ୍ରଙ୍କ ଶୋଭାଯାତ୍ରାରେ ଶିଶୁ

# ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ






**ରେଢ଼ାଖୋଲ, ୫।୫(ସମିସ):** ସମ୍ବଲପୁର ସଂସଦୀୟ କ୍ଷେତ୍ର ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ଆସନର ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ପରିବର୍ତ୍ତନ ସଂକଳ୍ପ ଶୋଭାଯାତ୍ରା ସାମିଲ ହୋଇ ହଜାର ହଜାର ସମର୍ଥକଙ୍କୁ ନେଇ ସ୍ଥାନୀୟ ରେଢ଼ାଖୋଲ କଲେଜ ଛକଠାରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ଠାରେ ପହଞ୍ଚିଥିଲା। ସେଠାରେ ରାମ ମନ୍ଦିର ଯାଇ ଦର୍ଶନ କରିବା ପରେ ଭୀମଭୋଇ ଛକଠାରେ ପହଞ୍ଚି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହେଲେ ଏହି କାର୍ଯ୍ୟ କ୍ରମରେ ଛୋଟ ଛୋଟ ଶିଶୁମାନଙ୍କୁ ଦଳୀୟ ପତାକା, କାର୍ଡବୋର୍ଡ, ଉତ୍ତରୀୟ ଇତ୍ୟାଦି ପିନ୍ଧାଇ ଶୋଭାଯାତ୍ରାକୁ ଅଣାଯାଇଥିଲା। ଯାହା ନିର୍ବାଚନ ଆଚରଣବିଧିକୁ ଉଲ୍ଲଂଘନ କରିଥିବା ଦେଖାଯାଇଥିଲା। ଏହା ସହିତ ଶିଶୁମାନଙ୍କୁ ବ୍ୟବହାର କରି ପ୍ରଚାର ପ୍ରସାରରେ ରାଜନୀତିକରଣ କରାଯାଇଛି। ଶିଶୁ କଳାକାରମାନଙ୍କୁ ରାଜନୈତିକ ଶୋଭାଯାତ୍ରାରେ ସାମିଲ କରିବା ଓ ଶିଶୁମାନଙ୍କୁ ପ୍ରେସରାଇଜ କରି ଶୋଭାଯାତ୍ରାକୁ ନେବା ଏହା ନିର୍ବାଚନ ଆଇନ ବିଧିକୁ ଉଲଂଘନ କରିବା ସହିତ ଶିଶୁର ଅଧିକାରକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି ବୋଲି ରେଢ଼ାଖୋଲ ଜନସାଧାରଣ ଜନତାଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥି ସହିତ ଏହି ଶୋଭାଯାତ୍ରାରେ ଦଳୀୟ କର୍ମୀଙ୍କମଧ୍ୟରେ ଅସନ୍ତୋଷ ହୋଇ ଦଳୀୟ ପତାକାକୁ ତଳେ ପକାଇ ତାହା ଉପରେ ଲୋକେ ଚାଲୁଥିବା ଦୃଶ୍ୟ ଦେଖିବାକୁ ମିଳିଛି।

# ରେଙ୍ଗାଲି ପଞ୍ଚାୟତରେ ବିଜେଡିର ଜୋର୍‌ଦାର ପ୍ରଚାର



**ରେଙ୍ଗାଲି, ୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପଞ୍ଚାୟତରେ ଜୋର୍‌ଦାର ପ୍ରଚାର କରିଛନ୍ତି ରେଙ୍ଗାଲି ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲ ଓ ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଆଜି ଅପରାହ୍ନରେ ରେଙ୍ଗାଲିସ୍ଥିତ ବାବା ମନ୍ଦିରରୁ ପୂଜା କରି ଉଭୟ ଲୋକସଭା ଓ ବିଧାୟକ ପ୍ରାର୍ଥୀ ପଦଯାତ୍ରାରେ ବାହାରି କରି ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର ଓରାମ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ଜୋନ ୧ ଜିଲ୍ଲା ପରିଷଦ ସଭ୍ୟା ଚୋଲଶ୍ରୀ ମହାନନ୍ଦ, ନାରାୟଣ ଶର୍ମା, ପ୍ରଦିପ ସାହୁ, ସନ୍ତୋଷ ବର୍ମା ଙ୍କ ସହ ଶହ ଶହ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ରହି ଯୋଡ଼ି ଶଙ୍ଖରେ ଭୋଟ ଦେଇ ଉଭୟଙ୍କୁ ଜୟଯୁକ୍ତ କରିବା ପାଇଁ ପ୍ରଚାର କରିଥିଲେ। ବିଜେଡିର ଜୋରଦାର ପ୍ରଚାର ଦେଖି ବିରୋଧୀଙ୍କ ମନରେ ଛନକା ପଶିଯାଇଛି।

# ବିଜେଡିରେ ଯୋଗଦେଲେ ଆମ୍ ଆଦମୀ ପାର୍ଟିର ଜିଲ୍ଲା ଯୁବ ସଭାପତି

**ସମ୍ବଲପୁର, ୫।୫(ସମିସ)**

ସମ୍ବଲପୁରରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବିଜେଡିର ଶକ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ ପ୍ରକଳ୍ପ ଗୁଡ଼ିକ ଦେଖି ଲୋକେ ସ୍ୱତଃପ୍ରବୃତ୍ତ ଭାବରେ ବିଜୁ ଜନତା ଦଳରେ ଯୋଡ଼ିହେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ବିଭିନ୍ନ ସଂଗଠନ ତଥା ରାଜନୈତିକ ଦଳ ଓ ବିଭିନ୍ନ ବର୍ଗରୁ ଆସି ଲୋକେ ଦଳରେ ସାମିଲ ହେଉଛନ୍ତି। ଏହିକ୍ରମରେ ରବିବାର ସମ୍ବଲପୁର ଜିଲ୍ଲା ଆମ ଆଦମୀ ପାର୍ଟିର ଜିଲ୍ଲା ଯୁବ ସଭାପତି ଲୁଲୁ ନାୟକ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି ସେ ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି। ପ୍ରଣବ ପ୍ରକାଶ ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଦଳକୁ ମଜଭୁତ୍ କରିବାକୁ ତୃଣମୂଳସ୍ତରରେ କାମ କରିବାକୁ ବୁଝାଇଥିଲେ। ଲୁଲୁ ନାୟକ ରେଢାଖୋଲ ଅଞ୍ଚଳରେ ଜଣେ ଯୁବ ସଂଗଠକ ଭାବରେ ଜଣାଶୁଣା। ଗତ ଦୁଇବର୍ଷ ହେଲା ସେ ଆମ ଆଦମୀ ପାର୍ଟିର ଜିଲ୍ଲା ଯୁବ ସଭାପତି ଭାବରେ କାମ କରୁଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବୁଲିବୁଲି ଯୁବବର୍ଗଙ୍କ ମିଶିବା ସହିତ ସଂଗଠନ ଗଢିବା କାମ କରୁଥିଲେ। ଏହା ପୂର୍ବରୁ ବ୍ଲକ ସଭାପତି ଭାବରେ ମଧ୍ୟ କାମ କରିଛନ୍ତି।



ଚଳିତ ନିର୍ବାଚନରେ ଆମ ଆଦମୀ ପାର୍ଟି ତରଫରୁ ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସେ ବିଧାୟକ ପ୍ରାର୍ଥୀ ଭାବରେ ଆଶାୟୀ ରହିଥିଲେ। ତେବେ କୌଣସି କାରଣବଶତଃ ରେଢାଖୋଲରେ ଦଳ ଟିକେଟ ଘୋଷଣା କଲାନାହିଁ ବୋଲି କହିଛନ୍ତି ଲୁଲୁ ନାୟକ। ପୂର୍ବରୁ ସେ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବମୂର୍ତ୍ତି ପ୍ରତି ଆକୃଷ୍ଟ ହୋଇଥିଲେ। ରାଜ୍ୟ ସରାକରଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ ତାଙ୍କ ମନକୁ ସନ୍ତୁଷ୍ଟି ଆଣିଦେଇଛି। ତେଣୁକରି ସେ ଆମ ଆଦମୀ ପାର୍ଟି ଛାଡି ବିଜୁ ଜନତା ଦଳରେ ଯୋଗଦେଲେ ବୋଲି କହିଥିଲେ। ଯେହେତୁ ଯୁବ ସଂଗଠକ ଭାବରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ତାଙ୍କର ସଂଗଠନ ରହିଛି। ଆଗାମୀ ଦିନରେ ମଧ୍ୟ ସେ ସଂଗଠନ ପାଇଁ କାମ କରିବେ। ଏହା ସହିତ ରାଜ୍ୟ ସରାକରଙ୍କ ଲୋକାଭିମୁଖୀ ପ୍ରକଳ୍ପ ଗୁଡ଼ିକର ସଫଳ ରପାୟନ ପାଇଁ କାମ କରିବା ସହିତ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବରେ ତୃଣମୂଳ ସ୍ତରରେ ଦଳକୁ ଆହୁରି ମଜଭୁତ କରିବାକୁ କାମ କରିବେ। ବିଶେଷ ଭାବରେ ରେଢାଖୋଲ ଅଞ୍ଚଳର ଉନ୍ନତି ପାଇଁ କାମ କରିବେ ବୋଲି କହିଥିଲେ। ପ୍ରଣବ ପ୍ରକାଶ ଦାସ ତାଙ୍କୁ ଦଳରେ ସ୍ୱାଗତ କରିବା ସହିତ ସାଂଗଠନିକ କାମ କରି ଦଳକୁ ଆଗେଇ ନେବାକୁ ଉପଦେଶ ଦେଇଥିଲେ।

# ବିଜେଡିର ବିଜୟ ପାଇଁ ପ୍ରସନ୍ନ ଦେଲେ ବିଜୟ ମନ୍ତ୍ର

**ପଡ଼ିଆବାହାଲ, ୫।୫(ସମିସ):** ଶଙ୍ଖ ଆମ ପରିଚୟ। ଉଭୟ ରାଜ୍ୟ ଓ ଦେଶ ପାଇଁ ବିଜେଡି ପ୍ରତିନିଧିତ୍ୱର ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ଦଳର ସମସ୍ତ ନେତା ଓ କର୍ମୀ, ବିଧାୟକ ଓ ସଂସାଦ ପ୍ରାର୍ଥୀଙ୍କ ବିଜୟ ପାଇଁ ଏକ ହେବାକୁ ଆଜି ପଡ଼ିଆବାହାଲଠାରେ ରେଢାଖୋଲ ବିଧାନସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ପଡ଼ିଆବାହାଲ ଠାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ସମୟରେ ଦଳର ନେତା ଓ କର୍ମୀ ମାନଙ୍କୁ ପ୍ରଶନ୍ନ ଏଭଳି ମନ୍ତ୍ର ଦେଇଛନ୍ତି। ପ୍ରାରମ୍ଭରେ ଖଲିଆପାଲି ହନୁମାନ ଓ ଶନି ମନ୍ଦିର ଦର୍ଶନ କରି ଏକ ବିରାଟ ମଟର ସାଇକେଲ ରାଲିରେ ପଡ଼ିଆବାହାଲରେ ପହଞ୍ଚିବା ପରେ ଦଳ ପକ୍ଷରୁ ବିଭିନ୍ନ ନେତା ଓ କର୍ମୀ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଦଳର ଅନ୍ୟତମ ପର୍ଯ୍ୟବେକ୍ଷକ ରୁଦ୍ରନାରାୟଣ



ସାମନ୍ତରାୟ ଓ ରାଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ଏହାକୁ ବିଜେଡ ରାଜ୍ୟ ଯୁବ ସମ୍ପାଦକ ତଥା ବ୍ଲକ ସଂଯୋଜକ ହୀରାଲାଲ ବେହେରା ପରିଚାଳନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ହରିହର ନାୟକ, ଆଶୁତୋଷ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟା କବିତା ସାହୁ, ଯୁଯୋମୁରା ବ୍ଲକ ବିଜେଡି ଯୁବ ସଭାପତି ଆନନ୍ଦ କୁମାର ପଣ୍ଡା, ପଞ୍ଚାୟତ ସଭାପତି ଅଶ୍ୱନୀ ନାୟକ, ଝସକେତନ ନାୟକ, ଅଶ୍ୱିନି ମିଶ୍ର, ପୁରବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ବିଜେଡି ବ୍ଲକ ସଭାପତି ବିନୋଦ କୁମାର ବଡପଣ୍ଡା, ସରୋଜ ସାମଲ, ଇସମାଇଲ ବଢ଼ାଇ, ଗଣେଷ ତାଣ୍ଡିଆ, ଖରାଂଶୁ ଦେବ, ସିଲୁ ଶୁକ୍ଳା, ପ୍ରତାପ ନାୟକ, ଅୟସକାନ୍ତ ବଡପଣ୍ଡା, ବିଜୟ ସ୍ୱାଇଁ, ଅମ୍ବରିଷ ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।



# ବିପୁଳ ପରିମାଣରେ ନିଶା ଇଞ୍ଜେକ୍ସନ ଓ ଟାବ୍‌ଲେଟ୍ ସହ ଅଭିଯୁକ୍ତ ଗିରଫ

**ପଦ୍ମପୁର, ୫।୫ (ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ମୁକ୍ତ କରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ବେଆଇନ ନିଶାଦ୍ରବ୍ୟ ପ୍ରତି ଦୃଷ୍ଟି ରଖି ଥାନା ଅଧିକାରୀ ମମତା ନାଏକଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟହ ସୀମାନ୍ତରେ ଚେକିଂକୁ କଡ଼ାକଡ଼ି କରାଯାଉଛି । ଆଜି କୌଣସି ସୂତ୍ରରୁ ଖବର ପାଇ ସବ ଇନ୍ସପେକ୍ଟର ଭକ୍ତ ରଞ୍ଜନ ସାହୁ ଓ ସହକର୍ମୀ ଗାଇସିଲଟ ପଦ୍ମପୁର ରାସ୍ତା ଗଡ଼ଭାଟି ଛକ ଠାରେ ଓଡି ୧୭ଭି ୨୨୪୬ବାଇକକୁ ଅଟକ ରଖି ଯାଞ୍ଚ କରିଥିଲେ । ବାଇକ ଚାଳକ ପଦ୍ମପୁର ନେହେରୁ ଗଳିର ରାକୁ ଓରଫ ରାଜେଶ ନାଏକଙ୍କ ଠାରୁ ୧୪ଶହ ପେଣ୍ଟାଯୋସିନ ଇଞ୍ଜେକସନ, ୧୦ହଜାର ନାଇଟ୍ରୋସେନ ଟେବଲେଟ, ୫୨ବୋତଲ କଫ ସିରଫ ସହ ବାଇକ ଜବତ କରିଥିଲେ । ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ମଡ଼ମଡ଼ାର ପରେଶ ବେହେରା, ତାଲପାଲିର ମନୋଜ ବାଜପେୟୀ, ଅଡାପାଣିର ହେମନ୍ତ ହଂସକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ ।



## ଚାଷୀଙ୍କ ମୁହଁରେ ହସ ଫୁଟିଛି

# ଅଣ ଜଳସେଚିତ ଜମିରେ ହୋଇଛି ଜଳସେଚନ

**ବରଗଡ଼, ୫।୫(ସମିସ)**

ବରଗଡ଼ ସଦର ବ୍ଲକର ଅଣଜଳସେଚିତ ଜମିରେ ଜଳସେଚନ ହେଉଛି ବିକାଶର ଏକ ପ୍ରମୁଖ ଉଦାହରଣ । ୨୭ ଟି ପଞ୍ଚାୟତକୁ ନେଇ ସଦର ବ୍ଲକର ଗଠିତ । ଏହି ବ୍ଲକର ୨୧ ପଞ୍ଚାୟତ ଜଳସେଚିତ ହୋଇଥିବା ବେଳେ ସେଥି ମଧ୍ୟରୁ ଗୋବିନ୍ଦପୁର, ଚକରକେନ୍ଦୁ, ବୀରମାଲ, ନିଲେଶ୍ୱର, ଏସ୍. ଡୁମ୍ବେରପାଲି, ସରସରାର କିଛି ଅଂଶ ସର୍ବମୋଟ ୬ ପଞ୍ଚାୟତ ଚିରମରୁଡ଼ି ଓ ଅଣ ଜଳସେଚିତ ପଞ୍ଚାୟତ ଭାବେ ପରିଗଣିତ । ତେବେ ବରଗଡ଼ର ମୁଖ୍ୟ କେନାଲ ଗୋବିନ୍ଦପୁର ପଞ୍ଚାୟତ ଠାରୁ ଖୁବ୍ ନିକଟରେ ପ୍ରବାହିତ ହୋଇଥିଲେ ସୁଦ୍ଧା ଉପରୋକ୍ତ ପଞ୍ଚାୟତ ଗୁଡ଼ିକ ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅଣଜଳସେଚିତ ହୋଇ ରହିଛି । ଜଳସେଚନ ଏହି ପଞ୍ଚାୟତ ଗୁଡ଼ିକ ପାଇଁ ସ୍ୱପ୍ନ ପାଲଟିଥିଲା । ରାଜ୍ୟ ସରକାରଙ୍କ ବିଜୁ କୃଷକ ଯୋଜନାରେ ଗଭୀର ନଳକୂପ ଭରସାରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଚାଷ କରି ଆସୁଥିଲେ । ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ଅଣ ଜଳସେଚିତ ଅଞ୍ଚଳକୁ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପରେ ସାମିଲ କରିଥିଲେ । ହେଲେ ଏହି ପ୍ରକଳ୍ପରେ ବରଗଡ଼ ସଦର ବ୍ଲକର ଏହି ୬ ପଞ୍ଚାୟତ ଜଳସେଚନରୁ ବଞ୍ଚିତ ହୋଇଥିଲା । ମାତ୍ର ବିଧାୟକ ଦେବେଶ ଆଚାର୍ଯ୍ୟ ଏହି ଅଞ୍ଚଳର ଚାଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ୬ ପଞ୍ଚାୟତକୁ ଜଳସେଚନ ସୁବିଧା ପାଇଁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ଅର୍ଥ ମଞ୍ଜୁର କରାଇ ପ୍ରକଳ୍ପକୁ ଅନୁମୋଦନ କରାଇଥିଲେ । ତେବେ ହୀରାକୁଦ ଜଳଭଣ୍ଡାରରୁ ପାଣି ଆସି ଚାଷ ହେବ ଏହା ଏ ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଥିବା ବେଳେ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କ ଉଦ୍ୟମରେ ଖୁବ୍ କମ୍ ଦିନ ଭିତରେ ଏହା ସାକାର ହେବାକୁ ଯାଉଛି । ଜଳସେଚନ ପାଇଁ ସମସ୍ତ କାର୍ଯ୍ୟ ପ୍ରାୟ ଚୁଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିବା ବେଳେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଇତି ମଧ୍ୟରେ ଲୋକାର୍ପିତ ହୋଇସାରିଛି । ଚଳିତ ନିର୍ବାଚନରେ ଏହି ୬ ପଞ୍ଚାୟତର ମତଦାତାଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ରହିଛି ।





## ଅଣ ଜଳସେଚିତ କଟାପାଲି ଓ ମହୁଲପାଲି ପଞ୍ଚାୟତ ହେବ ଜଳସେଚିତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷି ଓ କୃଷକ ଙ୍କ ବିକାଶ କଥା ଚିନ୍ତା କରି ଅଣ ଜଳସେଚିତ ଅଞ୍ଚଳ ପାଇଁ ଗଙ୍ଗାଧର ମେହେର ଜଳ ସେଚନ ପ୍ରକଳ୍ପ ଲୋକାର୍ପଣ କରି ଐତିହାସିକ ପଦକ୍ଷେପ ନେଇ ଥିବା ବେଳେ ଏହା ଅଣ ଜଳସେଚିତ ଅଞ୍ଚଳ ର ଚାଷୀ ମାନଙ୍କ ପାଇଁ ବରଦାନ ପାଲଟିବାକୁ ଯାଉଛି ।ତେବେ ବରଗଡ଼ ବ୍ଲକ ର କିଛି ପଞ୍ଚାୟତ ଓ ବରପାଲି ବ୍ଲକ କଟାପାଲି ଗ୍ରାମ ପଞ୍ଚାୟତ ର କିୟତ୍ ଅଂଶ ଓ ମହୁଲପାଲି ପଞ୍ଚାୟତର ମହୁଲପାଲି, ବାଞ୍ଜିପାଲି, ଚିକନିପାଲି, ବାଦିପାଲି ଆଦି ଅଞ୍ଚଳ ଗଙ୍ଗାଧର ମେହେର ଜଳ ପ୍ରକଳ୍ପ ରେ ବଞ୍ଚିତ ହୋଇଥିବା ବେଳେ ବିଧାୟକ ଦେବେଶ ଆଚାର୍ଯ୍ୟ ଙ୍କ ଉଦ୍ୟମ ରେ ଏହି ସବୁ ଅଣ ଜଳସେଚିତ ଅଞ୍ଚଳ କୁ ଜଳସେଚିତ ଅଞ୍ଚଳ ରେ ପରିଣତ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇ ସରକାରୀ ସ୍ତରରେ ପଦକ୍ଷେପ ନିଆ ଯାଇଥିବା ଜଣାପଡ଼ିଛି । ଏହି ସବୁ ଅଞ୍ଚଳ ଖୁବ ଶୀଘ୍ର ଜଳ ସେଚନର ସୁବିଧା ହେବାକୁ ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି ।

# ବରଗଡ଼ରେ ଦେବେଶଙ୍କ ଘରକୁ ଘର ପ୍ରଚାର



**ବରଗଡ଼, ୫।୫(ସମିସ) :** ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଚଳିତ ନିର୍ବାଚନରେ ପୌରପରିଷଦର ବିଭିନ୍ନ ୱାର୍ଡରେ ପ୍ରତି ଘରକୁ ଯାଇ ଭୋଟରଙ୍କୁ ଭେଟି ବିଜେଡି ସପକ୍ଷରେ ମତଦାନ ପାଇଁ ନିବେଦନ କରୁଛନ୍ତି । ଏଥି ସହିତ ପ୍ରତି ୱାର୍ଡରେ ବିଗତ ଦିନରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ମଧ ଜନସାଧାରଣଙ୍କୁ ଅବଗତ କରାଉଥିବା ବେଳେ ଆଗାମୀ ଦିନରେ ବରଗଡ଼ର ବିକାଶର ଧାରାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆହୁରି ଆଗକୁ ବଢ଼ାଇବା ପାଇଁ ପୁଣି ଥରେ ଆଶୀର୍ବାଦ ଲୋଡୁଛନ୍ତି । ତେବେ ଏହି କାର୍ଯ୍ୟକ୍ରମ ଅବସରରେ ୱାର୍ଡ ନମ୍ବର ୧୦ ରେ ସ୍ଥାନୀୟ କାଉନସିଲର ଉମାଚରଣ ରାଉତ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଲିପୁ ସାହୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ବିଧାୟକ ଆଚାର୍ଯ୍ୟଙ୍କ ସହିତ ସାମିଲ ହୋଇ ୱାର୍ଡର ପ୍ରତି ଘରକୁ ଯାଇ ନିର୍ବାଚନୀ ପ୍ରଚାର ପତ୍ର ବଣ୍ଟନ କରିବା ସହ ରାଜ୍ୟ ଓ ବରଗଡ଼ର ଡବଲ ବିକାଶ ପାଇଁ ଡବଲ ଶଙ୍ଖରେ ଆଶୀର୍ବାଦ କାମନା କରୁଛନ୍ତି । ତେବେ ଖୋଦ ବିଧାୟକ ଆଚାର୍ଯ୍ୟ ପ୍ରତି ଘରେ ପହଞ୍ଚୁଛନ୍ତି ।

# ଝାରବନ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ଷାଙ୍କ ପ୍ରଚାର

**ପଦ୍ମପୁର, ୫।୫ (ସମିସ):** ପଦ୍ମପୁର ବିଜେଡି ପକ୍ଷରୁ ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂବରିହା ଅପରାହ୍ନରେ ଝାରବନ୍ଧ ବ୍ଲକର ନିତ୍ୟାନନ୍ଦ ପୁର, କପସିପାନି, ବନ୍ଦରାଜୁରୀ, ବିଲାସପୁର, କୁସୁମଦର୍ହା, ବିଜାଢ଼ୋଲ, ସରଗୁଲ, ଡୁଡୁକିଦାଦରରେ ଭୋଟ ଭିକ୍ଷା କରିଛନ୍ତି । ନବୀନ ପଟ୍ଟନାୟକ ସରକାରଙ୍କ ଅମଳରେ ହୋଇଥିବା ବିକାଶ ମୂଳକ କାମ ଓ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ଏହି ସଭାରେ ବ୍ଲକ ସଭାପତି ଯତିନ ହାତୀ, ଜିଲ୍ଲା ପରିଷଦ ସଭ୍ୟ ଶୁସିଲ ମରେଇ, ବରିଷ୍ଠ ବିଜେଡି ନେତା ବିଜୟ କେତନ ପଧାନ, ନନ୍ଦ ଲାଲ ମହାପାତ୍ର, ବିଦ୍ୟୁତ ରଞ୍ଜନ ପ୍ରଧାନ ସମେତ ଦଳିୟ କର୍ମୀ ଉପସ୍ଥିତ ଥିଲେ ।

# ବିଜେପି ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏଙ୍କ ପ୍ରଚାର

**ପଦ୍ମପୁର, ୫।୫(ସମିସ):** ପଦ୍ମପୁର ନିର୍ବାଚନ ମଣ୍ଡଳୀ ବିଜେପି ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ଆଜି ପଦ୍ମପୁର, ଝାରବନ୍ଧ ଓ ପାଇକମାଲ ବ୍ଲକରେ ମାରାଥାନ ପ୍ରଚାର କରିଛନ୍ତି । ପ୍ରାର୍ଥୀ ଶ୍ରୀ ଭୁଏ ପଦ୍ମପୁର ବ୍ଲକ ନୂଆଁପାଲି, ପାଇକମାଲ ବ୍ଲକର ବିଜାଡିହି, ଭଣ୍ଡାରିପୁରୀ ସମେତ ଝାରବନ୍ଧ ବ୍ଲକର କୁକୁରିମୁଣ୍ଡା, ଜାମପାଲି, ଦାବପାଲି, କୁର୍ଲୁପାଲି ଠାରେ ପ୍ରଚାର କରିଛନ୍ତି । ତାଙ୍କ ସହିତ ଦୁର୍ଗା ପ୍ରସାଦ ଅଗ୍ରୱାଲ, ମୋହନ ନାୟକ, ମଣ୍ଡଳ ସଭାପତି ହରିହର ପଟେଲଙ୍କ ସମେତ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବିଜେପୁର ନିର୍ବାଚନ ମଣ୍ଡଳୀରେ ଯୋଡ଼ି ଶଙ୍ଖର ପ୍ରଚାର



**ବରପାଲି, ୫।୫(ସମିସ):** ବିଜେପୁର ନିର୍ବାଚନ ମଣ୍ଡଳୀରେ ଯୋଡ଼ି ଶଙ୍ଖର ପ୍ରଚାର ଜାରି ରହିଛି । ସାଧାରଣ ନିର୍ବାଚନରେ ମତଦାନ ତିଥି ଆଉ ମାତ୍ର ପନ୍ଦର ଦିନ ବାକି ରହିଥିବା ବେଳେ ବିଭିନ୍ନ ଦଳୀୟ ପ୍ରାର୍ଥୀ ଓ ନେତା ବିଜୟ ଆଶାରେ ଲାଗି ପଡ଼ିଛନ୍ତି । ଏହି ଅବସରରେ ହେବିୱେଟ ନେତା ମାନଙ୍କ ପ୍ରଚେଷ୍ଟା ମଧ ଯୋର ଧରିଛି । ଆସନ୍ତା ୮ତାରିଖ ମଧ୍ୟାହ୍ନରେ ବିଜେପୁର ଏମ୍ ଗଣ୍ଡପାଲି ପଡ଼ିଆରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ସାଧାରଣ ସଭା ପାଇଁ ଆୟୋଜନ ଚାଲିଛି । ଏଥିପାଇଁ ଦଳୀୟ କର୍ମୀ ଓ ନେତା ମାନେ କର୍ମଚଞ୍ଚଳ ହୋଇ ଉଠିଛନ୍ତି । ଆଜି ବିଜେପୁର ଓ ଗାଇସିଲେଟ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ବିଜେପୁର ବିଧାନସଭା ପ୍ରାର୍ଥିନୀ ରିତା ସାହୁଙ୍କ ସମେତ ବରଗଡ଼ ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ର ସହ ବିଜେପୁର ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ ଏମ୍. ଶ୍ରୀଗିଡା, ବରମୁଣ୍ଡା ଓ ପଡ଼ା ପଞ୍ଚାୟତରେ ଯୋଡ଼ି ଶଙ୍ଖ ପାଇଁ ନିର୍ବାଚନୀ ପ୍ରଚାର କରିଥିଲେ । ସେହିପରି ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗନିଆପାଲି, ଚାଣ୍ଟିପାଲି, କୁଣ୍ଡାଖାଇଁ, ଗୁଦେରପାଲି ଓ ଚିଖିଲି ପଞ୍ଚାୟତରେ ପ୍ରଚାର କରିଥିଲେ ।

# ବିଜେପି ସାଧାରଣ ସମ୍ପାଦକଙ୍କ ବିଜେଡିରେ ଯୋଗଦାନ



**ବରଗଡ଼, ୫।୫(ସମିସ):** ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର କର୍ମୀମାନଙ୍କ ଦଳ ଡିଆଁ ଜାରି ରହିଛି । ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୩ ନିବାସୀ ଟାଉନ ଭାଜପା ସାଧାରଣ ସମ୍ପାଦକ ଈଶ୍ୱର ବିଦ୍ୟାସାଗର ଚାଣ୍ଡେଲ୍ ତାଙ୍କ ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦାନ କରିଛନ୍ତି । ବିଜେଡି ଟାଉନ ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତା ଓ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ସେ ବିଜେଡି ଦଳରେ ସାମିଲ ହୋଇଥିଲେ । ଶ୍ରୀ ଚାଣ୍ଡେଲ୍ ଗତ ପୌର ନିର୍ବାଚନରେ ବିଜେପି କାଉନସିଲର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ କାର୍ଯ୍ୟ ଓ ଦୃଢ଼ ନେତୃତ୍ୱ ତଥା ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା ଉଲ୍ଲେଖ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନ ରେ ୱାର୍ଡ ନମ୍ବର ୩ ରେ ବିଜେଡି ଆହୁରି ସୁଦୃଢ଼ ହେବ ବୋଲି ଉଲ୍ଲେଖ କରିଥିଲେ ।

# ସେନାରେ ଯୋଗଦେବା ପରେ ଗାଁକୁ ଆସିଥିବା ଯବାନଙ୍କୁ ସ୍ୱାଗତ

**ବରଗଡ଼, ୫।୫(ସମିସ):** ବିଏସଏଫରେ ଯୋଗଦେବା ପରେ ପ୍ରଥମ ଥର ଘରକୁ ଫେରିଥିବା ବରଗଡ଼ ଅମ୍ବାପାଲିର ଯବାନ ଅନିଲ କୁମାର ବିର୍ତ୍ତିଆଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗତ ଅକ୍ଟୋବର ମାସରେ ବରଗଡ଼ ୱାର୍ଡ ନମ୍ବର ୧୭ ଅମ୍ବାପାଲି ନିବାସୀ ପୂର୍ଣ୍ଣଚନ୍ଦ୍ର ବିର୍ତ୍ତିଆଙ୍କ ପୁଅ ଅନିଲ ଜମ୍ମୁର ଉଧମପୁରରେ ବିଏସଏଫ ଯବାନ ଭାବେ ଯୋଗଦେଇଥିଲେ । ଟ୍ରେନିଂ ଶେଷ ହେବା ପରେ ରବିବାର ବିଏସଏଫ ଯବାନ ଅନିଲ କୁମାର ବିର୍ତ୍ତିଆ ବରଗଡ଼ ପହଞ୍ଚିଥିବା ବେଳେ ସ୍ଥାନୀୟ ବୀର ଛକରେ ସ୍ୱାଗତ କରାଯିବା ସହ ମୋଟର ସାଇକେଲ ରାଲିରେ ଅମ୍ବାପାଲି ପାଛୋଟି ନିଆଯାଇଥିଲା । ଜନ୍ମମାଟିକୁ ପହଁଞ୍ଚିବା ପରେ ଅଞ୍ଚଳବାସୀ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ବୀର ଛକରୁ ପ୍ରତାପ, ଜଗବନ୍ଧୁ, ରଞ୍ଜିତ, କିଶନ, ସୋମ, ପ୍ରିୟାଂଶି, ସୁନିଲ, ସୁଶୀଲ, ଦିବ୍ୟ, ସୌମ୍ୟ, ଆଶିଷ, ରାଜୁ, ଚିଣ୍ଟୁ, ସୁଶାନ୍ତ, ସାହିଲ, ଆକାଶ, ଶେଷଦେବଙ୍କ ସମେତ ବହୁ ଯୁବକଙ୍କୁ ତାଙ୍କୁ ସ୍ୱାଗତ କରି ନେଇଥିଲେ ।



# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ଥୁଆପାଲି, ୫।୫(ସମିସ):** ବୈଇପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରସାନନ୍ଦ ଦଳଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅବସରରେ ଏକ ସଭା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଟଙ୍କଧର ମହାଲିଙ୍ଗଙ୍କ ଅଦ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଥବିର କୁମାର ମେହେର, ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ନାୟକ, ସୁଶିଲ ଦାଶ, ରାହାସ ଆଚାର୍ଯ୍ୟ, ଗଣେଶ କର୍ଣ୍ଣ, ପ୍ରେମାନନ୍ଦ ଷଣ୍ଢ ଓ ପ୍ରେମରାଜ ଦେହେରି ଯୋଗଦାନ କରି ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀ ଦଳଙ୍କ କାର୍ଯ୍ୟଶୈଳୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି, ଗ୍ରାମବାସୀଙ୍କ ସହ ଉତ୍ତମ ସମ୍ପର୍କ ରଖି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି କହିଥିଲେ । ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପରିଚାଳନା କମିଟି ଓ ଗ୍ରାମବାସୀ ତରଫରୁ ଶ୍ରୀ ଦଳଙ୍କୁ ଉପଢୌକନ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ପରିଚାଳନା କମିଟି, ସମସ୍ତ ଅଭିଭାବକ, ଅଭିଭାବିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଝାରବନ୍ଧରେ ବିଶାଳ ଆଦିବାସୀ ସମାବେଶ

**ପଦ୍ମପୁର /ଝାରବନ୍ଧ, ୫।୫ (ସମିସ)**

ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଝାରବନ୍ଧ ଠାରେ ଜିଲ୍ଲା ଆଦିବାସୀ ସଂଘ ଦ୍ୱାରା ବ୍ଲକ ସ୍ତରୀୟ ଆଦିବାସୀ ସମାବେଶ କରାଯାଇଥିଲା । ରାଜେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବରଗଡ଼ ସାଂସଦ ପ୍ରାର୍ଥିନି ପରିଣୀତା ମିଶ୍ର, ପଦ୍ମପୁର ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂ ବରିହା, ସର୍ବଭାରତୀୟ ବିନ୍ଧ୍ୟବାସିନୀ ବିଂଝାଲ ସମାଜ ଲାଟ ସଭାପତି ହୃଷିକେଶ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟମନ୍ତ୍ରୀ ଅଣ ସଂରକ୍ଷିତ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଝିଅ ବର୍ଷା ସିଂ ବରିହାଙ୍କୁ ଦଳୀୟ ଟିକେଟ ଦେଇଥିବାରୁ ସଭାରେ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଆଦିବାସୀ ମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଗଠନ, ରାଜଧାନୀରେ ଆଦିବାସୀ ଭବନ ନିର୍ମାଣ ପାଇଁ ଶହେ କୋଟି ଟଙ୍କା ପ୍ରଦାନ, ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି, ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୟ ପାଇଁ ଏମ୍ଏସ୍‌ପି ପ୍ରଦାନ, ୮ ଲକ୍ଷ କେନ୍ଦୁପତ୍ର ତୋଳାଳୀଙ୍କ ବୋନସ, ଖାଦ୍ୟ ସୁରକ୍ଷା ଯୋଜନାରେ ଆହାର କେନ୍ଦ୍ର ବ୍ୟବସ୍ଥା, ସାମାଜିକ ନିରାପତ୍ତା ଭତ୍ତା ବୃଦ୍ଧି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବର୍ଷକୁ ମହିଳାଙ୍କ ପାଇଁ ଦଶ ଲକ୍ଷ ଏବଂ ପୁରୁଷମାନଙ୍କୁ ୫ ଲକ୍ଷ ଟଙ୍କା ସହାୟତା, ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଦଳ ପାଇଁ ବିନା ସୁଧରେ ଦଶ ଲକ୍ଷ ଟଙ୍କା ଋଣ, କାଳିଆ ଯୋଜନା, ବଳିଆ ଯୋଜନାରେ କୃଷକ ଏବଂ ବୁଣାକାର ମାନଙ୍କୁ ପ୍ରୋତ୍ସାହନ ରାଶି ସହ ବିନା ସୁଧରେ ଋଣ, ନିର୍ମାଣ ଶ୍ରମିକ ସୁରକ୍ଷା ପାଇଁ ଆର୍ଥିକ ସହାୟତା, ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ସହାୟତା, ୫ଟି ସ୍କୁଲ କଲେଜରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ଗାଁ କୁ ସଡ଼କ, ବିଜୁଳି, ପାଣି ସୁବିଧା, ମାତୃ ଗର୍ଭରୁ ମୃତ୍ୟୁ ପର୍ଯ୍ୟନ୍ତ ଜନ ହିତକାର ଯୋଜନା, ଆଦିବାସୀ ଉନ୍ନୟନ ଯୋଜନା ବିଷୟରେ ରାଜ୍ୟସଭା ସାଂସଦ ଶ୍ରୀ ବିଶି ଆଲୋକପାତ କରିଥିଲେ । ଓଡ଼ିଶାର ଚଉଷଠି ଆଦିବାସୀ ସମ୍ପ୍ରଦାୟ ତଥା ଏକ କୋଟି ରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି । ତେଣୁ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଆଦିବାସୀ ଭୋଟର ଭାଇ ଭଉଣୀ ଡବଲ ଶଙ୍ଖରେ ଭୋଟ ଆଶୀର୍ବାଦ ଦେବା ପାଇଁ ଆବେଦନ କରିଥିଲେ । ସମାବେଶରେ ଝାରବନ୍ଧ ବ୍ଲକ ର ବିଂଝାଲ, ସହରା, ଗଣ୍ଡ, କନ୍ଧ, ଦଳ, ମିର୍ଦ୍ଧା, କୁଡା ସମାଜର ହଜାର ହଜାର ଆଦିବାସୀ ଯୋଗ ଦେଇଥିଲେ । ଜାତିର ଝିଅ ବର୍ଷା ସିଂ ବରିହାଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ଆଦିବାସୀ ମାନେ ହରିବୋଲ ହୁଳହୁଳି କରତାଳି ଦେଇଥିଲେ ।




# ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଫଳମୂଳ ଓ ସରବତ ବଣ୍ଟନ



**ବରଗଡ଼, ୫।୫(ସମିସ):** ଅମ୍ବାଭୋନା ବ୍ଲକ ଉତ୍ତମ ପଞ୍ଚାୟତରେ ସମାଜସେବୀ ବୈଷ୍ଣବ ଭୋଇ, ସଞ୍ଜିବ କୁମାର ମହାପାତ୍ର, ରାକେଶ କୁମାର ଗଡ଼ତିଆ, ଲକ୍ଷ୍ମୀ ନାରାୟଣ ବୈଗା ପ୍ରମୁଖ ଉତ୍ତମ, ଉଧେପାଲି, ଲେଲେହର, ଚଣ୍ଡିପାଲି ଗ୍ରାମ ମାନଙ୍କରେ ଥିବା ବିଭିନ୍ନ ଅସହାୟ, ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କୁ ସରବତ ଓ ଫଳମୂଳ ପ୍ରଦାନ କରିଥିଲେ । ଏଭଳି କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ବାରପାହାଡ଼, ଡେବ୍ରିଗଡ଼ ବନାଞ୍ଚଳରେ ଆରମ୍ଭ କରାଯାଇଛି । ଆଗାମୀ ସମୟରେ ଏହାକୁ ଆହୁରି ସମ୍ପ୍ରସାରିତ କରାଯିବ ବୋଲି ଶ୍ରୀ ଭୋଇ ପ୍ରକାଶ କରିଛନ୍ତି । ପ୍ରବଳ ଗ୍ରୀଷ୍ମକାଳରେ ବୃଦ୍ଧବୃଦ୍ଧା ମାନଙ୍କ ପ୍ରତି ପରିବାରର ସଦସ୍ୟ ମାନେ ଯତ୍ନଶୀଳ ହେବେ ଏବଂ ଯୁବ ସମାଜସେବୀ ମାନ ଏହି କ୍ଷେତ୍ରରେ ଆକୃଷ୍ଟ ହେବେ ବୋଲି ଆଶା କରାଯାଉଛି । ଏହି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

ଅପରାଧ ଦୁନିଆ ତୁଳନାରେ ରାଜନୀତିରେ ଅଧିକ ଉପାର୍ଜନ ହୁଏ।
-ଆଲ୍‌ଫ୍ରେଡ୍ ନ୍ୟୁମାନ୍



ସକାଳ
THE SAKALA

## ଚଳିତ ନିର୍ବାଚନରେ ଅପରାଧର କାଳଛାୟା

# ନିର୍ବାଚନ ସଂସ୍କାର ସମୟ ବିତିଯାଉଛି

ଚଳିତ ସାଧାରଣ ନିର୍ବାଚନରେ ରାଜନୈତିକ ଦଳମାନଙ୍କ ମଧ୍ୟରେ ଆରୋପ, ଆକ୍ଷେପ, ଅଭିଯୋଗ, ଅଶାଳୀନ ମନ୍ତବ୍ୟ ଆଦିର ପ୍ରତିଯୋଗିତା ଚାଲିଥିବା ବେଳେ ହଠାତ୍ କର୍ଣ୍ଣାଟକର ଏକ ଘଟଣା ନିର୍ବାଚନୀ ପାଣିପାଗକୁ ଆହୁରି ଉଷ୍ମ କରିଦେଇଛି। ଏହା ଏପରି ଏକ ଲୋମଟାଙ୍କୁରା ଓ ଉଦ୍‌ବେଗଜନକ ଆପରାଧିକ ଘଟଣା, ଯାହା ସାଂଘାତିକ, ଅଭୂତପୂର୍ବ ଓ ଅଶ୍ରୁତପୂର୍ବ। ଦୁର୍ନୀତିମୁକ୍ତ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ପାଇଁ ଏହା ଏକ ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେଗୌଡ଼ାଙ୍କ ନାତି ତଥା କର୍ଣ୍ଣାଟକର ହାସନ୍ ସଂସଦୀୟ ମଣ୍ଡଳୀରୁ ନିର୍ବାଚିତ ସାଂସଦ ଓ ବର୍ତ୍ତମାନର ପ୍ରାର୍ଥୀ ପ୍ରଜ୍ୱଳ ରେବନ୍ନା ଯେ ୩୦୦୦ରୁ ଅଧିକ ଯୌନ କେଳେଙ୍କାରୀରେ ଅଭିଯୁକ୍ତ ତାହା ମାତ୍ର ଦୁଇ ସପ୍ତାହ ପୂର୍ବରୁ ଜଣା ନ ଥିଲା। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ସେ ଜର୍ମାନୀ ଚାଲିଯାଇଛନ୍ତି ଏବଂ ତାଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ୍ ଜାରି ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତୀୟ ନିର୍ବାଚନୀ ରାଜନୀତିରେ ଅଲୋଡ଼ା କୁତ୍ସିତ ରେକର୍ଡ ସୃଷ୍ଟି କରିଥିବା ଏହି ଯୌନ କେଳେଙ୍କାରୀ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପ୍ରଜ୍ୱଳଙ୍କ ପିତା ତଥା ଏଚ୍ ଡି ଦେବେଗୌଡ଼ାଙ୍କ ପୁଅ ଏଚ୍ ଡି ରେବନ୍ନାଙ୍କୁ ଏସ୍‌ଆଇଟି ଗିରଫ କରି ହାଜତକୁ ପଠାଇଦେଇଛି। ଦେବେଗୌଡ଼ାଙ୍କ ଦଳ ଜେଡିଏସ୍ ନିକଟରେ ଏନ୍‌ଡିଏରେ ସାମିଲ୍ ହୋଇଥିବାରୁ ସ୍ୱାଭାବିକ ଭାବେ ଏହି ଘଟଣା ଜାତୀୟ ଭୋଟ ରାଜନୀତିରେ କମ୍ପନ ସୃଷ୍ଟି କରିଛି।

ପ୍ରଜ୍ୱଳଙ୍କ ବିରୋଧରେ ଅଭିଯୋଗ ହେଉଛି ଯେ ସେ ପ୍ରାୟ ୩ ହଜାର ଅଶ୍ଳୀଳ ଭିଡିଓ ସୁଟିଂ କରିଛନ୍ତି ଏବଂ ଅନେକ ଅପହରଣ କରିଛନ୍ତି। ଏ ସମ୍ପର୍କିତ ପ୍ରାୟ ୨୦୦ ଭିଡିଓ ସାମ୍ନାକୁ ଆସିବା ପରଠାରୁ ଅଭିଯୋଗ ସମ୍ପର୍କରେ ଅଧିକ ପ୍ରମାଣ ମିଳୁଛି ଏବଂ ନୂତନ ଅଭିଯୋଗମାନ ଆସିଚାଲିଛି। ଏଠାରେ ବିଡ଼ମ୍ବନା ହେଉଛି ପ୍ରଜ୍ୱଳ ଯେଉଁ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ସେଠାରେ ଭୋଟଦାନ ସରିଯାଇଛି। କିନ୍ତୁ ଏହି ଅଭିଯୋଗ ଓ ପ୍ରମାଣ ଭୋଟଦାନ ପ୍ରକ୍ରିୟା ସମାପ୍ତ ହେବା ପରେ ହିଁ ପ୍ରଘଟ ହୋଇଛି। ସାମ୍ବିଧାନିକ ଓ ବର୍ତ୍ତମାନର ଜନପ୍ରତିନିଧି ଆଇନ ବ୍ୟବସ୍ଥା ଅନୁସାରେ ଏହି ଘଟଣା ଆଧାରରେ ସେଠାରେ ପୂର୍ବ ଭୋଟଦାନକୁ ବାତିଲ କରି ତତ୍କାଳ ସାନି ଭୋଟଦାନ କରାଯାଇପାରିବ ନାହିଁ। ତେଣୁ ଗଣତିରେ ପ୍ରଜ୍ୱଳ ଯଦି ଜିତି ଯାଆନ୍ତି ତେବେ ମଧ୍ୟ ତାଙ୍କ ସଭ୍ୟ ପଦ ତତ୍କାଳ ରଦ୍ଦ ହେବ ନାହିଁ। କାରଣ ଆମ ନିର୍ବାଚନୀ ବିଧିବ୍ୟବସ୍ଥା ଅନୁଯାୟୀ ସେ ଅଦାଲତରେ ଦୋଷୀ ସାବ୍ୟସ୍ତ ହେବା ପରେ ଏବଂ ତିନିବର୍ଷରୁ ଅଧିକ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେଲେ ଯାଇ ତାଙ୍କ ସଭ୍ୟ ପଦ ରଦ୍ଦ ହେବ। ଆମ ଦେଶରେ ଅନୁସନ୍ଧାନ, ଚାର୍ଜସିଟ୍ ଦାଖଲ ଓ ବିଚାର ପ୍ରକ୍ରିୟା ଯେଭଳି ମନ୍ଥର ଗତିରେ ଚାଲିଛି ସେହି ଆଧାରରେ ଦେଖିଲେ ପ୍ରଜ୍ୱଳଙ୍କ ସଭ୍ୟ ପଦ ଏତେ ଶୀଘ୍ର ରଦ୍ଦ ହେବାର ସମ୍ଭାବନା ଦିଶୁ ନାହିଁ। ଏହା ହେବ ଭାରତୀୟ ଗଣତାନ୍ତ୍ରିକ ନିର୍ବାଚନର ସବୁଠାରୁ ବଡ଼ ବିଡ଼ମ୍ବନା। ଏପଟେ ସେ ଯଦି ସେହି ଆସନରୁ ନିର୍ବାଚିତ ହୁଅନ୍ତି ତେବେ ତାଙ୍କୁ ଶପଥ ନେବାକୁ ସୁଯୋଗ ମିଳିବ କି ନାହିଁ ତାହା ମଧ୍ୟ ଆଉ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି।

ଏ ସବୁ ମଧ୍ୟରେ ସବୁଠାରୁ ଅଧିକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ବିଚରା ଭୋଟର। ନିର୍ବାଚନକୁ ଅପରାଧ ଓ ଅପରାଧୀ ମୁକ୍ତ କରିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ ବହୁବିଧ ପଦକ୍ଷେପ ନେଉଛନ୍ତି। ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବା ପୂର୍ବରୁ ସେମାନଙ୍କ ବିରୋଧରେ ଆପରାଧିକ ମାମଲା ଅଛି କି ନାହିଁ, କେଉଁଠି ଓ କେତେ ଅଛି ତାହା ପ୍ରାର୍ଥୀମାନେ ସତ୍ୟପାଠ ମାଧ୍ୟମରେ ଗଣମାଧ୍ୟମରେ ନିଜେ ନିଜେ ଘୋଷଣା କରିବା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ପ୍ରାର୍ଥୀମାନେ ସତ୍ୟପାଠରେ ଯେଉଁ ନାମକୁମାତ୍ର ଆପରାଧିକ ବିବରଣୀ ଦେଉଛନ୍ତି ତାହାଠାରୁ ଯେ ଅଧିକ ଅପରାଧରେ ସେମାନେ ଜଡ଼ିତ ନଥିବେ ତାହା ଭୋଟର ଜାଣିବାର ଉପାୟ କ'ଣ? ଆମ ବିଧିବ୍ୟବସ୍ଥାର ବିଡ଼ମ୍ବନା ହେଉଛି ଯେପର୍ଯ୍ୟନ୍ତ ଅଦାଲତରେ ଜଣେ ଦୋଷୀ ସାବ୍ୟସ୍ତ ନ ହୋଇଛି ତାକୁ ଅପରାଧୀ ଘୋଷିତ କରାଯାଇପାରିବ ନାହିଁ। କିନ୍ତୁ ରାଜନୈତିକ ପ୍ରତିପତ୍ତି ଓ କ୍ଷମତାର ଦୁରୁପଯୋଗ କରି ପୁଲିସ୍ ଏତଲା, ଅନୁସନ୍ଧାନ ଓ କାର୍ଯ୍ୟାନୁଷ୍ଠାନରୁ ନିଜକୁ ସୁରକ୍ଷିତ କରି ରଖିପାରୁଥିବା ପ୍ରଜ୍ୱଳଙ୍କ ପରି ନେତାମାନଙ୍କ ଆପରାଧିକ କାର୍ଯ୍ୟକଳାପ ବିଷୟରେ ଭୋଟର ଜାଣିବାର ଉପାୟ ତ ଆଦୌ ନାହିଁ। ପ୍ରଜ୍ୱଳ ଯେତେସବୁ ଅପରାଧ ଘଟାଇ ଚାଲିଥିଲେ ସେ ସମ୍ପର୍କରେ ଭୋଟରଙ୍କ ପାଖରେ ସୂଚନା ନ ଥିଲା କି ସେ ସତ୍ୟପାଠରେ ତାହା ଦାଖଲ କରିନାହାନ୍ତି। ଯେଉଁ କେତେଜଣ ଜାଣିଥିବେ ସେମାନଙ୍କ ପାଖରେ ପ୍ରମାଣ ନଥିବାରୁ ସେ ଜଣେ ସଚ୍ଚୋଟ ନେତା ଭାବେ ବିଧିବ୍ୟବସ୍ଥା ଆଖିରେ ଆଙ୍ଗୁଠି ମାରି ପ୍ରାର୍ଥିପତ୍ର ଦାଖଲ କରି ନିର୍ବାଚନ ଲଢ଼ିଲେ। ଏହାକୁ ଆମ ବିଧିବ୍ୟବସ୍ଥାର ବିଡ଼ମ୍ବନା କୁହାଯିବ ନାହିଁ କାହିଁକି?

କେବଳ ପ୍ରଜ୍ୱଳ କିମ୍ବା ରେବନ୍ନା ନୁହନ୍ତି ଏପରି ହଜାର ହଜାର ରାଜନେତା ଅଛନ୍ତି, ଯେଉଁମାନଙ୍କ ବିରୋଧରେ ମାଳମାଳ ଅଭିଯୋଗ ଥାଇ ମଧ୍ୟ ପ୍ରମାଣ ଅଭାବରୁ ଆଇନ କାନୁନର ଗଳାବାଟରେ ସଚ୍ଚୋଟତାର ମୁଖା ପିନ୍ଧି ନିର୍ବାଚନ ଲଢୁଛନ୍ତି ଓ ଜିତୁଛନ୍ତି। ଆହୁରି ଏକ ବିଡ଼ମ୍ବନା ହେଲା ଆପରାଧିକ ମାମଲାର ପ୍ରମାଣ ଥାଇ ଏବଂ ଘୋଷଣା କରି ସୁଦ୍ଧା ଶହ ଶହ ରାଜନେତା ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲ କରିବାର ଅଧିକାର ପାଉଛନ୍ତି, ବିଜୟ ଲାଭ କରୁଛନ୍ତି ଏବଂ ବିଧାନପାଳିକାରେ ନୀତି ନିର୍ଦ୍ଧାରଣ କରୁଛନ୍ତି। ଏହା ଆମ ସମ୍ବିଧାନ ନା ଜନପ୍ରତିନିଧି ଆଇନର ଦୁର୍ବଳତା ତାହା ଅବଶ୍ୟ ଆଲୋଚନାସାପେକ୍ଷ। ୨୦୨୪ ସାଧାରଣ ନିର୍ବାଚନରେ ଏ ପର୍ଯ୍ୟନ୍ତ ଯେଉଁ ଚାରି ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ହୋଇସାରିଛି ସେ ସବୁର ପ୍ରାର୍ଥୀମାନଙ୍କର ସତ୍ୟପାଠ ଓ ଘୋଷଣାନାମା ଆଧାରରେ 'ଏଡିଆର' ସଂଗଠନ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ମୋଟ ୫୮୭୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୧୦୬ ଜଣଙ୍କ ବିରୋଧରେ ଆପରାଧିକ ମାମଲା ଥିବା ବେଳେ ୭୭୪ ପ୍ରାର୍ଥୀଙ୍କ ବିରୋଧରେ ସଂଗିନ ମାମଲା ରହିଛି। ଅଥଚ ସେମାନଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ମିଳିଛି। ବାହୁବଳ ଓ ଅର୍ଥବଳ ପ୍ରୟୋଗରେ ସେମାନେ ନିର୍ବାଚନରେ ଜିତିବାର ସମ୍ଭାବନା ଅଧିକ ଥିବାରୁ ସଂସଦରେ କେଉଁ ପ୍ରକାର ନୀତି ନିର୍ଦ୍ଧାରଣ କରିବେ ତାହା ସହଜେ ଅନୁମେୟ। ଆମ ବିଧିବ୍ୟବସ୍ଥାର ଆଉ ଏକ ବିଡ଼ମ୍ବନା ହେଲା ଜଣେ ବିଚରାଧୀନ କଏଦୀ ଭୋଟଦାନ ଅଧିକାର ପାଇବ ନାହିଁ ଅଥଚ ଗଣହତ୍ୟା ଅଭିଯୁକ୍ତଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ମିଳିବ, ଯାହା ଏବେ ଯଥାକ୍ରମେ କେଜ୍ରିୱାଲ୍ ଓ ଅମ୍ରିତ ପାଲ୍ ସିଂହଙ୍କ ମାମଲାରେ ଦେଖିବାକୁ ମିଳୁଛି।

ଅବଶ୍ୟ ବିଭିନ୍ନ ଗଣତାନ୍ତ୍ରିକ ଦେଶ ଓ ଉନ୍ନତ ପଶ୍ଚିମ ରାଷ୍ଟ୍ରମାନଙ୍କରେ ଭାରତ ଭଳି ପରିସ୍ଥିତି ଦେଖିବାକୁ ମିଳୁଛି। ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଜଣାଯିବ ଯେ ରିପବ୍ଲିକାନ୍ ନେତା ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ପଦ ପାଇଁ ତାଙ୍କ ଦଳର ପ୍ରାର୍ଥୀ ହେବା ନିଶ୍ଚିତ। ତେବେ ଟ୍ରମ୍ପଙ୍କ ନାଁରେ ଯେଉଁଭଳି ଆପରାଧିକ ମାମଲାର ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇସାରିଛି ସେଥିରେ ଗତ ରାଷ୍ଟ୍ରପତି ନିର୍ବାଚନର ଭୋଟ ଗଣନାରେ ବୁଝିବିଚାରି ବିଘ୍ନ ସୃଷ୍ଟି ପାଇଁ ସେ ଯେଉଁ ସମର୍ଥକମାନଙ୍କର ଭିଡ଼କୁ ଜାତୀୟ ସଂସଦ ଭବନ କ୍ୟାପିଟଲ୍ ହିଲ୍ ଆକ୍ରମଣ କରିବାକୁ ପ୍ରବର୍ତ୍ତାଇଥିଲେ ସେଭଳି ସଂଗିନ ମାମଲା ମଧ୍ୟ ସାମିଲ୍ ଅଛି। ସମ୍ପୃକ୍ତ ବିଚାରପତିଙ୍କ ଦ୍ୱାରା ଆଉ କେତୋଟି ପ୍ରକରଣ ପରେ ଏ ବିଷୟରେ ଜୁରୀ ନିର୍ଣ୍ଣୟ ସଂଗଠିତ ହେବ। ତେଣୁ ଟ୍ରମ୍ପ ଯଦି ଏଭଳି ଗୁରୁତର ଅପରାଧରେ ଦୋଷୀ ସାବ୍ୟସ୍ତ ହେବେ ତେବେ ଏ ବର୍ଷ ଶେଷ ଆଡ଼କୁ ହେଉଥିବା ଆମେରିକାର ଆସନ୍ତା ରାଷ୍ଟ୍ରପତି ନିର୍ବାଚନ ଘୋର ସାମ୍ବିଧାନିକ ସଙ୍କଟରେ କବଳିତ ହେବ। ବିଶ୍ୱର ପ୍ରାୟ ୬୫ଟି ଦେଶରେ ଚଳିତ ବର୍ଷ ସାଧାରଣ ନିର୍ବାଚନ ହେଉଥିବାରୁ ଏହିପରି ଅନେକ ବିଡ଼ମ୍ବନାର ଘଟଣା ଦେଖିବାକୁ ମିଳୁଛି। ତେବେ ଭାରତୀୟ ଗଣତନ୍ତ୍ର ଓ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟାକୁ ନେଇ ଆମେ ଯେଉଁ ଗର୍ବ କରୁଥାଇଁ ସେଥିରେ ପ୍ରଜ୍ୱଳ ରେବନ୍ନା ଭଳି କଳାବାଦଲ ଛାଇଗଲାଣି। ସମୟ ଆସିଛି ବହୁଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ସଂସ୍କାର ହାତକୁ ନେବା ପାଇଁ। ଆଉ ବିଳମ୍ବ କରା ନ ଯାଉ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଲେଖା ଓ ଲୋକମତ ପାଇଁ: sakalaeditorial@gmail.com**

# ଦୁବାଇ ଜଳାର୍ଣ୍ଣବ



**ଡକ୍ଟର ଚିତ୍ତରଞ୍ଜନ ମିଶ୍ର**
ଭୁବନେଶ୍ୱର, ମୋ: ୯୩୩୮୨୦୪୯୯୩

ଏପ୍ରିଲ ୧୯ ତାରିଖ ଦିନ ଦୁବାଇରେ ସଂଘଟିତ ହୋଇଥିବା ଅଭୂତପୂର୍ବ ବନ୍ୟା ପରେ ଏହା ପଛର ଥିବା କାରଣକୁ ନେଇ ବୈଜ୍ଞାନିକ ତର୍ଜମା ଆରମ୍ଭ ହୋଇଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଏଥିପାଇଁ ଅନେକେ ଦାୟୀ କରୁଥିବା ବେଳେ ଜିଓ-ଇଞ୍ଜିନିୟରିଂ ମଧ୍ୟ ଆଲୋଚନା ପରିସରକୁ ଆସୁଛି। ସେହିସବୁ କାରଣ ମଧ୍ୟରୁ କ୍ଲାଉଡ୍ ସିଡିଂ ଅଧିକ ଚର୍ଚ୍ଚାକୁ ଆସିଛି। ୟୁନାଇଟେଡ ଆରବ ଏମିରେଟ୍ସର ଆବୁଧାବିରେ ଥିବା ଜଳବାୟୁ ସଂସ୍ଥା ଜାତୀୟ ଜଳବାୟୁ ବିଜ୍ଞାନ କେନ୍ଦ୍ର ଦ୍ୱାରା କିଛିଦିନ ପୂର୍ବରୁ ଉଡ଼ା ଯାଇଥିବା ୬/୭ଟି କ୍ଲାଉଡ୍ ସିଡିଂ ଏରୋପ୍ଲେନ୍ ଦ୍ୱାରା ପ୍ରଭାବିତ ହୋଇଥିବ ବୋଲି ଆଲୋଚନା ହେଉଛି।

କ୍ଲାଉଡ ସିଡିଂ ବା 'ମେଘ ବୀଜନ' ହେଉଛି ଜଳବାୟୁ ରୂପାନ୍ତରଣ ବା ସଂଶୋଧନ ପ୍ରଯୁକ୍ତିବିଦ୍ୟାର ପୁରୁଣା ପ୍ରକ୍ରିୟା, ଯାହାକି ବର୍ଷା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ। ଏଥିପାଇଁ ରାସାୟନିକ ପଦାର୍ଥର ସମ୍ମିଶ୍ରଣ, ଯଥା- ସିଲ୍‌ଭର ଆୟୋଡାଇଡ୍, ପୋଟାସିୟମ୍ ଆୟୋଡାଇଡ୍ ଓ ସାଧାରଣ ଲବଣ (ସୋଡିୟମ୍ କ୍ଲୋରାଇଡ୍)କୁ ମିଶାଇ ଛିଞ୍ଚନ ପଦ୍ଧତିରେ ବାଦଲ ମଧ୍ୟକୁ ଛଡ଼ାଯାଇଥାଏ। ଏହି ରାସାୟନିକ ମିଶ୍ରଣ ଏକ ନାଭିକୀୟ କେନ୍ଦ୍ର ସୃଷ୍ଟି କରିଥାଏ, ଯାହାର ଚତୁର୍ଦ୍ଦିଗରେ ବାଦଲର ଆଦ୍ରତା ଘନୀଭୂତ ହୋଇ ଛୋଟ ଛୋଟ ଜଳବିନ୍ଦୁ ସୃଷ୍ଟି କରିଥାଏ। ଯେତେବେଳେ ପର୍ଯ୍ୟାପ୍ତ ପରିମାଣର ଛୋଟ ଛୋଟ ଜଳବିନ୍ଦୁ ସମ୍ମିଳିତ ହୋଇଯାଆନ୍ତି ସେମାନେ ଓଜନିଆ ହୋଇ ବର୍ଷା ଆକାରରେ ଭୂପୃଷ୍ଠରେ ପତିତ ହୋଇଥା'ନ୍ତି। କିନ୍ତୁ ନିର୍ମଳ ଆକାଶରୁ କ୍ଲାଉଡ୍ ସିଡିଂ ଟେକ୍ନୋଲୋଜି ବର୍ଷା କରାଇ ପାରିବ ନାହିଁ। ବର୍ଷା ହେବା ପାଇଁ ବାଦଲର ଆବଶ୍ୟକତା ରହିଛି ଏବଂ ସେହି ବାଦଲରେ ପର୍ଯ୍ୟାପ୍ତ ପରିମାଣର ଆଦ୍ରତା ରହିବା ନିତାନ୍ତ ଆବଶ୍ୟକ। ଅତଏବ କ୍ଲାଉଡ୍ ସିଡିଂ ଟେକ୍ନୋଲୋଜି ସାଧାରଣତଃ ସେହିଠାରେ ହିଁ ପ୍ରୟୋଗ କରାଯାଇଥାଏ ଯେଉଁଠାରେ ଆକାଶରେ ବାଦଲ ଥାଏ, ଅଥଚ ବର୍ଷା ହେଉନଥାଏ। କ୍ଲାଉଡ୍ ସିଡିଂ ଟେକ୍ନୋଲୋଜି ଦ୍ୱାରା ମଧ୍ୟ ବାଦଲରେ ଥିବା ଜଳୀୟକଣାଠାରୁ ଅଧିକ ବର୍ଷା କରାଯାଇପାରିବ ନାହିଁ।

ତେବେ ଏଠାରେ ପ୍ରଶ୍ନ ଉଠେ ଏହାପଛର ପ୍ରକୃତ କାରଣ କ'ଣ? ଏକାଧିକ ପାଣିପାଗ ରିପୋର୍ଟ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ସଂଯୁକ୍ତ ଆରବ ଏମିରଟ୍‌ରେ ମୂଷଳ ଧାରାର ବର୍ଷା ଦୁଇଟି କାରଣର ମିଶ୍ରିତ ଫଳାଫଳରୁ ହିଁ ସୃଷ୍ଟି ହୋଇଛି। ତନ୍ମଧ୍ୟରୁ ଗୋଟିଏ କାରଣ ହେଲା ସେହି ଅଞ୍ଚଳ ଉପରେ ଥିବା ନିମ୍ନ ଚାପ ଜଳବାୟୁ ପ୍ରଣାଳୀ ଏବଂ ଅନ୍ୟଟି ହେଲା ଆରବ ସାଗର ଉପରେ ଥିବା ଏକ ପ୍ରତିଚକ୍ରବାତ। ପ୍ରତିଚକ୍ରବାତ ଏହି ଅଞ୍ଚଳକୁ ବହୁଳ ପରିମାଣର ଆର୍ଦ୍ରତା ଠେଲି ଦେଲା, ଯାହାକି ପ୍ରବଳ ବର୍ଷା ବିପ୍ରାତ ଘଟାଇଲା। ପରନ୍ତୁ ଏହି ଘଟଣା ପଛରେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନର ପ୍ରଭାବର ସ୍ପଷ୍ଟ ସଂକେତ ରହିଛି।

ଆମ ଗ୍ରହ ପୃଥିବୀ ସମେତ ଆରବ ସାଗର ଦିନକୁ ଦିନ ଅତ୍ୟନ୍ତ ଦ୍ରୁତଗତିରେ ଉତ୍ତପ୍ତ ହୋଇ ଚାଲିଛି।



ଏହାର ପୃଷ୍ଠ ଭାଗର ତାପମାତ୍ରା ଗତ ୪ ଦଶନ୍ଧି ମଧ୍ୟରେ ୧.୨ ରୁ ୧.୪ ଡିଗ୍ରୀ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଭୂପୃଷ୍ଠର ଉଷ୍ମତା ଜଳର ବାଷ୍ପୀକରଣ ହାରରେ ଅଭିବୃଦ୍ଧି ଘଟାଇଛି, ଯାହାଫଳରେ ବାୟୁମଣ୍ଡଳରେ ଜଳୀୟବାଷ୍ପ ପରିମାଣରେ ମଧ୍ୟ ବଢ଼ିବାରେ ଲାଗିଛି। ସେହି ଏକା ସମୟରେ ଏକ ଉଷ୍ମ ବାୟୁମଣ୍ଡଳ ପୁନଶ୍ଚ ବିଶ୍ୱ ତାପନ କାରଣରୁ ଅଧିକ ଆର୍ଦ୍ରତା ଧରି ରଖିପାରିବ ଏବଂ ଅତ୍ୟଧିକ ବର୍ଷା ଭାବେ ତାକୁ ବର୍ଷି ପାରିବ। ଏହା ହିଁ ହେଉଛି ସେହି ବାସ୍ତବତା, ଯାହା ଯୋଗୁଁ ଆରବୀୟ ଉପଦ୍ୱୀପ ଏବଂ ପଶ୍ଚିମ ଭାରତରେ ଅତ୍ୟଧିକ ବର୍ଷା ଏବଂ ଚକ୍ରବାତ ସଂଖ୍ୟା ବଢ଼ିବାରେ ଲାଗିଛି। ଫେବୃଆରୀ ୨୦୨୪ରେ ମଧ୍ୟ ପ୍ରଚଣ୍ଡ ବାଦଲ ଫଟା ବର୍ଷା କାରଣରୁ ଦୁବାଇ ଭୟଙ୍କର ଭାବେ ପ୍ରଭାବିତ ହୋଇଥିଲା। ପ୍ରକୃତରେ ମାର୍ଚ୍ଚ ୮, ୨୦୧୬ରେ ଏପ୍ରିଲ ୧୯ ତାରିଖ ଭଳି ଏକ ଭୟଙ୍କର ଝଡ଼ବର୍ଷା ଦୁବାଇକୁ ଅଚାନକ ଗ୍ରାସ କରିଥିଲା। ଏଭଳି ଧାରାରୁ ଏହା ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ ବିଶ୍ୱତାପନର ଉତ୍କଟତା କାରଣରୁ ମୁମ୍ବାଇ ସମେତ ଆରବ ସାଗରକୁ ଘେରି ରହିଥିବା ସହରଗୁଡ଼ିକ ଅତ୍ୟଧିକ ବର୍ଷା ଓ ଚକ୍ରବାତ ଦ୍ୱାରା ଆଗକୁ ମଧ୍ୟ ବହୁଳ ଭାବେ ପ୍ରଭାବିତ ହେବେ। ଏକ ଉତ୍ତପ୍ତ ବିଶ୍ୱ କାହାରିକୁ ବି ନିସ୍ତାର ଦେବ ନାହିଁ, ଏପରିକି ପୃଥିବୀର ଧନାଢ୍ୟ ଶେଖ ସାମ୍ରାଜ୍ୟକୁ ମଧ୍ୟ।

'କ୍ଲାଉଡ ସିଡିଂ' ଟେକ୍ନୋଲୋଜିକୁ ନେଇ ଜନମାନସରେ ହେଉଥିବା ତର୍କ ବିତର୍କ ଏହି ଟେକ୍ନୋଲୋଜି ସମ୍ବନ୍ଧରେ ସର୍ବସାଧାରଣ ଜନତାଙ୍କ ମନରେ ଥିବା ଆଶଙ୍କାକୁ ଅଧିକ କରିଥାଏ। ଆମେ ଯେତେବେଳେ ସେହି ଟେକ୍ନୋଲୋଜିକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ଯାଉଛେ, ସେତେବେଳେ ଏହାର ପ୍ରଭାବ ଓ ପ୍ରତିକ୍ରିୟା ବିଷୟରେ ଉଲ୍ଲେଖ କରିବା ମଧ୍ୟ ଆବଶ୍ୟକ। ଏବେ ଏହି କ୍ଲାଉଡ୍ ସିଡିଂ ଟେକ୍ନୋଲୋଜି ଏକ ବିଶାଳକାୟ ରୂପରେଖ ନେଇ ଉଦ୍‌ଭାସିତ ହେଉଛି ଏବଂ ଆମ ପୃଥିବୀକୁ କ୍ଷତି ପହଞ୍ଚାଇବା ସହ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆରୋପ-ପ୍ରତ୍ୟାରୋପକୁ ପ୍ରଶ୍ରୟ ଦେଉଛି।

୧୯୪୬ ମସିହା ନଭେମ୍ବର ମାସ ୧୩ ତାରିଖରେ ବିଶ୍ୱରେ ପ୍ରଥମ ଥର ପାଇଁ ନ୍ୟୁୟର୍କରେ ଆରମ୍ଭ ହୋଇଥିବା କ୍ଲାଉଡ୍ ସିଡିଂ ଟେକ୍ନୋଲୋଜି ବିଶ୍ୱର ପ୍ରାୟ ୫୦ଟି ଦେଶରେ ବ୍ୟବହାର ହେଉଛି। ତନ୍ମଧ୍ୟରୁ ଆମେରିକା, ଚୀନ୍ ଓ ସଂଯୁକ୍ତ ରାଷ୍ଟ୍ର ଏମିରେଟ୍‌ସରେ ଏହାର ବ୍ୟବହାର ବହୁଳ। ଚୀନ୍ ୨୦୨୫ ମସିହା ସୁଦ୍ଧା ୫.୫ ନିୟୁତ କିଲୋମିଟର ଅଞ୍ଚଳକୁ ଜଳବାୟୁ ସଂଶୋଧନ କାର୍ଯ୍ୟକ୍ରମରେ ସାମିଲ୍ କରିବାକୁ ଯୋଜନା କରିଛି, ଯାହାକି ଭାରତବର୍ଷର ଆକାରର ଦେଢ଼ଗୁଣା। ଏଥିପାଇଁ ଚୀନ୍‌ରେ ୩୭ ହଜାର ଲୋକ ନିୟୋଜିତ ହୋଇଛନ୍ତି। ଏହା ବିଶ୍ୱର ସର୍ବବୃହତ ଜଳବାୟୁ ସଂଶୋଧନ କାର୍ଯ୍ୟକ୍ରମର ମାନ୍ୟତା ଲାଭ କରିଛି। ପଡ଼ୋଶୀ ରାଷ୍ଟ୍ରମାନଙ୍କ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ଏବଂ ବିଶ୍ୱ ଜଳବାୟୁକୁ ଏହା କିଭଳି ଭାବେ ପ୍ରଭାବିତ କରିବ ତାହା ଏବେ ଚିନ୍ତାର ବିଷୟ।

ଏଥିସହିତ ଜିଓ-ଇଂଜିନିୟରିଂ ଟେକ୍ନୋଲୋଜି ଖୁବ୍ ଦ୍ରୁତ ଗତିରେ ଅଗ୍ରଗତି କରି ଚାଲିଛି। ସୌର ବିକିରଣ ସଂଶୋଧନ ପ୍ରକ୍ରିୟା(ସୋଲାର ରେଡିଏସନ୍ ମୋଡିଫିକେସନ୍), ଯାହାକି ଏକାଧିକ ଟେକ୍ନୋଲୋଜିର ସମାହାର, ପୃଥିବୀ ଗ୍ରହକୁ ଥଣ୍ଡା ରଖିବା ପାଇଁ ଅତ୍ୟନ୍ତ ଯତ୍ନଶୀଳ ଭାବେ ସୌର ରଶ୍ମିକୁ ମହାକାଶକୁ ବିଚ୍ଛୁରଣ କରିବ। ଜଳବାୟୁ ସଙ୍କଟର ସମାଧାନ ପାଇଁ ଏହି ପ୍ରକ୍ରିୟାକୁ ଗମ୍ଭୀରତା ସହିତ ଗ୍ରହଣ କରାଯାଇଛି। ଏହି ପ୍ରକ୍ରିୟା ମାଧ୍ୟମରେ ବାୟୁମଣ୍ଡଳର ଷ୍ଟ୍ରାଟୋସ୍ଫିଅର ମଧ୍ୟକୁ ବୁନ୍ଦା ବୁନ୍ଦା ଗନ୍ଧକ (ସଲ୍‌ଫର ଡ୍ରପଲେଟ୍ସ) କଣିକା ଛଡ଼ାଯିବ। ଦ୍ୱିତୀୟତଃ, ସମୁଦ୍ରର ଉପରିଭାଗରେ ଥିବା ବାଦଲ ମଧ୍ୟକୁ ଲବଣାକ୍ତ ଜଳ ସ୍ପ୍ରେ କରାଯିବ ଏବଂ ତୃତୀୟତଃ, ପୋଲାର ଆଇସ୍ ବା ଧ୍ରୁବୀୟ ବରଫ ସ୍ତର ଉପରେ ସ୍କାଟରିଂ ଗ୍ଲାସ୍ (ଆଲୋକ ରଶ୍ମିକୁ ବିଭିନ୍ନ ଦିଗରେ ବିକ୍ଷେପଣ ବା ବିଚ୍ଛୁରଣ କରିବା ପାଇଁ ବ୍ୟବହୃତ ହେଉଥିବା କାଚ) ରଖି ମହାକାଶକୁ ଆଲୋକ ରଶ୍ମୀକୁ ପ୍ରତିଫଳିତ କରାଯିବ। କେତେକ ବୈଜ୍ଞାନିକ ସମୁଦ୍ର ମଧ୍ୟକୁ ପୋଷକତତ୍ତ୍ୱ ଦେଇ ଫାଇଟୋପ୍ଲାଙ୍କଟନ (ପାଦପ ପ୍ଳବକ)ର ବଂଶ ବିସ୍ତାର କରିବାକୁ ଯୋଜନା କରୁଛନ୍ତି, ଯାହାକି ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ ବାଷ୍ପକୁ ଅବଶୋଷିତ କରିନେବ। ଘରୋଇ କଂପାନୀମାନେ ମଧ୍ୟ ଏଭଳି ବ୍ୟବସାୟରେ ମନୋନିବେଶ କଲେଣି। ସିଲିକନ୍ ଭ୍ୟାଲିର ପୃଷ୍ଠପୋଷକତା ଲାଭ କରିଥିବା ଏବଂ ୨୦୨୨ରେ ସ୍ଥାପିତ ହୋଇଥିବା ଏକ ଷ୍ଟାର୍ଟଅପ୍ କମ୍ପାନୀ ମେକ୍ ସନ୍‌ସେଟ୍ସ ନିକଟରେ ପ୍ରାୟ ୫୦ଟି ଗନ୍ଧକ ଭରା ବେଲୁନ ମେକ୍ସିକୋ ମାଟିରୁ ଷ୍ଟ୍ରାଟୋସ୍ଫିଅରକୁ ଛାଡ଼ିଛି, ଯାହାକି ସୂର୍ଯ୍ୟକିରଣକୁ ମହାକାଶକୁ ବିକ୍ଷେପଣ କରିବ। ଏହି ଷ୍ଟାର୍ଟଅପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିଷ୍ଟର ଲ୍ୟୁକ୍ ଆଇଜମ୍ୟାନ ଏହା ଘୋଷଣା କରିଛନ୍ତି।

ଉଦ୍‌ବେଗଜନକ ହେଉଛି, କୌଣସି ଘରୋଇ ଓ ଅନ୍ତର୍ଜାତୀୟ ଅଧିନିୟମ ବିନା ଉପରେ ବର୍ଣ୍ଣିତ ହୋଇଥିବା ଏ ସମସ୍ତ ଟେକ୍ନୋଲୋଜିର ବିକାଶ ଓ ପରୀକ୍ଷା ନିରୀକ୍ଷା ସମ୍ପାଦିତ ହେଉଅଛି। ଅନ୍ତର୍ଜାତୀୟ କନ୍‌ଭେନସନ୍ସ ଯଥା- 'ଲଣ୍ଡନ କନ୍‌ଭେନ୍‌ସନ୍ ଅନ ପ୍ରିଭେନସନ ଅଫ୍ ମେରାଇନ ପଲ୍ୟୁସନ୍', 'କନ୍‌ଭେନସନ୍ ଅନ୍ ବାୟୋଲୋଜିକାଲ ଡାଇଭରସିଟି' ଏବଂ 'ଭିଏନା କନଭେନ୍‌ସନ୍ ଅନ୍ ପ୍ରୋଟେକ୍‌ସନ୍ ଅଫ୍ ଓଜୋନ ଲେୟର' ଜିଓ-ଇଂଜିନିୟରିଂ କାର୍ଯ୍ୟକଳାପ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ପରନ୍ତୁ ଏସବୁକୁ ଅଣଦେଖା କରାଯାଇଛି। ମିଳିତ ଜାତିସଂଘର ପରିବେଶ ପରିଷଦରେ ଏହାକୁ ନିୟନ୍ତ୍ରଣ କିମ୍ବା ପ୍ରତିବନ୍ଧକ ଜାରି କରିବା ପାଇଁ ଅଳ୍ପ କେତେକ ରାଷ୍ଟ୍ରଙ୍କ ପ୍ରଚେଷ୍ଟା ମଧ୍ୟ ଫଳପ୍ରଦ ହୋଇପାରିନାହିଁ।

ବର୍ତ୍ତମାନ ୨୦ଟି ଦେଶ ଏବଂ ଏକାଧିକ ଉଦ୍ୟୋଗ ପାଖରେ ଅର୍ଥର ପ୍ରାଚୁର୍ଯ୍ୟ ରହିଛି, ଯେଉଁମାନେ କି ଷ୍ଟ୍ରାଟୋସ୍ଫିଅରକୁ ଏରୋପ୍ଲେନ୍ ପଠାଇ ଗନ୍ଧକ କଣିକାର ସ୍ପ୍ରେ କରି ପାରିବେ। ସେମାନଙ୍କୁ ବନ୍ଦ କରିବ ବା କିଏ? ଜିଓ-ଇଂଜିନିୟରିଂ ଓ ବଡ଼ ଧରଣର ଜଳବାୟୁ ସଂଶୋଧନ ପ୍ରକ୍ରିୟାକୁ ସଠିକ୍ ଭାବେ ପରିଚାଳନା ଓ ନିୟନ୍ତ୍ରଣ କରିବା ପାଇଁ ବହୁପକ୍ଷୀୟ ଢାଞ୍ଚାର ଆବଶ୍ୟକତା ହିଁ ସମୟର ଆହ୍ୱାନ, ଯାହାକି ସର୍ବସାଧାରଣ ଜନତାଙ୍କ ସହ ସ୍ୱଚ୍ଛ, ମନ ଖୋଲା ଓ ଗୁଣାତ୍ମକ ଆଲୋଚନାର ପଥ ସୁଗମ କରିବ। ଏଥିସହିତ ଯୋଗ୍ୟତା, ବିଶେଷତା, ଶ୍ରେଷ୍ଠତା ଓ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟପନ୍ଥା ପାଇଁ ଆଗକୁ ବାଟ କଢ଼େଇ ନେବ।

# ମରଣୋତ୍ତର ସମ୍ମାନବୋଧ



**ଡ. ନିଖିଳାନନ୍ଦ ପାଣିଗ୍ରାହୀ**
ଭୁବନେଶ୍ୱର, ମୋ: ୯୦୭୮୭୪୩୮୪୩

ଅଷ୍ଟାଦଶ ଶତାବ୍ଦୀର ଜନପ୍ରିୟ କବି ଭକ୍ତ ଚରଣ ଦାସ 'ମନବୋଧ ଚଉତିଶା'ରେ ମାନବର ଅସାର ଶରୀର ସମ୍ପର୍କରେ ଯେଉଁ ନିଷ୍ଠୁର ତଥ୍ୟ ଅବତାରଣା କରିଛନ୍ତି, ସେଥିରୁ କେତୋଟି ଧାଡ଼ି ଏହିପରି -

'ଛାର ଦେହକୁ ମନ କରିଛୁ ସଜ, ଛନ୍ଦ କପଟ ତେଜି ଗୋବିନ୍ଦ ଭଜ ରେ। / ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା, ଛଅ ଖଣ୍ଡ କାଠ ହେବ ତୋ ପାଇଁ ଲୋଡ଼ା ରେ।

ସ୍ଥଳ ବିଶେଷରେ କିନ୍ତୁ ଶବ କିପରି ମହାର୍ଘ ହୋଇଯାଏ, ତା'ର ଦୃଷ୍ଟାନ୍ତ ଆମେ ଦେଖିବାକୁ ପାଉ। ଜୀବିତ ମଣିଷ ଯେମିତି ଆତ୍ମମର୍ଯ୍ୟାଦା ସକାଶେ ହକଦାର, ତା'ର ଶବ ନିର୍ଜୀବ ହୋଇଥିଲେ ମଧ୍ୟ କମ୍ ମର୍ଯ୍ୟାଦାସମ୍ପନ୍ନ ନୁହେଁ। ଏପରିକି ଏହା ଅଲଂଘନୀୟ ସମ୍ମାନସମ୍ପନ୍ନ ହୋଇଯାଏ, ଯଦି ବ୍ୟକ୍ତିଟି ମହତ କାର୍ଯ୍ୟ କରିବାକୁ ଯାଇ ମୃତ୍ୟୁବରଣ କରେ।

ଭଗତ ସିଂ (୧୯୦୭-୧୯୩୧, ଜନ୍ମସ୍ଥାନ: ବଙ୍ଗା, ଜିଲ୍ଲା- ଲାୟଲପୁର, ପଞ୍ଜାବ- ବର୍ତ୍ତମାନ ପାକିସ୍ତାନରେ ଅବସ୍ଥିତ) ଭାରତର ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। ୧୯୨୮ ମସିହାରେ ଶିବରାମ ରାଜଗୁରୁଙ୍କ ସହ ମିଳିତ ଭାବେ ଏକୋଇଶ ବର୍ଷ ବୟସ୍କ ବ୍ରିଟିଶ ପୁଲିସ୍ ଅଧିକାରୀ ଜନ ସୌଣ୍ଡରସଙ୍କୁ ଲାହୋରରେ ଗୁଳିକରି ହତ୍ୟା କରିଥିଲେ। ଅବଶ୍ୟ ସେମାନେ ବରିଷ୍ଠ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍ ଜେମ୍‌ସ ସ୍କଟକୁ ମାରିବା ସକାଶେ ଲକ୍ଷ୍ୟ ରଖିଥିଲେ ଏବଂ ଭୁଲ୍‌ବଶତଃ ଚିହ୍ନି ନ ପାରି ଜଣେ ଯୁବ ଶିକ୍ଷାନବିସ୍ ଅଧିକାରୀଙ୍କୁ ହତ୍ୟା କରିଥିଲେ। ପରେ ଅନ୍ୟ ଏକ ଘଟଣାରେ ଦିଲ୍ଲୀର କେନ୍ଦ୍ରୀୟ ସଂସଦ ଉପରେ ବୋମା ବିସ୍ଫୋରଣରେ ଭଗତ ସିଂ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସେ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନର ବିଶ୍ୱାସୀ ନଥିଲେ। ବ୍ରିଟିଶ ସରକାର ବିପ୍ଳବୀ ରାଜଗୁରୁ, ସୁଖଦେବ ଓ ଭଗତଙ୍କୁ ପରିଶେଷରେ ଗିରଫ କରି ଲାହୋର ଜେଲ୍‌ରେ ଭର୍ତ୍ତି କଲେ। ନ୍ୟାୟାଧୀଶ ୧୯୩୦ରେ ସେମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କଲେ। ଫାଶୀ ଖୁଣ୍ଟରେ ଚଢ଼ିବା ପାଇଁ ନିର୍ଦ୍ଧାରିତ ସମୟ ଉପନୀତ ହେବା ବେଳେ ଭଗତ ସିଂ ଅନ୍ତିମ ଇଚ୍ଛା ପୋଷଣ କରିଥିଲେ ଲେନିନ୍‌ଙ୍କ ଜୀବନୀ ପାଠ କରିବା ସକାଶେ। ଅଧିକାରୀଙ୍କୁ କିଛି ସମୟ ମାଗି ପୁସ୍ତକ ସାରିବା ପରେ ଆନନ୍ଦରେ ମରିବା ପାଇଁ ଅଗ୍ରସର ହେଲେ। ସେତେବେଳେ ଦେଶପ୍ରେମୀ ଭଗତ ଗାଇଥିଲେ ସ୍ୱତଃସ୍ଫୂର୍ତ୍ତ ଭାବେ - 'ମେରା ରଙ୍ଗ ଦେ ବାସନ୍ତୀ ଚୋଲା...।

୨୩ ମାର୍ଚ୍ଚ ୧୯୩୧ ମସିହା ସନ୍ଧ୍ୟା ୭ ଘଣ୍ଟା ୩୩ ମିନିଟ୍ ବେଳେ ଉକ୍ତ ତିନି ଜଣଙ୍କୁ ଫାଶୀ ଦିଆଗଲା। କିନ୍ତୁ ସେମାନେ ଜନସାଧାରଣରେ ଅସାଧାରଣ ଲୋକପ୍ରିୟତା



ପ୍ରାପ୍ତ ହୋଇଥିବାରୁ ସେମାନଙ୍କ ମୃତ୍ୟୁଦଣ୍ଡ ଜନିତ ତୀବ୍ର ପ୍ରତିକ୍ରିୟା ପ୍ରତି ବ୍ରିଟିଶ ସରକାର ସଚେତନ ଓ ସତର୍କ ଥିଲେ। ତେଣୁ ସେହି ତିନି ସହିଦଙ୍କ ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି ଅଖାରେ ଭର୍ତ୍ତି କରି କିରାସିନି ଢାଳି ଶବଦାହ କରିବାକୁ ବ୍ରିଟିଶ୍ ଅଧିକାରୀମାନେ ଯୋଜନା କଲେ। ନିକଟସ୍ଥ ଗ୍ରାମବାସୀ ନିଆଁ ଦେଖି ଘଟଣାସ୍ଥଳକୁ ଆସୁଥିବା ଜାଣି ଭୟଭୀତ କର୍ମଚାରୀମାନେ ଦରପୋଡ଼ା ଶରୀରର ବିଭିନ୍ନ ଅଂଶକୁ ସତଲେଜ ନଦୀରେ ଫୋପାଡ଼ି ଦୌଡ଼ି ଚାଲିଗଲେ। ତେବେ ଗାଁ ଲୋକ ସେହି ଶରୀରଗୁଡ଼ିକର ଅବଶିଷ୍ଟାଂଶ ସଂଗ୍ରହ କରି ନୀତିନିୟମ ଅନୁସାରେ ଅନ୍ତିମ ସଂସ୍କାର କଲେ।

ପରବର୍ତ୍ତୀ କାଳରେ ୧୯୬୮ ମସିହାରେ ପଞ୍ଜାବର ଫିରୋଜପୁର ସହର ନିକଟବର୍ତ୍ତୀ ହୁସୈନବାଲା ଗ୍ରାମରେ ରାଷ୍ଟ୍ରୀୟ ସହିଦ ସ୍ମାରକ ନିର୍ମାଣ କରାଯାଇଛି। ଏହି ପବିତ୍ର ସ୍ଥାନଟିରେ ଉପରୋକ୍ତ ତିନି ସହିଦଙ୍କ ଶବଦାହ କରାଯାଇଥିଲା। ଭାରତ-ପାକିସ୍ତାନ ମଧ୍ୟରେ ବୁଝାମଣା ଜରିଆରେ ସୀମାଠାରୁ ଏକ କିଲୋମିଟର ଦୂରରେ ଭାରତ ଅଣାଗଲା। ୱାଘା-ଅଟ୍ଟାରିଠାରେ ଧ୍ୱଜା ଅବରୋହଣ ସମାରୋହ ପରି ଏହି ହୁସୈନବାଲା ଠାରେ ଦୈନନ୍ଦିନ ଏମିତି ଉତ୍ସବ ପାଳନ କରାଯିବା ବିଧାନ ରହିଛି।

ଏହି ଦୃଷ୍ଟାନ୍ତର ଏକ ବିଶେଷତ୍ୱ ହେଉଛି ଯେ ବାସ୍ତବରେ ଶବଙ୍କୁ ଅପଦାର୍ଥ ବୋଲି ବିଚାର କରାନଯାଉ। ଶବମାନେ ଏମିତି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପାଇବା ତଥାପି ଭିନ୍ନ ଭିନ୍ନ କାରଣରୁ ସମ୍ଭବ ହୋଇ ନଥାଏ। ଏହା ଚିନ୍ତାଜନକ। ଏହି ପରିପ୍ରେକ୍ଷୀରେ ୫ ଜୁଲାଇ ୧୯୩୪ରେ ପ୍ରସିଦ୍ଧ 'ନ୍ୟୁୟର୍କ ଟାଇମ୍ସ' ଦୈନିକ ଖବରକାଗଜରେ ଯେଉଁ ଶୀର୍ଷକଟି ସ୍ଥାନ ପାଇଥିଲା, ତାହା ହେଉଛି - 'ମ୍ୟାଡାମ କ୍ୟୁରି ଇଜ୍ ଡେଡ୍; ମାର୍ଟିର ଟୁ ସାଇନ୍ସ'।

ମେରି କ୍ୟୁରି ତତ୍କାଳୀନ ରୁଷିଆ ସାମ୍ରାଜ୍ୟ ଅନ୍ତର୍ଗତ ପୋଲାଣ୍ଡର ରାଜଧାନୀ ୱାର୍ସାରେ ୧୮୬୭ରେ ଜନ୍ମ ଗ୍ରହଣ କରିଥିଲେ। ପଦାର୍ଥ ବିଜ୍ଞାନ ଓ ରସାୟନ ଶାସ୍ତ୍ରରେ ସେ ଦୀର୍ଘ କାଳ ଗବେଷଣା କରିବା ପରେ ଛଅଷଠି ବର୍ଷ ବୟସରେ ଜୁଲାଇ ୧୯୩୪ ତାରିଖ ଦିନ ଫ୍ରାନ୍ସର ଏକ ଚିକିତ୍ସାଳୟ (ସାନାଟୋରିଅମ୍)ରେ ପ୍ରାଣ ହରାଇଥିଲେ। ତାଙ୍କ ମୃତ୍ୟୁର କାରଣ ଥିଲା ଏପ୍ଲାଷ୍ଟିକ୍ ଏନିମିଆ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିର ଶରୀର ଆବଶ୍ୟକୀୟ ରକ୍ତକୋଷ ଉତ୍ପାଦନ କରିବାରେ ଅକ୍ଷମ ହୁଏ। ଶ୍ୱେତ ଓ ଲୋହିତ ରକ୍ତକୋଷ ସମେତ ଚକ୍ରିକାଣୁ ବା ରକ୍ତାଣୁ ଚକ୍ରିକା (ପ୍ଲେଟ୍‌ଲେଟ୍)ର ଅଭାବରୁ ରୋଗୀର ରୋଗ ପ୍ରତିହତ କରିବା ସାମର୍ଥ୍ୟ ନିମ୍ନସ୍ତରକୁ ଖସିଆସେ ଓ ଜୀବନ ସଙ୍କଟାପନ୍ନ ହୁଏ। କ୍ୟୁରି ଏଇ ରୋଗର ଶିକାର ହେବା କାରଣ ହେଉଛି ବର୍ଷ ବର୍ଷ ଧରି ରେଡିଅମ ଉପରେ ଗବେଷଣାରେ ନିମଗ୍ନ ରହିବା ସହ ଏକ୍ସ-ରେ ପରୀକ୍ଷାଗାରର ବହୁଳ ବ୍ୟବହାର। ଏହାର ବିକିରଣ କ୍ଷତିକାରକ ବୋଲି ସେତେବେଳେ କେହି ଜାଣି ନଥିଲେ। ଫଳରେ ନିରାପତ୍ତା ବ୍ୟବସ୍ଥା ବିନା ତାଙ୍କ ଅସ୍ଥି-ମଜ୍ଜାରେ ଅପୂରଣୀୟ କ୍ଷତି ଘଟିଲା। ମୃତ୍ୟୁ ପରେ ତାଙ୍କ ସ୍ୱାମୀ ପିୟରି କ୍ୟୁରିଙ୍କ ସମାଧି ନିକଟରେ ତାଙ୍କ ଇଚ୍ଛାନୁଯାୟୀ ପ୍ୟାରିସ ଉପକଣ୍ଠସ୍ଥିତ ଗୋଟିଏ କମ୍ୟୁନ 'ସା'ଠାରେ ତାଙ୍କୁ କବର ଦିଆଯାଇଥିଲା।

ଥରେ ପଦାର୍ଥ ବିଜ୍ଞାନ ଓ ପରେ ରସାୟନ ଶାସ୍ତ୍ର ସକାଶେ ଦୁଇଥର ନୋବେଲ୍ ବିଜୟନୀ କ୍ୟୁରିଙ୍କୁ ଷାଠିଏ ବର୍ଷ ପରେ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିବାକୁ ନୋବେଲ ବିଜେତା ତାଙ୍କ ସ୍ୱାମୀ ପିୟରିଙ୍କ ସହ ତାଙ୍କ ଶବାଧାରକୁ ପ୍ୟାରିସର ବିଖ୍ୟାତ ପାନ୍ଥିଅନ (ଯଶସ୍ୱୀ ମୃତ ବ୍ୟକ୍ତିମାନଙ୍କ ସ୍ମୃତିସ୍ତମ୍ଭ ଥିବା ପ୍ରାସାଦ)କୁ ସ୍ଥାନାନ୍ତରଣ କରିବା ପାଇଁ ସରକାରୀ ଯୋଜନା ପ୍ରସ୍ତୁତ କରାଗଲା। କବର ଖୋଳିବା ସମୟରେ ଜଣାପଡ଼ିଲା ଯେ ଶବାଧାରର ଚାରିପଟେ ୨.୫ ମିଲିମିଟର ଓସାରର ସୀସା ଦ୍ୱାରା ଆବୃତ୍ତ କରାଯାଇଛି। ଏହାର କାରଣ ହେଉଛି ରେଡିଅମରୁ ଉଦ୍ଭବ ବିପଜ୍ଜନକ ବିକିରଣର ଯଥାସମ୍ଭବ ନିବରଣ। ଖନନକାରୀମାନେ ଲକ୍ଷ୍ୟ କଲେ ଯେ ସେମାନେ ଶବାଧାରର ଯେତେ ନିକଟବର୍ତ୍ତୀ ହେଉଥା'ନ୍ତି, ବିକିରଣର ପରିମାଣ ତଦନୁସାରେ ବୃଦ୍ଧି ପାଉଛି। ଅବଶ୍ୟ ଶବଟି ମୋଟା ମୋଟି ଭାବେ ଅକ୍ଷତବସ୍ଥାରେ ଥିଲା ଏବଂ ଆଲଫା, ବିଟା ବିକିରଣ ସାମାନ୍ୟ ଥିଲା। ତେବେ ଏହାର କୁପ୍ରଭାବ ନଗଣ୍ୟ ନୁହେଁ।

କ୍ରମଶଃ ଜଣାପଡ଼ିଲା ଯେ କ୍ୟୁରିଙ୍କ ମୃତ ଶରୀରକୁ ପ୍ରାୟ ଶହେ ବର୍ଷ ବିତି ଯାଇଥିଲେ ସୁଦ୍ଧା ତାହାର ନିକଟତର ହେବା ନିରାପଦ ନୁହେଁ। କେବଳ ସେତିକି ନୁହେଁ, ସେ ପୂର୍ବେ ବ୍ୟବହାର କରିଥିବା ଆସବାବପତ୍ର, ପୋଷାକ, ନୋଟ୍‌ଖାତା, ଏପରିକି କୁକ୍‌ବୁକ୍ ମଧ୍ୟ ତେଜସ୍କ୍ରିୟ ଭାବେ ରହିଛି। ସ୍ମାରକ ରୂପରେ ସଂରକ୍ଷିତ କରାଯାଇଥିବା ତାଙ୍କ ସ୍ପର୍ଶରେ ଆସିଥିବା ପୁସ୍ତକ ଓ ଲେଖାମାନ ପ୍ୟାରିସ ସ୍ଥିତ ଫ୍ରାନ୍ସର ଜାତୀୟ ପାଠାଗାରରେ ସୀସା ଦ୍ୱାରା ଘୋଡ଼ାଇ ରଖାଯାଇଛି। ଯେଉଁ ପରିଦର୍ଶକମାନେ ସେଠାକୁ ଯିବେ, ସେମାନଙ୍କୁ ଦାବି ପରିତ୍ୟାଗପତ୍ର (ଡିସ୍‌କ୍ଲେମର) ଲେଖିବାକୁ ହେବ। ଏହାର କାରଣ ହେଉଛି ରେଡିଅମର ଗୋଟିଏ ସମସ୍ଥାନିକ (ଆଇସୋଟେପ୍) ରେଡିଅମ୍-୨୨୬ର ଅର୍ଦ୍ଧ ଆୟୁକାଳ ହେଉଛି ୧୭୦୦ ବର୍ଷ।

ଏହିପ୍ରକାରେ ମୃତ କ୍ୟୁରି ଏକ ଭୀତ ସୃଷ୍ଟିକାରିଣୀ ଭାବେ ଅଦ୍ୟାବଧି ପ୍ରତୀକ ହେବା ଏକ ବିଡ଼ମ୍ବନାର ବିଷୟ। ସତେଯେମିତି ରାସ୍ତାକଡ଼ରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରର ଜାଲିରେ ଝୁଲା ଯାଇଥିବା ଖପୁରି ତଳେ ଦୁଇଟି ପାରସ୍ପରିକ ଲଦାଲଦି ହାଡ଼ ଖଣ୍ଡ ଚିତ୍ରିତ ଫଳକ କ୍ୟୁରିଙ୍କ କବର ନିକଟରେ ସ୍ଥାପନ କରିବା ମଧ୍ୟ ଅପରିହାର୍ଯ୍ୟ।

# ବିଜେଡି ନେତାଙ୍କୁ ସାଂଗଠନିକ ଓ ନିର୍ବାଚନ ଦାୟିତ୍ୱ

**ଭୁବନେଶ୍ୱର, ୫।୫(ସମିସ):** ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଭିନ୍ନ ନେତାଙ୍କୁ ସାଂଗଠନିକ ଏବଂ ନିର୍ବାଚନ ଦାୟିତ୍ୱ ପ୍ରଦାନ କରାଯାଇଛି। ଡଃ ସୁରେନ୍ଦ୍ର ମହାପାତ୍ର ଏବଂ ଦେବାଶିଷ ମଲ୍ଲିକ (ଜାପାନୀ)ଙ୍କୁ ବିଜେଡିର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ବସ୍ତା ଓ ଜଳେଶ୍ୱର ବିଧାନସଭା କ୍ଷେତ୍ର ପାଇଁ ରଞ୍ଜିତ ମହାପାତ୍ରଙ୍କୁ ପର୍ଯ୍ୟବେକ୍ଷକ ଏବଂ ପ୍ରମୋଦ ଜେନାଙ୍କୁ ସୋର, ସମିଲୁଆ, ନୀଳଗିରି ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଅନୁଗୁଳ ବିଧାନସଭା କ୍ଷେତ୍ର ପାଇଁ ନାରାୟଣ ପ୍ରଧାନ ନିର୍ବାଚନ ସଂଯୋଜକ ନିଯୁକ୍ତ ହୋଇଥିବା ବେଳେ ରାଜୁ ଘିୱେଲା ପଦ୍ମପୁର ବିଧାନସଭା କ୍ଷେତ୍ର ନିର୍ବାଚନ ସଂଯୋଜକ ଦାୟିତ୍ୱ ପାଇଛନ୍ତି। ଉଦ୍ଧବ ବେହେରା ଖରିଆର ବିଧାନସଭା କ୍ଷେତ୍ର ଏବଂ ସୁଧୀର ମହାନ୍ତି କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ସଂଯୋଜକ ଭାବେ କାର୍ଯ୍ୟ କରିବେ। ପ୍ରଦୀପ କୁମାର ଜେନା ବାହାନଗା ବ୍ଲକ ଏବଂ କମଳାକାନ୍ତ ଘଡ଼ାଇ ସୋର ବ୍ଲକ ନିର୍ବାଚନ ସଂଯୋଜକ ଦାୟିତ୍ୱ ପାଇଛନ୍ତି।

# କେନ୍ଦୁଝରର କୁଡୁମୀ ସମାଜର ବହୁ କର୍ମକର୍ତ୍ତା ବିଜେଡିରେ




**ଭୁବନେଶ୍ୱର, ୫।୫(ସମିସ):** କେନ୍ଦୁଝର ଜିଲ୍ଲା କୁଡୁମୀ ସମାଜର ବହୁ କର୍ମକର୍ତ୍ତା ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କେନ୍ଦୁଝର ସହପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, କେନ୍ଦୁଝର ସଦର ଓ ତେଲକୋଇ ବିଧାନସଭାର ପର୍ଯ୍ୟବେକ୍ଷକ ସଂଗ୍ରାମ ପାଇକରାୟ, କେନ୍ଦୁଝରର ବରିଷ୍ଠ ନେତା ଆଶିଷ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ଏହି କର୍ମକର୍ତ୍ତାଙ୍କ ଯୋଗଦାନ ଫଳରେ କେନ୍ଦୁଝର ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ଛାଟୋଇ, ଶ୍ରୀ ପାଇକରାୟ ଓ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା କୁଡୁମୀ ସମାଜର କର୍ମକର୍ତ୍ତାମାନେ ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। ଏହି ମିଶ୍ରଣ ପର୍ବରେ କ୍ଷୀରୋଦ ଚନ୍ଦ୍ର ମହନ୍ତ, ଶରତ ଚନ୍ଦ୍ର ମହାନ୍ତ, ବିନୋଦ ବିହାରୀ ମହାନ୍ତ, ସୁମନ୍ତ କୁମାର ମହାନ୍ତ, ସନାତନ ମହାନ୍ତ, ପର୍ଶୁରାମ ମହାନ୍ତ, ଅର୍ଜୁନ ଚରଣ ମହାନ୍ତ, ଦଶରଥ ମହାନ୍ତି, ପ୍ରହ୍ଲାଦ ମହାନ୍ତ, ଗୋଲଖ ମହାନ୍ତ, ଧରଣୀଧର ମହାନ୍ତ, ସନାତନ ମହାନ୍ତ, ଶ୍ରୀକାନ୍ତ ମହାନ୍ତ, ଭୁବନ ମହାନ୍ତ, ବଳଭଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ଭଗବାନ ମହାନ୍ତ, ନୀତିଶ ମହାନ୍ତ, ଦଷ୍ମନ୍ତ ମହାନ୍ତ, ବସନ୍ତ ମହାନ୍ତ, ରବି ମହାନ୍ତ, ନାରାୟଣ ମହାନ୍ତ, ନବୀନ ମହାନ୍ତ, ରୋଶନ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ନରେଶ ମହାନ୍ତ, ଭରଦ୍ୱାଜ ମହାନ୍ତ, ରବୀନ୍ଦ୍ର ମହାନ୍ତ, ପ୍ରଭାକର ମହାନ୍ତ ହଳଧର ମହାନ୍ତ ଓ ଲକ୍ଷ୍ମଣ ମହାନ୍ତଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

## ଭାଉଜ ସହ ଅନୈତିକ ସମ୍ପର୍କ ଦେଖିଦେଲା ବୋଲି

# ସ୍ତ୍ରୀକୁ ବିଷ ଦେଇ ମାରିଦେଲା ସ୍ୱାମୀ

**ହୁମ୍ମା, ୫।୫(ସମିସ):** ଭାଉଜ ସହ ଅନୈତିକ ସମ୍ପର୍କ ଦେଖିଦେବାରୁ ନିଜ ସ୍ତ୍ରୀକୁ ବିଷ ଦେଇ ହତ୍ୟା କରିଛି ସ୍ୱାମୀ। ଶନିବାର ଗଞ୍ଜାମ ଥାନା ଅନ୍ତର୍ଗତ ବୋରିଗାଁରେ ଏଭଳି ଘଟଣା ଘଟିଛି। ପୁଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିବା ବେଳେ ଯାଆ ଓ ଦେଢ଼ଶୁର ଫେରାର ଥିବା ଜଣାପଡ଼ିଛି। ହତ୍ୟାର ଶିକାର ହୋଇଥିବା ମହିଳାଜଣଙ୍କ ହେଲେ, ରଚନା ପ୍ରଧାନ। ସୂଚନାନୁସାରେ, ହୁମ୍ମା ଫାଣ୍ଡି ଅନ୍ତର୍ଗତ ବୋରିଗାଁର ରଚନା ପ୍ରଧାନ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକର ଗୁରୁବାଇ ଗ୍ରାମର ନବୀନ ସିଠଙ୍କୁ ଗତବର୍ଷ ବିବାହ କରିଥିଲେ। ବିବାହର କିଛି ଦିନ ପରେ ରଚନାଙ୍କ ଜୀବନରେ ଏକ ଅଜଣା ଝଡ଼ ମାଡ଼ି ଆସିଥିଲା। ନବୀନଙ୍କ ସହ ତାଙ୍କ ଭାଉଜଙ୍କ ଅନୈତିକ ସଂପର୍କ ଥିବା ସେ ଜାଣିବାକୁ ପାଇଥିଲେ। ଦିନେ ଏହାର ପ୍ରମାଣ ପାଇବା ପରେ ଦୁହିଁଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଏହାକୁ ବିରୋଧ କରିବାରୁ ସ୍ୱାମୀ ନବୀନଙ୍କ ସମେତ ଭାଉଜ ଓ ଦେଢ଼ଶୁର ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏପରିକି, ଗତବର୍ଷ ଅଗଷ୍ଟ ୧୮ ତାରିଖରେ ତାଙ୍କ ଉପରେ କିରାସିନି ଢାଳି ମାରିଦେବାକୁ ଉଦ୍ୟମ କରାଯାଇଥିଲା। ତେବେ ଗତ ଶନିବାର ରାତିରେ ରଚନାଙ୍କ ଅବସ୍ଥା ହଠାତ୍ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଏ ସଂପର୍କରେ ରଚନାଙ୍କ ମାଆ ନମିତା ପ୍ରଧାନ ଗୁରୁତର ଅଭିଯୋଗ ଆଣିଛନ୍ତି। ଜ୍ୱାଇଁ ନବୀନ ପାଣିରେ ବିଷ ଦେଇ ରଚନାଙ୍କୁ ମାରିଦେଇଛି ବୋଲି ସେ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ନମ୍ବର ୨୯୮/୨୪ରେ ଏକ ରୁଜୁ କରି ନବୀନକୁ ଗିରଫ କରିଛି। ଦେଢ଼ଶୁର ଓ ଭାଉଜ ଫେରାର୍ ଥିବା ତଦନ୍ତକାରୀ ଅଫିସର ବିମଳ କହଁର ସୂଚନା ଦେଇଛନ୍ତି।

# ବିଜେପିର ନିର୍ବାଚନ ଇସ୍ତାହାର ଉନ୍ମୋଚିତ

**ଭୁବନେଶ୍ୱର, ୫।୫(ସମିସ):** ଆଜି ରାଜ୍ୟ ବିଜେପିର ନିର୍ବାଚନୀ ଇସ୍ତାହାର ସଂକଳ୍ପପତ୍ରକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଉନ୍ମୋଚନ କରିଛନ୍ତି। ସଂକଳ୍ପପତ୍ରରେ କୃଷିଠାରୁ ଆରମ୍ଭ କରି ଶିଳ୍ପ ପ୍ରତିଷ୍ଠା ପର୍ଯ୍ୟନ୍ତ ବହୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ସରକାରକୁ ଆସିଲେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଡିବିଟି ମାଧ୍ୟମରେ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଛି। ସେହିପରି ରାଜ୍ୟରେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର ମିଳିବ। ୨ ବର୍ଷ ମଧ୍ୟରେ ଏନ୍‌କ୍ୟାସ କରିବେ। ଦେଶର ପ୍ରମୁଖ ମେଟ୍ରୋ ସିଟିରେ ଓଡ଼ିଶା ଭବନ ନିର୍ମାଣ କରାଯିବ। ଭୁବନେଶ୍ୱର, ରାଉରକେଲା, ବାଲେଶ୍ୱର ଓ ବ୍ରହ୍ମପୁରରେ ଆଇଟି ପାର୍କ ନିର୍ମାଣ ହେବ। ଖାଲି ପଡ଼ିଥିବା ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରାଯିବ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ସେ କହିଛନ୍ତି ଯେ ପିଏମ୍‌ଏୱାଇ ଯୋଜନାରେ ୧୫ ଲକ୍ଷ ଘର ନିର୍ମାଣ ସହ ଜଳ ଜୀବନ ମିଶନରେ ୨୬ ଲକ୍ଷ ଘରକୁ ପାଣି ଯୋଗାଣ ହେବ। ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ୩ ହଜାର ଟଙ୍କା କରାଯିବ। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ବିଜେପିର ଲକ୍ଷ୍ୟ ରହିଛି ଏବଂ ରାଜ୍ୟରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ କରାଯିବ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କନ ମଧ୍ୟରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଇସ୍ତାହାର କମିଟି ଅଧ୍ୟକ୍ଷ ସମୀର ମହାନ୍ତି ଏବଂ ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# କେନ୍ଦ୍ରମନ୍ତ୍ରୀ ଜଣେ 'ସୁପର ମିଛୁଆ: ବିଜେଡି

## ବିଏସ୍‌କେୱାଇକୁ ବିରୋଧ କରୁଥିଲେ, ବିଜେଡିର ଆହ୍ୱାନ ପରେ ଚୁପ୍ ହୋଇଗଲେ

**ଭୁବନେଶ୍ୱର, ୫।୫(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ମା ସମଲେଇ ପ୍ରକଳ୍ପର ସଫଳତାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନରେ କେତେ କ୍ରୋଧ, ଇର୍ଷା ରହିଛି ତାହା ସେ ନିଜେ ହିଁ ଜଣାଇ ଦେଇଛନ୍ତି। ରାଜ୍ୟର ଗୌରବ ବୃଦ୍ଧି କରୁଥିବା ଏହି ଦୁଇ ପ୍ରକଳ୍ପକୁ ସେ କେତେ ଅସହିଷ୍ଣୁ ତାହା ଓଡ଼ିଶାବାସୀ ଦେଖିଲେ। ଓଡ଼ିଶାର ସଂସ୍କୃତି, ସ୍ୱାଭିମାନ, ସଭ୍ୟତାର କଥା କହୁଥିବା ଓଡ଼ିଶା ବିଜେପି ନେତାଙ୍କର ଏହା ହେଉଛି ଅସଲ ଚେହେରା। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି ବିଜେଡି ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର।

ଶ୍ରୀ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ମା ସମଲେଇ ପ୍ରକଳ୍ପକୁ ନେଇ ଓଡ଼ିଶାବାସୀ ଆଜି ଗର୍ବିତ। କୋଟି କୋଟି ଶ୍ରଦ୍ଧାଳୁ ଉତ୍‌ଫୁଲ୍ଲିତ। ଦେଶ ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁ ଏହାର ଭୂୟସୀ ପ୍ରଶଂସା କରୁଛନ୍ତି। କିନ୍ତୁ ଦୁଇ ପ୍ରକଳ୍ପର ଅଭୂତପୂର୍ବ ସଫଳତାକୁ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ମନରେ ବହୁ କ୍ଷୋଭ, ବହୁ ଇର୍ଷା। ତାଙ୍କର ସାମ୍ବାଦିକ ସମ୍ମିଳନୀ ହିଁ ତାଙ୍କର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ଆରମ୍ଭ ଦିନରୁ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିରୋଧ କରି ଆସୁଛନ୍ତି। ଆମ ରାଜ୍ୟର ଶ୍ରେଷ୍ଠ ଧାର୍ମିକ ସ୍ଥଳୀର ଉନ୍ନତି

> **ଏବେ ଶ୍ରୀମନ୍ଦିର ଓ ମା' ସମଲେଇଙ୍କ ପ୍ରକଳ୍ପକୁ ନେଇ ବିଷୋଦଗାର କରୁଛନ୍ତି**
>
> **ଏତେ ଯଦି ଇର୍ଷା ଜର୍ଜରିତ, ତା'ହେଲେ ପ୍ରକଳ୍ପ ବନ୍ଦ କରିଦେବେ ବୋଲି କୁହନ୍ତୁ**

କାର୍ଯ୍ୟକୁ ପାଇଖାନା ସହ ତୁଳନା କରିବାକୁ ସେ ପଛାଇ ନାହାନ୍ତି। ସେହିପରି ମା' ସମଲେଇଙ୍କ ପ୍ରକଳ୍ପକୁ ବି ସମାଲୋଚନା ଏବଂ ବିରୋଧ କରୁଛନ୍ତି। ନିଜ ଅନୁଗତଙ୍କୁ ଲଗାଇ କୁତ୍ସାରଟନା କରୁଛନ୍ତି। ଯେଉଁଠି କୋଟି କୋଟି ଶ୍ରଦ୍ଧାଳୁ ଏହାକୁ ଓଡ଼ିଶାର ମହାନ୍ ପଦକ୍ଷେପ ବୋଲି କହୁଛନ୍ତି, ସେଠି କେନ୍ଦ୍ରମନ୍ତ୍ରୀଙ୍କ ବିଷୋଦଗାର ତାଙ୍କର ପ୍ରକୃତ ଚିନ୍ତାଧାରାକୁ ଓଡ଼ିଶାବାସୀଙ୍କ ସାମ୍ନାରେ ରଖି ଦେଇଛି। ଯଦି ଏହି ଦୁଇ କାର୍ଯ୍ୟ ଯାହା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ କରାଯାଇଛି, ତାହା ଯଦି ଏତେ ଖରାପ ଲାଗୁଛି, ତେବେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସତସାହାସ ଦେଖାଇ ଏହାକୁ ବନ୍ଦ କରିବାକୁ ପ୍ରତିଶ୍ରୁତି ଦିଅନ୍ତୁ। ନିଜ ଦଳର ନିର୍ବାଚନୀ ଇସ୍ତାହାରରେ ଏହାକୁ ଉଲ୍ଲେଖ କରିବାକୁ ଯେଉଁ ଆହ୍ୱାନ ବିଜେଡି ଦେଇଛି, ଶ୍ରୀ ପ୍ରଧାନ ତାକୁ ଗ୍ରହଣ କରିବାର ସତସାହାସ ଦେଖାନ୍ତୁ। ପୂର୍ବରୁ ବିଏସକେୱାଇ ବିରୋଧରେ ମଧ୍ୟ ସେ ଅନେକ ବିଷୋଦଗାର କରୁଥିଲେ। ହେଲେ ଆମେ ବିଏସକେୱାଇ ବନ୍ଦ କରିବା ନେଇ ପ୍ରତିଶ୍ରୁତି ଦେବାକୁ ଆହ୍ୱାନ ଦେବା ପରେ ସେ ଚୁପ୍ ହୋଇଗଲେ, ଆଉ ସେ ବିଏସକେୱାଇ କଥା ଉଠାଉନାହାନ୍ତି। ସମସ୍ତେ ଜାଣିଛନ୍ତି ଅଭ୍ୟାସଗତ ଭାବେ ଶ୍ରୀ ପ୍ରଧାନ ବାରମ୍ବାର ମିଛ କୁହନ୍ତି, ଯେଉଁଥିପାଇଁ ଲୋକେ ତାଙ୍କୁ ସୁପର ମିଛୁଆ ବୋଲି କହିବା ଆରମ୍ଭ କଲେଣି। ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ସେ ଯାହା ତାହା କହିପାରନ୍ତି ଆଉ ମନଇଛା ପ୍ରତିଶ୍ରୁତି ବି ଦେଇପାରନ୍ତି। ଓଡ଼ିଶାବାସୀ ତାଙ୍କୁ ଚିହ୍ନିଗଲେଣି। ଏହି ନିର୍ବାଚନରେ ଜନତା ତାଙ୍କୁ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି।

# ଅବଶିଷ୍ଟାଂଶ...

## ବିରୋଧୀ ନେତା...

ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। କଥା କମ୍, କାମ ବେଶି ହେଉଛି ମୁଖ୍ୟମନ୍ତ୍ରୀଙ୍କ ପରିଚୟ। ମୁଖ୍ୟମନ୍ତ୍ରୀ ସବୁବେଳେ ବନ୍ୟା, ବାତ୍ୟା, ମରୁଡ଼ି, ସୁଖ ଦୁଃଖ ସବୁଥିରେ ଓଡ଼ିଶାବାସୀଙ୍କ ସାଥିରେ ଅଛନ୍ତି ଓ ସେମାନଙ୍କ ପାଇଁ କାମ କରୁଛନ୍ତି । କିନ୍ତୁ କଥା ବେଶି କାମ କମ୍ ହେଉଛି ବିରୋଧୀଙ୍କ ପରିଚୟ। ଭୋଟ ପାଇଁ ସେମାନେ ୫ ବର୍ଷରେ ଥରେ ଆସନ୍ତି; ଘୋଡ଼ା ଦେବୁ, ହାତୀ ଦେବୁ ବୋଲି କୁହନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ କରିବେ ବୋଲି ପ୍ରତିଶ୍ରୁତି ଦିଅନ୍ତି; କିନ୍ତୁ, ଭୋଟ ସରିଲେ ସବୁ ଭୁଲିଯାନ୍ତି। ବିଜେପି ବର୍ଷକୁ ୨ କୋଟି ଚାକିରି ଓ ଧାନର ଏମଏସ୍‌ପି ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହି ପ୍ରତିଶ୍ରୁତି କୁଆଡ଼େ ଗଲା? ବିରୋଧୀ ବାରମ୍ବାର ମିଛ କହୁଛନ୍ତି, ମିଛ ପ୍ରତିଶ୍ରୁତି ଦେଉଛନ୍ତି ; କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଲୋକଙ୍କୁ କାମର ହିସାବ ଦିଅନ୍ତି। ଭୋଟ ନୁହେଁ, ସେବାରେ ବିଶ୍ୱାସ କରନ୍ତି। ଲୋକଙ୍କ ମୁହଁରେ ହସ ଫୁଟିଲେ, ମୁଖ୍ୟମନ୍ତ୍ରୀ ଖୁସି ହୁଅନ୍ତି।

ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆରମ୍ଭ କରାଯାଇଥିବା ନୂଆ-ଓ ବୃତ୍ତି ସଂପର୍କରେ ସୂଚନା ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ କଲେଜ ଯାଉଥିବା ୯୫ ପ୍ରତିଶତ ଛାତ୍ରଛାତ୍ରୀ ବୃତ୍ତି ପାଉଛନ୍ତି। ଝିଅମାନେ ୧୦ ହଜାର ଓ ପୁଅମାନେ ୯ ହଜାର ଟଙ୍କା ପାଉଛନ୍ତି। ବୌଦ୍ଧ ଜିଲ୍ଲାର ପୁରୁଣା କଟକକୁ ଏନଏସି ଓ ବୌଦ୍ଧକୁ ମ୍ୟୁନିସିପାଲଟିର ମାନ୍ୟତା ଦିଆଯାଇଛି । ଲୋକଙ୍କ ପ୍ରସ୍ତାବକ୍ରମେ ଭୈରବୀ ମନ୍ଦିର ଓ ଚନ୍ଦ୍ରଚୂଡ ମନ୍ଦିରର ବିକାଶ ପାଇଁ ଯଥାକ୍ରମେ ୪ କୋଟି ଓ ସାଢେ ତିନି କୋଟି ଟଙ୍କା ଦିଆଯାଇଛି । ଏହାସହିତ ଅନେକ ମଠ, ମନ୍ଦିର, ଚର୍ଚ୍ଚ, ମସ୍‌ଜିଦର ରୂପାନ୍ତର ପାଇଁ ପଦକ୍ଷେପ ନିଆଯାଇଛି। ବୀରମହାରାଜପୁରରେ ୩୦୦୦ କୋଟି ଟଙ୍କାର ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଚାଲିଛି । ଉଲୁଣ୍ଡା, ସୁବଳୟା ଓ ବୀରମହାରାଜପୁରକୁ ଏନଏସି ମାନ୍ୟତା ମିଳିଛି । ପାତାଳୀ ଶ୍ରୀକ୍ଷେତ୍ର ପାଇଁ ୨୮ କୋଟି ଟଙ୍କା ଦିଆଯାଇଛି । ଲୋକଙ୍କ ସେବାରେ ମୁଖ୍ୟମନ୍ତ୍ରୀ ନିଜକୁ ସମର୍ପିତ କରିଛନ୍ତି। ଲୋକଙ୍କ ମୁହଁରେ ହସ ଫୁଟିଲେ, ମୁଖ୍ୟମନ୍ତ୍ରୀ ଖୁସି ହୁଅନ୍ତି । ତେଣୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଦୁଇ ଥର ଭୋଟ ଦେଇ ବିଜୁ ଜନତା ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାନ୍ତୁ ବୋଲି କାର୍ତ୍ତିକ ଅନୁରୋଧ କରିବା ସହ ବିନିକାରୁ ହିଁ ସେ ତାଙ୍କର ଚାକିରୀ ଜୀବନର ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବିନିକା ଓ ଡୁଙ୍ଗୁରିପାଲ୍ଲୀ ସହିତ ମୋର ସ୍ୱତନ୍ତ୍ର ସଂପର୍କ ରହିଛି । ଏଠାରେ ମୁଁ ପ୍ରଶିକ୍ଷଣ ପାଇଥିଲି । ମୁଖ୍ୟମନ୍ତ୍ରୀ ଆପଣଙ୍କ ସହ ଅଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ନିୟମିତ ବ୍ୟବଧାନରେ ଆପଣଙ୍କ ସୁଖଦୁଃଖ ବୁଝିବାକୁ ଆସିଛି । ଏବେ ନିର୍ବାଚନ ବେଳେ ବିରୋଧୀମାନେ ଆସୁଛନ୍ତି, କିନ୍ତୁ ନିର୍ବାଚନ ସରିଗଲେ ଖୋଜିଲେ ବି ସେମାନଙ୍କୁ ପାଇବେ ନାହିଁ। ମାତ୍ର ନିର୍ବାଚନ ସରିଲେ ଆମେ ଆସିବୁ ଓ ପୁଣି ହିସାବ ଦେବୁ। ଡୁଙ୍ଗୁରିପାଲ୍ଲୀ ଓ ରାମପୁରକୁ ଏନ୍‌ଏସି ମାନ୍ୟତା ଦିଆଯାଇଛି । ସୁବର୍ଣ୍ଣମେରୁ, ରାମେଶ୍ୱର ଓ ସୁରଶ୍ୱେରୀ ମନ୍ଦିର ପାଇଁ ୫.୪୦ କୋଟି ଟଙ୍କା, ସୋନପୁର ସୁରଶ୍ୱେରୀ ମନ୍ଦିର ପାଇଁ ୨.୧୦ କୋଟି ଟଙ୍କା, ଭୀମଭୋଇ ସମାଧି ପୀଠର ବିକାଶ ପାଇଁ ୫୦ ଲକ୍ଷ ଟଙ୍କା, ଅଙ୍ଗ ଜଳସେଚନର ସଂପ୍ରସାରଣ ପାଇଁ ୨୩୧ କୋଟି ଟଙ୍କା, ଚୂଡାଖାଇ ପାହାଡର ସୌନ୍ଦର୍ଯ୍ୟକରଣ ପାଇଁ ୧ କୋଟି ଟଙ୍କା, ପୂଜାଡୁଙ୍ଗୁରୀର ବିକାଶ ପାଇଁ ୧ କୋଟି ଟଙ୍କା, ତରଭା ବରପାହାଡ ବିକାଶ ପାଇଁ ୫୦ ଲକ୍ଷ ଟଙ୍କାର କାମ ଚାଲିଛି । ନିରଞ୍ଜନ ପୂଜାରୀ ବହୁତ ଦକ୍ଷତାର ସହ କାମ କରିଥାନ୍ତି। ତାଙ୍କ କାମ କରିବାର ଉଦାହରଣ ସୋନପୁରର ଜିଲ୍ଲା ଚିକିତ୍ସାଳୟ ଅଟେ। ୬୦ ହଜାର ମାର୍ଜିନରେ ଉଭୟ ନିରଞ୍ଜନ ପୂଜାରୀ ଓ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କୁ ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେଇ ଜିତାଇ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ପାଇଁ ନିବେଦନ କରିଥିଲେ। ବିଭିନ୍ନ ସ୍ଥାନରେ ଏହି ସମାବେଶରେ କନ୍ଧମାଳ ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ, ବିଧାୟକ ପ୍ରାର୍ଥୀ ପ୍ରଦୀପ ଅମାତ, ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଏବଂ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ପ୍ରମୁଖ ନିର୍ବାଚନ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ।

## ଭୁଆଁ ବୁଲାଇବାର...

କ'ଣ ଶୋଇଥିଲେ ? ଯଦି ଏମ୍‌ଏସ୍‌ପି ୩୦୦୦ ଟଙ୍କା କରିବାର ଥିଲା, ତେବେ ଆଗରୁ କାହିଁକି କଲେ ନାହିଁ ? ନିର୍ବାଚନ ଆସିବା ବେଳକୁ ଚାଷୀଙ୍କ କଥା ମନେ ପଡୁଛି ? ଅନୁରୂପ ଭାବରେ ନିର୍ବାଚନ ଇସ୍ତାହାରରେ ଭତ୍ତା ୩୦୦୦ ଟଙ୍କା ଦେବାକୁ କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି 'ଡବଲ ଇଞ୍ଜିନ' ସରକାର ଭତ୍ତା ଦେଉଛନ୍ତି ମାତ୍ର ୩୦୦ ଟଙ୍କା, ଅନ୍ୟପକ୍ଷରେ ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର ୧୦୦୦ ଟଙ୍କା ପ୍ରଦାନ କରୁଛନ୍ତି। ଏବେ ନିର୍ବାଚନ ଆସୁଛି, 'ଡ଼ବଲ ଇଞ୍ଜିନ' ସ୍ଲୋଗାନ ଦେଉଥିବା ରାଜ୍ୟ ବିଜେପି ନେତାମାନେ ୩ ହଜାର ଟଙ୍କା ଭତ୍ତା ଦେବାକୁ କହୁଛନ୍ତି। ୧୦ ବର୍ଷ ହେଲା ୩୦୦ ଟଙ୍କା ଭତ୍ତା ଦେଉଛନ୍ତି, ଏବେ ୩୦୦୦ଟଙ୍କା କଥା କହୁଛନ୍ତି ? ୬ ମାସ ପୂର୍ବରୁ ଭତ୍ତା ୩୦୦୦ ଟଙ୍କାକୁ ବଢ଼ାଇଥିଲେ କ'ଣ ଅସୁବିଧା ହୋଇଥାଆନ୍ତା ? ବାସ୍ତବରେ ଏହା କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଓ ଠକିବା ପାଇଁ। ଆମ ମୁଖ୍ୟମନ୍ତ୍ରୀ ସବୁବେଳେ ଆପଣମାନଙ୍କ ପାଇଁ ଚିନ୍ତା କରନ୍ତି; ଓଡ଼ିଶାର ଚାଷୀ, ଯୁବକ, ମହିଳାଙ୍କ ବିକାଶ କଥା ଚିନ୍ତା କରନ୍ତି। ଆପଣଙ୍କ ସୁଖଦୁଃଖରେ ଠିଆ ହୋଇଥାଆନ୍ତି। ସେ ଭୋଟ ପାଇଁ କେବେ କାମ କରନ୍ତି ନାହିଁ । ସେ ଯାହା କହନ୍ତି, ତାହା ହିଁ କରନ୍ତି। 'ନବୀନ ଇଞ୍ଜିନ' ଗ୍ୟାରେଣ୍ଟି ଅସରନ୍ତି ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ।

## ଆଜିଠୁ କାଳବୈଶାଖୀ...

ପରିବର୍ତ୍ତନ ଆସିବା ନେଇ ଆକଳନ କରାଯାଇଛି। ସୋମବାରଠାରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବା ସହ କାଳବୈଶାଖୀର ପ୍ରଭାବ ଆରମ୍ଭ ହେବ। ମଙ୍ଗଳବାରଠାରୁ ଏହାର ପ୍ରକୋପ ବଢ଼ିବା ଯୋଗୁଁ ରାଜ୍ୟରେ ପ୍ରାୟ ୪-୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ତେଣୁ ରାଜ୍ୟବାସୀଙ୍କୁ ଗରମ ଗୁଳୁଗୁଳିରୁ କିଛି ଦିନ ପର୍ଯ୍ୟମ୍ତ ଆଶ୍ୱସ୍ତି ମିଳିବ ବୋଲି ଆକନଳ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସହିତ ପବନର ବେଗ ବୃଦ୍ଧି ହୋଇ ୩୦-୪୦ କିମି ପର୍ଯ୍ୟନ୍ତ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ମଙ୍ଗଳବାର ଏହି ସ୍ଥିତି ଆହୁରି ବଢ଼ିବା ସହ ଅଧିକ ଜିଲ୍ଲାରେ ପ୍ରଭାବ ଓ ବର୍ଷା ସାଙ୍ଗକୁ ପବନର ବେଗ ବଢ଼ି ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିବ। ଏଭଳି ସ୍ଥିତି ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଉତ୍ତର ଉପକୂଳ ଓଡିଶା-ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳରେ ପବନର ବେଗ ୪୦-୫୦ କିମି ବେଗରେ ରହିବାର ସମ୍ଭାବନା ରହିଛି। ଏଥିପାଇଁ ସାମୁଦ୍ରିକ ସ୍ଥିତି ଅଶାନ୍ତରୁ ଅତ୍ୟଧିକ ଅଶାନ୍ତ ରହିବାର ଆଶଙ୍କା କରାଯାଉଛି। ଏହି ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ୬-୮ ତାରିଖ ଯାଏଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟସ୍ଥ ଉତ୍ତର-ଉପକୂଳ ଓଡ଼ିଶାର ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

ସୂଚନା ଥାଉ କି ରବିବାର ବୌଦ୍ଧରେ ତାପମାତ୍ରା ୪୪.୬ ଡିଗ୍ରୀ, ନୂଆପଡ଼ାରେ ୪୪.୪ ଡିଗ୍ରୀ, ବଲାଙ୍ଗିରରେ ୪୪.୪ ଡିଗ୍ରୀ, ଭବାନୀପାଟଣାରେ ୪୪ ଡିଗ୍ରୀ, ବାରିପଦାରେ ୪୩.୫ ଡିଗ୍ରୀ, ସୋନପୁରରେ ୪୩.୫ ଡିଗ୍ରୀ, ସମ୍ବଲପୁରରେ ୪୩.୪ ଡିଗ୍ରୀ, ନୟାଗଡ଼ରେ ୪୩ ଡିଗ୍ରୀ, କେନ୍ଦୁଝରରେ ୪୩ ଡିଗ୍ରୀ, ସୁନ୍ଦରଗଡ଼ରେ ୪୩ ଡିଗ୍ରୀ, ଅନୁଗୋଳରେ ୪୨.୯ ଡିଗ୍ରୀ,ଫୁଲବାଣୀରେ ୪୨.୬ ଡିଗ୍ରୀ, ରାଉରକେଲାରେ ୪୨.୬ ଡିଗ୍ରୀ, ତାଳଚେରରେ ୪୨.୪ ଡିଗ୍ରୀ, ହୀରାକୁଦରେ ୪୨.୧ ଡିଗ୍ରୀ, ମାଲକାନଗିରିରେ ୪୨ ଡିଗ୍ରୀ ରେକର୍ଡ କରାଯାଇଛି।

## ଭୋଟ ବେଳକୁ...

କେନ୍ଦ୍ରରେ ୧୦ ବର୍ଷ କ୍ଷମତାରେ ରହିବା ସତ୍ତ୍ୱେ ସହାୟକ ମୂଲ୍ୟ ବୃଦ୍ଧି କରି ନ ଥିବାବେଳେ ଏବେ ଇସ୍ତାହାରର ପ୍ରତିଶ୍ରୁତିକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୭ ମସିହାରେ ଧାନର ଉତ୍ପାଦନ ଖର୍ଚ୍ଚ ପ୍ରାୟ ୧୯୫୦ ଟଙ୍କା ଥିବାବେଳେ କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ଧାର୍ଯ୍ୟ କରିଥିଲେ। ରାଜ୍ୟର ଚାଷୀଙ୍କ ପାଇଁ ଏହି ଅନ୍ୟାୟ ବିରୋଧରେ ରାଜ୍ୟ ବିଧାନସଭାରେ ଆଲୋଚନା ହୋଇଥିଲା ଏବଂ ଓଡ଼ିଶା ସରକାର ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ଅନ୍ୟୂନ ୨୯୩୦ ଟଙ୍କା କରାଯିବାକୁ ଦାବି କରିଥିଲେ। ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶାସକ ବିଜେଡି ସହ ତତ୍‌କାଳୀନ ସମୟର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ସ୍ୱଳ୍ପ ସଂଖ୍ୟା ସତ୍ତ୍ୱେ ରାଜ୍ୟ ବିଜେପିର ବିଧାୟକମାନେ ଏହାକୁ ସମର୍ଥନ କରିଥିଲେ। ବିଧାନସଭାରେ ଗୃହୀତ ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥିଲା। ଏହା ସହ ଏହି ଦାବିକୁ ନେଇ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବିଧାନସଭାର ଗୃହ କମିଟି ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଇଥିଲେ। ମାତ୍ର ଗତ ୭ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏଥିପାଇଁ ସମୟ ଦେଇ ନାହାନ୍ତି।

ଅନ୍ୟପକ୍ଷରେ ବିଭିନ୍ନ ଫୋରମରେ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାନର ସହାୟକ ମୂଲ୍ୟ ବୃଦ୍ଧି ସଂକ୍ରାନ୍ତ ଦାବି ଉପସ୍ଥାପନ କରି ଆସୁଛନ୍ତି। ଓଡ଼ିଶା ସରକାର ଏମ୍‌ଏସ୍‌ପି ବୃଦ୍ଧି ଓ ସ୍ୱାମୀନାଥନ୍ କମିଶନ ରିପୋର୍ଟ ଲାଗୁ ନିମନ୍ତେ ପ୍ରାୟ ୧୫ଟି ଚିଠି ଲେଖି ସାରିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ଏହି ପ୍ରସଙ୍ଗରେ ଅନେକ ବାର କେନ୍ଦ୍ର କୃଷିମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ବିଭିନ୍ନ ସମୟରେ ରାଜ୍ୟ କୃଷିମନ୍ତ୍ରୀ ଓ ବିଜେଡି ସାଂସଦମାନେ ମଧ୍ୟ କେନ୍ଦ୍ରସରକାରଙ୍କ ନିକଟରେ ଏମ୍‌ଏସ୍‌ପି ବୃଦ୍ଧି ଦାବି କରିଛନ୍ତି; ସଂସଦରେ ବାରମ୍ବାର ଏହି ପ୍ରସଙ୍ଗ ଉଠାଇଛନ୍ତି । ମାତ୍ର କେନ୍ଦ୍ର ସରକାର ନିଦାବିଷ୍ଟୁ ସାଜି ବସିଛନ୍ତି। ପ୍ରତିବର୍ଷ ଯେତେବେଳେ ଧାନର ଏମ୍‌ଏସ୍‌ପି ବୃଦ୍ଧି କଥା ଆସୁଛି; ସେତେବେଳେ କେନ୍ଦ୍ର କ୍ୱିଣ୍ଟାଲ ପିଛା ମାତ୍ର ୬୦ରୁ ୮୦ ଟଙ୍କା ବୃଦ୍ଧି କରାଯାଉଛି । ୨୦୧୭ ମସିହାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ଥିବାବେଳେ ୨୦୨୩-୨୪ କୃଷି ବର୍ଷରେ ଏହା ୨୧୮୩ରେ ଅଟକି ଯାଇଛି । ଗତ ୭ ବର୍ଷ ମଧ୍ୟରେ ଧାନର କ୍ୱିଣ୍ଟାଲ ପିଛା ଉତ୍ପାଦନ (ସି-୨) ବ୍ୟୟ ପ୍ରାୟ ୫୦% ବୃଦ୍ଧି ପାଇ ୨୪୦୦ ଟଙ୍କା ଅତିକ୍ରମ କରିସାରିଛି; ତଥାପି କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗୁନାହିଁ ।

ଗତ ବିଧାନସଭା ଅଧିବେଶନ ସମୟରେ ବିଜୁ ଜନତା ଦଳ ଧାନର ସହାୟକ ମୂଲ୍ୟ ସର୍ବନିମ୍ନ ୩୩୩୦ ଟଙ୍କା କରିବାକୁ ଦାବି କରିଥିଲା । ସ୍ୱାମୀନାଥନ କମିଶନଙ୍କ ରିପୋର୍ଟରେ ସହାୟକ ମୂଲ୍ୟ ଉତ୍ପାଦନ ମୂଲ୍ୟର ଦେଢ଼ଗୁଣ କରାଯିବାକୁ ସୁପାରିସ ଆଧାରରେ ଏମଏସପି ନିର୍ଦ୍ଧାରଣ କରିବାକୁ ଦଳର ବିଧାୟକମାନେ ଦାବି କରିଥିଲେ। ରାଜ୍ୟର କଂଗ୍ରେସ ବିଧାୟକମାନେ ମଧ୍ୟ ଏହାକୁ ସମର୍ଥନ କରିଥିଲେ। ଏପରିକି ଚାଷୀଙ୍କ ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଥିବା ବିଜେପିର ବିଧାୟକମାନେ ଆଲୋଚନାରେ ଭାଗ ନ ନେଇ ରହସ୍ୟମୟ ନିରବତା ଅବଲମ୍ବନ କରିଥିଲେ। ଆଉ ଏବେ ନିର୍ବାଚନ ସମୟରେ ଧାନର ସହାୟକ ମୂଲ୍ୟ ୩୦୦୦ ଟଙ୍କା କରିବାକୁ ନିଜ ନିର୍ବାଚନ ଇସ୍ତାହାରରେ ପ୍ରକାଶ କରିଛନ୍ତି । ଯାହାକୁ ନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବିଜେପିର ଏପରି ଛଳନାକୁ ସମାଲୋଚନା କରି ଏତେଦିନ କେଉଁଠି ଶୋଇଥିଲେ ବୋଲି ପ୍ରଶ୍ନ କରିଛନ୍ତି । ଗଲା ୧୦ ବର୍ଷ ହେଲା ଧାନର ସହାୟକ ମୂଲ୍ୟ ବଢ଼ାଇଲେ ନାହିଁ, ଆଉ ଏବେ ନିର୍ବାଚନ ବେଳକୁ ଚାଷୀଙ୍କୁ ଭୁଆଁ ବୁଲାଇବା ପାଇଁ ବିଜେପି ଯୋଜନା କରିଛି ବୋଲି ଶ୍ରୀ ପାଣ୍ଡିଆନ ଅଭିଯୋଗ କରିଛନ୍ତି।

## କେନ୍ଦୁଝରର ବିଜେପି ଓ କଂଗ୍ରେସ୍‌କୁ ଲାଗିଲା ଝଟକା

# ବିଜେଡିରେ ମିଶିଲେ ଶତାଧିକ ନେତା ଓ କର୍ମୀ



**ଭୁବନେଶ୍ୱର, ୫।୫(ସମିସ):** କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ପାଟଣା ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ଓ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ବିଜେଡିରେ ମିଶିଛନ୍ତି। ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କେନ୍ଦୁଝର ବିଜେଡି ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ପର୍ଯ୍ୟବେକ୍ଷକ ଡ. ହରିଶ ଚୌଧୁରୀ ଓ ସଂଯୋଜକ କାନନ ବିହାରୀ ପହି ସମସ୍ତଙ୍କୁ ଦଳରେ ସ୍ୱାଗତ କରିଛନ୍ତି।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ଓ କଂଗ୍ରେସ ନେତାମାନେ ନିଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶ ଆମକୁ ସର୍ବଦା ଅନୁପ୍ରାଣିତ କରିଥିଲା। ତାଙ୍କ ନେତୃତ୍ୱରେ ଓଡ଼ିଶା ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ହେବାକୁ ଯାଉଥିବା ବେଳେ ଏକ ଶୃଙ୍ଖଳିତ ଦଳ ଭାବେ ବିଜେଡି ଓଡ଼ିଶାବାସୀଙ୍କ ସେବା କରି ଚାଲିଛି। ଏପରି ଏକ ଦଳରେ ଯୋଗଦେବା ଆମ ପାଇଁ ସୌଭାଗ୍ୟର ବିଷୟ। ଏହି ମିଶ୍ରଣ ପର୍ବରେ ସତ୍ୟବ୍ରତ ନାଏକ, ଗୌରହରି ନାୟକ, ସରପଞ୍ଚ ଜୟନ୍ତୀ ମୁଣ୍ଡା, ହେମନ୍ତ ପାତ୍ର, ସୁଶୀଲ କୁମାର ମହାନ୍ତି, ଗୌରାଙ୍ଗ ଚରଣ ନାଏକ, ଟସ୍କର ନାଏକ, ପ୍ରମୋଦ କୁମାର ସାହୁ, ପ୍ରଦୀପ ମହାପାତ୍ର, କମଳା ନାଏକ, ଅନନ୍ତ ନାଏକ, ମୁରଲୀଧର ନାଏକ, କ୍ଷମାନନ୍ଦ ମହାନ୍ତି, ଭାନୁମତୀ ମହାନ୍ତି, କାଳିଆ ମହାକୁଡ, ସଂଜୟ ସେଠୀ, କନକଲତା ମହାନ୍ତି, ଚଗଲା ଜେନା, ରମେଶ ଚନ୍ଦ୍ର ନାଏକ, ଗୋବର୍ଦ୍ଧନ ନାୟକ, ବୁଦ୍ଧଦେବ ନାୟକ, ମଳୟ ରଂଜନ ନାୟକ, ସଂଗ୍ରାମ ନାୟକ, ଭଗବାନ ନାୟକ, ଗଦାଧର ଦେହୁରୀ, ବାନୁ ନାୟକ, ଭଗିଆ ଦାସ, ମୋହନ ଦାସ, କିରଣ ବାରିକ, ସୁବାସ ଚନ୍ଦ୍ର ମହାକୁଡ, ଦିଲ୍ଲୀକ କୁମାର ମହାକୁଡ, ଗୁରୁଚରଣ ମହାକୁଡ, ଦିବ୍ୟରଂଜନ ପଲେଇ, ରଂଜିତ ପଲାଇ, ଜଳଧର ନାୟକ, ଦଶରଥ ମହାନ୍ତ, ରାଘବ ଦଳାଇ ଓ ଜଗବନ୍ଧୁ ନାୟକଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି +୨ ରେଜଲ୍ଟ

**ଭୁବନେଶ୍ୱର,୫।୫(ସମିସ):** କାଉନସିଲ ଫର ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ହୋଇଥିବା ଆଇସିଏସ୍‌ଇ ଦଶମ ଏବଂ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାଫଳ ଆସନ୍ତାକାଲି ଅର୍ଥାତ୍ ସୋମବାର ପୂର୍ବାହ୍ନ ୧୧ଟାରେ ପ୍ରକାଶ ପାଇବ। ଛାତ୍ରଛାତ୍ରୀମାନେ cisce.org ଏବଂ results.cisce.org ୱେବସାଇଟରେ ନିଜ ପରୀକ୍ଷାଫଳ ଦେଖିପାରିବେ। ଏ ନେଇ ରବିବାର ସିଆଇଏସ୍‌ସିଇ ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷା ଫଳରେ ଅସନ୍ତୁଷ୍ଟ ଛାତ୍ରଛାତ୍ରୀମାନେ ରିଚେକିଂ ଏବଂ ପୁନଃ ମୂଲ୍ୟାଙ୍କନ କରିବାକୁ ଆବେଦନ କରିପାରିବେ। ଗୋଟିଏ ବିଷୟରେ ରିଚେକିଂ ପାଇଁ ହଜାରେ ଏବଂ ପୁନଃ ମୂଲ୍ୟାଙ୍କନ ପାଇଁ ୧୫ଶହ ଟଙ୍କା ରହିଛି। ଆଜିଠାରୁ ୧୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ରିଚେକିଂ ପାଇଁ ଆବେଦନ କରିପାରିବେ। ୪ ସପ୍ତାହ ମଧ୍ୟରେ ତାର ରେଜଲ୍ଟ ପ୍ରକାଶ ପାଇବ। ସେହିପରି ପୁନଃ ମୂଲ୍ୟାଙ୍କନ ପାଇଁ ରେଜଲ୍ଟ ପ୍ରକାଶ ପରିବାର ୨୪ଘଣ୍ଟା ମଧ୍ୟରେ ଆବେଦନ କରିବାକୁ ପଡ଼ିବ ବୋଲି ସିଆଇଏସ୍‌ସିଇ ପକ୍ଷରୁ ସୂଚନା ଦିଆଯାଇଛି।

**ଅଧାରେ ଲଟକିଛି ରାସ୍ତା କାମ**

# ଧୂଳିରେ ନୟାନ୍ତ ପଥଚାରୀ

**ପଦ୍ମପୁର, ୫।୫ (ସମିସ)**

ପଦ୍ମପୁର-ଜଗଦଲପୁର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଥିବାରୁ ଲୋକେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନିର୍ମାଣ କାମ ଅଞ୍ଚଳବାସୀଙ୍କ ଏବେ ଦୁଃଖ ପାଲଟ ଯାଇଛି। ଏହି ରାସ୍ତାରେ ଯାଉଥିବା ଲୋକ ଏବେ ପ୍ରମାଦ ଗଣିବା ଆରମ୍ଭ କଲେଣି। ପଦ୍ମପୁର ପୂର୍ତ୍ତ ବିଭାଗ ଅଧିନରେ ଦୀର୍ଘ ବର୍ଷେ ପାଖାପାଖି ହେବ ଏହି ରାସ୍ତା କାମ ଚାଲିଛି। କିଛି ସ୍ଥାନରେ ରାସ୍ତା କାମ ସରିଥିବା ବେଳେ ଆଉ କିଛି ସ୍ଥାନରେ କାମ ଅଧାରେ ପଡ଼ିଛି। ରାସ୍ତା ନିର୍ମାଣର ଗୁଣବତ୍ତା ଯେମିତି ଥାଉନଥାଉ ଅଧାପନ୍ତରିଆ କାମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପ୍ରସାରଣ କରାଯାଉଥିବା ରାସ୍ତାର ଦୁଇ ପାର୍ଶ୍ୱରେ ଖଣ୍ଡିଆ କାମ ହୋଇ ବନ୍ଦ ରହିଥିବା ଦେଖାଯାଉଛି। ରାସ୍ତାର ବିଭିନ୍ନ ସ୍ଥାନରେ ବାଲି, କ୍ରସର ଗୁଣ୍ଡ, ମେଟାଲ ଆଦି ଗଦା କରି ରଖାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଏହି ରାସ୍ତାରେ ଉଡୁଥିବା ଧୂଳିରେ ଦିନ ବେଳା ମଧ୍ୟ ଅନ୍ଧାର ଦେଖାଯାଉଛି। ଯାତ୍ରୀମାନଙ୍କ ପୋଷାକରେ ଇଞ୍ଚେ ବହଳର ଧୂଳି ଜମିଯାଉଛି।ଅଧାପନ୍ତରିଆ ରାସ୍ତାରେ ଠିକା ସଂସ୍ଥା କୁ ପାଣି ଛିଞ୍ଚିବା ପାଇଁ କୁହାଯାଉଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଶୀଘ୍ର ଏହି କାମ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ବିଜେଡି ପ୍ରଚାର ଗାଡ଼ିର ଶୁଭାରମ୍ଭ କଲେ ବିଧାୟକ



**ବରଗଡ଼, ୫।୫(ସମିସ):** ଆଗାମୀ ମଇ ୨୦ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡିର ପ୍ରଚାର ଗାଡ଼ି ଗୁଡ଼ିକୁ ସ୍ଥାନୀୟ କାଳୀ ମନ୍ଦିରରେ ପୂଜା କରି ଶୁଭାରମ୍ଭ କରାଯାଇଛି। ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ବିଜେଡି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଉପ ନଗରପାଳ ରାଜେଶ ଅଗ୍ରୱାଲ, ନନ୍ଦକିଶୋର ଅଗ୍ରୱାଲ, ଲିକନ ଆଚାର୍ଯ୍ୟ, ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ, ଲିପୁ ସାହୁ, ହୃଷୀକେଶ ମେହେର, ସମୀର ବାରିକ, ତୁଷାର ମହାନ୍ତି, ବିକି ଅଗ୍ରୱାଲ ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

## କାର୍ତ୍ତିକ ପାଣ୍ଡିଆନଙ୍କୁ ବୀରମହାରାଜପୁରରେ ସମ୍ବର୍ଦ୍ଧନା

**ବୀରମହାରାଜପୁର, ୫।୫ (ସମିସ):** ବୀରମହାରାଜପୁର ନିର୍ବାଚନମଣ୍ଡଳୀ କଇରାଝୁଲି ଠାରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଏକ ନିର୍ବାଚନ ସଭାକୁ ଉଦ୍‌ବୋଧନ ଦେବାବେଳେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ବିଜେଡି ଜିଲ୍ଲା ଉପସଭାପତି ରଞ୍ଜିତ କୁମାର ରଥ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବିଜେଡି ବ୍ଲକ ସଭାପତି ଶୟମ୍ଭୁନାଥ ଖଣ୍ଡଗିରି, ଉଲୁଣ୍ଡା ବ୍ଲକ ସଭାପତି ଝାସାକେତନ ବଘାର, ଜିଲ୍ଲା ସାଧାରଣ ସମ୍ପାଦକ କୃତୀବାସ ମିଶ୍ର, ସତ୍ୟଞ୍ଜୀବ ମିଶ୍ର, ଜିଲ୍ଲା ଉପସଭାପତି କିଶୋର ହୋତା, ବିହାରୀ ଲାଲ ମିଶ୍ର, ବିନିକା ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁ, ନଗର ବିଜେଡି ସଭାପତି ସୋମନାଥ ମିଶ୍ର, ଉତ୍ତର ପାତ୍ର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଅମୀୟ ରଞ୍ଜନ ଦାଶ, ବିଜେଡି ନେତା ପ୍ରେମାନନ୍ଦ ଜଟି, ରାଜଗୋପାଳ ପାଣିଗ୍ରାହୀ, ରଘୁବୀର ପାଣିଗ୍ରାହୀ, ଜିଲ୍ଲାପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଜିଲ୍ଲା ବିଜେଡି ମହିଳା ସଭାପତି ପଦ୍ମିନୀ ବଘାର, ଉଲୁଣ୍ଡା ବିଜେଡି ମହିଳା ସଭାନେତ୍ରୀ ସଙ୍ଗୀତା ଭୁକ୍ତା, ବୀରମହାରାଜପୁର ବ୍ଲକ ମହିଳା ସଭାନେତ୍ରୀ ଶ୍ରୀୟା କର୍ମୀ ପ୍ରମୁଖ ସ୍ୱାଗତ କରିଥିଲେ।

## ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ହରଭଙ୍ଗା ବ୍ଲକ ପରିଦର୍ଶନ

**ହରଭଙ୍ଗା, ୫।୫(ସମିସ):** ବୌଦ୍ଧ ଜିଲ୍ଲା ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି ନିର୍ବାଚନ ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଲକ୍ଷ୍ମଣ ବିନୱାଡେ। ପ୍ରଥମେ ବ୍ଲକର ସରସରା, ବାମଣ୍ଡା, କେଳାକଟା, ରାଧାନଗର, ବିରନରସିଂହପୁର, ଚମ୍ପାପୁର, ଲୁଣିବାହାଲ, ପୁରୁଣାକଟକ, ଝାଡ଼ରାଜିଙ୍ଗ, ତିଡ଼ିକଜୋର ବୁଥ୍ ପରିଦର୍ଶନ କରିଥିଲେ। ସେହିପରି ବୌଦ୍ଧ ଓ କନ୍ଧମାଳ ଉଭୟ ନିର୍ବାଚନ ମଣ୍ଡଳୀର ଷ୍ଟ୍ରଙ୍ଗରୁମ, ଡେସ୍ପାଜ ସେଣ୍ଟର, କାଉଁଟିଂ ହଲ୍ ଆଦି ବୁଲି ଦେଖିଥିଲେ। ହରଭଙ୍ଗା ବିଡିଓ ଶରତ ସେଠୀ, ସ୍ୱସ୍ତିକ ଜମାଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ଧାରରେ ଡୁଙ୍ଗୁରି ଛକ

**ସୁବଳୟା, ୫।୫ (ସମିସ):** ବୀରମହାରାଜପୁର ବ୍ଲକ୍ ଜଟେସିଂହା ପଞ୍ଚାୟତ ଡୁଙ୍ଗୁରି ଛକ ଏବେ ଅନ୍ଧାରରେ ରହିଛି। ଏହି ଛକ ଉପରେ ଅନେକ ଗ୍ରାମର ଲୋକ ନିର୍ଭର କରିଥାନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ଏହି ଛକ ନିକଟରେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଲୋକେ ଅପେକ୍ଷା କରିଥାନ୍ତି। ଯାତ୍ରୀ ଅସୁରକ୍ଷିତ ଭାବରେ ରାତ୍ରିକାଳୀନ ବସ୍‌କୁ ଅପେକ୍ଷା କରିଥାନ୍ତି। ଅନ୍ଧାରର ସୁଯୋଗ ନେଇ ଯାତ୍ରୀଙ୍କଠାରୁ ଲୁଟ୍‌ପାଟ୍ ହୋଇଥାଏ। ଅନ୍ୟପକ୍ଷେ ଏଠି ଲୋକଙ୍କୁ ପାଣି ମୁନ୍ଦେ ମିଳେନି। ଆଶ୍ରୟ ନେବା ପାଇଁ ବିଶ୍ରାମ ଗୃହ ଥିଲେ ମଧ୍ୟ ତାହା ଜରାଜୀର୍ଣ୍ଣ ଓ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି।

# ପ୍ରଖର ଖରାରେ ରୋଜଗାର ଯୋଗାଇଛି ତାଳସଜ

**ସୁବଳୟା, ୫।୫(ସମିସ):** ସୋନପୁର ଜିଲ୍ଲାରେ ବର୍ତ୍ତମାନ ୪୪ ଡିଗ୍ରୀ ଉପରେ ତାପମାତ୍ରା। ଓଡ଼ିଶାର ଏକ ଉତପ୍ତ ସହର ଭାବେ ଗଣାଯାଉଛି। ଗ୍ରୀଷ୍ମ ପ୍ରକୋପରେ ସମଗ୍ର ଜିଲ୍ଲା କଲବଲ ହେଉଛି। ଏପରିକି ଅଂଶୁଘାତରୁ ନିସ୍ତାର ପାଇବା ପାଇଁ ଲୋକେ ଓଦା ଗାମୁଛା ସହ ରାସ୍ତା କଡ଼ରେ ଥିବା ଜଳଛତ୍ର, ଆଖୁ ରସ, ସରବତ ଆଦି ଉପରେ ଭରସା କରିବାକୁ ପଡୁଛି। ଏହା ମଧ୍ୟରେ ଗ୍ରାମବାସୀଙ୍କ ଜୀବିକା ନିର୍ବାହ ମାଧ୍ୟମ ସାଜିଛି ତାଳସଜ। ସ୍ଥାନୀୟ ବୀରମହାରାଜପୁରରୁ ସୋନପୁର ଯିବା ବାଟରେ ବିଭିନ୍ନ ଛକ ସ୍ଥାନରେ ବହୁ ଲୋକ ତାଳସଜ ବିକୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ତାଳସଜ ସମସ୍ତଙ୍କୁ ଆକର୍ଷିତ କରୁଛି। ରାସ୍ତାରେ ଗଲାବେଳେ ବାଟୋଇ ତଥା ଗାଡି ଚାଳକ ଅଟକୁଛନ୍ତି। ତେବେ ତାଳ ସଜ ଏମିତି ଏକ ଫଳ ଯାହା ତୃଷାର୍ତ୍ତ ମଣିଷକୁ ଆଶ୍ୱସ୍ତି ଦେଇଥାଏ। ସ୍ଥାନୀୟ ଲୋକେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଟାଣ ଖରାରେ ବିକ୍ରି କରି ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ଷକରେ ଥରେ ମିଳୁଥିବା ତାଳସଜ ଖାଇବାକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି। ତାଳସଜ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିବା ସହ ପେଟ ସଫା ରହେ ବୋଲି ଲୋକେ କହନ୍ତି। ଏଠାରୁ ବାହାର ଜିଲ୍ଲାକୁ ତାଳ ବିକ୍ରି ପାଇଁ ଯାଉଥିବା ବେଳେ ତାଳସଜ ବିକ୍ରେତାଙ୍କ ରୋଜଗାର ମାଧ୍ୟମ ସାଜିଛି।



# ପର୍ଶୁରାମ ଜୟନ୍ତୀ ଶୋଭାଯାତ୍ରା ପ୍ରସ୍ତୁତି, ସାମିଲ ହେବେ ରାଜ୍ୟ ବାହାରର ସାଂସ୍କୃତିକ ଦଳ

**ବରଗଡ଼, ୫।୫(ସମିସ):** ଚଳିତ ମାସ ୧୦ ତାରିଖରେ ବରଗଡ଼ ଜିଲ୍ଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହିନୀର ମିଳିତ ଆନୁକୂଲ୍ୟରେ ପ୍ରଭୁ ପର୍ଶୁରାମଙ୍କ ଜୟନ୍ତୀକୁ ବର୍ଣ୍ଣାଢ଼୍ୟ ଢଙ୍ଗରେ ଆୟୋଜନ କରାଯିବ ବୋଲି ରବିବାର ସ୍ଥାନୀୟ ସାଇକ୍ରିଷ୍ଣା ପେଲେସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ୯ ତାରିଖ ଅଧିବାସ ସହ ଅପରାହ୍ନରେ ସାଇକ୍ରିଷ୍ଣା ପେଲେସ ଠାରେ ବ୍ରାହ୍ମଣ ପରିବାର ମାନଙ୍କ ଏକ ପାରିବାରିକ ବନ୍ଧୁ ମିଳନ ସହ ବ୍ରାହ୍ମଣ ପରିବାରର ଛୋଟ ଛୋଟ ପୁଅ ଝିଅଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ତଥା ନୃତ୍ୟ ଗୀତ ପରିବେଷଣ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ୧୦ ତାରିଖ ସକାଳେ ମା ଶ୍ୟାମା କାଳୀ ମନ୍ଦିରରେ ପ୍ରଭୁ ପର୍ଶୁରାମ, ମା ଗାୟତ୍ରୀଙ୍କ ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ମା ଶ୍ୟାମା କାଳୀ ମନ୍ଦିରରୁ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଶୋଭାଯାତ୍ରା ପରେ ସମ୍ମିଳିତ ହୋଇଥିବା ସମସ୍ତ ବ୍ରାହ୍ମଣ ପରିବାରଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଶୋଭାଯାତ୍ରାରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଆହ୍ଲାବାଦର ଅଘୋରୀ ଦଳ, ଦୁର୍ଗର ଧମାଲ ଦଳ, ରାୟପୁରର ପଞ୍ଜାବୀ ଢୋଲ ଦଳ, ରେମତାର ଘଣ୍ଟପାର୍ଟି, ପୁରୀର ଓଡ଼ିଶୀ ନୃତ୍ୟଦଳ, ବ୍ରହ୍ମପୁରର ଯୋଡ଼ିଶଙ୍ଖ ଦଳ, ବାଞ୍ଜିପାଲିର ଡିଜେ, ଗଣ୍ଡିଆପାଲିର ପାରମ୍ପରିକ ସମ୍ପ୍ରଦା ଦଳ, ଜଟଲାଶ୍ରିଗୀଡାର ଗୋବିନ୍ଦ ବେଣ୍ଡ ପାର୍ଟି ଦଳ ସମ୍ମିଳିତ ହେବେ। ଏହି ଦିନ ବରଗଡ଼ ଜିଲ୍ଲାର ସମସ୍ତ ୧୨ ଗୋଟି ବ୍ଲକ ରେ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରଭୁ ପର୍ଶୁରାମଙ୍କ ଶୋଭାଯାତ୍ରାର ଆୟୋଜନ ହେବ ଏବଂ ସମସ୍ତ ବ୍ଲକର ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଓ ସଦସ୍ୟ ମାନେ ହେବାକୁ ଥିବା ଶୋଭାଯାତ୍ରାରେ ସାମିଲ ହେବେ। ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ଗୋପବନ୍ଧୁ ଦାଶ, କାର୍ଯ୍ୟକାରୀ ସଭାପତି ପଣ୍ଡିତ କୁଳମଣୀ ମହାପାତ୍ର, ସାଧାରଣ ସମ୍ପାଦକ ରବି ପଣ୍ଡା, ଜିଲ୍ଲା ପର୍ଶୁରାମ ବାହିନୀ ସଭାପତି ଦୀପକ କୁମାର ଦାଶ, ସାଂସ୍କୃତିକ ସଂଯୋଜକ ପପ୍ପୁ ଦାଶ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।




# ଲାଞ୍ଜିଗଡ଼ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା

## ସଭାପତି ସୁଶୀଲ ବାଗ ଓ ସାଧାରଣ ସମ୍ପାଦକ ଏମ୍. ଚନ୍ଦ୍ରଶେଖର



**ଲାଞ୍ଜିଗଡ଼, ୫।୫(ସମିସ):** ଲାଞ୍ଜିଗଡ଼ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଲାଞ୍ଜିଗଡ଼ ପ୍ରେସ କ୍ଲବର ପୂର୍ବତନ ସଭାପତି କୈଳାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ କମ୍ବୁପାଣି ମିଶ୍ର ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଲାଞ୍ଜିଗଡ଼ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଭାବେ ସଭାପତି ସୁଶୀଲ କୁମାର ବାଗ, ଉପ ସଭାପତି କ୍ଷମାନିଧି ମହାଖୁଡ, ସାଧାରଣ ସମ୍ପାଦକ ଏମ. ଚନ୍ଦ୍ରଶେଖର, କୋଷାଧକ୍ଷ ପରେଶ କୁମାର ନାୟକ ମନୋନୀତ ହୋଇଛନ୍ତି। ବିଶିଷ୍ଟ ସାମ୍ବାଦିକ କିଶୋର ଚନ୍ଦ୍ର ନାଏକ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ୧୪ ବର୍ଷ ପରେ ଲାଞ୍ଜିଗଡ଼ ପ୍ରେସ କ୍ଲବର ସାଙ୍ଗଠନିକ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ଷମାନିଧି ମହାଖୁଡ଼ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଧର୍ମେନ୍ଦ୍ର ପଣ୍ଡା ସଭା ପରିଚାଳନା ଓ ଏମ. ଚନ୍ଦ୍ରଶେଖର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରମେଶ ଚନ୍ଦ୍ର ନାୟକ, ଆଶୁତୋଷ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କ୍ଲବର ନୂତନ ସଦସ୍ୟ ଭାବେ ଯୁବ ସାମ୍ବାଦିକ ହିମାଦ୍ରୀ ପେସନିଆ, ପ୍ରଭୁରଞ୍ଜନ ସାମଲ, ଦେବାଶିଷ ରଞ୍ଜନ ବିଶି, ଦିଲିପ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# ବୌଦ୍ଧର ଗଣପର୍ବ ଶ୍ରୀରାମଲୀଳା ଯାତ୍ରା ଉଦ୍‌ଯାପିତ

**ବୌଦ୍ଧ, ୫।୫(ସମିସ):** ବରଗଡ଼ ଧନୁଯାତ୍ରା, ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଭଳି ବୌଦ୍ଧର ପାରମ୍ପାରିକ ଗଣପର୍ବ ଶ୍ରୀରାମଲୀଳା ଯାତ୍ରା ଶନିବାର ରାତିରେ ଉଦଯାପିତ ହୋଇଛି। ବୌଦ୍ଧ ରଘୁନାଥ ମନ୍ଦିର ପରିସରରେ ଥିବା ମାରୁତି ମଣ୍ଡପରେ ଦୀର୍ଘ ୧୮ ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସୁଥିବା ଶ୍ରୀରାମଲୀଳା ଯାତ୍ରାର ଅନ୍ତିମ ରଜନୀର ରାବଣ ବଧ ଯାତ୍ରା ସମ୍ପୂର୍ଣ୍ଣ ନିଆରା ଥିଲା। ଗୋଟିଏ କି ଦୁଇଟି ନୁହେଁ ଦଶ ଦଶଟି ରାବଣ ରଥର ପଟୁଆର ସହର ପରିକ୍ରମା ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ତେବେ ରାବଣ ବଧ ଏବଂ ରାମଙ୍କ ରାଜ୍ୟାଭିଷେକ ସହ ଶେଷ ହୋଇଛି ବୌଦ୍ଧର ରାମଲିଳା ଯାତ୍ରା। ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ରାମଲୀଳା ନାଟକ ପରିବେଷିତ ହୋଇଥାଏ, କିନ୍ତୁ ବୌଦ୍ଧ ସହରରେ ପରିବେଷିତ ହେଉଥିବା ଏହି ରାମଲୀଳା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ରାଜରାଜୁଡ଼ା ଅମଳରୁ ଏହି ରାମଲୀଳା ପ୍ରତ୍ୟେକ ବର୍ଷ ଚୈତ୍ର ମାସ ରାମନବମୀରୁ ଆରମ୍ଭ ହୋଇ ଦୀର୍ଘ ୧୮ ଦିନ ଧରି ରଘୁନାଥ ମନ୍ଦିର ମାରୁତି ମଣ୍ଡପରେ ଅନୁଷ୍ଠିତ ହୋଇଥାଏ। ରାମଲୀଳାରେ ନିଷ୍ଠାର ସହ ବ୍ରତ ପାଳନ ପୂର୍ବକ ପ୍ରତ୍ୟେକ କଳାକାରଙ୍କ ନିଚ୍ଛକ ଅଭିନୟ ଦେଖିବାକୁ ମିଳିଥାଏ। ରାମ-ରାବଣ ସମର ଶୋଭାଯାତ୍ରା ଶେଷ ପର୍ଯ୍ୟାୟରେ ରାମ-ରାବଣ ଯୁଦ୍ଧ ପାଇଁ ସହରରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକସଜ୍ଜା ଦର୍ଶକଙ୍କୁ ଉତ୍ସାହିତ କରିଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳ ଯଥା; କାଶଲପୁର, ଧୁଡୁରବାହାଲ, ପୋଲାମ, ଆନନ୍ଦପୁର, ସରସରା, ବାମଣ୍ଡା, ବିରିଗଡ଼, କେଳାକଟା, କମ୍ପରାରୁ ନଅଟି ସୁସଜ୍ଜିତ ରାବଣ ରଥ ବିରାଟ ପଟୁଆରରେ ଆସି ବୁଟୁପାଲିଠାରେ ଥିବା ହାଇସ୍କୁଲ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ବୌଦ୍ଧର ମୁଖ୍ୟ ରାବଣ ରଥ ସହ ଏକତ୍ରିତ ହୋଇ ସମସ୍ତ ୧୦ଟି ରଥ ଏକା ସଙ୍ଗରେ ଏକ ବିରାଟ ପଟୁଆରରେ ବାହାରିଥିଲେ। ସହରରେ ଦଶଟି ରାବଣ ରଥ ପରିକ୍ରମା କରିଥିବା ବେଳେ ଲୋକେ ବିଭିନ୍ନ ଆତସବାଜିର ମଜା ଉଠାଇଥିଲେ।

ଗଡ଼ଜାତ ଅମଳରୁ ଚାଲି ଆସୁଥିବା ପ୍ରଥା ଅନୁଯାୟୀ ଜିଲ୍ଲାର ଗ୍ରାମାଞ୍ଚଳରେ ରାମଲୀଳା ନାଟକରେ ଅଭିନୟ କରୁଥିବା ରାବଣମାନେ ସହର ପରିକ୍ରମା କରିଥାନ୍ତି। ସତେ ଯେପରି ବୌଦ୍ଧଗଡ଼ ଲଙ୍କାଗଡ଼ରେ ପରିଣତ ହୋଇଥିଲା। ନିଜ ମନ୍ତ୍ରୀ ପାଟ ପଟୁଆରରେ ସହର ପରିକ୍ରମା ସହ ସହରର ବିଭିନ୍ନ ଛକରେ ରାମ-ରାବଣ ଲଢ଼େଇ ବେଶ୍ ଆକର୍ଷଣୀୟ ହୋଇଥାଏ। ପରେ ମାରୁତି ମଣ୍ଡପରେ ଗୋଟିଏ ପଟରେ ରାମ-ରାବଣ ଯୁଦ୍ଧ ଅନ୍ୟ ପଟରେ ସହରରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଥିଲେ ଦର୍ଶକ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ଗଦାଧର ବାରିକ ଯୋଗଦେଇଥିଲେ। ରାମଲୀଳା ନାଟ୍ୟ ସଂସଦ ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ରାଜେନ୍ଦ୍ର ମିଶ୍ର ଓ ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପରେ ରାବଣ ବଧ ନାଟକ ପରିବେଷଣ ହୋଇଥିଲା ଓ ଶେଷରେ ରାବଣ ବଧ ହୋଇଥିଲା। ଏହି ଅବସରରେ ଯାତ୍ରା ପଡ଼ିଆରେ ଏକ ୩୦ ଫୁଟ ଉଚ୍ଚବିଶିଷ୍ଟ ଦଶମୁଣ୍ଡିଆ ରାବଣ ପ୍ରତିମୂର୍ତ୍ତିକୁ ଅଗ୍ନି ସଂଯୋଗ କରାଯାଇ ରାବଣ ପୋଡ଼ି କରାଯାଇଥିଲା। ବରଗଡ଼ ଓ ସମ୍ବଲପୁର ଜିଲ୍ଲାରୁ ମେଲୋଡି ଗ୍ରୁପ ଅଂଶଗ୍ରହଣ କରିଥିଲେ। ବୌଦ୍ଧ ବସଷ୍ଟାଣ୍ଡ ଓ ଜିଲ୍ଲା ଷ୍ଟାଡିୟମରେ ମେଲୋଡି ଅନୁଷ୍ଠିତ ହୋଇଥିଲା। ସମର ଶୋଭାଯାତ୍ରାରେ କୁଚିଣ୍ଡାର ଘଣ୍ଟବାଦ୍ୟ, ବିନିକାର ଦୁଲଦୁଲି, ଗଞ୍ଜାମ ଜିଲ୍ଲାର ବାଘନୃତ୍ୟ, ଦଶାବତାର, ରଣପା, ପଶୁମୁଖା, ନବଦୁର୍ଗା, ବୌଦ୍ଧ ଜିଲ୍ଲାର ଦୁଲଦୁଲି, ଝାଲିଆ ଶବର ଓ ବିଭିନ୍ନ ଅଞ୍ଚଳର ନାମ ସଂକୀର୍ତ୍ତନ ମଣ୍ଡଳି ସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ରାମ-ରାବଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି କଚେରୀ ପଡ଼ିଆରେ ମୀନାବଜାର ଚାଲିଥିବା ବେଳେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଯାତ୍ରାର ଜନଗହଳିକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲା। ଯାତ୍ରା ଦେଖିବାକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଲୋକ ସମ୍ମିଳିତ ହୋଇଥିଲେ। ରବିବାର ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଛି।



# ପ୍ରଚାରକୁ ଜୋରଦାର କଲା କଂଗ୍ରେସ

**ପଦ୍ମପୁର, ୫।୫ (ସମିସ):** ପଦ୍ମପୁର ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ଘର ଘର ବୁଲି କଂଗ୍ରେସର ଗ୍ୟାରେଣ୍ଟି କାର୍ଡ଼ ବାଣ୍ଟି ଭୋଟ ଭିକ୍ଷା କରିଛନ୍ତି। ଲଖମରା, କୁଲାଣ୍ଟି, ଗୁଣ୍ଡିଚାଡିହି, ଚର୍ଦାପାଲି ଗ୍ରାମରେ କଂଗ୍ରେସ କର୍ମୀ ଜୟରାମ ନାଏକ, ନୁରାଧନ ଭୋଇ, ଗତିକୃଷ୍ଣ ଭୋଇ, ମନ ଦାସ, ବିଜୟ ସାହୁ ଓ ଅନ୍ୟମାନେ ଏହି ପ୍ରଚାରରେ ସାମିଲ ଥିଲେ।



# ଭେଡେନ ପଞ୍ଚାୟତ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଭେଡେନ, ୫।୫ (ସମିସ)**

ଭେଡେନ ରଞ୍ଜିତା ଖେଳପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ ମାନସ ଇଲେଭେନ ଓ ଥଣ୍ଡର ବୋଲଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଥଣ୍ଡର ବୋଲଟ ବ୍ୟାଟିଙ୍ଗ କରି ନିର୍ଧାରିତ ୧୨ଓଭରରେ ୬ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା ଜବାବରେ ମାନସ ଇଲେଭେନ ୧୨ଓଭରରେ ୯ ଉଇକେଟ ହରାଇ ୧୦୨ରନ ସଂଗ୍ରହ କରିଥିଲା। ଫଳରେ ଥଣ୍ଡର ବୋଲଟ ୫ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ମାନସ ଇଲେଭେନର ଏମ୍. ଡି. ରାଜୁ ମ୍ୟାନ ଅପ ଦ ସିରିଜ ଓ ଥଣ୍ଡର ବୋଲଟର ହୃଷିକେଶ ଭୋଇ ୧୭ ରନ ଦେଇ ୪ ଉଇକେଟ ନେଇ ମ୍ୟାନ ଅପ ଦ ମ୍ୟାଚ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନୁଷ୍ଠିତ ଖେଳକୁ ବଳି ଓ ଅଶୋକ ମେହେର ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ହରିହର ମେହେର ଓ ଚନ୍ଦନ ସରାଫ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠିତ ଉଦଯାପନୀ ମ୍ୟାଚରେ ଅତିଥିଭାବରେ ସୁଧୀର କୁମାର ସିଂ ଯୋଗଦାନ କରିଥିଲେ।




# ୱିନର ବ୍ରାଇଟ୍ ଫ୍ୟୁଚର ବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଶିବିର



**ପଦ୍ମପୁର, ୫।୫ (ସମିସ):** ପଦ୍ମପୁର ସହରରେ ଥିବା ୱିନର ବ୍ରାଇଟ ଫ୍ୟୁଚର ବିଦ୍ୟଳୟରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ହୋଇଯାଇଛି। ଏହି ଶିବିରରେ ଚିତ୍ର, ହସ୍ତକଳା, ନୃତ୍ୟ, ସଙ୍ଗୀତ, ହସ୍ତାକ୍ଷର ଲିଖନ, ଖେଳ, ଜାଳେଣି ବିହୀନ ରୋଷେଇ କଳା, ମାନସାଙ୍କ, ଗଣିତ, ବିଜ୍ଞାନ ଓ ରୋବୋଟିକ ସୃଜନ, ସୁରକ୍ଷା ଓ ମାର୍ଶଲ ଆର୍ଟ ସ୍ଥାନ ପାଇଥିଲା। ଶିବିରରେ ଛାତ୍ରଛାତ୍ରୀ ମାନଙ୍କ ମାନସିକ, ଶାରିରୀକ ଓ ବୌଦ୍ଧିକ ଦକ୍ଷତା ବୃଦ୍ଧି ପାଇଁ ଉଦ୍ୟମ କରାଯାଇଥିଲା। ଶିବିରକୁ ଦକ୍ଷ ପ୍ରଶିକ୍ଷକଗଣ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ପରିଚାଳନା କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ମିଶ୍ର ଓ ଅଧ୍ୟକ୍ଷା ଆପାଲି ଅପରାଜିତ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଶିବିରରେ ଯୋଗଦାନ କରିଥିଲେ। ଏହି ଅବସରରେ ମାର୍ଶଲଆର୍ଟ ପ୍ରଶିକ୍ଷକ ଅଶୋକ କୁମାର ନାଗଙ୍କୁ ସମ୍ମାନିତ କରାଯାଇଥିଲା।

## ଫାଷ୍ଟଫୁଡ୍ ଦୋକାନରେ ଯାଞ୍ଚକଲେ ଖାଦ୍ୟ ସୁରକ୍ଷା ଅଧିକାରୀ



**ଝାରସୁଗୁଡ଼ା, ୫।୫(ସମିସ):** ବେଲପାହାଡ଼ ଓ ବନ୍ଧବାହାଲରେ ପୃଥକ୍ ଭାବରେ ବିଭିନ୍ନ ଫାଷ୍ଟଫୁଡ୍ ଦୋକାନରେ ରବିବାର ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଚଢ଼ଉ କରି ବେଲପାହାଡ଼ ଫାଟକ, ଷ୍ଟେସନ, ଗୁମାଡେରା ଓ ବନ୍ଧବାହାଲ ଡେଲି ମାର୍କେଟର ବିଭିନ୍ନ ଜଳଖିଆ ଦୋକାନ ସହିତ ଫାଷ୍ଟଫୁଡ ଦୋକାନରେ ଚଢ଼ଉ କରିଥିଲେ। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ସେବିଷ୍ଟିଏନ ହାରୋଙ୍କ ସହିତ ଖାଦ୍ୟ ସୁରକ୍ଷା ବିଭାଗର ଯାଦବ ଦେହେରୀ ପ୍ରମୁଖ ଏହି ଚଢ଼ଉରେ ସାମିଲ ରହିଥିଲେ। ବିଶେଷ ଭାବରେ ବିଭିନ୍ନ ଜଳଖିଆ ଓ ଫାଷ୍ଟ ଫୁଡରେ ଲାଗାଯାଉଥିବା କେମିକାଲ ରଙ୍ଗ ଯାହାକୁ ଲୋକଙ୍କ ପାଇଁ ମାରାତ୍ମକ ଆଟେ। ଏହିଭଳି ଜଳଖିଆ ଓ ପାଷ୍ଟଫୁଡ଼କୁ ଜବତ କରିବା ସହିତ ବିଭିନ୍ନ ଦୋକାନୀଙ୍କୁ ଖାଦ୍ୟ ସୁରକ୍ଷା ଅଧିକାରୀ ତାଗିଦ୍ କରିଥିଲେ।

# ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ବିଜେଡିର ପ୍ରଚାର ଜୋରଦାର





**ଝାରସୁଗୁଡ଼ା, ୫।୫(ସମିସ)**

ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ପାଇଁ ଦୀପାଳି ଦାସ ଓ ଅଳକାମହାନ୍ତି ଯୋରଦାର ପ୍ରଚାରରେ ଲାଗି ପଡ଼ିଛନ୍ତି। ଦୀପାଳି ଦାସ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ସଦର, ଲଇକେରା, କୋଲାବିରା, କିର୍ମିରାର ବିଭିନ୍ନ ପଞ୍ଚାୟତକୁ ଯାଇ ପ୍ରଚାର କରୁଛନ୍ତି। ଦୀପାଳି ଝାରସୁଗୁଡ଼ାର ବିକାଶ ଦିଗରେ ଆନେକ କାମ କରିଥିବା ସହିତ ଜଣେ ଲୋକପ୍ରିୟ ନେତ୍ରୀ ଭାବରେ ନିଜକୁ ଉପସ୍ଥାପିତ କରିପାରିଛନ୍ତି। ଦୀପାଳିଙ୍କ ପ୍ରଚାର ସମୟରେ ଲୋକେ ସ୍ୱତଃପ୍ରବୃତଃ ଭାବରେ ଘରୁ ବାହାରି ଦୀପାଳିଙ୍କୁ ଭେଟୁଛନ୍ତି। ଝାରସୁଗୁଡ଼ାର ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଓ କଂଗ୍ରେସ ପ୍ରାର୍ଥୀ ଅମିତା ବିଶ୍ୱାଳ ପ୍ରଚାରରେ ବହୁ ପଛରେ ରହିଛନ୍ତି। ସେହିପରି ଅଳକା ମହାନ୍ତି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ପ୍ରତ୍ୟେକ ପଞ୍ଚାୟତ ଓ ବ୍ରଜରାଜନଗର, ବେଲପାହାଡ଼ ପୌର ପରିଷଦ ବୁଲି ପ୍ରଚାର ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ଅଳକାଙ୍କୁ ଲୋକେ ବିପୁଳ ସମର୍ଥନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରଜରାଜନଗର ଅଞ୍ଚଳରେ ଅନେକ ବିକାଶ କାର୍ଯ୍ୟ କରିଛନ୍ତି। ବ୍ରଜରାଜନଗର ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀ ଓ କଂଗ୍ରେସ ପ୍ରାର୍ଥୀ କିସୋର ପଟେଲ ବହୁ ପ୍ରଚାରରେ ବହୁ ପଛରେ ରହିଥିବା ଦେଖିବାକୁ ମିଳିଛି।

## ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ

**ଝାରସୁଗୁଡ଼ା/ବ୍ରଜରାଜନଗର, ୫।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଜିଏମ୍ କମ୍ପେ୍ଲକ୍ସ ନିଟକରେ ଫ୍ଲାଇଂ ସ୍କାର୍ଡ ପକ୍ଷରୁ ଏକ କାରରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ କରାଯାଇଛି। ଫ୍ଲାଇଂସ୍କାର୍ଡ ୩ରେ ମାଜିର୍ଷ୍ଟ୍ରେଟ ଦାୟିତ୍ୱରେ ଥିବା ସଞ୍ଜୀବ କୁମାର ଷଡ଼ଙ୍ଗୀ ବ୍ରରାଜନଗର ଜିଏମ୍ କମ୍ପପ୍ଲେକ୍ସ ଦେଇ ଯାଉଥିବା ଏକ କାର୍‌ରେ ବୁଢ଼ିପଦରର ଘଣ୍ଟେଶ୍ୱର ପ୍ରଧାନ ୧ ଲକ୍ଷ ୨୦ ହାଜର ଟଙ୍କା ନେଇ ଯାଉଥିବାବେଳେ ଜବତ କରାଯାଇଛି।

## ଝାରସୁଗୁଡ଼ାରୁ ଚୋରି; ସମ୍ବଲପୁରରୁ ଦୁଇ ଗିରଫ

**ଝାରସୁଗୁଡ଼ା, ୫।୫(ସମିସ):** ଝାରସୁଗୁଡ଼ା ସହରସ୍ଥିତ ଏକ ସୁନା ଗହଣା ଦୋକାନରୁ ଚୋରି ହୋଇଥିବାବେଳେ ଘଟଣାର ୪ ଦିନ ପରେ ଚୋର ଦ୍ୱୟଙ୍କୁ ସମ୍ବଲପୁରରୁ ଗିରଫ କରିଛି ଝାରସୁଗୁଡ଼ା ପୁଲିସ। ସୂଚନା ଅନୁସାରେ ଗତ ୧ ତାରିଖ ରାତିରେ ଝାରସୁଗୁଡ଼ା ସହରରୁ ସୁନା ଗହଣା ଓ ୭୦ ହାଜର ଟଙ୍କା ଚୋରି ହୋଇଥିବାନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଝାରସୁଗୁଡ଼ା ପୁଲିସ୍ ସମ୍ବଲପୁର ଜିଲ୍ଲା ରେଙ୍ଗାଲିର ଭାସ୍କର ଅଗ୍ରୱାଲ ଓ ଚୋରା ଅଳଙ୍କର କିଣିଥିବା ରୂପେଶ ସୃଷ୍ଟିକୁ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ସୁନା ହାର ଜବତ କରାଯାଇଛି। ଝାରସୁଗୁଡ଼ା ଥାନା ଅଧୀନ ଛବିଳ ହନୁମାନ ମନ୍ଦିର ନିକଟର ଅତୁଲ ତିବ୍ରେୱାଲଙ୍କ ଦୋକାନରେ ଅଭିଯୁକ୍ତ ଭାସ୍କର କାମ କରୁଥିଲା। ଗତ ୧ ତାରିଖ ଦିନ ୩ଟା ବେଳେ ଭାସ୍କର ଦୋକାନରୁ ମାଲିକଙ୍କ ଘରର ଚାବି ଚୋରି କରି ନେଇଥିଲା। ଉକ୍ତ ଚାବି ସହାୟତାରେ ସେ ଘରେ ପ୍ରବେଶ କରି ଏକ ରୁପା ଇଟା, ୩ଟି ସୁନା ହାର, ୧୩ଟି ସୁନା ଚୁଡ଼ି, ୧୦ ହଳ କାନଫୁଲ ଓ ୭୦ ହଜାର ଟଙ୍କା ଚୋରି କରି ନେଇଥିଲା। ମାଲିକ ଦୋକାନର ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଭାସ୍କର ଉକ୍ତ ଚାବି ନେଇଥିବା ଜଣାପଡ଼ିଥିଲା।

## ରାସ୍ତାରେ ଜଳିଗଲା ଟ୍ରକ୍



**ଝାରସୁଗୁଡ଼ା, ୫।୫(ସମିସ):** ୪୯ ନମ୍ବର ଜାତୀୟ ରାଜପଥ ପଞ୍ଚଗାଁ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌ରେ ହଠାତ ନିଆଁ ଲାଗି ଜଳି ଯାଇଛି। ସ୍ଥାନୀୟ ଲୋକେ ଏହି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଘଟଣାସ୍ଥଳରେ ଅଗ୍ନୀଶମ ବଭାଗ ପହଞ୍ଚି ଟ୍ରକରେ ଲାଗିଥିବା ନଆଁକୁ ଅୟତ୍ତ କରିଥିଲେ। କେଉଁ କାରଣରୁ ଏହି ଟ୍ରକ୍‌ରେ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ସର୍ଟ ସାର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ନିର୍ବାଚନ ଆଚରଣବିଧିର ଧଜିଆ ଉଡ଼ାଇଲା ବିଜେପି

# ବୁଥସ୍ତରୀୟ କର୍ମୀ ସମ୍ମିଳନୀରେ ପ୍ରିଜାଇଡିଂ ଅଫିସର



**ଦେବଗଡ଼, ୫।୫(ସମିସ):** ଚଳିତ ନିର୍ବାଚନରେ ଦେବଗଡ଼ ବିଜେପିର ପ୍ରଚାର ପ୍ରସାରରେ ଶିକ୍ଷକ ଗୋଷ୍ଠୀ ମାତିଥିବାର ଏକାଧିକ ଚିତ୍ର ସାମ୍ନାକୁ ଆସୁଥିବା ବେଳେ ରବିବାର ପୁଣିଥରେ ବିଜେପିର ବୁଥସ୍ତରୀୟ କର୍ମୀ ସମ୍ମିଳନୀରେ ଦେବଗଡ଼ ମହିଳା ମହାବିଦ୍ୟାଳୟରେ ଲାଳସାରେ ବିଜେପି ନିଜ ପ୍ରଚାର ପ୍ରସାର ପାଇଁ କେଉଁଠି ଛାତ୍ର ତ କେଉଁଠି ଶିକ୍ଷକଙ୍କୁ ବ୍ୟବହାର କରିବାରେ ତିଳେମାତ୍ର ସଂକୋଚ କରୁନାହିଁ। ଦେବଗଡ଼ ବିଧାନସଭା କ୍ଷେତ୍ର ଗସ୍ତ ଓ ପ୍ରଚାର ବେଳେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳୀୟ କାର୍ଯ୍ୟକ୍ରମରେ ଟୁହିଳାମାଲ

### ମହିଳା ମହାବିଦ୍ୟାଳୟ ଡେମୋନଷ୍ଟ୍ରେଟରଙ୍କ ଉପସ୍ଥିତି ନେଇ ଛାତ୍ରୀ ପ୍ରଭାବିତ ହେବା ଆଶଙ୍କା, କାର୍ଯ୍ୟାନୁଷ୍ଠାନ ଦାବି

କାର୍ଯ୍ୟରତ ଡେମୋନେଷ୍ଟ୍ରେଟର ରମେଶ ଖୁଣ୍ଟିଆ ଉପସ୍ଥିତ ଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବା ପରେ ଚଳିତ ନିର୍ବାଚନ ପରିଚାଳନାର ନିରପେକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ପୂର୍ବେ ରାଜରାସ୍ତାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ ଓ ଜିନ୍ଦାବାଦ ନାରା ଦେଉଥିବା ବୁଢାପାଳ ହାଇସ୍କୁଲର ଶିକ୍ଷକ ତପନ ମିଶ୍ରଙ୍କ ଭିଡିଓ ମୋବାଇଲରୁ ମୋବାଇଲ ଘୁରିବୁଲି ଚର୍ଚ୍ଚା ସାଉଁଟୁଥିବା ଦେଖିବାକୁ ମିଳିଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବା ପରଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶିକ୍ଷକମାନେ ରାଜନୀତିରେ ମାତିଥିବା ଫଟୋ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଜିଲ୍ଲାରେ ନିର୍ବାଚନ କମିଶନଙ୍କ ଆଦେଶ ପାଳନର ଅସଲ ଚିତ୍ର ପଦାରେ ପଡ଼ିଛି। କ୍ଷମତା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରଞ୍ଜନ କୁମାର ବିଶି ହରଡ଼ଘଣାରେ ପଡ଼ିଥିବା ବେଳେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରାରେ ବେଗୁନିଆନାଳୀ ସ୍କୁଲ ଶିକ୍ଷକ ଧନେଶ୍ୱର ନାୟକ ନିଲମ୍ବିତ ହୋଇଛନ୍ତି। ଅନ୍ୟ ପକ୍ଷରେ ଆଜିଠାରୁ ମହିଳା ମହାବିଦ୍ୟାଳୟର ଜଣେ ଡେମୋନେଷ୍ଟ୍ରେଟର ବିଜେପିର ବୁଥସ୍ତରୀୟ କର୍ମୀ ସମ୍ମିଳନୀରେ ନିୟୋଜିତ ଥିବାର ଚିତ୍ର ବିଜେପିର ଅସଲ ଚରିତ୍ରକୁ ପଦାରେ ପକାଇଛି। ଫଳରେ ବିଭିନ୍ନ ମହଲରେ ଡେମୋନେଷ୍ଟ୍ରେଟର ଶ୍ରୀ ଖୁଣ୍ଟିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ନିର୍ବାଚନ ସମୟରେ ତାଙ୍କୁ ଦାୟିତ୍ୱ ମୁକ୍ତ କରାଯିବାକୁ ଦାବି ହେଉଛି। ଅନ୍ୟଥା ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କୁ ମତଦାନ ସମୟରେ ଶ୍ରୀ ଖୁଣ୍ଟିଆ ପ୍ରଭାବିତ କରିବା ଆଶଙ୍କା ପ୍ରକାଶ ପାଇଛି।

### ନିର୍ବାଚନ ଆଚରଣବିଧିକୁ ଫୁ

# ସାଂସଦ ପାଣ୍ଠିରୁ ପୋଖରୀ ଖୋଳା

**ଦେବଗଡ଼, ୫।୫(ସମିସ):** ନିର୍ବାଚନ ଆଚରଣବିଧିକୁ ଖୋଲାଖୋଲି ଉଲଂଘନ କରୁଛି



### ପଞ୍ଚାୟତସ୍ତରୀୟ କର୍ମୀଙ୍କୁ ବିଜେପିର ଠିକା ଟ୍ରମ୍ପକାର୍ଡ

ବିଜେପି। ନିର୍ବାଚନ ବୈତରଣୀ ପାରି ହେବା ପାଇଁ ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ସାଂସଦ ପାଣ୍ଠିରୁ ଆରମ୍ଭ ହୋଇଛି ପୋଖରୀ ଖୋଳା କାର୍ଯ୍ୟ। ତେବେ ପ୍ରତିବାଦ ଆଶଙ୍କାରେ କାର୍ଯ୍ୟସ୍ଥଳୀରେ ଲଗାଯାଇନି ସୂଚନଫଳକ। ନିର୍ବାଚନକୁ ଦୃଷ୍ଟିରେ ରଖି ପଞ୍ଚାୟତସ୍ତରୀୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନିଜ ସପକ୍ଷରେ କରିବାକୁ ବିଜେପି ଖେଳୁଛି ଠିକା ଟ୍ରମ୍ପକାର୍ଡ। ସୂଚନା ଅନୁଯାୟୀ ତିଳେଇବଣି ବ୍ଲକ ଛେପଲିପାଲି ପଞ୍ଚାୟତ ଅନ୍ତର୍ଗତ କୁଡାନାଳୀ ଗ୍ରାମରେ ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତରବରିଆ ଭାବେ ଏକ ନୂତନ ପୋଖରୀ ଖୋଳା କାର୍ଯ୍ୟ ଆରମ୍ଭ ହୋଇଛି। ପୋଖରୀ ଖୋଳା ଯାଉଥିବା ସ୍ଥାନଟି ଗ୍ରାମ୍ୟ ଜଙ୍ଗଲ କିସମ ଥିବା ବେଳେ ପୋଖରୀ ଖୋଳା ଯାଉଥିବା ସ୍ଥାନର ଦୂରଦୁରାନ୍ତ ପର୍ଯ୍ୟନ୍ତ କୌଣସି ଜନବସତି ମଧ୍ୟ ନାହିଁ। ଫଳରେ ଉକ୍ତ ସ୍ଥାନରେ ପୋଖରୀ ଖୋଳିବା ଉଦେଶ୍ୟ ବୁଝାପଡୁନାହିଁ। ଅନ୍ୟ ପଟେ କାର୍ଯ୍ୟ ସ୍ଥଳୀରେ କାର୍ଯ୍ୟବିବରଣୀ ର କୌଣସି ସୂଚନାପଳକ ମଧ୍ୟ ନାହିଁ। ସେହିପରି ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବା ସମୟରେ ନୂତନ କାର୍ଯ୍ୟାରମ୍ଭ ବିଧିବ୍ୟବସ୍ଥା ନ ଥିବା ବେଳେ ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଉକ୍ତ ପଞ୍ଚାୟତର ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀଙ୍କୁ ନିଜ ସପକ୍ଷରେ ନେବା ଲକ୍ଷ୍ୟରେ ସାଂସଦ ପାଣ୍ଠି ଅର୍ଥରେ ଏହି ନିର୍ମାଣ କାର୍ଯ୍ୟ କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ସମ୍ପର୍କରେ ତିଳେଇବଣି ବ୍ଲକ ସହକାରୀ ଯନ୍ତ୍ରୀ ଦର୍ଶନ ପୁରୋହିତଙ୍କୁ ପଚାରିବାରେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବା ସମୟରେ ନୂଆ କାର୍ଯ୍ୟ କରାଯାଇ ପାରିବ ନାହିଁ। ଆସନ୍ତା କାଲି ସେ ନିଜେ ବାସ୍ତବ ସ୍ଥିତି ଯାଞ୍ଚ କରିବେ ବୋଲି କହିଛନ୍ତି। ମାତ୍ର ସମ୍ପୃକ୍ତ କାର୍ଯ୍ୟ ହେଉଥିବା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ତପନ ମାଝୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

## କୁଣ୍ଢେଇଗୋଳା ଥାନାଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ଦେବଗଡ଼, ୫।୫(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରବିବାର ଜିଲ୍ଲା ପୁଲିସ ପକ୍ଷରୁ କୁଣ୍ଢେଇଗୋଳା ଥାନାଞ୍ଚଳରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ କୁଣ୍ଢେଇଗୋଳା ଥାନା ଅଧିକାରୀ ପ୍ରତିଭା ଟପ୍ପୋଙ୍କ ସମେତ କୁଣ୍ଢେଇଗୋଳା ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ ପ୍ଲାଟୁନ ପୁଲିସ ବଳ ଓ ୨ ପ୍ଲାଟୁନ ତ୍ରିପୁରା ଷ୍ଟେଟ ସଶସ୍ତ୍ର ବାହିନୀ ଯବାନ ଖଇରପାଲି, କରଲଗା, ବୁଢାପାଲ, ନୂଆପଡ଼ା, ଚଢେଇମରା ଓ କୁଣ୍ଢେଇଗୋଳା ଆଦି ଗ୍ରାମର ବିଭିନ୍ନ ସାହିଗଳିରେ ଫ୍ଲାଗମାର୍ଚ୍ଚ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରେ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରି ଗଣତନ୍ତ୍ରର ପବିତ୍ର ପର୍ବରେ ନିଜ ଅଞ୍ଚଳରେ ଶତ ପ୍ରତିଶତ ମତଦାନ କରିବାକୁ ସଚେତନ କରିଥିଲେ। ଅବାଧ ଓ ଭୟ ମୁକ୍ତ ନିର୍ବାଚନ ନିମନ୍ତେ ଜନସାଧାରଣଙ୍କ ସହ ପୁଲିସ ସର୍ବଦା ସୁରକ୍ଷା ପାଇଁ ନିୟୋଜିତ ଥିବା ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଏସଡିପିଓ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି। ଏଥିସହ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଥାନାଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯିବା ନେଇ ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

**ଝାରସୁଗୁଡ଼ା, ୫।୫(ସମିସ)**



ନିର୍ବାଚନ ସକାଶେ ନିୟୋଜିତ ସାଧାରଣ ପର୍ଯ୍ୟବେକ୍ଷକ ଜେ. ମଞ୍ଜୁନାଥଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟାଳୟରେ ଆଜି ଦ୍ୱିତୀୟ ରେଣ୍ଡମାଇଜେସନ ଅନୁଷ୍ଠିତ ହୋଇଛି। ପର୍ଯ୍ୟବେକ୍ଷକ, ନିର୍ବାଚନୀ କାର୍ଯ୍ୟରେ ମୁତୟନ ହେବାକୁ ଯାଉଥିବା ପୁରୁଷ / ମହିଳା ଅଧିକାରୀ ତଥା କର୍ମଚାରୀଙ୍କ ସ୍ଥିତି, ସଖୀ ବୁଥ୍, ମହିଳା କର୍ମଚାରୀଙ୍କୁ ସୁବିଧା ଅନୁଯାୟୀ ବିଭିନ୍ନ ବୁଥ୍‌ରେ ମୁତୟନ କରାଯିବା, ପୁଲିଂ ପାର୍ଟିକୁ ନିର୍ବାଚନୀ ସାମଗ୍ରୀ ବିତରଣ, ସଂରକ୍ଷିତ କର୍ମଚାରୀଙ୍କ ସ୍ଥିତି, ଭୋଟର ତାଲିକା, ଇଭିଏମ୍ ଓ ଭିଭିପାଟର କମିଶନିଂ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ପ୍ରାର୍ଥୀମାନଙ୍କ ସହ ବୈଠକ ତଥା ମତଦାନ କେନ୍ଦ୍ରଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ଆବୋଲୀ ସୁନୀଲ ନରୱଣେ ନିର୍ବାଚନ ପ୍ରସ୍ତୁତି ନେଇ ପର୍ଯ୍ୟବେକ୍ଷକଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଓ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର(ନିର୍ବାଚନ) ପ୍ରସନ୍ନ ପଟେଲ, ବୈଷୟିକ ନିର୍ଦ୍ଦେଶକ ଏବଂ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଅକ୍ଷୟ ମିଶ୍ର ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

## ଭୋଟର ସଚେତନତା ବାଇକ୍ ରାଲି



**ଝାରସୁଗୁଡ଼ା, ୫।୫(ସମିସ):** ବେଲପାହାଡ଼ ପୌରପରିଷଦ ଅଞ୍ଚଳରେ ଶତପ୍ରତିଶତ ମତଦାନ ଲକ୍ଷ୍ୟରେ ଭୋଟର ସଚେତନତା ବାଇକ୍ ରାଲି ଅନୁଷ୍ଠିତ ହୋଇଛି। ଏହି ଅବସରରେ ବେଲପାହାଡ଼ ପଞ୍ଚମୁଖୀ ହନୁମାନ ମନ୍ଦିରରୁ ରବିବାର ସକାଳେ ଏହ ବାଇକ୍ ରାଲି ବାହାରି ବେଲପାହାଡ଼ ଫାଟକ, ଅଟଳଛକ, ପୌର କାର୍ଯ୍ୟାଳୟ, ଗୁମାଡେରା ମାଉସୀ ମନ୍ଦିର, ଜଗନ୍ନାଥ ମନ୍ଦିର ଦେଇ ସହିଦ ସ୍ତମ୍ଭରେ ପହଞ୍ଚିଥିଲା। ପୌରନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂହ ଉଦ୍‌ଘାଟନ କରିଥିଲେ। ଏହି ରାଲିରେ ବେଲପାହାଡ ବୁଥ ଲେବେଲ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ଓ କେତେକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଡ଼ା ପ୍ରଭାନ୍ତାଜଳି ସାହୁ, ଡ଼ା ଦିଲ୍ଲୀପ ନାଏକ୍, ମୁଖ୍ୟ ସହାୟକ ଗୋବିନ୍ଦ ଚନ୍ଦ୍ର ଗୁରୁ, ବୀରେନ ମିତ୍ର ବେହେରା, ପରମେଶ୍ୱର ପଟେଲ, ଶୈଳେଶ ବହିଦାର, ଅକ୍ଷୟ କୁମାର ସାହୁ, ଅଶୋକ କୁମାର ସାହୁ, ଦୁରୁଧନ ନାଗ, ଗୁରୁଦେବ ପ୍ରଧାନ, ସମିତ୍ ମହାପାତ୍ର, ତପନ ମିଶ୍ର, ସତ୍ୟବ୍ରତ ଗୁରୁ, ଅବଦୁଲ ଏବ୍ରହିମ୍, ବାସନ୍ତୀ ପ୍ରଧାନ, ପ୍ରସନ୍ନ ସାହୁ, ସୌମ୍ୟ ବିଶ୍ୱ ରଞ୍ଜନ ମହଲି, କ୍ଷୀରୋଦ ନାୟକ, ନବୀନ କୁଲୁ ପ୍ରମୁଖ ବାଇକ୍ ରାଲିକୁ ସହଯୋଗ କରିଥିଲେ।

# କଣ୍ଟାବାଞ୍ଜିରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ପରେ ଖାଲି ହେଉଛି ବିରୋଧୀ ଶିବିର

## ବିଜେଡିରେ ସାମିଲ ହେଲେ ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀ

**ଭୁବନେଶ୍ୱର, ୫।୫(ସମିସ)**

ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ମୁରୀବାହାଲ ବ୍ଲକର ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀଙ୍କ ସହ ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି ଆଜି ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କଣ୍ଟାବାଞ୍ଜି ଓ ପଦ୍ମପୁର ପର୍ଯ୍ୟବେକ୍ଷକ ମୌସମ ମିଶ୍ର ସମସ୍ତଙ୍କୁ ଦଳରେ ସ୍ୱାଗତ କରିଥିଲେ। ସେମାନଙ୍କ ଯୋଗଦାନ ଫଳରେ ବିଶେଷକରି ମୁରୀବାହାଲ ବ୍ଲକରେ ଦଳୀୟସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମିଶ୍ର କହିଥିଲେ। ଡ଼ ପାତ୍ର କହିଥିଲେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହେବା ପରେ ସମସ୍ତେ ଉତ୍ସାହିତ। ସମସ୍ତଙ୍କ ସହଯୋଗରେ ଆମେ ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ କରିବା ସହିତ କଣ୍ଟାବାଞ୍ଜିର ବିକାଶ ରଥକୁ ମିଳିତ ଭାବେ ଆଗେଇ ନେବା ବୋଲି କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଶ୍ୱବିହାରୀ ଯୋଶୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ କଣ୍ଟାବାଞ୍ଜିରୁ ନିର୍ବାଚନ ଲଢ଼ିବା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। ନବୀନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ସର୍ବମାନ୍ୟ ନେତା। କଣ୍ଟାବାଞ୍ଜିରୁ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବେ ରେକର୍ଡ ମାର୍ଜିନ୍‌ରେ ଜିତିବେ। ତାଙ୍କର ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ସରପଞ୍ଚ ସୁକମଣି ପଟେଲ, କାଳିଆ ସରଫ, ରାମ ଦାସ ମହାକୁଡ, ପ୍ରିୟବ୍ରତ ପ୍ରଧାନୀ, ମଣ୍ଟୁ ଯାଦବ, ଗିରିଧରୀ ମହାନନ୍ଦ, ଦୋଳମଣୀ ଛୁରା, ହେମରାଜ ବେହେରା, ଲମ୍ବୋଦର ବଗର୍ତୀ, କର୍ଣ୍ଣ ଘିବେଲା, ନବକିଶୋର ହାତୀ, ରାମରଞ୍ଜନ ସେଠ, ବବୁଲ ଭୋଇ, ଚିନ୍ତାମଣି ବେହେରା, ଜିତେନ୍ଦ୍ର ନାଗ ଓ ସରୋଜ ମେହେରଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀରେ ବେଧଡ଼କ ଡିନାମାଇଟ୍ ବିସ୍ଫୋରଣ

**ହରଭଙ୍ଗା, ୫।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଦେଇ ପ୍ରବାହିତ ମହାନଦୀରୁ ମାଛ ଧରିବାକୁ ବେଆଇନ୍ ଭାବେ ବେଧଡ଼କ ଡିନାମାଇଟ୍ ବିସ୍ଫୋରଣ କରାଯାଉଛି। ଏହାସହ ମାରାତ୍ମକ କୀଟନାଶକ ମଧ୍ୟ ପକାଯାଉଛି। ଏଣୁ ମାଛବଂଶ ସହ ଜଳଜୀବ ଲୋପ ପାଉଛନ୍ତି। କେବଳ ସେତିକି ନୁହେଁ; ମହାନଦୀ ଅବବାହିକାରେ ବସବାସ କରୁଥିବା ମତ୍ସ୍ୟଜୀବୀଙ୍କ ପରିବାର ମଧ୍ୟ ପ୍ରଭାବିତ ହେଉଛି। ତେବେ ନଦୀରେ ବେଆଇନ୍ ବିସ୍ଫୋରଣ ସମ୍ପର୍କରେ ପ୍ରଶାସନ୍ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛି।



ପ୍ରଶାସନ ଚୁପ୍

ବ୍ଲକର ମହାନଦୀ କୂଳେ କୂଳେ କାଳେଶ୍ୱରଠାରୁ ମାରଡ଼ା ପର୍ଯ୍ୟନ୍ତ ମତ୍ସ୍ୟଜୀବୀ ବସବାସ କରୁଛନ୍ତି। ମହାନଦୀର ଗୋଟିଏ ପାର୍ଶ୍ୱରେ ବୌଦ୍ଧ ଜିଲ୍ଲା ଓ ଅନ୍ୟ ପାର୍ଶ୍ୱରେ ଅନୁଗୋଳ ଜିଲ୍ଲା ରହିଛି। ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ଏବଂ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ବ୍ଲକର ନଦୀକୁଳିଆ ଅଞ୍ଚଳରେ ବେଆଇନ ବିସ୍ଫୋରକ ବିକ୍ରି ହେଉଛି। ଏହାଦ୍ୱାରା ନଦୀ ଗର୍ଭରେ ବିସ୍ଫୋରଣ ବୃଦ୍ଧି ପାଉଛି। ବିସ୍ଫୋରଣ ଓ ବିଷାକ୍ତ କୀଟ ନାଶକ ଔଷଧ ବ୍ୟବହାର କରି ମାଛ ଧରାଯାଉଛି। ଏହାଦ୍ୱାରା ମହାନଦୀ ଜଳ ବିଷାକ୍ତ ହେବା ସହ ବିଭିନ୍ନ ପ୍ରଜାତିର ମତ୍ସ୍ୟବଂଶ ଲୋପ ପାଉଛି। ପରିବେଶ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ତେବେ ବେଧଡକ ଡିନାମାଇଟ୍ ବିସ୍ଫୋରଣ ହେଉଥିଲେ ମଧ୍ୟ ପ୍ରଶାସନିକ ଦୃଷ୍ଟି ପଡୁନି କି ରୋକିବା ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ଜନ ଅସନ୍ତୋଷ ଦେଖା ଦେଉଛି। ହରଭଙ୍ଗା କୈବର୍ତ୍ତ ସମାଜର ସଭାପତି ଦନାର ବେହେରା ଅଭିଯୋଗ କରିଛନ୍ତି ଯେ, ଏହି ବିସ୍ଫୋରଣ ହେତୁ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି। ବାଧ ହୋଇ ଜୀବିକା ନିର୍ବାହ କରିବା ପାଇଁ ବିଦେଶକୁ ଦାଦନ ଖଟିବାକୁ ବହୁ ପରିବାର ଯାଉଛନ୍ତି। ଏ ନେଇ ହରଭଙ୍ଗା ଅତିରିକ୍ତ ତହସିଲଦାର ସମ୍ବିତ ସାମଲଙ୍କୁ ପଚାରିବାରୁ ସେଥିପ୍ରତି ବି ନଜର ରହିଛି; କିନ୍ତୁ କୌଣସି ଅଭିଯୋଗ ଆସିନି। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍ୱାମୀଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଲେ ପତ୍ନୀ



**ହରଭଙ୍ଗା, ୫।୫(ସମିସ):** ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ସ୍ୱାମୀଙ୍କ ରାଜନୈତିକ ସାରଥୀ ପାଲଟିଛନ୍ତି ସ୍ତ୍ରୀ। ଯାହା ବୌଦ୍ଧ ଜିଲ୍ଲା ରାଜନୀତିରେ ଚହଳ ଓ ପରିବର୍ତ୍ତନର ସ୍ୱର ଉଠୁଛି। ଜିଲ୍ଲାର ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ଯୁବ ବିଜେପି ବିଧାୟକ ପ୍ରାର୍ଥୀ ସରୋଜ ପ୍ରଧାନଙ୍କ ଧର୍ମପତ୍ନୀ ନିଜ ସ୍ୱାମୀ ପାଇଁ ପ୍ରଚାର କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ହରଭଙ୍ଗା ବ୍ଲକ କରଡ଼ିଠସ୍ଥିତ ବାବା ଚମ୍ପେଶ୍ୱର ଙ୍କ ଆଶୀର୍ବାଦ ଭିକ୍ଷା କରି ପ୍ରଚାର ମଇଦାନ କୁ ଓହ୍ଲାଇଛନ୍ତି ବିଜେପି ବିଧାୟକ ପ୍ରାର୍ଥୀ ସରୋଜ କୁମାର ପ୍ରଧାନ। ତାଙ୍କ ପାଇଁ ତାଙ୍କ ଧର୍ମ ପତ୍ନୀ ତଥା ବର୍ତ୍ତମାନର ହରଭଙ୍ଗକ୍ଷ ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ ଘରଘର ବୁଲି ସ୍ୱାମୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି।

# ଦେଓଗାଁ ରେଳଷ୍ଟେସନରୁ ଗଞ୍ଜେଇ ଜବତ, ୨ ଗିରଫ

**ଦେଓଗାଁ, ୫।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଦେଓଗାଁ ରେଳଷ୍ଟେସନରୁ ରବିବାର ସକାଳେ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ସମେତ ବାହାର ରାଜ୍ୟର ନାବାଳିକା ଓ ବାଳକକୁ ପୁଲିସ ଅଟକ ରଖି ଅଧିକ ତଦନ୍ତ କରୁଛି। ରବିବାର ସକାଳେ ଦେଓଗାଁ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ରେଳ ଷ୍ଟେସନରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା। ବାହାର ରାଜ୍ୟର କିଛି ଯୁବକ ଓ ଯୁବତୀ ସୁଟକେସ ଓ ଏୟାରବେଗରେ ଗଞ୍ଜେଇ ଭର୍ତ୍ତିକରି ଚାଲାଣ କରିବାପାଇଁ ପାସେଞ୍ଜର ଟ୍ରେନରେ ଚଢ଼ିଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବାଦେଖି ସମ୍ପୃକ୍ତ ନାବାଳକ ନାବାଳିକା ମାନେ ଏଣେ ତେଣେ ଟ୍ରେନ ବଗିକୁ ଚଢ଼ିଯାଇଥିଲେ। ପୁଲିସ ସନ୍ଦେହରେ ଜଣେ ନାବାଳିକା ଓ ଜଣେ ନାବାଳକକୁ ଗଞ୍ଜେଇ ଭର୍ତ୍ତି ଗୋଟିଏ ସୁଟକେସ ଓ ୨ଟି ଏୟାରବେଗ ସହ ଜବତ କରି ଥାନାକୁ ଆଣି ପଚରା ଉଚୁରା କରିଥିଲା। ଏହି ଚାଲାଣରେ ଏକ ର‌୍ୟାକେଟ୍ କାମ କରୁଥିବାବେଳେ ଏହାର ମୁଖ୍ୟ କାର୍ପଟଦାର କିଏ ସେ ଦିଗରେ ପୁଲିସ ତଦନ୍ତ ଜାରୀ ରଖିଛି। ଗିରଫ ନାବାଳିକା ଓ ନାବାଳକ ଉଭୟେ ସଠିକ ତଥ୍ୟ ଦେଇ ନ ଥିବା ବେଳେ ପୁଲିସ ବିଭିନ୍ନ ଦିଗ ଉପରେ ତଦନ୍ତ ଜାରୀ ରଖିଥିବା ଥାନାଧିକାରୀ ଗଡ଼ତ୍ୟା ସୂଚନା ଦେଇଛନ୍ତି।

# ବିଜେଡିରେ ଯୋଗଦେଲେ ଅନ୍ୟ ଦଳର କର୍ମୀ



**ତୁରେକେଲା, ୫।୫(ସମିସ):** ନିର୍ବାଚନ ଯେତେ ପାଖେଇ ଆସୁଛି ନିର୍ବାଚନୀ ତାତିମଧ ସେତେ ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେପିର ବିଭିନ୍ନ ପଞ୍ଚାୟତ ଆଗଧାଡି ଏକାଧିକ ନେତା ଓ କର୍ମୀ ଦଳ ଛାଡି ବିଜୁ ଜନତା ଦଳରେ ମିଶିଛନ୍ତି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜୁ ଜନତାଦଳ ସହ ସଂଯୋଜକ ଦୁର୍ଗାପ୍ରସାଦ ସାମନ୍ତରାୟ ଯୋଗଦେଇ ନୂତନ ଭାବେ ଦଳରେ ଯୋଗଦାନ କରିଥିବା ନେତାଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ ଖାଁ, ବିଶ୍ୱନାଥ ସାହୁ, ସଞ୍ଜୀବ ସାହୁଙ୍କ ସହ ବିଜୁ ଜନତା ଦଳ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଚଳଚିତ୍ର 'ଗାଲ୍ ସିଝି ଯିବା' ର ଶୁଭମୁକ୍ତି

**ସୁବଳୟା, ୫।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର କଳାକାର ମାନଙ୍କ ଦ୍ୱାରା ସମ୍ବଲପୁରୀ ଚଳଚ୍ଚିତ୍ର 'ଗାଲ୍ ସିଝି ଯିବା'ର ଶୁଭମୁକ୍ତି କରାଯାଇଛି। ସୋନପୁରିଆ ମନୋଜ କ୍ରିଏସନ୍ ପକ୍ଷରୁ ଉକ୍ତ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଏଥିରେ ମଣିଷର ପାରିବାରିକ ସମସ୍ୟା ସମ୍ପର୍କରେ କାହାଣୀ ପ୍ରସ୍ତୁତି କରାଯାଇଛି। ସମସ୍ତଙ୍କ ମନକୁ ଛୁଇଁବ ବୋଲି ଏ ଚଳଚିତ୍ର ପ୍ରଜ୍ୟୋଜକ ଦିବ୍ୟ ମେହେର କହିଛନ୍ତି। ଆୟୋଜକ ତଥା ପରିଚାଳକ ଜିତେନ୍ଦ୍ର ଚାନ୍ଦସୁଟିଂର ପରିଚାଳନା କରିଥିଲେ। ଏହା ସୁବର୍ଣ୍ଣପୁର ଜିଲ୍ଲା ବିଭିନ୍ନ ସ୍ଥାନରେ ସୁଟିଂ ହୋଇଛି। ମନୋଜ ସାହୁ ଉକ୍ତ ଚଳଚ୍ଚିତ୍ରର କାହାଣୀ ଓ ଲେଖକ ରହିଥିବାବେଳେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ବରିଷ୍ଠ କଳାକାର ହରିଶଙ୍କର ପୁରୋହିତ୍, ଲିନୁ ଦାସ୍, ଶୁବାସ ଭୋଇନା, ମଞ୍ଜୁଲତା ଦେହୁରୀ, ଆନନ୍ଦ ମେହେର, ଜୟନାରାୟଣ, ମନୋଜ, କୁର୍ପା, ଶିଶୁ କଳାକାର ମୋହନ ଅଭିନୟ କରିଛନ୍ତି। କ୍ୟାମେରା ଆନନ୍ଦ ମେହେର ରହିଛନ୍ତି। ବିଶେଷ ସହଯୋଗ ଶ୍ରବଣ ବିଶ୍ୱାଳ, ନବ ଅଜିତ ଫଟୋଗ୍ରାଫି, ସଞ୍ଜୀବ ନାଏକ, ନନ୍ଦି କରିଛନ୍ତି।

# ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା

**ତୁରେକେଲା, ୫।୫ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅଧୀନ ମହଖଣ୍ଡ ଗାଁରେ ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ରବିବାର ଅପରାହ୍ଣରେ ଏକ କଳସ ଶୋଭାଯାତ୍ରା ହୋଇଥିଲା। ଏଥିରେ ଶହ ଶହ ମହିଳା ସାମିଲ ହୋଇ ଗାଁ ପରିକ୍ରମା କରିଥିଲେ। ବଲାଙ୍ଗିର, ବରଗଡ଼, ନୂଆପଡ଼ା, କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦାନ କରିବା ସହ



ଶେଷ ଦିନରେ ମା ନବଦୁର୍ଗା ନାଟ୍ୟ ଅନୁଷ୍ଠାନ ମହଖଣ୍ଡ ଦ୍ୱାରା ପରିବେଶିତ ପାରିବାରିକ ନାଟକ 'ଅଧା ରହିଗଲା ସପନ ମୋର' ପରିବେଷଣ କରାଯିବ ବୋଲି ଆଜୟୋଜନ କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ସଭାପତି ମହେନ୍ଦ୍ର କୁମାର ବାରିକ, ସମ୍ପାଦକ ଦୁଃଖୀ ଶ୍ୟାମ ବାରିକ, କର୍ତ୍ତା କଳକାହ୍ନୁ ବାରିକ, ଲାଲଦେଇ ବାରିକ, ଲୋଚନ ପଟେଲ, ହରିଚନ୍ଦ୍ର ବାରିକ, ଭୀମସେନ, ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, ସୁନୀଲ ରାଉତ, ଚିତ୍ତରଞ୍ଜନ ବାରିକ, ରଞ୍ଜନ ଧରୁଆଙ୍କ ସହ ମହଖଣ୍ଡ ଗ୍ରାମବାସୀଙ୍କ ସହଯୋଗ ଆଜୟୋଜନ କରାଯାଇଛି।

# ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ

**ସୋନପୁର, ୫।୫(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ପଦକ୍ଷେପ ଉପରେ ତର୍ଜମା କରୁଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସିଥିବା ସାଧାରଣ ପର୍ଯ୍ୟବେକ୍ଷକ। ସଂସଦୀୟ କ୍ଷେତ୍ର ସାଧାରଣ ପର୍ଯ୍ୟବେକ୍ଷକ ରୂପେ ଆଇଏଏସ ଅଧିକାରୀ ରଞ୍ଜନ ଭିଶାଲ ସୋନପୁର ପହଞ୍ଚି ଜିଲ୍ଲା ଅନ୍ତର୍ଗତ ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ସଂକ୍ରାନ୍ତୀୟ ଆଇନଶୃଙ୍ଖଳା ବ୍ୟବସ୍ଥା, ଖର୍ଚ୍ଚ ହିସାବ ଓ ପରିଚାଳନା ତଥା ନିର୍ବାଚନ ସମ୍ପୃକ୍ତ ଅନ୍ୟ ବ୍ୟବସ୍ଥା ତଦାରଖ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ସମୀକ୍ଷା ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ, ଏସ୍‌ପି ଯଶପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ବିଧାନସଭା ରିଟର୍ଣ୍ଣିଂ ଅଧିକାରୀ ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ସୋନପୁର ବିଧାନସଭା ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକଙ୍କ ସହ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ ନିର୍ବାଚନ ପ୍ରସ୍ତୁତି ତଥା ପରିଚାଳନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଜିଲ୍ଲାର ସମୁଦାୟ ବିଭିନ୍ନ ବର୍ଗର ଭୋଟର, ବୁଥ ତଥା ପ୍ରତ୍ୟେକ ବର୍ଗର ଭୋଟରଙ୍କ



ନିମନ୍ତେ ଶୃଙ୍ଖଳିତ ଓ ବ୍ୟବସ୍ଥିତ ମତଦାନ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା, ସେକ୍ଟର ଅଧିକାରୀ, ରୁଟ ପ୍ଲାନ, ଇଭିଏମ ପ୍ରସ୍ତୁତି, ଅଣୁ ପର୍ଯ୍ୟବେକ୍ଷକ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି-ଭିଜିଲ, ଗଣମାଧ୍ୟମ ପ୍ରମାଣୀକରଣ ଓ ପରିଚାଳନା କକ୍ଷ, ପୋଷ୍ଟାଲ ବାଲଟ, ହୋମ ଭୋଟିଂ, ଜିଲ୍ଲା ଅଭିଯୋଗ କକ୍ଷ ପ୍ରଭୃତିର ବ୍ୟବସ୍ଥା ଓ ପରିଚାଳନା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଏସ୍‌ପି ଯଶ ପ୍ରତାପ ଶ୍ରୀମଲ ଆଇନଶୃଙ୍ଖଳା ନିମନ୍ତେ ପୁଲିସ ମୁତୟନ, ନାକା ଓ ଚେକିଂ ପଏଣ୍ଟ, ଲାଇସେନ୍ସ ଅସ୍ତ୍ର ଜମା, ଫ୍ଲାଗ ମାର୍ଚ୍ଚ, ବେଆଇନ ନିଶା କାରବାର ରୋକିବା ନିମନ୍ତେ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଆଦି ବିଷୟରେ ଅବଗତ କରାଇଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ସମସ୍ତଙ୍କୁ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଗାଇଡଲାଇନ କଡ଼ାକଡ଼ି ପାଳନ କରିବା ଏବଂ ନିୟମର ଅନୁପାଳନ ପୂର୍ବକ ନିର୍ବାଚନ ପରିଚାଳନା କରିବା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚୀତ କରିଥିଲେ। କୌଣସି ତ୍ରୁଟିକୁ ପ୍ରଶ୍ରୟ ନ ଦେବା ଏବଂ ଅଧିକରୁ ଅଧିକ ମତଦାନ ପାଇଁ ଜରୁରୀ ପଦକ୍ଷେପ ନେବାପାଇଁ ନିର୍ବାଚନରେ ସମ୍ପୃକ୍ତ ସମସ୍ତ ଅଧିକାରୀ ନିଷ୍ପାପର, ନିରପେକ୍ଷ ଓ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲା ଅଭିଯୋଗ କକ୍ଷ, ଏମସିଏମସି କକ୍ଷ ସହ ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଷ୍ଟ୍ରଙ୍ଗ ରୁମର ଆନୁଷଙ୍ଗିକ ବ୍ୟବସ୍ଥା ବୁଲି ଦେଖିଥିଲେ।

# ହରିଶଙ୍କରଠାରେ ସୌଣ୍ଡିକ ସମାଜର ବୈଠକ

ଖପ୍ରାଖୋଲ, ୫।୫(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନହରିଶଙ୍କରସ୍ଥିତ ମାରୱାଡି ବଗିଚାଠାରେ ସୌଣ୍ଡିକ ସମାଜର ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ବୈଠକରେ ସୌଣ୍ଡିକ ସମାଜର ବ୍ଲକସ୍ତରୀୟ ସମସ୍ତ ସଦସ୍ୟ ଏକତ୍ରିତ ହୋଇଥିଲେ। ବୈଠକରେ ନୂତନ ଭାବେ ବ୍ଲକସ୍ତରୀୟ ବୋର୍ଡ ସଦସ୍ୟ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ସମାଜର ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୈତିକ କ୍ଷେତ୍ରରେ ସମାଜର ଲୋକଙ୍କୁ ସହଯୋଗ କରିବା ପାଇଁ ମତ ପ୍ରକାଶ ପାଇଥିଲା। ସମାଜର ଲୋକେ ଚଳିତ ନିର୍ବାଚନରେ ନିରପେକ୍ଷ ଭାବେ ଉପଯୁକ୍ତ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟଦେଇ ବିଜୟ କରାଇଲେ ବ୍ଲକ ଅଞ୍ଚଳରେ ଶିକ୍ଷା ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତା ଓ ଅନ୍ୟାନ୍ୟ ବିକାଶକାର୍ଯ୍ୟ ହୋଇପାରିବ ବୋଲି ସଦସ୍ୟମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ ଆଞ୍ଚଳିକ ସଭାପତି ଲିଙ୍ଗରାଜ ବେହେରା, ସମ୍ପାଦକ ରାଜକୁମାର ବେହେରା, ସଦସ୍ୟ ଲୋକନାଥ ବେହେରା, ନବୀନ କୁମାର ବେହେରା, ସୌଦାଗର ବେହେରା, ଗଣ୍ଡାରାମ ବେହେରା, ପରମେଶ୍ୱର ବେହେରା, ନକୁଳ ବେହେରା, ବଂଶୀଧର ବେହେରା, ବେଦବ୍ୟାସ ବେହେରା, ବନମାଳୀ ବେହେରା, ହରେକୃଷ୍ଣ ବେହେରା ଓ ଶତାଧିକ ସୌଣ୍ଡିକ ସମାଜର ସଦସ୍ୟ ଯୋଗ ଦେଇଥିଲେ।

# ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା




**ବଲାଙ୍ଗିର, ୫।୫(ସମିସ) :** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଖେଳପଡ଼ିଆଠାରେ ରବିବାର ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରବୀଣ କୁମାର ପତ୍ର ମୁଖ୍ୟ ଅତିଥି, ଜ୍ଞାନ ବିହାର ବିଦ୍ୟାପୀଠର ସଞ୍ଚାଳକ ସୁରେନ୍ଦ୍ର ସାହୁ ସମ୍ମାନିତ ଅତିଥି, ସ୍କୁଲର ସଭାପତି ସଚିଦାନନ୍ଦ ବାଗ ଅତିଥି ଭାବେ ଯୋଗ ଦେଇ ପରୀକ୍ଷାରେ ଉନ୍ନୀତ ହୋଇଥିବା କରାଟେକାଙ୍କୁ ମାନପତ୍ର ଓ ବେଲ୍ଟ ପ୍ରଦାନ କରିଥିଲେ। ମୋଟ ୩୦ ଜଣ କରାଟେକା ପରୀକ୍ଷା ଦେଇଥିବା ବେଳେ ୨୬ ଜଣ ଉଭୟ ବାଳିକା ଓ ବାଳକ କରାଟେକକା କୃତିତ୍ୱ ହାସଲ କରିଥିଲେ। ୟେଲୋ ବେଲ୍ଟରେ ଅନନ୍ୟା ଅନ୍ୱେଷା ସାହୁ, ତ୍ରିଶା ମାଝୀ, ଖ୍ୟାଇଶ ବନଛୋର, ମିନି ଠେଲା, ଯଶବନ୍ତ କୁମ୍ଭାର, ଅଦ୍ୱିକ ଶତପଥୀ। ଓରେଞ୍ଜ ବେଲ୍ଟ ରେ ଅଣିକା ମହାନ୍ତି, ପ୍ରତିକ ଦଳ ବେହେରା, ସାଇ ଶ୍ରୀୟାଂଶି ବନଛୋର, କାବ୍ୟାରାଣି ହଂସ, ଆରାଧ୍ୟା ରାଣି ସାହୁ, ରିକନ ସାହୁ, ସୃଷ୍ଟି ରାଉତ, ଆରୟାହି ଦାସ, ଦର୍ଶିତା ନାୟକ ରହିଛନ୍ତି। ସେହିପରି ଗ୍ରୀ ବେଲ୍ଟରେ ଲକ୍ଷ୍ୟ ଗୁପ୍ତା, ଜସମିନ୍ ସାହୁ, କ୍ରେୟାଂଶ ଲେଙ୍କା, ହର୍ଷିତା ସିଂ ପାଇଥିବା ବେଳେ ବ୍ଲୁ ବେଲ୍ଟ ଅନୁଷ୍କା ପଟ୍ଟନାୟକ ଓ ଆନନ୍ଦିତା ସାହୁ ଉନ୍ନୀତ ହୋଇଥିଲେ। ବ୍ରାଉନ ବେଲ୍ଟ ଆୟୁଶି ସିଂ ବାରିକ, ଲୋକେଶ ବାଗ, ଅନ୍ୱେଷା ବାଗ ଓ ଆୟୁଶ ରଞ୍ଜନ ମେହେର, ବ୍ଲାକ ବେଲ୍ଟରେ ଏକମାତ୍ର ବାଳିକା ଅଭିପସା ହୋତା ସଫଳତାର ସହ ଉନ୍ନୀତ ହୋଇଥିବା ପ୍ରକାଶ। ବେଲ୍ଟ ପରୀକ୍ଷାକୁ ବଲାଙ୍ଗିର କରାଟେ ସ୍କୁଲର ମୁଖ୍ୟ ତଥା ସମ୍ପାଦକ ହୃଦୟ ଶବର ଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ର ଶେଖର ସେଠ ପରୀକ୍ଷା ପରିଚାଳନା କରିଥିବା ବେଳେ କ୍ରିଷ୍ଣା ନାଏକ, ଅନୁରାଗ ଦାସ, ରେଖା ମନହୀରା, ପୁରୁଷୋତ୍ତମ ବାଗ୍ ସହଯୋଗ କରିଥିଲେ।

## ସୁବର୍ଣ୍ଣପୁରର ତାପମାତ୍ରା ବୃଦ୍ଧି ଚିନ୍ତାଜନକ

# ତାପମାତ୍ରା ହ୍ରାସରେ ସହାୟକ ହେବ ମହାନଦୀ ପ୍ରକଳ୍ପ

**ସୋନପୁର, ୫।୫(ସମିସ)**

ଏକ ସପ୍ତାହରୁ ଅଧିକ ହେଲା ପ୍ରବଳ ତାପମାତ୍ରା ଯୋଗୁଁ ସୁବର୍ଣ୍ଣପୁରବାସୀ ଅତିଷ୍ଠ ହୋଇଯାଉଛନ୍ତି। ଖରା ସହ ଝାଞ୍ଜି ପବନରେ ଭାଜି ହେଲା ଭଳି ଲାଗୁଛି। କେବେ ୪୨ ଡିଗ୍ରୀ ତ କେବେ ୪୩ ଡିଗ୍ରୀ ତାପମାତ୍ରା ଅତିକ୍ରମ କରି ଯାଉଛି। କିଛି ବର୍ଷ ହେଲା ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବେଳେ ବେଳେ ସୋନପୁର ଦେଶର ଉତ୍ତପ୍ତ ସହର ପାଲଟୁଛି। ଏଭଳି ସ୍ଥିତି ଲାଗି ରହିଲେ ଜୀବନ ଧାରଣ କଷ୍ଟକର ହୋଇଯିବ। ତେବେ ଏଭଳି ତାପମାତ୍ରା ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଛି।

### ରାମେଶ୍ୱର ଓ ଗୋଧନେଶ୍ୱର ପ୍ରକଳ୍ପ ନିର୍ମାଣ ହେବ

ଏବେ ସମସ୍ତେ ତାପମାତ୍ରା ବୃଦ୍ଧିର କାରଣ ଖୋଜିବାରେ ବ୍ୟସ୍ତ। ପରିବେଶବିତ୍‌ଙ୍କ ମତରେ ଶୁଷ୍କ ମହାନଦୀ ସୋନପୁରର ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ସାଜିଛି। ଛତିଶଗଡ଼ରେ ଅସଂଖ୍ୟ ପ୍ରକଳ୍ପ ନିର୍ମାଣ ଦ୍ୱାରା ମହାନଦୀର ଜଳ କମି ଯାଉଛି। ମୁଖ୍ୟତଃ ଗ୍ରୀଷ୍ମ ଋତୁରେ ଚିରସ୍ରୋତା ମହାନଦୀର ଧାର ଶୁଖି ଯାଉଛି।



ମରୁଭୂମି ଭଳି କିଲୋମିଟର କିଲୋମିଟର ବ୍ୟାପୀ ବାଲୁକା ସ୍ତୁପ ଦେଖା ଯାଉଛି। ଉତପ୍ତ ବାଲି ତାପମାତ୍ରା ବୃଦ୍ଧିରେ ସହାୟକ ହେଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ମହାନଦୀରେ ବ୍ୟାରେଜ ନିର୍ମାଣ ପାଇଁ ସହରବାସୀ ପ୍ରସ୍ତାବ ଦେଇଥିଲେ। ଖଇରମାଳ ବ୍ୟାରେଜ ନିର୍ମାଣ ଦାବି ନେଇ ଗତବର୍ଷ ସହରରେ ଏକ ବାଇକ୍ ଶୋଭାଯାତ୍ରା ବାହାରି ଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କୋଶଲ ସାହିତ୍ୟ ଓ ସଂସ୍କୃତି ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ, ବ୍ରଜମୋହନ ଦାନୀ, ଗଦାଧର ବାରିକ, ମନୋରଞ୍ଜନ ପାଣିଗ୍ରାହୀ, ତାପସ ବେଉରିଆ ପ୍ରମୁଖ ଶୀଘ୍ର ଖଇରମାଳ ବ୍ୟାରେଜ ନିର୍ମାଣ କାମ ଆରମ୍ଭ କରିବା ପାଇଁ ଦୃଢ ଦାବି ଉପସ୍ଥାପନ କରିଥିଲେ। ତାପମାତ୍ରା ବୃଦ୍ଧିର ସ୍ଥାୟୀ ସମାଧାନ ପାଇଁ ଉପାୟ ଖୋଜିବାକୁ ଯାଇ ରାଜ୍ୟ ସରକାର ମହାନଦୀରେ ଦୁଇଟି ପ୍ରକଳ୍ପ ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ମହାନଦୀରେ ନିର୍ମାଣ ହେବାକୁ ଥିବା ଖଇରମାଳ ଏବଂ ଗୋର୍ଦ୍ଧନେଶ୍ୱର ପ୍ରକଳ୍ପ ଦ୍ୱାରା ନଦୀ ଶଯ୍ୟା ଆଉ ଶୁଖିଲା ରହିବ ନାହିଁ। ମହାନଦୀରେ ପାଣି ଭର୍ତ୍ତି ହେବା ଦ୍ୱାରା ସୁବର୍ଣ୍ଣପୁରର ତାପମାତ୍ରା ହ୍ରାସ ପାଇବ ବୋଲି ଚିନ୍ତା କରାଯାଉଛି। ରାମେଶ୍ୱର ତ୍ରିବେଣୀ ସଙ୍ଗମଠାରୁ ପ୍ରାୟ ୩ କିଲୋମିଟର ଦୂର ବୌଦ୍ଧ ଜିଲ୍ଲାର ଖଇରମାଳ ଏବଂ ସୁବର୍ଣ୍ଣପୁର ଜିଲ୍ଲା ଗୋର୍ଦ୍ଧନେଶ୍ୱର ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର ନିର୍ମାଣ ହେବ। ଏହି ଦୁଇ ପ୍ରକଳ୍ପ ନିର୍ମାଣ ହେଲେ ଜଳର ଠିକ ଉପଯୋଗ ହେବା ସହ ନଦୀରେ ଜଳ ଧାରଣ କ୍ଷମତା ବୃଦ୍ଧି ପାଇବ। ଗ୍ରୀଷ୍ମ ଋତୁରେ ନଦୀ ଶଯ୍ୟା ଶୁଖିବ ନାହିଁ ତେଣୁ ସହରରେ ଏତିକି ଗରମ ଅନୁଭୂତ ହେବ ନାହିଁ।

## ‘ରାଏବରେଲୀରୁ ପ୍ରିୟଙ୍କାଙ୍କୁ ଟିକଟ ନ ଦେବା ଷଡ଼ଯନ୍ତ୍ର’



ରାଏବରେଲୀ ଆସନରୁ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ କଂଗ୍ରେସ ଟିକଟ ଦେଇନାହିଁ । କାରଣ ଏହି ରଣନୀତି କଂଗ୍ରେସର ବଡ଼ ଷଡ଼ଯନ୍ତ୍ରର ଅଂଶବିଶେଷ । ଏହା ଦ୍ୱାରା ଦଳ ୨ ଭାଗରେ ବିଭକ୍ତ ହୋଇଯିବ ବୋଲି ପୂର୍ବତନ କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ କହିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ପ୍ରିୟଙ୍କା ଦଳ ଏବଂ ପରିବାରରେ ଚାଲିଥିବା ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି । ପ୍ରମୋଦ କୃଷ୍ଣମ ପୂର୍ବରୁ ମଧ୍ୟ ଏହି ଆଶଙ୍କା କରିଥିଲେ । ରାହୁଲ ଗାନ୍ଧୀ ପ୍ରିୟଙ୍କାଙ୍କୁ ନିର୍ବାଚନ ଲଢ଼ିବାକୁ ଦେବେ ନାହିଁ ବୋଲି କହିଥିଲେ । ଯଦି ରାହୁଲ ଆମେଥିରୁ ନିର୍ବାଚନ ଲଢ଼ିବାକୁ ଚାହୁଁ ନ ଥିଲେ, ତେବେ ବାରାଣସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିପାରିଥାନ୍ତେ । ସେ ଯେଉଁଭଳି ଭାବରେ ଆମେଥି ଛାଡ଼ିଲେ, ତାହାଦ୍ୱାରା କଂଗ୍ରେସ କର୍ମୀଙ୍କ ମନୋବଳ ହ୍ରାସ ପାଇଲା । ପ୍ରିୟଙ୍କା ନିର୍ବାଚନ ନ ଲଢ଼ିବା ଖବରକୁ ତାଙ୍କ ସମର୍ଥକ ହଜମ କରିପାରୁ ନାହାନ୍ତି । ଏହା ଜ୍ୱାଳାମୁଖୀର ରୂପ ନେଉଛି । ଜୁନ୍ ୪ ପରେ ଏହି ଅଗ୍ନି ଦ୍ୱାରା କଂଗ୍ରେସ ୨ ଭାଗ ହୋଇଯିବ । ରାହୁଲ ଏବଂ କଂଗ୍ରେସ ଗୋଷ୍ଠୀରେ ବିଭକ୍ତ ହୋଇଯିବ । ପ୍ରମୋଦ କୃଷ୍ଣମ ରାହୁଲଙ୍କୁ ମଧ୍ୟ କଟାକ୍ଷ କରିଛନ୍ତି । ସେ ରାଏବରେଲୀ ପରିବର୍ତ୍ତେ ରାୱଲପିଣ୍ଡିରୁ ନିର୍ବାଚନ ଲଢ଼ିବା ଉଚିତ ବୋଲି କହିଛନ୍ତି । କାରଣ ରାହୁଲଙ୍କ ଲୋକପ୍ରିୟତା ପାକିସ୍ତାନରେ ବୃଦ୍ଧି ପାଇବାରେ ଲାଗିଛି ।

**ଜୁନ୍ ୪ ପରେ ଦଳ ଦୁଇ ଭାଗ ହୋଇଯିବ**

## ତୃତୀୟ ପର୍ଯ୍ୟାୟରେ ୩୦୦ କୋଟିପତି ପ୍ରାର୍ଥୀ

ଲୋକସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ (୭ ତାରିଖ) ରେ ଅନେକ ଧନୀ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି । ଏହି ପର୍ଯ୍ୟାୟର ୧୩୫୧ ପ୍ରାର୍ଥୀଙ୍କ ମଧ୍ୟରେ ୩୦୦ କୋଟିପତି ସାମିଲ ଅଛନ୍ତି । ଏହି ନେତାଙ୍କ ମଧ୍ୟରେ ବିଜେପିର ପଲ୍ଲବୀ ଶ୍ରୀନିବାସ ଡେମ୍ପୋ, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ଏନ୍‌ସିପିର ସୁପ୍ରିୟା ସୁଲେ ସାମିଲ ଅଛନ୍ତି । ଏଡିଆର ରିପୋର୍ଟ ଅନୁଯାୟୀ ଦକ୍ଷିଣ ଗୋଆରୁ ନିର୍ବାଚନ ଲଢୁଥିବା ପଲ୍ଲବୀ ୧୩୬୧ କୋଟି ଟଙ୍କାର ସମ୍ପତ୍ତି ସହ ସବୁଠାରୁ ଧନୀ ପ୍ରାର୍ଥୀ ହୋଇଛନ୍ତି । ୪୨୪ କୋଟି ଟଙ୍କାର ସମ୍ପତ୍ତି ସହ ଗୁନାର ବିଜେପି ପ୍ରାର୍ଥୀ ସିନ୍ଧିଆ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ସେହିପରି କଂଗ୍ରେସ କୋହ୍ଲାପୁର ପ୍ରାର୍ଥୀ ଛତ୍ରପତି ଶାହୁ ଶାହାଜୀ ୩୪୨ କୋଟି ଟଙ୍କାର ସମ୍ପତ୍ତି ସହ ତୃତୀୟ ସ୍ଥାନରେ ରହିଛନ୍ତି । ଧନୀପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ସର୍ବାଧିକ ୮୨ ଜଣ, କଂଗ୍ରେସର ୬୮ ଜଣ, ଏସ୍‌ପିର ୧୦ ଜଣ, ଟିଏମ୍‌ସିର ୬ ଜଣ, ଜେଡିୟୁର ୩ ଜଣ, ଶିବସେନା (ୟୁବିଟି) ର ୫ ଜଣ, ଏନ୍‌ସିପି ଏବଂ ଆରଜେଡିର ୩ ଜଣ ଲେଖାଏଁ, ଶିବସେନା (ସିନ୍ଦେ ଗୋଷ୍ଠୀ) ର ୨ ଜଣ ସାମିଲ ଅଛନ୍ତି ।



# ଆମେଥି ନିର୍ବାଚନ ମଇଦାନରୁ ଓହରି
# କ’ଣ ଭୁଲ କରିଛନ୍ତି ରାହୁଲ

ଦେଶ ସ୍ୱାଧୀନତା ପାଇବା ପରଠାରୁ ଉତ୍ତରପ୍ରଦେଶର ଦୁଇ ସଂସଦୀୟ କ୍ଷେତ୍ର ଆମେଥି ଏବଂ ରାଏବରେଲି କଂଗ୍ରେସର ଗଡ଼ ଭାବେ ଦଳ ପାଇଁ ମହତ୍ତ୍ୱପୂର୍ଣ୍ଣ ରହି ଆସିଛି । କାରଣ ଫିରୋଜ ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧୀ, ରାଜୀବ ଓ ସଞ୍ଜୟ ଗାନ୍ଧୀ ଏବଂ ସୋନିଆ ଓ ରାହୁଲ ଗାନ୍ଧୀ ଏହି ଦୁଇଟି ଆସନରେ କେବେ ନା କେବେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । କିନ୍ତୁ ୨୦୧୯ରେ ଆମେଥି ଆସନରେ ବିଜେପି ପ୍ରାର୍ଥୀ ସ୍ମୃତି ଇରାନୀ ରାହୁଲଙ୍କୁ ପରାସ୍ତ କରି ବିଜୟୀ ହେବା ଏବଂ ୨୦୨୪ ନିର୍ବାଚନରେ ସୋନିଆ ଗାନ୍ଧୀ ରାଏବରେଲି ରୁ ପ୍ରତିଦ୍ୱନ୍ଦ୍ୱିତା ନ କରିବା କଂଗ୍ରେସର ଏହି ଚିରାଚରିତ ଦୁଇଟି ଆସନର ସମୀକରଣ ବଦଳାଇ ଦେଇଛି । ଆସନ୍ତା ୭ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଆମେଥି ଏବଂ ରାଏବରେଲିରେ ମତଦାନ ହେବାକୁ ଯାଉଥିବା ବେଳେ ଅମେଥିରେ ରାହୁଲ ଏବଂ ରାଏବରେଲିରେ ପ୍ରିୟଙ୍କା ଭଦ୍ରା ଗାନ୍ଧୀ ପ୍ରାର୍ଥୀ ହେବେ ବୋଲି ଦଳ ପକ୍ଷରୁ ଏକପ୍ରକାର ନିଶ୍ଚିତ ହୋଇଥିବା ଚର୍ଚ୍ଚା ଚାଲିଥିଲା । କିନ୍ତୁ ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖରେ ଯାହା ଘଟିଲା ତାହା ଏବେ ରାଜନୈତିକ ମହଲ ଠାରୁ ଆରମ୍ଭ କରି ସାଧାରଣ ଭୋଟରଙ୍କ ମହଲରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି । ରାହୁଲ ଆମେଥି ପରିବର୍ତ୍ତେ ରାଏବରେଲିରୁ ନାମାଙ୍କନ ଦାଖଲ କରିବା ଯେତିକି ଚର୍ଚ୍ଚାର ବିଷୟ ହୋଇଛି ଆମେଥିରେ କିଶୋରୀ ଲାଲ ଶର୍ମାଙ୍କୁ ଦଳ ପ୍ରାର୍ଥୀ କରିବା ଘଟଣା ମଧ୍ୟ ଆହୁରି ଚର୍ଚ୍ଚିତ ହୋଇଛି । ପ୍ରଥମତଃ ରାହୁଲ ଅମେଥିରୁ ନିର୍ବାଚନ ଲଢନ୍ତୁ ବୋଲି ଦଳୀୟ କର୍ମୀ ଓ ନେତା ଚାହୁଁଥିଲା ବେଳେ ସେ ଏହାକୁ କାହିଁକି ଏଡାଇଗଲେ ତାହାକୁ ନେଇ ପ୍ରଶ୍ନ ଉଠିଛି । ପରାଜୟ ଭୟରେ ସେ ଏଠାରୁ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଛନ୍ତି ବୋଲି କୁହାଯାଉଥିବା ବେଳେ ରାହୁଲଙ୍କ ଏଭଳି ପଦକ୍ଷେପ ଦଳ ପାଇଁ ଠିକ୍ ହୋଇ ନାହିଁ ବୋଲି ରାଜନୈତିକ



ବିଶାରଦମାନେ ମତାମତ ଦେଇଛନ୍ତି । ପରାଜୟର ଭୟ ସତ୍ତ୍ୱେ ରାହୁଲ ଏଠାରୁ ହିଁ ନିର୍ବାଚନ ଲଢିବା ଉଚିତ ଥିଲା ବୋଲି ସେମାନେ କହିଛନ୍ତି । ଉତ୍ତରପ୍ରଦେଶ ଭଳି ସର୍ବାଧିକ ୮୦ ସଂସଦୀୟ କ୍ଷେତ୍ର ବିଶିଷ୍ଟ ରାଜ୍ୟ କେନ୍ଦ୍ର ରାଜନୀତିରେ ଯଥେଷ୍ଟ ପ୍ରଭାବ ରଖୁଥିଲା ବେଳେ କଂଗ୍ରେସ ପାଇଁ ଆମେଥି ଏବଂ ରାଏବରେଲି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।କାରଣ ଏହି ଦୁଇଟି ସଂସଦୀୟ କ୍ଷେତ୍ରରୁ ହିଁ ଦଳୀୟ ପରିଚାଳନା କ୍ଷେତ୍ର ନିୟନ୍ତ୍ରିତ ହୋଇଥାଏ । ରାହୁଲ ସାରା ଦେଶରେ ହଜାର ହଜାର କିମି ଭାରତ ଯୋଡୋ ଯାତ୍ରା କରି ଦେଶକୁ ଯୋଡିବାକୁ ଉଦ୍ୟମ କରିଥିଲେ ହେଁ ଆମେଥିରେ ନିର୍ବାଚନ ନ ଲଢି ଉତ୍ତରପ୍ରଦେଶକୁ ଯୋଡିବାକୁ ପ୍ରୟାସ ନକରିବା ଦଳ ପାଇଁ ଠିକ୍ ହୋଇ ନାହିଁ ବୋଲି ରାଜନୀତିକ ପଣ୍ଡିତମାନେ କହୁଛନ୍ତି । ଦଳୀୟ ବାଧ୍ୟବାଧକତା ଯୋଗୁଁ ରାହୁଲ ରାଏବରେଲିରେ ନାମାଙ୍କନ ଦାଖଲ କରିଛନ୍ତି ଯାହାକି ନାମାଙ୍କନ ଦାଖଲ ସମୟରେ ପ୍ରମାଣିତ ହୋଇଛି ।ନାମାଙ୍କନ ଦାଖଲ ବେଳେ ସେ ଏଠାକାର ଭୋଟରଙ୍କ ଉଦ୍ଦେଶ୍ୟରେ ପଦଟିଏ କହି ନଥିବା ବେଳେ ଆମେଥିରେ କିଶୋରୀ ଲାଲ ନାମାଙ୍କନ ଦାଖଲ କରିବା ସମୟରେ ଜଣେ ବି କେହି କେନ୍ଦ୍ରୀୟ ନେତା ଉପସ୍ଥିତ ନ ରହିବା ଦଳୀୟ କର୍ମୀଙ୍କୁ ନିରୁତ୍ସାହିତ କରିଛି ବୋଲି ସେମାନେ କହିଛନ୍ତି । ସୋନିଆ ଗାନ୍ଧୀ ପ୍ରତ୍ୟକ୍ଷ ନିର୍ବାଚନରୁ ବିଦାୟ ନେଇ ରାଜ୍ୟସଭାକୁ ନିର୍ବାଚିତ ହେବା ବେଳେ ରାଏବରେଲିବାସୀଙ୍କ ଉଦ୍ଦେଶ୍ୟରେ ଏକ ଭାବପୂର୍ଣ୍ଣ ଚିଠି ଲେଖିଥିଲେ । ରାହୁଲ ଏଠାରେ ହାରନ୍ତୁ କି ଜିତନ୍ତୁ ,ଏହି ବିଷୟକୁ ଉତଥାପନ କରି ଦୁଇ ପଦ ଭୋଟରଙ୍କ ଉଦ୍ଦେଶ୍ୟରେ କହିଥିଲେ ଏହା ଦଳ ପାଇଁ କିଛିଟା ଫାଇଦା ହୋଇଥାଆନ୍ତା । କିନ୍ତୁ ସେ ତା’ ବି କରିଲେ ନାହିଁ । ସେପଟେ ଆମେଥିରେ ପ୍ରାର୍ଥୀ ହୋଇଥିବା କିଶୋରୀ ଲାଲଙ୍କ ଜନତାଙ୍କ ସହ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ । ସେ ବର୍ଷ ବର୍ଷ ଧରି ଗାନ୍ଧୀ ପରିବାରର ଜଣେ ସେବକ ଭାବେ ଦଳ ପାଇଁ ସେବା ଯୋଗାଇ ଦେଇ ନିର୍ବାଚନ ପରିଚାଳନା କରିଛନ୍ତି ସିନା , କିନ୍ତୁ କେବେ ବି ନିର୍ବାଚନ ଲଢି ନାହାନ୍ତି । ତେଣୁ ଆମେଥି ଆସନକୁ କଂଗ୍ରେସ ଜାଣିଶୁଣି ବିଜେପି ହାତରେ ଟେକି ଦେଇଛି ବୋଲି ରାଜନୀତିକ ପଣ୍ଡିତମାନେ ମତ ଦେଇଛନ୍ତି ।ରାହୁଲ ଉଭୟ ୱାଏନାଡ ଏବଂ ରାଏବରେଲିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତାଙ୍କୁ ଗୋଟିଏ ଆସନ ଛାଡିବାକୁ ପଡ଼ିବ । ଯଦି ସେ ୱାଏନାଡରୁ ବିଜୟୀ ହୁଅନ୍ତି ତେବେ ଏହି ଆସନ ରଖି ରାଏବରେଲି ଆସନ ଛାଡିବେ ଏବଂ ଏଠାରେ ଉପ ନିର୍ବାଚନ କରାଯାଇ ପ୍ରିୟଙ୍କାଙ୍କୁ ପ୍ରାର୍ଥୀ କରାଯିବ ବୋଲି କଂଗ୍ରେସ ଚିନ୍ତା କରିଛି । କିନ୍ତୁ ଉପ ନିର୍ବାଚନ ଫଳାଫଳ ଦଳୀୟ କର୍ମୀଙ୍କୁ କେତେ ଦୂର ଉତ୍ସାହିତ କରିବ ତାହା ଏକ ବଡ଼ ପ୍ରଶ୍ନ ହୋଇଥିଲା ବେଳେ ଯଦି ରାହୁଲ ରାଏବରେଲିରୁ ପରାଜିତ ହୁଅନ୍ତି ତେବେ ଏହା ଦଳ ପାଇଁ ସବୁଠୁ ସଙ୍କଟଜନକ ସ୍ଥିତି ଆଣିବ ବୋଲି କୁହାଯାଉଛି । ଏଭଳି ସ୍ଥିତିରେ ଦଳ କେଉଁ ବାଟରେ ଫାଇଦା ପାଇବ ବୋଲି ଆଲୋଚନା ଚାଲିଛି । ସେପଟେ ରାହୁଲଙ୍କ ନାମାଙ୍କନ ଦାଖଲ ପରେ ଦଳ ପକ୍ଷରୁ ଯେଭଳି ମନ୍ତବ୍ୟ ଦିଆଯାଇଛି ତାହାକୁ ନେଇ ମଧ୍ୟ ରାଜନୀତିକ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି । ରାହୁଲ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ତାଙ୍କୁ ଜଣେ ଅଭିଜ୍ଞ ଗୋଟି ଚାଳନାକାରୀ ଖେଳାଳି ଭାବେ ପ୍ରମାଣିତ କରିଛି ଏବଂ ଏହାକୁ ନେଇ ବିଜେପିର ନିଦ ହଜି ଯାଇଛି ବୋଲି ବରିଷ୍ଠ କଂଗ୍ରେସ ପ୍ରବକ୍ତା ଜୟରାମ ରମେଶ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । କିନ୍ତୁ ଏହି ଦୁଇଟି ଆସନର ସ୍ଥିତିକୁ ନେଇ ଯେଭଳି ଆକଳନ କରାଯାଉଛି ତାହା ଉତ୍ତରପ୍ରଦେଶ ଭଳି ରାଜ୍ୟରେ କଂଗ୍ରେସକୁ ସେଭଳି ଫାଇଦା ଦେବ ନାହିଁ ବୋଲି ବଚାର କରାଯାଉଛି । ତେଣୁ ରାହୁଲଙ୍କ ଗୋଟି ଚାଳନାର ଫାଇଦା କେଉଁ ସ୍ୱାର୍ଥ୍ୟସାଧନ ଲାଗି ଉଦ୍ଦିଷ୍ଟ ବୋଲି ରାଜନୀତିକ ମହଲରେ ପ୍ରଶ୍ନ ସୃଷ୍ଟି କରିଛି ।

## ଗଧରେ ବସି ପ୍ରାର୍ଥିପତ୍ର ଦାଖଲ କରିବାକୁ ଗଲେ ପ୍ରାର୍ଥୀ



ବିହାରରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି । ଜଣେ ପ୍ରାର୍ଥୀ ଶୁକ୍ରବାର ଗଧ ପିଠିରେ ବସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି । ସେଠାରେ ଗୋପାଳଗଞ୍ଜ ଲୋକସଭା ଆସନରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ତାଙ୍କର ଏହି ନିଆରା ଯାତ୍ରା ଏବେ ଦେଶରେ ଚର୍ଚ୍ଚାରେ ରହିଛି । ଏହାର ଫଟୋ ଏବଂ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ସୂଚନାଯୋଗ୍ୟ ଯେ ଷଷ୍ଠ ପର୍ଯ୍ୟାୟ (୨୫ ତାରିଖ) ରେ ଅନ୍ୟ ୬ ଆସନ ସହିତ ଗୋପାଳଗଞ୍ଜରେ ମତଦାନ ହେବାକୁ ଯାଉଛି । ଏଥିପାଇଁ କୁଚାଇକୋଟ ଥାନା ଅନ୍ତର୍ଗତ ଶ୍ୟାମପୁର ଗ୍ରାମର ୪୫ ବର୍ଷୀୟ ସତ୍ୟେନ୍ଦ୍ର ବଇଥା ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଇଥିଲେ । ମାତ୍ର ମାର୍ଗରେ ତାଙ୍କୁ ଯେ କେହି ଦେଖିଥିଲା ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । କାରଣ ସେ ନିଜ ଗଧ ପିଠିରେ ବସି ସହର ମୁଖ୍ୟ ମାର୍ଗ ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଥିଲେ । ସେ ବେକରେ ଫୁଲମାଳ ପକାଇ ଗଧ ପିଠିରେ ବସି ନିଆରା ଲାଗୁଥିଲେ । ବଇଥା ୨୦୦୧ରୁ ରାଜନୀତିରେ ସକ୍ରିୟ ଅଛନ୍ତି । ସେ ଲୋକଙ୍କୁ ଭୋଟର ଗୁରୁତ୍ୱ ଏବଂ ଭାବିଚିନ୍ତି ପ୍ରାର୍ଥୀ ଚୟନ କରିବାକୁ ବାର୍ତ୍ତା ଦେବା ପାଇଁ ଏହି ପନ୍ଥା ଆପଣାଇ ଥିଲେ ବୋଲି କହିଛନ୍ତି । ବଇଥାଙ୍କ ସୂଚନା ଅନୁଯାୟୀ ଗୋପାଳଗଞ୍ଜରୁ ଜିତିବା ପରେ ପ୍ରାୟ ସବୁ ନେତା ଲୋକଙ୍କୁ ମୂର୍ଖ ବନାଇଛନ୍ତି । ଯେତେବେଳେ ବି ଲୋକେ ସାଂସଦଙ୍କୁ ଭେଟିବାକୁ ଯାଆନ୍ତି ସେତେବେଳେ ବାବୁ ଘରେ ନାହାନ୍ତି ବୋଲି କୁହାଯାଇଥାଏ । ଏବେ ଭାବିଚିନ୍ତି ପ୍ରାର୍ଥୀ ଚୟନ କରିବାର ସମୟ ଆସିଯାଇଛି ।

## ବିହାରରେ ମୋଦୀଙ୍କ ପ୍ରଚାର ଅଭିଯାନ

## ଆରଜେଡି-କଂଗ୍ରେସ ମେଣ୍ଟ ଅରାଜକତା ଆଣିବ!



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପ୍ରଚାର ଅଭିଯାନରେ ବାହାରି ଗତକାଲି ବିହାରର ଦରଭଙ୍ଗା ପହଞ୍ଚି ଐତିହାସିକ ରାଜ ମୈଦାନରେ ବିରାଟ ଜନସଭା କରିଥିଲେ । ଏହି ସଭାରେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ଓ କଂଗ୍ରେସର ମେଣ୍ଟକୁ ପ୍ରଧାନମନ୍ତ୍ରୀ ମୋଦୀ ଅତି କଠୋର ଶବ୍ଦରେ ସମାଲୋଚନା କରି ମତ ଦେଇଥିଲେ ଯେ ଏହି ଅସାଧୁ ମେଣ୍ଟ ବିହାରକୁ ପୂର୍ବର ଅରାଜକତା ଓ ଜଙ୍ଗଲରାଜ ଫେରାଇଆଣିବ । ଆରଜେଡି ଓ କଂଗ୍ରେସ କେବଳ ତୁଷ୍ଟୀକରଣ ରାଜନୀତିରେ ଲିପ୍ତ ରହିଛନ୍ତି ବୋଲି ଆରୋପ ଲଗାଇ ଅତୀତରେ ଆରଜେଡି’ର କୁଶାସନକୁ ମନେପକାଇବାକୁ ମୋଦୀ ଭୋଟରଙ୍କୁ କହିଥିଲେ । ଆରଜେଡି ଶାସନରେ ଅପହରଣ ଅଭିବୃଦ୍ଧିଶୀଳ ଶିଳ୍ପ ପାଲଟି ଥିଲା । ବଡ଼ ବଡ଼ ଘୋଟାଲାରେ ଟ୍ରେଜେରୀ ଲୁଟ୍ ଚାଲିଥିଲା । ମହିଳାମାନେ ସନ୍ଧ୍ୟାପରେ ଘରୁ ବାହାରିବାକୁ ଡରୁଥିଲେ । ଚାକିରୀ କରାଇଦେବାର ଲୋଭ ଦେଖାଇ ଆରଜେଡି ନେତା ଓ ତାଙ୍କ ଦଲାଲମାନେ ଗରିବ ଲୋକଙ୍କ ଜମି ରେଜିଷ୍ଟ୍ରି କରାଇ ନେଉଥିଲେ । ନୀତୀଶ କୁମାରଙ୍କ ଶାସନରେ ଆଇନଶୃଙ୍ଖଳା ବ୍ୟବସ୍ଥାର ସୁଦୃଢ଼ୀକରଣ. ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିସ୍ତାର, ଉଚ୍ଚମାନର ଶିକ୍ଷାର ବ୍ୟବସ୍ଥା, ଗମନାଗମନକୁ ସହଜ କରିବାକୁ ଉନ୍ନତ ଚଉଡ଼ା ସଡ଼କ ନିର୍ମାଣ, ପ୍ରତି ଘରକୁ ପାନୀୟ ଜଳ ଯୋଗାଣ, ବିଜୁଳି ଯୋଗାଣ ବ୍ୟବସ୍ଥା, ଆଧୁନିକ ଯୋଗାଯୋଗ ପାଇଁ ପ୍ରଯୁକ୍ତିର ଉପଯୋଗ ଆଦିକୁ ପ୍ରାଥମିକତା ଦିଆଯାଉଥିବାରୁ ବିକାଶ ପ୍ରକ୍ରିୟା କ୍ଷୀପ୍ରତର ହୋଇଛି । ସବୁଠାରୁ ଗରିବ ପରିବାର ପାଖରେ ଯେପରି ସରକାରୀ ଯୋଜନାର ସୁଫଳ ପହଞ୍ଚେ ତାହା ନୀତୀଶ କୁମାର ପ୍ରତ୍ୟକ୍ଷ ତଦାରଖ କରିଥାନ୍ତି । ନୀତୀଶଙ୍କ ଶାସନରେ ଦୁର୍ନୀତିର ସ୍ଥାନ ନାହିଁ । ଏନଡିଏ ସରକାର ଜନହିତ ପାଇଁ ଉତ୍ସର୍ଗୀକୃତ ସେବା ଗତ ୧୦ବର୍ଷ ଧରି ନିରନ୍ତର କରିଚାଲିଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ ମୋଦୀ ଏନଡିଏ ପ୍ରାର୍ଥୀଙ୍କୁ ଜିତାଇବାକୁ ବିହାରର ଭୋଟରଙ୍କୁ ନିବେଦନ କରିଥିଲେ ।

# ସବୁଠାରୁ ଧନୀଙ୍କ ସମ୍ପତ୍ତି ୫,୭୦୫ କୋଟି ଟଙ୍କା

- ୨୪ ପ୍ରାର୍ଥୀଙ୍କ ପାଖରେ କୌଣସି ସମ୍ପତ୍ତି ନାହିଁ
- ବିଜେପିର ସର୍ବାଧିକ ଧନୀ ପ୍ରାର୍ଥୀ ମୈଦାନରେ
- ମୈଦାନରେ ୩୬୦ ଦାଗୀ, ୪୭୬ କୋଟିପତି

**ଚତୁର୍ଥ ପର୍ଯ୍ୟାୟ ମତଦାନ**



ଦେଶର ନିର୍ବାଚନୀ ପାଣିପାଗ ଦିନକୁ ଦିନ ସରଗରମ ହେବାରେ ଲାଗିଛି । ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପରେ ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଯାଇଛି । ଏହି ପର୍ଯ୍ୟାୟରେ ୧୭୧୭ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି । ଏମାନଙ୍କ ମଧ୍ୟରେ ୩୬୦ ଦାଗୀ ଏବଂ ୪୭୦ କୋଟିପତି ପ୍ରାର୍ଥୀ ସାମିଲ ଅଛନ୍ତି । ସବୁଠାରୁ ଧନୀ ପ୍ରାର୍ଥୀଙ୍କ ସମ୍ପତ୍ତି ୫, ୭୦୫ କୋଟି ଟଙ୍କା ରହିଛି । ୧୭୧୦ ପ୍ରାର୍ଥୀଙ୍କ ସତ୍ୟପାଠର ବିଶ୍ଳେଷଣ କରି ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଏହି ସୂଚନା ଦିଆଯାଇଛି । ତେବେ ଶପଥ ପତ୍ର ସ୍ପଷ୍ଟ ନ ଥିବାରୁ ୭ ପ୍ରାର୍ଥୀଙ୍କ ସତ୍ୟପାଠର ବିଶ୍ଳେଷଣ କରାଯାଇପାରି ନାହିଁ । ରିପୋର୍ଟ ଅନୁଯାୟୀ ୧୭୧୦ରୁ ୩୬୦ (୨୧ ପ୍ରତିଶତ) ପ୍ରାର୍ଥୀ ନିଜ ଉପରେ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି । ଏହି ପ୍ରାର୍ଥୀଙ୍କ ମଧ୍ୟରୁ ୨୭୪ (୧୬ ପ୍ରତିଶତ)ଙ୍କ ବିରୋଧରେ ଗୁରୁତର ମାମଲା ରହିଛି । ୧୭ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ସ୍ୱୀକାର କରିଛନ୍ତି । ୧୧ ଜଣଙ୍କ ବିରୋଧରେ ହତ୍ୟା, ୩୦ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରହିଛି । ସେହିପରି ୫୦ ପ୍ରାର୍ଥୀଙ୍କ ବିରୋଧରେ ମହିଳା ବିରୋଧୀ ହିଂସା ମାମଲା ଚାଲିଛି । ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ବିରୋଧରେ ଦୁଷ୍କର୍ମ ମାମଲା ରହିଛି । ଏହା ବ୍ୟତୀତ ୪୪ ଜଣଙ୍କ ବିରୋଧରେ ଉସୁକାଇବା ଭଳି ମନ୍ତବ୍ୟ ଦେବା ମାମଲା ରୁଜୁ ହୋଇଛି ।

ଚତୁର୍ଥ ପର୍ଯ୍ୟାୟରେ ଏଆଇଏମଆଇଏମର ସମସ୍ତ ୩ ପ୍ରାର୍ଥୀ, ଶିବସେନାର ତିନି ଜଣରୁ ୨ ଜଣ, ବିଆରଏସର ୧୭ରୁ ୧୦ ଜଣ, କଂଗ୍ରେସର ୬୧ରୁ ୩୫, ବିଜେପିର ୭୦ରୁ ୪୦, ଟିଡିପିର ୧୭ରୁ ୯, ଆରଦେଡିର ୪ରୁ ୨, ଶିବସେନା (ୟୁବିଟି) ଗୋଷ୍ଠୀରୁ ୪ରୁ ୨, ୱାଇଏସଆର କଂଗ୍ରେସର ୨୫ରୁ ୧୨, ଟିଏମ୍‌ସିର ୮ରୁ ୩ ଜଣ, ଏସ୍‌ପିର ୧୯ରୁ ୭ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ୧୭୧୦ରୁ ୨୮ ପ୍ରତିଶତ ଅର୍ଥାତ୍ ୪୭୬ କୋଟିପତି ପ୍ରାର୍ଥୀ ଅଛନ୍ତି । ଏମାନଙ୍କ ମଧ୍ୟରେ ସର୍ବାଧିକ ୬୫ ବିଜେପି ପ୍ରାର୍ଥୀ (୧୦୧.୭୭ କୋଟି ସମ୍ପତ୍ତି) ସାମିଲ ରହିଛନ୍ତି । ଏହି ପ୍ରାର୍ଥୀମାନେ କୋଟିଏରୁ ଅଧିକ ଟଙ୍କାର ସମ୍ପତ୍ତି ଥିବା ଘୋଷଣା କରିଛନ୍ତି । ଏହି ପର୍ଯ୍ୟାୟରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ପାଖରେ ହାରାହାରି ୧୧.୭୨ କୋଟି ଟଙ୍କାର ସମ୍ପତ୍ତି ରହିଛି । ଆନ୍ଧ୍ରପ୍ରଦେଶ ଗୁଣ୍ଟୁରର ଟିଡିପି ପ୍ରାର୍ଥୀ ଚନ୍ଦ୍ର ଶେଖର ପେମାସନିଙ୍କ ପାଖରେ ମୋଟ ୫, ୭୦୫ କୋଟି ଟଙ୍କାର ସମ୍ପତ୍ତି ରହିଛି । ଏହି ମାମଲାରେ ତେଲଙ୍ଗାନା ଚେଭଲ୍ଲାର ବିଜେପି ପ୍ରାର୍ଥୀ କୋଣ୍ଡା ବିଶ୍ୱେଶର ରେଡ୍ଡୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ତାଙ୍କ ପାଖରେ ୪, ୫୬୮ କୋଟିର ସମ୍ପତ୍ତି ରହିଛି । ତୃତୀୟ ସ୍ଥାନରେ ଟିଡିପିର ନେଲୋର ପ୍ରାର୍ଥୀ ପ୍ରଭାକର ରେଡ୍ଡୀ ଓ ଭେମି ରେଡ୍ଡୀ ରହିଛନ୍ତି । ତାଙ୍କର ମୋଟ ସମ୍ପତ୍ତି ୭୧୬ କୋଟି ଟଙ୍କା । ସେହିପରି ୨୪ ପ୍ରାର୍ଥୀଙ୍କ ପାଖରେ କୌଣସି ସମ୍ପତ୍ତି ନାହିଁ । ଆଉ ୩ ଜଣ ପ୍ରାର୍ତୀ ନିଜର ସମ୍ପତ୍ତି କ୍ରମଶଃ ୭ ଟଙ୍କା, ୮୩ ଟଙ୍କା ଏବଂ ୯୦ ଟଙ୍କା ଥିବା ଦର୍ଶାଇଛନ୍ତି ।

ଶିକ୍ଷାଗତ ଯୋଗ୍ୟତା ହିସାବରେ ଏହି ପର୍ଯ୍ୟାୟରେ ୬୪୪ ପ୍ରାର୍ଥୀ (୩୮ ପ୍ରତିଶତ) ପଞ୍ଚମ ଏବଂ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ୯୪୪ ପ୍ରାର୍ଥୀ (୫୫ ପ୍ରତଶତ) ନିଜ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଏବଂ ଏହାଠାରୁ ଅଧିକ କହିଛନ୍ତି । ୬୬ ଜଣଙ୍କ ପାଖରେ ଡିପ୍ଲୋମା ପ୍ରମାଣପତ୍ର ରହିଛି । ୩୦ ପ୍ରାର୍ଥୀ ସ୍ୱାକ୍ଷର ଏବଂ ୨୬ ପ୍ରାର୍ଥୀ ଅଶିକ୍ଷିତ ଅଛନ୍ତି । ସେହିପରି ୬୪୨ (୩୮ ପ୍ରତିଶତ) ପ୍ରାର୍ଥୀଙ୍କ ବୟସ ୨୫ରୁ ୪୦ ବର୍ଷ ଭିତରେ ରହିଛି । ଆଉ ୮୪୨ (୪୨ ପ୍ରତିଶତ) ଜଣଙ୍କ ବୟସ ୪୧ରୁ ୬୦ ବର୍ଷ ମଧ୍ୟରେ ହେବ । ୬୧ରୁ ୮୦ ବର୍ଷର ୨୨୬ ପ୍ରାର୍ଥୀ (୧୩ ପ୍ରତିଶତ) ମଧ୍ୟ ସାମିଲ ଅଛନ୍ତି ।



# ବାସିନ୍ଦାଙ୍କ ପାଇଁ ୩୨ ପୃଷ୍ଠିଆ ନିୟମ

ଇଂଲଣ୍ଡର କେଲ୍‌ଥ୍ରୋପ୍ ଅଞ୍ଚଳର ବାସିନ୍ଦା ତଥା ଭଡ଼ାଟିଆଙ୍କ ପାଇଁ ଗୋଟିଏ କି ଦୁଇଟି ନିୟମ ନୁହେଁ, ପୂରା ୩୨ ପୃଷ୍ଠାର ନିୟମ ଲାଗୁ କରାଯାଇଛି। ଯେଉଁ ବ୍ୟକ୍ତି ଏହି ନିୟମଗୁଡ଼ିକୁ ପାଳନ କରିବେ, ସେ ହିଁ ଏଠାରେ ରହିପାରିବେ। ନିୟମ ଅନୁସାରେ ଲୋକେ ରବିବାର ସକାଳେ ଘର ବଗିଚାରେ ଲୁଗା ଶୁଖାଇ ପାରିବେ ନାହିଁ। ଘରର ଡଷ୍ଟବିନ୍‌କୁ ବାହାରେ ରଖିପାରିବେ ନାହିଁ। ଏହାକୁ ଘର ଭିତରେ ଲୁଚାଇ ରଖିବେ। ସେହିଭଳି ଜଣେ ଚାହିଁଲେ ନିଜର କୃତ୍ରିମ ବଗିଚା କରିପାରିବେ ନାହିଁ କି କୃତ୍ରିମ ଘାସ ଲଗାଇ ପାରିବେ ନାହିଁ। ଘରର ଗେଟ୍ କିମ୍ବା ରେଲିଂଗୁଡ଼ିକ କଳା ରଙ୍ଗରେ ରଙ୍ଗ କରିବାକୁ ହେବ। ଯଦି ଏହି ଇଲାକାକୁ ବଡ଼ ଟ୍ରକ୍ କିମ୍ବା ଅନ୍ୟ କୌଣସି ବଡ଼ ଗାଡ଼ି ଆସୁଛି, ତେବେ ଏହାକୁ ଲୋକଙ୍କ ନଜରରୁ ଏଡ଼େଇ କୌଣସି ଗୋଟିଏ କୋଣ ଜାଗାରେ ରଖିବାକୁ ହେବ। ଯଦି କେହି ଘରର ଟିଭି ପାଇଁ ଆଣ୍ଟିନା ଲଗାଉଛନ୍ତି ତେବେ ଏହା ଅପେକ୍ଷାକୃତ ଛୋଟ ହେବା ଦରକାର, ଯେମିତି ଲୋକଙ୍କ ନଜର ପଡ଼ିବ ନାହିଁ। ଏଭଳି ୩୨ ପୃଷ୍ଠାର ନିୟମ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ରହିଛି। ସବୁଠୁ ବଡ଼ କଥା ହେଲା, ଏଠାରେ ଯଦି କେହି ଭଡ଼ାଟିଆ ରୁହନ୍ତି, ତାଙ୍କୁ ଏଥିପାଇଁ ବେଶ୍ ମୋଟା ଅଙ୍କର ଭଡ଼ା ଦେବାକୁ ପଡ଼ିବ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏଠାରେ ଘର କରି ରହୁଥିବା ଲୋକେ ପ୍ରତିବର୍ଷ କାଉନସିଲ୍ ଟ୍ୟାକ୍ସ ସହ ମେଣ୍ଟେନାନ୍ସ ଟ୍ୟାକ୍ସ ଦିଅନ୍ତି, ଯଦି ସେ ଟିକସ ଅର୍ଥ ପଇଠ ନ କରନ୍ତି ଏଥିପାଇଁ ତାଙ୍କୁ ଜରିମାନା ଦେବାକୁ ପଡ଼େ। ଏହି ଇଲାକାକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏପରି ନିୟମ କରାଯାଇଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି।



## ଆଜିର ଦିନରେ

- ୧୭୩୩-ପ୍ରଥମ ଅନ୍ତଃରାଷ୍ଟ୍ରୀୟ ବକ୍ସିଂ ମ୍ୟାଚ୍ ଖେଳାଗଲା।
- ୧୭୯୪- ହାଇତିରେ ଫ୍ରାନ୍ସ ବିପକ୍ଷରେ ବିଦ୍ରୋହ ଆରମ୍ଭ ହେଲା।
- ୧୮୬୧- ମୋତିଲାଲ୍ ନେହରୁଙ୍କ ଜନ୍ମ।
- ୧୯୪୪- ପୁନେସ୍ଥିତ ଆଗା ଖାଁ ପ୍ୟାଲେସ୍‌ରୁ ଗାନ୍ଧିଜୀଙ୍କୁ ମୁକ୍ତ କରାଗଲା।
- ୧୯୭୬- ଉତ୍ତର ପୂର୍ବ ଇଟାଲୀରେ ଭୂମିକମ୍ପ ଯୋଗୁ ୧୦୦୦ ଲୋକଙ୍କ ପ୍ରାଣହାନି।
- ୨୦୦୭-ଫ୍ରାନ୍ସ ରାଷ୍ଟ୍ରପତି ନିର୍ବାଚନରେ ନିକୋଲାସ୍ ସାରକୋଜି ଜିତିଲେ।
- ୨୦୧୦- ୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାରେ ଅଜମଲ କସାବଙ୍କୁ ମୃତ୍ୟୁଦଣ୍ଡ ଶୁଣାଗଲା।

# 'କ୍ରୀସ୍-୪'ର ନିର୍ଦ୍ଦେଶନା ଦେବେ ସିଦ୍ଧାର୍ଥ

ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନଙ୍କ 'କ୍ରୀସ୍' ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ 'କ୍ରୀସ୍-୪'କୁ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ପୁଣି ଥରେ ସୁପର୍ ହିରୋ ଭୂମିକାରେ ହ୍ରତିକ୍‌ଙ୍କୁ ଦେଖିବା ପାଇଁ ଦର୍ଶକେ ଚାହିଁ ବସିଛନ୍ତି। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ନୂଆ ଖବର ଆସିଛି। ରାକେଶ ରୋଶନଙ୍କ ବଦଳରେ ସିଦ୍ଧାର୍ଥ ଆନନ୍ଦ ଏହାର ନିର୍ଦ୍ଦେଶନା ଦେବେ ବୋଲି ଜଣାପଡ଼ିଛି। ତେବେ ଏହାପୂର୍ବରୁ ସିଦ୍ଧାର୍ଥ ଓ ହ୍ରିତିକ୍ ଏକାଠି 'ବ୍ୟାଙ୍ଗ୍‌ବ୍ୟାଙ୍ଗ୍', 'ୱାର୍', 'ଫାଇଟର୍' ଚଳଚ୍ଚିତ୍ରରେ କାମ କରିଛନ୍ତି। ତନ୍ମଧ୍ୟରେ 'ୱାର୍' ଓ 'ଫାଇଟର୍' ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏହି ଦୁଇଟି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ତେବେ ୨୦୨୫ରେ 'କ୍ରୀସ୍-୪'ର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏବେ ହ୍ରିତିକ୍ ତାଙ୍କ ପିତା ରାକେଶ ରୋଶନଙ୍କ ସହ ଏହାର କାହାଣୀ ଉପରେ କାମ କରୁଛନ୍ତି। 'କ୍ରୀସ୍' ସିରିଜ୍‌ର ପ୍ରଥମ ଫିଲ୍ମ 'କୋଇ ମିଲ ଗୟା' ୨୦୦୩ରେ ଆସିଥିଲା। ଏଥିରେ ହ୍ରିତିକ୍‌ଙ୍କ ସହ ପ୍ରୀତି ଜିଣ୍ଟା ଲିଡ୍ ରୋଲରେ ନଜର ଆସିଥିଲେ। ଏହାପରେ ୨୦୦୬ରେ ଆସିଥିଲା 'କ୍ରୀସ୍'। ଏଥିରେ ପ୍ରୀତିଙ୍କ ବଦଳରେ ପ୍ରିୟଙ୍କା ଚୋପ୍ରା ଦେଖାଯାଇଥିଲେ। ଏହାର ତୃତୀୟ ଭାଗ 'କ୍ରୀସ୍-୩' ୨୦୧୩ରେ ଆସିଥିଲା। ଏଥିରେ ହ୍ରିତିକ୍, ପ୍ରିୟଙ୍କା ଚୋପ୍ରା ଓ କଙ୍ଗନା ରାନାୱତ୍ ଲିଡ୍ ରୋଲରେ ନଜର ଆସିଥିଲେ।





# ନିଆରା ବିମାନବନ୍ଦର

## ୩୦ ବର୍ଷ ଧରି ହଜିନି ଯାତ୍ରୀଙ୍କ ଜିନିଷ

ବିମାନ ଯାତ୍ରାବେଳେ ଅନେକ ସମୟରେ ଯାତ୍ରୀମାନଙ୍କର କିଛି ଜିନିଷ ହଜିଯିବାର ଦେଖାଯାଏ। ଯେଉଁଥିପାଇଁ ଯାତ୍ରୀମାନେ ବ୍ୟସ୍ତ ବିବ୍ରତ ହୋଇ ପଡ଼ନ୍ତି। କିନ୍ତୁ ନିକଟରେ ଜାପାନର ଏକ ବିମାନବନ୍ଦର ନିଆରା ରେକର୍ଡ କରି ଚର୍ଚ୍ଚାରେ ରହିଛି। ଜାପାନର କଂସାଇ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ ବିଗତ ୩୦ ବର୍ଷ ହେଲାଣି ଯାତ୍ରୀମାନଙ୍କର ଗୋଟିଏ ବି ଜିନିଷ ହଜିନାହିଁ। ଖାସ୍ ସେଥିପାଇଁ ଏହି ବିମାନବନ୍ଦରରେ ଯାତ୍ରୀମାନେ ନିଶ୍ଚିନ୍ତରେ ଯାତ୍ରା କରିଥାନ୍ତି। ନିକଟରେ ସଂଯୁକ୍ତ ରାଷ୍ଟ୍ରସ୍ଥିତ ଆଭିଏସନ୍ ର୍ୟାଙ୍କିଂ ଆଣ୍ଡ ରେଟିଂ ୱେବ୍‌ସାଇଟ୍ 'ସ୍କାଏଟ୍ରାକ୍ସ' ଏହି ବିମାନ ବନ୍ଦରକୁ ବିଶ୍ୱର ସବୁଠୁ ଭଲ ବ୍ୟାଗେଜ୍ ଡେଲିଭରି ସିଷ୍ଟମ୍ ବିମାନବନ୍ଦରର ମାନ୍ୟତା ପ୍ରଦାନ କରିଛି। ଏହି ବିମାନବନ୍ଦରଟି ଜାପାନର ସପ୍ତମ ବ୍ୟସ୍ତବହୁଳ ବିମାନବନ୍ଦରର ମାନ୍ୟତା ଲାଭ କରିଛି। ୧୯୯୪ ମସିହା ସେପ୍ଟେମ୍ବର ମାସରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ଉଲ୍ଲେଖନୀୟ କଥାଟି ହେଲା, ବିମାନ ବନ୍ଦର ଖୋଲିବା ପରଠୁ ଅଦ୍ୟାବଧି କୌଣସି ଯାତ୍ରୀଙ୍କର ଗୋଟିଏ ହେଲେ ବ୍ୟାଗ କିମ୍ବା ଲଗେଜ୍ ହଜିନାହିଁ। ପ୍ରତିବର୍ଷ ୨ରୁ ୩ କୋଟି ଯାତ୍ରୀ ଏଠାକୁ ଆତଯାତ କରିଥାନ୍ତି। ତେବେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଏଠାରେ ଏକାଧିକବାର ଚେକିଂ ବ୍ୟବସ୍ଥା ଥିବାରୁ କୌଣସି ଯାତ୍ରୀଙ୍କ ଜିନିଷ କେବେ ବି ହଜି ନ ଥାଏ।

## ଆଜିର ରାଶିଫଳ

**ମେଷ:** ପରିବାରବର୍ଗଙ୍କ ମଧ୍ୟରେ ବୁଝାମଣା ରହିବ। ଅଚାନକ ଖୁସି ଖବର ମିଳିପାରେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସାହିତ୍ୟ, କଳା କ୍ଷେତ୍ରରେ ସମ୍ମାନିତ ହେବେ।

**ବୃଷ:** ନୂତନ ବ୍ୟବସାୟ ଆରମ୍ଭ କରିବେ। ଜୀବନରେ ଅନେକ ସକାରାତ୍ମକ ପରିବର୍ତ୍ତନ ଘଟିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଫସି ରହିଥିବା ଟଙ୍କା ଫେରିପାଇବେ।

**ମିଥୁନ:** ନିବେଶ କରିପାରନ୍ତି। ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ବନ୍ଧୁଙ୍କୁ ଉଧାର ଦେଇପାରନ୍ତି। ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ ହସଖୁସି ଲାଗିରହିବ।

**କର୍କଟ:** ବୈବାହିକ ଜୀବନ ସୁଖମୟ ହେବ। କାର୍ଯ୍ୟକ୍ଷେତ୍ରରେ ଅଧିକ ଚାପ ରହିବ। ବିଶେଷ କାର୍ଯ୍ୟକ୍ରମର ନେତୃତ୍ୱ ନେଇପାରନ୍ତି। ଅବିବାହିତଙ୍କ ପାଇଁ ଭଲ ପ୍ରସ୍ତାବ ଆସିପାରେ।

**ସିଂହ:** ଧାର୍ମିକ କାର୍ଯ୍ୟ ପ୍ରତି ମନ ଆକର୍ଷିତ ହେବ। କୋର୍ଟକଚେରୀ ମାମଲାର ଫୈସଲା ହୋଇଯିବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ପିଲାମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତା କରିବେ।

**କନ୍ୟା:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଦୂତଯାତ୍ରା ଯୋଗ ରହିଛି। ଆୟ-ବ୍ୟୟ ସମାନ ରହିବ। ପାରିବାରିକ ହସଖୁସି ଲାଗିରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ପିଲାମାନେ ଚିନ୍ତିତ ରହିପାରନ୍ତି।

**ତୁଳା:** ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ରହିବ। ଆପଣଙ୍କ ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ମିଳିବ।

**ବିଛା:** ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଜମିଜମା ବିବାଦ ସୃଷ୍ଟି ହୋଇପାରେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ଧନୁ:** ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ପୂରା କରିବେ। ମହିଳାମାନେ ଉଚ୍ଚାଭିଳାଷୀ ହେବେ। ରାଜନୀତିରେ ଲୋକପ୍ରିୟତା ବଢ଼ିବ। ବାଣିଜ୍ୟରେ ଲାଭବାନ ହୋଇପାରନ୍ତି।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ନିଜ ଲୋକଙ୍କ ପାଇଁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ରାଜନୀତି ସହ ଜଡ଼ିତ ବ୍ୟକ୍ତିଙ୍କୁ କିଛି ନୂତନ ଦାୟିତ୍ୱ ମିଳିବ। ବିବାଦୀୟ ପରିସ୍ଥିତିରେ ମଧ୍ୟ ନିଜକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ। ନୂତନ ଜମି କିଣି ପାରନ୍ତି।

**ମୀନ:** ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରିବେ। ଆୟ ଅନୁସାରେ ବ୍ୟୟ ବଢ଼ିବ। ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ।

# ଅକ୍ଷୟ ତୃତୀୟା ଓ ପୌରାଣିକ ଆଖ୍ୟାନ



**ବୈଶାଖ ଶୁକ୍ଳ ତୃତୀୟା 'ଅକ୍ଷୟ ତୃତୀୟା' ଭାବେ ପରିଚିତ। ସବୁ ପ୍ରକାର ଶୁଭକାର୍ଯ୍ୟ ଏହିଦିନ ଆରମ୍ଭ ହୋଇଥାଏ। କୃଷକମାନେ ଏହିଦିନ ଅଖିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ସେହିଭଳି ଏହି ତିଥିରେ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ଭଳି ମାଙ୍ଗଳିକ କାର୍ଯ୍ୟ ମଧ୍ୟ କରାଯାଇଥାଏ। ଏହି ପବିତ୍ର ଦିନରେ ଶ୍ରୀଜିଉମାନଙ୍କର ଘୋଷଯାତ୍ରା ପାଇଁ ରଥ ନିର୍ମାଣର ଅନୁକୂଳ ହୋଇଥିବା ବେଳେ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ବି ଆରମ୍ଭ ହୁଏ। ମେ ୧୦ ତାରିଖରେ ଅକ୍ଷୟ ତୃତୀୟା ପଡୁଥିବା ବେଳେ ଏହାର ମହତ୍ତ୍ୱକୁ ନେଇ କେତେକ ପୌରାଣିକ ଆଖ୍ୟାନ ବିଷୟରେ ଜାଣିବା।**

**ପର୍ଶୁରାମଙ୍କ ଅବତାର:** ପୌରାଣିକ ମାନ୍ୟତାନୁସାରେ, ଅକ୍ଷୟ ତୃତୀୟା ଦିନ ହିଁ ଭଗବାନ ବିଷ୍ଣୁ ଷଷ୍ଠ ଅବତାର ପର୍ଶୁରାମ ଭାବେ ପ୍ରକଟ ହୋଇଥିଲେ। ବ୍ରାହ୍ମଣ ହୋଇଥିବା ସତ୍ତ୍ୱେ ସ୍ୱଭାବରେ ତାଙ୍କୁ ଆକ୍ରମକ ଓ କ୍ରୋଧୀ ବୋଲି କୁହାଯାଉଥିଲା। ତାଙ୍କ ଭିତରେ କ୍ଷତ୍ରିୟ ଗୁଣ ଭରି ରହିଥିଲା। ଭଗବାନ ଶିବଙ୍କ ପରମଭକ୍ତ ପର୍ଶୁରାମଙ୍କୁ ନ୍ୟାୟର ଦେବତା କୁହାଯାଏ।

**ସୁଦାମାଙ୍କୁ ଅକ୍ଷୟ ନିଧି ପ୍ରାପ୍ତି:** କୁହାଯାଏ, ଭକ୍ତ ସୁଦାମା ଯେଉଁ ଦିନ ତାଙ୍କ ପ୍ରିୟ ସଖା କୃଷ୍ଣଙ୍କୁ ଭେଟିବା ପାଇଁ ଯାଇଥିଲେ, ସେହିଦିନଟି ଥିଲା ଅକ୍ଷୟ ତୃତୀୟା। ସୁଦାମାଙ୍କ ପାଖରେ କୃଷ୍ଣଙ୍କୁ ଭେଟି ଦେବା ପାଇଁ କେବଳ ଖୁଦ ଭଜା ହିଁ ଥିଲା। ଯାହାକୁ ସେ ତାଙ୍କୁ ଅର୍ପଣ କରିଥିଲେ। ସୁଦାମାଙ୍କ ଏହି ସରଳତା ଯୋଗୁଁ କୃଷ୍ଣ ତାଙ୍କ ଝୁମ୍ପୁଡ଼ି ଘରକୁ ମହଲରେ ରୂପାନ୍ତରିତ କରିଥିଲେ। ଏହିପ୍ରକାରରେ ସୁଦାମାଙ୍କୁ ଅକ୍ଷୟ ନିଧି ପ୍ରାପ୍ତ ହୋଇଥିଲା।

**ଯୁଧିଷ୍ଠିରଙ୍କୁ ଅକ୍ଷୟ ପାତ୍ର ମିଳିଲା:** ଧର୍ମରାଜ ଯୁଧିଷ୍ଠିରଙ୍କୁ ମଧ୍ୟ ଏହିଦିନ ଶ୍ରୀକୃଷ୍ଣ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ। ଏହି ପାତ୍ରର ବିଶେଷତା ଥିଲା, ଏଥିରୁ ଭୋଜନ କେବେ ବି ଶେଷ ହେଉ ନ ଥିଲା। ଏହି ପାତ୍ର ସହାୟତାରେ ଯୁଧିଷ୍ଠିର ନିଜ ରାଜ୍ୟର ଭୋକିଲା ଓ ଗରିବ ଲୋକଙ୍କୁ ଖାଦ୍ୟ ଉପଲବ୍ଧ କରାଉଥିଲେ। ଭବିଷ୍ୟ ପୁରାଣରେ ବି ଅକ୍ଷୟ ପାତ୍ରର ସମ୍ବନ୍ଧ ମନୁଷ୍ୟର ଦାନ ଧର୍ମ ସହ କରାଯାଇଛି।

**ମହାଭାରତ ରଚନା:** ଅକ୍ଷୟ ତୃତୀୟା ଦିନରୁ ହିଁ ମହର୍ଷି ବେଦବ୍ୟାସ ମହାଭାରତ ରଚନା ଆରମ୍ଭ କରିଥିଲେ। ଅବଶ୍ୟ ବ୍ୟାସଦେବ ମହାଭାରତ ଡାକିଥିଲେ ଏବଂ ଶ୍ରୀଗଣେଶ ଏହାକୁ ଲେଖିବା ଆରମ୍ଭ କରିଥିଲେ। ଏହି କାରଣ ଯୋଗୁଁ କୁହାଯାଏ ଯେ, ମହାଭାରତ ଯୁଦ୍ଧ ମଧ୍ୟ ଅକ୍ଷୟ।

**ତ୍ରେତୟା ଯୁଗ ଆରମ୍ଭ:** ଭବିଷ୍ୟ ପୁରାଣରେ ଅକ୍ଷୟ ତୃତୀୟାକୁ ଯୁଗାଦି ତିଥି କୁହାଯାଏ। ଏହିଦିନରୁ ଦ୍ୱାପର ଯୁଗର ସମାପନ ଘଟି ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା। ସେଥିପାଇଁ ଏହିଦିନ ଶୁଭ କାର୍ଯ୍ୟ ପାଇଁ ସବୁଠୁ ଶୁଭ ମୁହୂର୍ତ୍ତ ଭାବେ ବିବେଚନା କରାଯାଏ। ମାନ୍ୟତା ଅଛି, ଅକ୍ଷୟ ତୃତୀୟା ଦିନ ଯେଉଁ କାର୍ଯ୍ୟ କରାଯାଏ, ସେଥିରେ ଅକ୍ଷୟ ଫଳ ପ୍ରାପ୍ତି ହୁଏ ଏବଂ ସେହି ପୁଣ୍ୟ କଦାପି କ୍ଷୟ ହୋଇ ନ ଥାଏ।

**କୃଷ୍ଣ ଦ୍ରୌପଦୀଙ୍କୁ ରକ୍ଷା କରିଥିଲେ:** ପୌରାଣିକ ଆଖ୍ୟାନ ଅନୁସାରେ, କୁରୁ ସଭାରେ ପାଣ୍ଡବ ଏହିଦିନ କୌରବଙ୍କ ସହ ଜୁଆ ଖେଳି ଦ୍ରୌପଦୀଙ୍କୁ ବାଜିରେ ଲଗାଇ ଥିଲେ। ଦୁଃଶାସନ ଦ୍ରୌପଦୀଙ୍କ ବସ୍ତ୍ରହରଣ କରିଥିବା ବେଳେ ଏହିଦିନ ତାଙ୍କ ଲଜ୍ଜା ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଅକ୍ଷୟ ବସ୍ତ୍ର ପ୍ରଦାନ କରିଥିଲେ।

**ଗଙ୍ଗା ଅବତରଣ:** ନାରଦ ପୁରାଣରେ କୁହାଯାଇଛି, ଅକ୍ଷୟ ତୃତୀୟାରେ ପୃଥିବୀପୃଷ୍ଠକୁ ଗଙ୍ଗା ମାତାଙ୍କ ଅବତରଣ ହୋଇଥିଲା। ଶିବ ପୁଣ୍ୟତୋୟା ଗଙ୍ଗାଙ୍କୁ ଜଟାରେ ଧାରଣ କରିଥିଲେ।

## ଗୀତାବାଣୀ



ସନ୍ନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ।
ତୟୋସ୍ତୁ କର୍ମସନ୍ନ୍ୟାସତ୍ କର୍ମଯୋଗୋ ବିଶିଷ୍ୟତେ॥

ଶ୍ରୀ ଭଗବାନ କହିଲେ- ସନ୍ନ୍ୟାସ (ସାଂଖ୍ୟଯୋଗ) ଓ କର୍ମଯୋଗ ଉଭୟ କଲ୍ୟାଣକାରକ। କିନ୍ତୁ ଏ ଦୁଇଟି ମଧ୍ୟରୁ ବି କର୍ମସନ୍ନ୍ୟାସ (ସାଂଖ୍ୟଯୋଗ) ଅପେକ୍ଷା କର୍ମଯୋଗ ଶ୍ରେଷ୍ଠ।

(ପଞ୍ଚମୋଽଧ୍ୟାୟଃ – ଶ୍ଳୋକ - ୨)

# ସ୍ୱସ୍ତି



## ଆଧ୍ୟାତ୍ମିକତା ହିଁ ମଣିଷକୁ ଖୁସି ରଖେ

**ଆଧ୍ୟାତ୍ମିକତାକୁ ବୁଝିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ସେଥିପାଇଁ ଏହାର କୌଣସି ପରିଭାଷା ନାହିଁ। ପୁଣି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଆଧ୍ୟାତ୍ମିକତାର ଅର୍ଥ ଭିନ୍ନ ହୋଇଥାଏ। କେବଳ ଭଗବାନଙ୍କ ପୂଜା-ପାଠ ସହ ଆଧ୍ୟାତ୍ମିକତାକୁ ଯୋଡ଼ିବା ଠିକ୍ ନୁହେଁ। ଆଧ୍ୟାତ୍ମିକତା ହେଉଛି ମଣିଷର ବାସ୍ତବିକ ବ୍ୟକ୍ତିତ୍ୱ ମଧ୍ୟରେ ଏକ ଉତ୍ତମ ବୁଝାମଣା।**

- ମନୁଷ୍ୟ ଇଚ୍ଛାକୁ ତ୍ୟାଗ କଲେ ହିଁ ଭଗବାନଙ୍କ ସାନିଧ୍ୟ ଲାଭ କରେ। ପ୍ରତ୍ୟେକ ମଣିଷ ପାଖରେ ଇଚ୍ଛା, ଆକାଂକ୍ଷା ରହିବା ସ୍ୱାଭାବିକ। ତେବେ ପ୍ରକୃତ କଥା ହେଉଛି, ଇଚ୍ଛାର ସ୍ଥାନ ଜୀବନରେ କିଛି ନାହିଁ। କାରଣ ମଣିଷ ସେଇଆ ପାଏ, ଯାହା ତା' ଭାଗ୍ୟରେ ଥାଏ। ଏଣୁ ଆଧ୍ୟାତ୍ମିକତା ହିଁ ମଣିଷକୁ ତା'ର ଯୋଗ୍ୟତା ହାସଲ କରିବା ଦିଗରେ ସାହାଯ୍ୟ କରେ।
- ଆଜି ଲୋକେ ସ୍ୱାର୍ଥପର ହୋଇପଡ଼ିଛନ୍ତି। ଜୀବନ କେବଳ 'ମୋ ଇଚ୍ଛା', 'ମୋ ଆବଶ୍ୟକତା' ଏବଂ 'ମୋ ସ୍ୱପ୍ନ' ଚାରିପାର୍ଶ୍ୱରେ ହିଁ ଘୂରି ବୁଲୁଛି। ଏହା ହେଉଛି ସଫଳତା, ଉନ୍ନତି ଏବଂ ସୁଖର ଚରମ ବାଧକ। ଏ ଦୃଷ୍ଟିରୁ ବେଦାନ୍ତ ତଥା ଆଧ୍ୟାତ୍ମିକତା ଲୋକଙ୍କୁ ଆତ୍ମନିର୍ଭରତା ପ୍ରାପ୍ତିରେ ସାହାଯ୍ୟ କରେ। ଏହା ନିଜ ଭିତରେ ଏକ ଚମତ୍କାର ସମ୍ପର୍କ ସୃଷ୍ଟି କରି ଲୋକଙ୍କୁ ଅନ୍ୟଠୁ ଆଶା ନ ରଖିବା, ସର୍ତ୍ତହୀନ ଭାବେ ଅନ୍ୟକୁ ଭଲପାଇବା ଶିଖାଏ। ବେଦାନ୍ତ ବୁଦ୍ଧିର ବିକାଶ କରେ ଏବଂ ଚିନ୍ତାଧାରାକୁ ସ୍ୱଷ୍ଟ କରିଥାଏ। ଜୀବନର ଉଦ୍ଦେଶ୍ୟକୁ ବୁଝି ଦୃଢ଼ ସଂକଳ୍ପ ଓ ନିରନ୍ତରତା ସହ ଆଗକୁ ବଢ଼ିବା ଦିଗରେ ସାହାଯ୍ୟ କରେ। କେବଳ ସେତିକି ନୁହେଁ, ବିଶାଳ ବ୍ୟକ୍ତିତ୍ୱ ଭାବେ ନିଜକୁ ଗଢ଼ିବାରେ ସହାୟକ ହୁଏ।
- ଅନ୍ୟପଟେ ଦୁନିଆରେ କୌଣସି ଜିନିଷ ସ୍ଥାୟୀ ନୁହେଁ। ଏଇ ଯେମିତି ଶରୀର ବୁଢ଼ା ହୁଏ ଏବଂ ତା'ର ମୃତ୍ୟୁ ଘଟେ। ମଣିଷ ଯେତେ ପରିଶ୍ରମ କରି ଧନ ଅର୍ଜନ କଲେ ବି ତାହା ମଧ୍ୟ ଗୋଟିଏ କ୍ଷଣରେ ଶେଷ ହୋଇଥାଏ। ସେହିପରି ସମ୍ପର୍କ କି ବେଶି ଦିନ ତିଷ୍ଠି ରହେ ନାହିଁ। ଏହିସବୁ ପରିବର୍ତ୍ତନ ହିଁ ମଣିଷକୁ କଷ୍ଟ ଦିଏ ଏବଂ ତା' ହୃଦୟ ଭାଙ୍ଗିବାର କାରଣ ସାଜେ। ତେଣୁ କେବଳ ଆତ୍ମା ହିଁ ହେଉଛି ସ୍ଥାୟୀ। ଏହା ସବୁବେଳେ ଥିଲା, ଅଛି ଏବଂ ରହିବ। ଏଣୁ ଆତ୍ମା ସହିତ ପରିଚିତ ହୋଇପାରିଲେ, ମଣିଷ ଯେତେ ଉଠାଣିଗଡ଼ାଣି ଦେଇ ଗତି କଲେ ବି ତାହା ତା'କୁ ପ୍ରଭାବିତ କରିପାରେ ନାହିଁ। ଏହାଦ୍ୱାରା ପରିବର୍ତ୍ତନର ଆନନ୍ଦ ମଣିଷ ନେଇପାରେ। ସବୁଠୁ ବଡ଼ କଥା ହେଉଛି, ଏହା ମଣିଷକୁ ନିଜ ଭିତରର ଖୁସି ପ୍ରଦାନ କରେ, ଯାହାକୁ ଦୁନିଆର କୌଣସି ଜିନିଷ ଛଡ଼ାଇ ନେବାକୁ ସକ୍ଷମ ହୋଇ ଥାଏ। ସେହିପରି ଆତ୍ମାକୁ ଚିହ୍ନି ଆଧ୍ୟାତ୍ମିକତାକୁ ବୁଝିଲେ ମଣିଷ ଶକ୍ତିଶାଳୀ, ସ୍ୱାଧୀନ ଏବଂ ଖୁସି ରହେ।

## ପ୍ରଶ୍ନୋତ୍ତର

୧. ଏକାମ୍ର କ୍ଷେତ୍ରର କ୍ଷେତ୍ରପାଳ କିଏ?
୨. ଅଣସର ସମୟରେ କେଉଁ ମଠ ଫୁଲୁରି ତେଲ ଯୋଗାନ୍ତି?
୩. ଭାଗବତ ମହାପୁରାଣକୁ କିଏ ପ୍ରଚାର କରିଥିଲେ?
୪. ଲକ୍ଷ୍ମୀ କେଉଁ ସାଗରଙ୍କ କନ୍ୟା ରୂପରେ ଜନ୍ମ ନେଲେ?
୫. ସରସ୍ୱତୀ ବ୍ରହ୍ମାଙ୍କ କେଉଁ ଅଙ୍ଗରୁ ଜାତ ହୋଇଥିଲେ?



**ଉତ୍ତର**

(୧)ଅନନ୍ତ ବାସୁଦେବ (୨)ବଡ଼ଓଡ଼ିଆ ମଠ (୩) ଶୁକ (୪) କ୍ଷୀର ସାଗର (୫) ମୁଖ

## ସ୍ୱସ୍ତିକ ଚିହ୍ନରୁ ବାସ୍ତୁଦୋଷ ଦୂର

**ସନାତନ ଧର୍ମରେ ସ୍ୱସ୍ତିକ ଚିହ୍ନର ବିଶେଷ ମହତ୍ତ୍ୱ ଅଛି। କୌଣସି ଶୁଭକାର୍ଯ୍ୟର ଆରମ୍ଭ ସ୍ୱସ୍ତିକ ଚିହ୍ନରୁ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ସ୍ୱସ୍ତିକ ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହା ବାସ୍ତୁଦୋଷ ଦୂର କରିବାରେ ମଧ୍ୟ ସାହାଯ୍ୟ କରେ।**

- ପୂଜା ଏବଂ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଭଲ। ଏହା ଘରର ବାସ୍ତୁଦୋଷ ଦୂର କରିଥାଏ।
- ବ୍ୟବସାୟ ସ୍ଥଳରେ କୌଣସି ପ୍ରକାର ବାସ୍ତୁଦୋଷ ଥିଲେ ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର ଦିଗରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଉଚିତ।



- ଏହି ସ୍ଥାନରେ ଅଷ୍ଟଧାତୁ ବା ତମ୍ବା ନିର୍ମିତ ସ୍ୱସ୍ତିକ ଚିହ୍ନକୁ ଲଗାଇପାରିବେ।
- ପଢ଼ାରେ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ପଢ଼ା ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ୱସ୍ତିକ ଚିହ୍ନ କରିବା ଭଲ।
- ବାସ୍ତୁ ଅନୁସାରେ, ସ୍ୱସ୍ତିକ ଚିହ୍ନ ପାଖରେ ଜୋତା ଚପଲ ରଖନ୍ତୁ ନାହିଁ।

**● ଆରିଜୋନା ଆଥ୍ଲେଟିକ୍ସ ମିଟ୍**

# ହାଇ ଜମ୍ପରେ ତେଜସ୍ୱିନଙ୍କ କମାଲ




**ନୂଆଦିଲ୍ଲୀ, ୫।୫ (ଏଜେନ୍ସି) :** ଆମେରିକାରେ ଅନୁଷ୍ଠିତ ଆରିଜୋନା ଆଥ୍ଲେଟିକ୍ସ ମିଟ୍‌ରେ ଭାରତର ତେଜସ୍ୱିନ ଶଙ୍କରଙ୍କ କମାଲ ଦେଖିବାକୁ ମିଳିଛି। ପୁରୁଷ ହାଇଜମ୍ପ ଇଭେଣ୍ଟରେ ତେଜସ୍ୱିନ ବାଜିମାତ୍ କରିନେଇଛନ୍ତି। ସେ ୨.୨୩ ମିଟର ଉଚ୍ଚକୁ ଡେଇଁ ପ୍ରଥମ ସ୍ଥାନ ହାସଲ କରିଥିଲେ। ଶଙ୍କର ଏଥିସହ ସିଜନରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସହ ସମକକ୍ଷ ହୋଇଛନ୍ତି। ଆମେରିକାର ଏର୍ନେଷ୍ଟ ସିଅର୍ସ ଓ ମେକ୍ସିକୋର ରବର୍ଟୋ ଭିଲଚେସ୍ ଯଥାକ୍ରମେ ପୋଡିୟମର ଦ୍ୱିତୀୟ ଓ ୩ୟ ସ୍ଥାନରେ ରହିଥିଲେ। ପୁରୁଷ ହାଇଜମ୍ପରେ ଏକ କୌତୁହଳ ଘଟଣା ଦେଖିବାକୁ ମିଳିଥିଲା। ପ୍ରଥମ ୩ଜଣ ସ୍ଥାନରେ ରହିଥିବା ପ୍ରତିଯୋଗୀ ସମାନ ୨.୨୩ ମିଟର ଉଚ୍ଚକୁ ଡେଇଁଥିଲେ। କିନ୍ତୁ ଯେହେତୁ ଶଙ୍କର ତାଙ୍କ ପ୍ରଥମ ପ୍ରୟାସରେ ଏହି ମାର୍କ ହାସଲ କରିଥିଲେ ତେଣୁ ସେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଏର୍ନେଷ୍ଟ ୨ୟ ପ୍ରୟାସ ଓ ଭିଲଚେସ୍ ୩ୟ ପ୍ରୟାସରେ ୨.୨୩ ମିଟର ଡେଇଁ ଥିବାରୁ ସେମାନେ ଯଥାକ୍ରମେ ପୋଡିୟମର ସେହି ସ୍ଥାନରେ ରହିଥିଲେ।

ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ହାଇଜମ୍ପରେ ଯୋଗ୍ୟତା ଅର୍ଜନ କରିବା ଲାଗି ୨.୩୩ ମିଟର ମାନଦଣ୍ଡ ରହିଛି। ସେହିଭଳି ଯେଉଁମାନେ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୩୨ ମଧ୍ୟରେ ରହିବେ ସେମାନେ ମଧ୍ୟ ଅଲିମ୍ପିକ୍ସ ଟିକଟ୍ ହାସଲ କରିବେ। ତେଜସ୍ୱିନଙ୍କ କ୍ୟାରିୟର ଶ୍ରେଷ୍ଠ ୨.୨୯ ମିଟର ରହିଛି। ଯାହାକୁ ସେ ୨୦୧୮ ରେ ହାସଲ କରିଥିଲେ। ସେହିଭଳି ବର୍ତ୍ତମାନ ସେ ବିଶ୍ୱ ମାନ୍ୟତାର ୬୪ତମ ସ୍ଥାନରେ ରହି ଅଲିମ୍ପିକ୍ସ ଅଭିମୁଖେ ଅଗ୍ରସର ହେଉଛନ୍ତି।

**ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ କାର୍ଯ୍ୟସୂଚୀ ଘୋଷିତ**

# ଅକ୍ଟୋବର ୬ରେ ଭାରତ-ପାକିସ୍ତାନ ମୁକାବିଲା

**ଦୁବାଇ, ୫।୫(ଏଜେନ୍ସି)**

ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ବାଂଲାଦେଶରେ ଅକ୍ଟୋବର ୩ରୁ ଆରମ୍ଭ ହୋଇ ୧୯ରେ ଶେଷ ହେବ। ଏହି ପ୍ରତିଯୋଗିତାରେ ୧୦ଟି ଦଳ ୧୮ ଦିନରେ ୨୩ଟି ମ୍ୟାଚ୍ ଖେଳିବେ। ଅକ୍ଟୋବର ୩ ତାରିଖରେ ଦୁଇଟି ମ୍ୟାଚ ଖେଳାଯିବ। ପ୍ରଥମ ଦିନ ଢ଼ାକାରେ ଉଭୟ ମ୍ୟାଚ୍ ଆୟୋଜିତ ହେବାକୁ ଥିଲାବେଳେ ଅପରାହ୍ଣ ୩ଟାରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦଘାଟନୀ ମୁକାବିଲା ଖେଳାଯିବ। ଅକ୍ଟୋବର ୧୭ ଓ ୧୮ ରେ ସେମିଫାଇନାଲ ଓ ୨୦ରେ ଫାଇନାଲ ମୁକାବିଲା ହେବ। ଏହି ୩ଟି ଯାକ ନକ୍‌ଆଉଟ ମୁକାବିଲା ଲାଗି ରିଜର୍ଭ ଦିବସ ରଖାଯାଇଛି। ୬ଥରର ତଥା ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଅକ୍ଟୋବର ୪ରେ କ୍ୱାଲିଫାୟର ଟିମ୍ ସହ ପ୍ରଥମ ମ୍ୟାଚ୍ ଖେଳିବ। ସେହିପରି ୨୦୨୦ ରନର୍ସ ଅପ୍ ଭାରତର ପ୍ରଥମ ମ୍ୟାଚ୍ ନ୍ୟୁଜିଲାଣ୍ଡ ସହ ଏହି ଦିନ ଖେଳାଯିବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅକ୍ଟୋବର ୬ ତାରିଖରେ ମୁକାବିଲା ହେବ। ସମସ୍ତ ମ୍ୟାଚ୍ ଗୁଡ଼ିକ ଢ଼ାକା ଓ ସିଲହଟରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୧୭ ତାରିଖ ସିଲହଟରେ ପ୍ରଥମ ସେମିଫାଇନାଲ, ଅକ୍ଟୋବର ୧୮ ତାରିଖ ଢ଼ାକାରେ ଦ୍ୱିତୀୟ ସେମିଫାଇନାଲ ଓ ଅକ୍ଟୋବର ୨୦ ତାରିଖ ଢ଼ାକାରେ ଫାଇନାଲ ମ୍ୟାଚ୍ ଖେଳାଯିବ।




## ୧୦ଟି ଦଳ, ୨୩ ମ୍ୟାଚ୍

ଏହି ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲା ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ ଆଇସିସି ମାନ୍ୟତା ଅନୁଯାୟୀ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକରୁ ଆଉ ଦୁଇଟି ଦଳ ଯୋଗ୍ୟତା ଅର୍ଜନ କରିବେ। ଏଥିଲାଗି ଆବୁଧାବିରେ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ଚାଲିଛି। ଏଥିରେ ଫାଇନାଲରେ ପ୍ରବେଶ କରିଥିବା ଦୁଇ ଦଳ ମୁଖ୍ୟ ଡ୍ରରେ ସାମିଲ ହେବେ। ଏହି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୩ରୁ ଆରମ୍ଭ ହୋଇ ୨୩ରେ ଶେଷ ହେବ। ଅର୍ଥାତ ମୋଟ ୧୯ ଦିନ ଧରି ଖେଳାଯିବାକୁ ଥିଲେ ମଧ୍ୟ ମୋଟ ୧୬ ଦିନ ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରେ ୩ଟି ଦିନ ବିଶ୍ରାମ ରଖାଯାଇଛି। ଅକ୍ଟୋବର ୧୪ରେ ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ୧୫ ଓ ୧୬ ତାରିଖ, ଫାଇନାଲ ପୂର୍ବଦିନ ଅର୍ଥାତ୍ ଅକ୍ଟୋବର ୧୯ ତାରିଖରେ କୌଣସି ମ୍ୟାଚ୍ ଆୟୋଜିତ ହେବ ନାହିଁ। ଏହି ୨୬ ଦିନରେ ମୋଟ ୨୩ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ୨୦ଟି ଲିଗ୍ ଓ ୩ଟି ନକ୍‌ଆଉଟ ମ୍ୟାଚ୍ ଅନୁଷ୍ଠିତ ହେବ।

## ଫର୍ମାଟ; ରାଉଣ୍ଡ ରବିନ ଓ ନକ୍‌ଆଉଟ

ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଭାଗନେବାକୁ ଥିଲାବେଳେ ଏବେ ସୁଦ୍ଧା ୮ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଆବୁଧାବିରେ ଚାଲିଥିବା ଟୁର୍ଣ୍ଣାମେଣ୍ଟରୁ ଦୁଇଟି ଦଳ ଯୋଗ୍ୟତା ଅର୍ଜନ କରିବେ। ଏଥିରେ ଚାମ୍ପିଅନ ଦଳକୁ କ୍ୱାଲିଫାୟର-୧ ଓ ରନର୍ସ ଅପ୍ ଦଳକୁ କ୍ୱାଲିଫାୟର-୨ ଟିମ୍ ଭାବେ ନାମିତ କରାଯାଇଛି। ଏହି ୧୦ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ କ୍ୱାଲିଫାୟର-୧, ଗ୍ରୁପ୍-ବି'ରେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ ଓ କ୍ୱାଲିଫାୟର-୨'କୁ ସ୍ଥାନିତ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ସ୍ଥାନ ପାଇଥିବା ଦଳ ଗୁଡିକ ଅନ୍ୟ ସହ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ପରେ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଅକ୍ଟୋବର ୩ରୁ ୧୪ ତାରିଖଯାଏ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଦୁଇଦିନ ବିଶ୍ରାମ ପରେ ନକ୍‌ଆଉଟ ବା ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ସେମିଫାଇନାଲ ଓ ଫାଇନାଲ ମୁକାବିଲା ଲାଗି ରିଜର୍ଭ ଦିନ ରଖାଯାଇଛି।

## ଗ୍ରୁପ୍-ଏ'ରେ ଭାରତ

ଥରେ ହେଲେ ଟାଇଟଲ ଜିତି ପାରି ନ ଥିବା ଭାରତ ୬ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ମଧ୍ୟ ନ୍ୟୁଜିଲାଣ୍ଡ ଓ ପାକିସ୍ତାନକୁ ସ୍ଥାନ ମିଳିଛି। ଆବୁଧାବିଠାରେ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଚାମ୍ପିଅନ ଦଳ ଏହି ଗ୍ରୁପ୍‌ରେ ୫ମ ଦଳ ଭାବେ ସ୍ଥାନ ପାଇବ। ଏହି ପ୍ରତିଯୋଗିତାରେ ଭାରତ ତାହାର ପ୍ରଥମ ମ୍ୟାଚ୍ ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୪ରେ ଖେଳିବ। ଏହି ମ୍ୟାଚଟି ସିଲହଟରେ ଖେଳାଯିବ। ଏହି ଭେନ୍ୟୁରେ ଅକ୍ଟୋବର ୬ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମହାମୁକାବିଲା ହେବ। ଅକ୍ଟୋବର ୯ରେ କ୍ୱାଲିଫାୟର ସହ ଓ ଅକ୍ଟୋବର ୧୩ରେ ଅଷ୍ଟ୍ରେଲିଆ ସହ ମ୍ୟାଚ୍ ଖେଳିବ। ଏହି ପ୍ରତିଯୋଗିତାରେ ଭାରତ ଆଦୌ ଟାଇଟଲ ଜିତି ପାରି ନ ଥିଲାବେଳେ ୨୦୨୦ରେ ରନର୍ସ ଅପ୍ ହେବା ଶ୍ରେଷ୍ଠ ସଫଳତା। ଚଳିତବର୍ଷ ଭାରତୀୟ ଦଳରେ ଏକାଧିକ ଶ୍ରେଷ୍ଠ ଖେଳାଳି ରହିଥିଲାବେଳେ ଏଥର ଟାଇଟଲ ଜିତିବାର ସମ୍ଭାବନା ରହିଛି।

### ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୩।୧୦ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ଢ଼ାକା |
| ୩।୧୦ | ବାଂଲାଦେଶ-କ୍ୱାଲିଫାୟର-୨ | ଢ଼ାକା |
| ୪।୧୦ | ଅଷ୍ଟ୍ରେଲିଆ-କ୍ୱାଲିଫାୟର-୧ | ସିଲହଟ |
| **୪।୧୦** | **ଭାରତ-ନ୍ୟୁଜିଲାଣ୍ଡ** | **ସିଲହଟ** |
| ୫।୧୦ | ଦକ୍ଷିଣ ଆଫ୍ରିକା-ୱେଷ୍ଟଇଣ୍ଡିଜ୍ | ଢ଼ାକା |
| ୫।୧୦ | ବାଂଲାଦେଶ-ଇଂଲଣ୍ଡ | ଢ଼ାକା |
| ୬।୧୦ | ନ୍ୟୁଜିଲାଣ୍ଡ-କ୍ୱାଲିଫାୟର-୧ | ସିଲହଟ |
| **୬।୧୦** | **ଭାରତ-ପାକିସ୍ତାନ** | **ସିଲହଟ** |
| ୭।୧୦ | ୱେଷ୍ଟଇଣ୍ଡିଜ୍-କ୍ୱାଲିଫାୟର-୨ | ଢ଼ାକା |
| ୮।୧୦ | ଅଷ୍ଟ୍ରେଲିଆ-ପାକିସ୍ତାନ | ସିଲହଟ |
| ୯।୧୦ | ବାଂଲାଦେଶ-ୱେଷ୍ଟଇଣ୍ଡିଜ୍ | ଢ଼ାକା |
| **୯।୧୦** | **ଭାରତ-କ୍ୱାଲିଫାୟର-୧** | **ସିଲହଟ** |
| ୧୦।୧୦ | ଦକ୍ଷିଣ ଆଫ୍ରିକା-କ୍ୱାଲିଫାୟର-୨ | ଢ଼ାକା |
| ୧୧।୧୦ | ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ | ସିଲହଟ |
| ୧୧।୧୦ | ପାକିସ୍ତାନ-କ୍ୱାଲିଫାୟର-୧ | ସିଲହଟ |
| ୧୨।୧୦ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ୍ | ଢ଼ାକା |
| ୧୨।୧୦ | ବାଂଲାଦେଶ-ଦକ୍ଷିଣ ଆଫ୍ରିକା | ଢ଼ାକା |
| ୧୩।୧୦ | ପାକିସ୍ତାନ-ନ୍ୟୁଜିଲାଣ୍ଡ | ସିଲହଟ |
| **୧୩।୧୦** | **ଭାରତ-ଅଷ୍ଟ୍ରେଲିଆ** | **ସିଲହଟ** |
| ୧୪।୧୦ | ଇଂଲଣ୍ଡ-କ୍ୱାଲିଫାୟର-୨ | ଢ଼ାକା |
| ୧୭।୧୦ | ପ୍ରଥମ ସେମିଫାଇନାଲ | ସିଲହଟ |
| ୧୮।୧୦ | ଦ୍ୱିତୀୟ ସେମିଫାଇନାଲ | ଢ଼ାକା |
| ୨୦।୧୦ | ଫାଇନାଲ | ଢ଼ାକା |

**ଲା ଲିଗା ଫୁଟବଲ ଲିଗ୍**

# ସଫଳତମ ଦଳ ରିଅଲ ମାଦ୍ରିଦ୍



**ମାଦ୍ରିଦ୍,୫।୫(ଏଜେନ୍ସି):** ସ୍ପାନିଶ ଫୁଟବଲ ଲିଗ୍ ପ୍ରଣାଳୀର ଶ୍ରେଷ୍ଠ ପୁରୁଷ ପେସାଦାର ଫୁଟବଲ ଡିଭିଜନ୍ ରୂପେ ପରିଚିତ ଲା ଲିଗାରେ ଏଥର ଜଣାଶୁଣା କ୍ଲବ ରିଅଲ ମାଦ୍ରିଦ୍ ଟାଇଟଲ ହାସଲ କରିଛି। ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ସାଣ୍ଟିଆଗୋ ବେର୍ଣ୍ଣାବେଉ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ମାଦ୍ରିଦ୍ ୩-୦ ଗୋଲରେ କାଡିଜକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଏଥିସହ ଘରୋଇ ଦଳ ମାଦ୍ରିଦ ରେକର୍ଡ ୩୬ତମ ଟାଇଟଲ ହାସଲ କରିଛି। ୨୦୨୨ ପରେ ମାଦ୍ରିଦ୍ ପ୍ରଥମଥର ପାଇଁ ଲା ଲିଗା ଟାଇଟଲ ହାସଲ କରିଛି। ଗତ ୨୦୨୩ ସଂସ୍କରଣରେ ବାର୍ସିଲୋନ ଟାଇଟଲ ଜିତିଥିଲା। ରିଅଲ ମାଦ୍ରିଦ୍ ଲା ଲିଗାର ସଫଳତମ ଦଳ ବିବେଚିତ ହେଉଛି। ମାଦ୍ରିଦ ସର୍ବାଧିକ ୩୬ଥର ଟାଇଟଲ ହାସଲ କରିଛି। ସେହିପରି ବାର୍ସିଲୋନା ୨୭ଥର ଟ୍ରଫି ଜିତି ଦ୍ୱିତୀୟ ସଫଳତମ ଦଳ ବିବେଚିତ ହେଉଛି।

ମାଦ୍ରିଦ୍ ଆହୁରି ୪ଟି ମ୍ୟାଚ୍ ଖେଳିବା ବାକି ରହିଥିଲେ ମଧ୍ୟ ଅଙ୍କ ତାଲିକାରେ ଶୀର୍ଷରେ ରହିବା ନିଶ୍ଚିତ ହୋଇଛି। ମାଦ୍ରିତ ୩୪ଟି ମ୍ୟାଚ୍ ଖେଳି ୨୭ ବିଜୟ, ୬ ଡ୍ର ଓ ମାତ୍ର ଗୋଟିଏ ପରାଜୟ ସହ ୮୭ ପଏଣ୍ଟ ପାଇଁ ନଂ ୧ ସ୍ଥାନରେ ରହିଛି। ସେହିପରି ଗିରୋନା କ୍ଲବ ୩୪ ମ୍ୟାଚ୍ ଖେଳି ୨୩ ବିଜୟ, ୫ ଡ୍ର, ୬ ପରାଜୟ ସହ ୭୪ ପଏଣ୍ଟ ପାଇଛି। ଗିରୋନାଠାରୁ ମାଦ୍ରିଦ ୧୩ ପଏଣ୍ଟ ଅଧିକ ହାସଲ କରି ବାଜି ମାରିଛି। କାଡିଜ୍ ବିପକ୍ଷରେ ମାଦ୍ରିଦ ତରଫରୁ ଦ୍ୱିତୀୟାର୍ଦ୍ଧରେ ୩ଟି ଯାକ ଗୋଲ ସ୍କୋର କରାଯାଇଥିଲା। ପ୍ରଥମାର୍ଦ୍ଧରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଦଳ ତରଫରୁ ୫୧ତମ ମିନିଟ୍‌ରେ ବ୍ରାହିମ ଡିଆଜ, ୬୮ତମ ମିନିଟରେ ଜୁଡେ ବେଲିଂହାମ୍ ଓ ଇଞ୍ଜୁରି ଟାଇମ୍‌ର ତୃତୀୟ ଅର୍ଥାତ ୯୩ତମ ମିନିଟ୍‌ରେ ଜୋସେଲୁ ଗୋଲ ସ୍କୋର କରିଥିଲେ। ସବୁ ବିଭାଗରେ ମାଦ୍ରିଦ ଯଥେଷ୍ଟ ଉନ୍ନତ ପ୍ରଦର୍ଶନ କରିଥିଲା। ସଟ, ସଟ୍ ଅନ୍ ଟାର୍ଗେଟ, ବଲ୍ ପଜେସନ, ପାସ ଓ ପାସ୍ ଆକ୍ୟୁରେସିରେ କାଡିଜ ମାଦ୍ରିଦର ମୁକାବିଲା କରିପାରି ନଥିଲା।

**ନଳିନୀକାନ୍ତ ଆଚାର୍ଯ୍ୟ ସ୍ମାରକୀ ଚେସ୍**

# ଲଳିତ ଚାମ୍ପିଅନ, ହର୍ଷିତ ରନର୍ସଅପ୍

**ଭୁବନେଶ୍ୱର, ୫।୫ (ସମିସ)**



ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଦ୍ୱିତୀୟ ନଳିନୀକାନ୍ତ ସ୍ମାରକୀ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଦିନିକିଆ ପ୍ରତିଯୋଗିତାରେ କଟକର ଲଳିତ ରଞ୍ଜନ ସାହୁ ଚାମ୍ପିଅନ ଓ ହର୍ଷିତ ରଞ୍ଜନ ସାହୁ ରନର୍ସ ଅପ୍ ହୋଇଛନ୍ତି। ଉଭୟ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଭୁବନେଶ୍ୱରର କୌସ୍ତୁଭ ଦାଶ, କଟକର ରବୀନ୍ଦ୍ର କୁମାର ଓଝା, ସୁନ୍ଦରଗଡ଼ର କମଲେଶ ଗୁପ୍ତା, ଭୁବନେଶ୍ୱରର ଶ୍ରୁଜନ ପ୍ରଣୟୀ ରାୟ ଓ କଟକର ସେକ୍ ସୟିଦ୍ ଯଥାକ୍ରମେ ତୃତୀୟରୁ ୭ମ ସ୍ଥାନ ଅଧିକାର କରିଥିଲେ। ସର୍ବେଶ୍ୱର ସାମଲ, ସଙ୍ଗୀତା ଷଡଙ୍ଗୀ, ଶିବାଙ୍ଗୀ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

# ସସେକ୍ସକୁ ଜିତାଇଲେ ପୂଜାରା



**ଲଣ୍ଡନ, ୫।୫ (ଏଜେନ୍ସି):** ଭାରତୀୟ ଦଳରୁ ଅଣଦେଖା ହୋଇଥିବା ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା କାଉଣ୍ଟି କ୍ରିକେଟ୍‌ରେ କମାଲ ଦେଖାଇଛନ୍ତି। କାଉଣ୍ଟି ଚାମ୍ପିଅନସିପ୍ ଡିଭିଜନ-୨ ପ୍ରତିଯୋଗିତାରେ ସସେକ୍ସ ପକ୍ଷରୁ ଖେଳୁଥିବା ପୂଜାରା ଡର୍ବିଶାୟର ବିପକ୍ଷ ମ୍ୟାଚରେ ୧୧୩ ରନର ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ମ୍ୟାଚରେ ଡର୍ବିଶାୟର ପ୍ରଥମେ ବ୍ୟାଟିଂ କରି ୨୪୬ ରନ କରିଥିଲା। ଜବାବରେ ସସେକ୍ସ ପୂଜାରାଙ୍କ ଶତକ ସହାୟତାରେ ୪୭୯ ରନ କରି ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ପୂଜାରା ତାଙ୍କ ୧୮୬ ବଲ୍ ପାଳିରେ ୧୧ ଚୌକା ମାରିଥିଲେ। ଜବାବରେ ୨୩୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଡର୍ବିଶାୟର ୧୦୯ ରନରେ ଅଲ୍‌ଆଉଟ୍ ହୋଇ ପାଳି ପରାଜୟବରଣ କରିଛି। ପୂଜାରା ଏଥିପୂର୍ବରୁ ଗ୍ଲୋସେଷ୍ଟରଶାୟର ବିପକ୍ଷରେ ଯଥାକ୍ରମେ ୮୬ ଓ ୪୪, ଲିସେଷ୍ଟରଶାୟର ବିପକ୍ଷରେ ୩୮ ରନ କରିଥିଲେ। ଉଲ୍ଲେଖଯୋଗ୍ୟ, ୩୬ ବର୍ଷୀୟ ପୂଜାରା ଗତ କିଛି ମାସ ହେବ ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡ଼ିଆସୁଛନ୍ତି। ସେହିଭଳି ଚଳିତ ଆଇପିଏଲ୍‌ରେ ତାଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ। ଏହି ଶତକ ତାଙ୍କୁ ଆଗାମୀ ଦିନରେ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ଦେବାରେ ସହାୟତା କରିପାରେ।

**ଆଇଏସ୍‌ଏଲ୍-୧୦**

# ୩୮୪ ଗୋଲ୍, ୩୨ ରେଡ୍ କାର୍ଡ



**କୋଲକାତା, ୫।୫ (ଏଜେନ୍ସି)**

ଭାରତର ସବୁଠୁ ଶ୍ରେଷ୍ଠ କ୍ଲବଭିତ୍ତିକ ଫୁଟ୍‌ବଲ ପ୍ରତିଯୋଗିତା ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ୧୦ମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଶନିବାର ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ଘରୋଇ ମୋହନ ବାଗାନ ସୁପର୍ ଜାଏଣ୍ଟସକୁ ୩-୧ ଗୋଲରେ ପରାସ୍ତ କରି ମୁମ୍ବାଇ ସିଟି ଦ୍ୱିତୀୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ହାସଲ କରିଛି। ଫଳରେ ଲିଗ୍ ସିଲ୍ଡ ବିଜେତା ମୋହନ ବାଗାନର ଟ୍ରଫି ଜିତିବା ସ୍ୱପ୍ନ ଅଧୁରା ରହିଯାଇଛି।

ଆଇଏସ୍‌ଏଲ୍‌ର ଏହି ସଂସ୍କରଣ ପରିସଂଖ୍ୟାନ ଉପରେ ନଜର ପକାଇଲେ ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଫାଇନାଲକୁ ମିଶାଇ ୧୩୯ ମ୍ୟାଚ୍ ଖେଳାଯାଇଥିବାବେଳେ ମୋଟ୍ ୩୮୪ ଗୋଲ୍ ଦେଖିବାକୁ ମିଳିଥିଲା। ଅର୍ଥାତ୍ ପ୍ରତି ମ୍ୟାଚ୍ ପିଛା ଗୋଲ୍ ହାର ୨.୭୬ ରହିଛି। ସମ୍ପୂର୍ଣ୍ଣ ପ୍ରତିଯୋଗିତାରେ ଗୋଲ୍‌ପୋଷ୍ଟକୁ ୧୧୪୯ଥର ସଟ୍ ଟାର୍ଗେଟ୍ ହୋଇଛି। ଏହାବାଦ୍ ପ୍ରତିଯୋଗିତାରେ ରେଫରି ୪୫୮ଥର ଅଫ୍ ସାଇଡ୍ ଦେଇଛନ୍ତି। ସେହିଭଳି ମୋଟ୍ ୧୩୯ ମ୍ୟାଚରେ ୧୩୭୦ଥର କର୍ଣ୍ଣର କିକ୍ ମରାଯାଇଛି।

**ଦିମିତ୍ରିଅସଙ୍କୁ ଗୋଲ୍ଡେନ ବୁଟ୍:** ଆଇଏସ୍‌ଏଲ୍‌ର ଏହି ସଂସ୍କରଣରେ ଦୁଇଜଣ ଖେଳାଳି ୧୩ଟି ଲେଖାଏ ଗୋଲ୍ ଦେଇଥିଲେ। ସେମାନେ ହେଲେ ଓଡ଼ିଶା ଏଫ୍‌ସିର ରୟ କ୍ରିଷ୍ଣା ଓ କେରଳା ବ୍ଲାଷ୍ଟର୍ସର ଦିମିତ୍ରିଅସ୍ ଡିଆମନଟାକୋସ। ତେବେ ଦିମିତ୍ରିଅସ୍‌ଙ୍କୁ ଗୋଲ୍ଡେନ ବୁଟ୍ ଜିତିଥିଲେ। ସେ ୧୭ ମ୍ୟାଚରେ ୧୩ ଗୋଲ ଦେଇଥିବାବେଳେ ରୟ ଖେଳିଥିଲେ ୨୫ ମ୍ୟାଚ୍। ଏମାନଙ୍କ ପଛକୁ ମୋହନ ବାଗାନର ଜାସନ କମିଙ୍ଗ୍ସ, ଓଡ଼ିଶା ଏଫ୍‌ସିର ଡିଏଗୋ ମୌରିସିଓ ଓ ଏଫ୍‌ସି ଗୋଆର ନୋଆ ସାଦୌଇ ପ୍ରତ୍ୟେକ ୧୧ଟି ଲେଖାଏ ଗୋଲ୍ ଦେଇଛନ୍ତି। ସେହିଭଳି ମୋହନବାଗାନର ଦିମିତ୍ରି ପେଟ୍ରାଟସ୍ ଗୋଲଡେନ୍ ବଲ୍ ପୁରସ୍କାର ହାତେଇ ନେଇଥିଲେ।



ଦିମିତ୍ରି ପେଟ୍ରାଟସ୍

**ମୋହନ ବାଗାନ, ମୁମ୍ବାଇକୁ ୫ଟି ଲେଖାଏ ରେଡ୍ କାର୍ଡ:** ଏଥର ଆଇଏସ୍‌ଏଲ୍‌ରେ ମୋଟ୍ ୩୨ ଜଣଙ୍କୁ ରେଡ୍ କାର୍ଡ ପ୍ରଦାନ କରାଯାଇଛି। ଯଦି ଦଳ ଉପରେ ନଜର ପକାଇବା ତେବେ ମୋହନ ବାଗାନ ଓ ମୁମ୍ବାଇ ସିଟି ଦଳକୁ ୫ଟି ଲେଖାଏ ରେର୍ଡ କାର୍ଡ ମିଳିଛି। ୪ଟି ଲେଖାଏ ରେଡ୍ କାର୍ଡ ସହ କେରଳା ଓ ବେଙ୍ଗାଲୁରୁ ପଛକୁ ରହିଛନ୍ତି। ଓଡ଼ିଶା ଏଫ୍‌ସିକୁ ୨ଟି ରେଡ୍ କାର୍ଡ ମିଳିଛି। ବ୍ୟକ୍ତିଗତ ଭାବେ ନଜର ପକାଇଲେ ଦୁଇ ବେଙ୍ଗାଲୁରୁ ଖେଳାଳି ସୁରେଶ ୱାଙ୍ଗଜାମ ଓ ନାଓରେମ ରୋଶନଙ୍କୁ ୨ଟି ଲେଖାଏ କାର୍ଡ ମିଳିଛି।



ଦିମିତ୍ରିଅସ୍ ଡିଆମନଟାକୋସ

**ଦୀପକଙ୍କୁ ସର୍ବାଧିକ ୟେଲୋ କାର୍ଡ:** ପ୍ରତିଯୋଗିତାରେ ଏଥର ୬୧୯ ୟେଲୋ କାର୍ଡ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଉପବିଜେତା ମୋହନ ବାଗାନ ଦଳର ଦୀପକ ଟାଙ୍ଗ୍ରୀଙ୍କୁ ଏଥର ଆଇଏସ୍‌ଏଲ୍‌ରେ ସର୍ବାଧିକ ୧୧ଟି ୟେଲୋ କାର୍ଡ ମିଳିଛି। ୯ ୟେଲୋ କାର୍ଡ ସହ ମୁମ୍ବାଇ ସିଟିର ୟୋଏଲ୍ ନିଏଫ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶା ଏଫ୍‌ସିର ଅହମ୍ମଦ ଜାହୋଇ, କେରଳାର ଦାନିଶ ଫାରୁକ ଓ ପଞ୍ଜାବ ଏଫ୍‌ସିର ନିଖିଳ ପ୍ରଭୁ ୮ଥର ଲେଖାଏ ୟେଲୋ କାର୍ଡ ପାଇଛନ୍ତି। ଯଦି ଦଳଗତ ଉପରେ ନଜର ପକାଇବା ତେବେ କେରଳା ଓ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ସର୍ବାଧିକ ୬୭ଥର ଲେଖାଏ ରେଫରି ୟେଲୋ କାର୍ଡ ଦେଖାଇଛନ୍ତି। ମୁମ୍ବାଇ (୬୧), ମୋହନ ବାଗାନ (୬୦) ଓ ଓଡ଼ିଶା ଏଫ୍‌ସି (୫୫ଥର) ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

**ମୋହନ ବାଗାନ ଦେଇଛି ୫୦ ଗୋଲ୍:** ପ୍ରତିଯୋଗିତାରେ ଏଥର ୩୮୪ ଗୋଲ୍ ଦେଖିବାକୁ ମିଳିଛି। ସେଥିମଧ୍ୟରୁ ଦଳଗତ ଭାବେ ଉପବିଜେତା ରହିଥିବା ମୋହନ ବାଗାନ ସର୍ବାଧିକ ୫୦ଟି ଗୋଲ୍ ଦେଇଛି। ୪୫ ଗୋଲ୍ ସହ ମୋହନ ବାଗାନ ୨ୟ ଏବଂ ଏଫ୍‌ସି ଗୋଆ (୪୦) ଓ ଓଡ଼ିଶା ଏଫ୍‌ସି (୩୭) ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି।

**● ଅରବିନ୍ଦ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ**

# ପ୍ରନ୍ତିକଙ୍କ ଶତକରେ ପାରାମାଉଣ୍ଟ ବିଜୟୀ



**ଭୁବନେଶ୍ୱର, ୫।୫ (ସମିସ):** ଓପନର ପ୍ରନ୍ତିକ ନାୟକଙ୍କ ଶତକ ସହାୟତାରେ ପାରାମାଉଣ୍ଟ ସ୍ପୋର୍ଟିଂ-ଏ' ୧୨୬ ରନ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଜୟୀ ହୋଇଛି। ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ରବିବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ପ୍ରନ୍ତିକ ନାୟକ ୧୧୯, ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ୫୫ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ-ଏ' ୨ ୱିକେଟରେ ୨୭୨ ରନ୍ କରିଥିଲା। ଜବାବରେ ମୁକ୍ତେଶ୍ୱର ୬ ୱିକେଟ ହରାଇ ୧୪୬ ରନ୍ କରିବାକୁ ସମର୍ଥ ହୋଇଥିଲା। ମୁକ୍ତେଶ୍ୱର ପକ୍ଷରୁ ଋତୁରାଜ ଷଡଙ୍ଗୀ ୪୭ ଓ ଡି ଶୋଭନ ୩୭ ରନ୍ କରିଥିଲେ। ବିଜୟୀ ଦଳର ସେକ୍ ନସୀବ ସାବେର ଓ ସ୍ୱସ୍ତିକ ଚୌଧୁରୀ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଖେଳ ଶେଷରେ ଆୟୋଜକ ପାରାମାଉଣ୍ଟ କ୍ଲବ୍‌ର ସଭାପତି ପ୍ରତାପ ଜେନା ଓ ସମ୍ପାଦକ ଅକ୍ଷୟ କୁମାର ପାତ୍ର ଅତିଥିଭାବେ ଯୋଗ ଦେଇ ପ୍ରନ୍ତିକ ନାୟକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

ଧର୍ମଶାଳାରେ ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ପ୍ରଦର୍ଶନ

# ପଞ୍ଜାବକୁ ହରାଇ ଚେନ୍ନାଇ ତୃତୀୟ ସ୍ଥାନକୁ ଉନ୍ନୀତ

ଧର୍ମଶାଳା, ୫।୫(ଏଜେନ୍ସି)



ବାମହାତୀ ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୫୩ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ ୨୮ ରନ୍‌ରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। ଏହା ଫଳରେ ଚେନ୍ନାଇ ୧୧ତମ ମ୍ୟାଚ୍‌ରୁ ୬ଷ୍ଠ ବିଜୟ ସହ ୧୨ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ସମାନ ୧୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ ମଧ୍ୟ ଉନ୍ନତ ରନ୍‌ରେଟ୍‌ରେ ଚେନ୍ନାଇ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୧୧ତମ ମ୍ୟାଚ୍‌ରୁ ୭ମ ପରାଜୟ ସହ ପଞ୍ଜାବ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବାର ଆଶଙ୍କା ମଧ୍ୟକୁ ଚାଲିଯାଇଛି। ଚଳିତ ସିଜନରେ ପଞ୍ଜାବ ଘରୋଇ ମାଟିରେ ୬ଷ୍ଠ ମ୍ୟାଚ୍ ଖେଳି ୫ମ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ୨୬ ବଲ୍‌ରୁ ୪୩ ରନ୍ କରିବା ସହ ବାମହାତୀ ସ୍ପିନ୍ ବୋଲିଂରେ ୨୦ ରନ୍ ଦେଇ ୩ଟି ୱିକେଟ ନେଇଥିବା ଚେନ୍ନାଇ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଇପିଏଲ୍ ଇତିହାସରେ ଚେନ୍ନାଇ ପକ୍ଷରୁ ଜାଡ଼େଜା ସର୍ବାଧିକ ୧୬ଥର ଲାଗି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି।

## ଧର୍ମଶାଳା ପିଚ୍‌ରେ ବୋଲରଙ୍କ ପ୍ରାଧାନ୍ୟ

ମେ ୧ରୁ ବୋଲରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ଆଇପିଏଲ୍ ମ୍ୟାଚ୍ ଖେଳାଯାଉଛି। ଧର୍ମଶାଳାରେ ତାହାର ଆଉ ଏକ ଉଦାହରଣ ଦେଖିବାକୁ ମିଳିଥିଲା। ଏଠାରେ ପିଚ୍ ମନ୍ଥର ରହିବା ଓ ବୋଲରଙ୍କୁ ସହାୟତା ଦେବା ଫଳରେ ଉଭୟ ଦଳ ୯ଟି ଲେଖାଏଁ ୱିକେଟ ହରାଇଥିଲେ ଓ ମ୍ୟାଚ୍‌ରେ ମୋଟ ୩୦୬ ରନ୍ ସଂଗୃହୀତ ହୋଇଥିଲା। ଏଠାରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗସ ପଞ୍ଜାବ ବୋଲରଙ୍କ ଉଚିତ ମୁକାବିଲା କରି ନ ପାରି ୯ ୱିକେଟରେ ୧୬୭ ରନ୍ କରିଥିଲା। ଦଳ ପକ୍ଷରୁ ମାତ୍ର ୩ ଜଣ ଖେଳାଳ ୩୦ ରନ୍‌ରୁ ଊର୍ଦ୍ଧ୍ୱ ସଂଗ୍ରହ କରିଥିଲେ। ଏମାନଙ୍କ ମଧ୍ୟରୁ ଜାଡେଜା ୨୬ବଲ୍‌ରୁ ୩ ଚୌକା ଓ ୨ଛକା ସହ ସର୍ବାଧିକ ୪୩ ରନ୍ କରିଥିଲେ। ଅଧିନାୟକ ଋତୁରାଜ ଗାଏକ୍‌ୱାଡ ୩୨ ଓ ବିବାଦୀୟ ଭାବେ ଆଉଟ ହୋଇଥିବା ଡାରିଲ ମିଚେଲ ୧୯ ବଲ୍‌ରୁ ୩୦ ରନ୍ କରିଥିଲେ। ତାରକା ଖେଳାଳି ମହେନ୍ଦ୍ର ସିହ ଧୋନି ଚଳିତ ସିଜନରେ ପ୍ରଥମଥର ଖାତା ଖୋଲି ନ ପାରି ପ୍ରଥମ ଥର ଆଉଟ ହୋଇଥିଲେ। ପଞ୍ଜାବ ବୋଲରଙ୍କ ପ୍ରାଧାନ୍ୟ ଏଠାରେ ଦେଖିବାକୁ ମିଳିଥିଲା। ଲେଗ୍ ସ୍ପିନର ରାହୁଲ ଚହର ଓ ପେସ ବୋଲର ହର୍ଷଲ ପଟେଲ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଅର୍ଶଦୀପ ସିଂ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ମୁମ୍ବାଇ- ହାଇଦ୍ରାବାଦ୍**

ସ୍ଥାନ- ମୁମ୍ବଇ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା



## ପଞ୍ଜାବର ଦୟନୀୟ ରନ୍ ଚେଜ୍

୧୬୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ ପ୍ରଥମ ଓଭରରେ ୨ ରନ୍ କରିଥିଲା। କିନ୍ତୁ ଦ୍ୱିତୀୟ ଓଭର ବୋଲିଂ କରିଥିବା ତୁଷାର ଦେଶପାଣ୍ଡେ ପଞ୍ଜାବର ଦୁଇ ପ୍ରତିଷ୍ଠିତ ବିଦେଶୀ ଖେଳାଳି ଜନ୍ନି ବେୟାରଷ୍ଟୋ (୭) ଓ ରିଲି ରୁଷୋ (୦) ଙ୍କୁ ଆଉଟ କରି ଭଲ ଆରମ୍ଭ ଦେଇଥିଲେ। ୯ ରନ୍‌ରେ ଦ୍ୱିତୀୟ ୱିକେଟ ପଡ଼ିଯିବା ପରେ ପ୍ରଭସିମରନ ସିଂ ଓ ଶଶାଙ୍କ ସିଂ ତୃତୀୟ ୱିକେଟରେ ଧୈର୍ଯ୍ୟର ସହ ଖେଳି ୫୩ ରନ୍ ଉଠାଇଥିଲେ। ଏହି ଯୋଡି ଭାଙ୍ଗିବା ପରେ ପଞ୍ଜାବର ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଏହି ସମୟରେ ଜାଡେଜା ବୋଲିଂ କରିବାକୁ ଆସି ୨୦ ରନ୍‌ରେ ୩ଟି ୱିକେଟ ନେବା ଫଳରେ ପଞ୍ଜାବର ଏହି ବିପର୍ଯ୍ୟୟ ଘଟିଥିଲା। ଯାହା ଫଳରେ ଦଳ ଏହି ସମୟରେ ମାତ୍ର ୧୭ ରନ୍‌ରେ ୫ଟି ୱିକେଟ ହରାଇଥିଲା। ପଞ୍ଜାବ ଏକଦା ୨ ୱିକେଟରେ ୬୩ ରନ୍ କରିଥିଲାବେଳେ ମଧ୍ୟଭାଗ ବିପର୍ଯ୍ୟୟ ଯୋଗୁ ୭୮ ରନ୍‌ରେ ୭ଟି ୱିକେଟ ହରାଇଥିଲା। ପ୍ରଭସିମରନ ସର୍ବାଧିକ ୩୦ ଓ ଶଶାଙ୍କ ୨୭ ରନ୍ କରିଥିଲେ। କିନ୍ତୁ ଶେଷ ୪ଜଣ ବ୍ୟାଟର ଯଥା ହରପ୍ରୀତ ସିଂ ବ୍ରାର୍ ଅପରାଜିତ ୧୭, ହର୍ଷଲ ପଟେଲ ୧୨, ରାହୁଲ ଚହର ୧୬ ଓ କାଗିସୋ ରାବାଡ଼ା ଅପରାଜିତ ୧୧ ରନ୍ କରିବା ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୩୯ ରନ୍ କରିପାରିଥିଲା। ଚେନ୍ନାଇ ପକ୍ଷରୁ ଜାଡେଜାଙ୍କ ୩ ୱିକେଟ ବ୍ୟତୀତ ତୁଷାର ଦେଶପାଣ୍ଡେ ଓ ସିମରଜିତ ସିଂହ ୨ଟି ଲେଖାଏଁ ୱିକେଟ ପାଇଥିଲେ।

## ସୁନୀଲ ନାରିନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ଶୀର୍ଷକୁ ଉଠିଲା କୋଲକାତା

**ଲକ୍ଷ୍ନୌ, ୫।୫(ଏଜେନ୍ସି):** ଅଲରାଉଣ୍ଡର ସୁନୀଲ ନାରିନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହ ବୋଲରଙ୍କ ଶୃଙ୍ଖଳିତ ବୋଲିଂ ଫଳରେ ରବିବାର ଏଠାରେ ଖେଳାଯାଇଥିବା ଆଇପିଏଲ୍‌ର ୫୪ତମ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ ୯୮ ରନରେ ଘରୋଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟସକୁ ପରାସ୍ତ କରିଛି। କୋଲକାତା ପ୍ରଦତ୍ତ ୨୩୬ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ସୁପର୍ ଜାଏଣ୍ଟ୍ସ ୧୬.୧ ଓଭରରେ ୧୩୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ମାର୍କସ ଷ୍ଟୋଇନିସ ସର୍ବାଧିକ ୩୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଲୋକେଶ ରାହୁଲ ୨୫ ରନ କରିଥିବାବେଳେ ଅର୍ଶିନ କୁଲକର୍ଣ୍ଣି (୯ ରନ), ଦୀପକ ହୁଡା (୫), ନିକୋଲସ ପୁରନ (୧୦), ଆୟୁଷ ବଦୋନୀ (୧୫), ଆଷ୍ଟନ ଟର୍ନର (୧୬) ଓ କ୍ରୁନାଲ ପାଣ୍ଡ୍ୟା (୫ ରନ) ପ୍ରମୁଖ ନିରାଶ କରିଥିଲେ। ସଫଳ ବୋଲର ଭାବେ ବିଜୟୀ ବିଜୟୀ କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା ୩ଟି ଲେଖାଏ, ଆନ୍ଦ୍ରେ ରସେଲ ୨ଟି ଏବଂ ସୁନୀଲ ନାରିନ ଓ ମିଚେଲ ଷ୍ଟାର୍କ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଏଥିସହ ୧୧ତମ ମ୍ୟାଚରୁ ୮ମ ବିଜୟ ହାସଲ କରି କୋଲକାତା ଟେବଲ ସାରଣୀର ଶୀର୍ଷକୁ ଉଠିଛି। ସେହିଭଳି ଲକ୍ଷ୍ନୌ ୧୧ତମ ମ୍ୟାଚ୍‌ରୁ ୫ମ ପରାଜୟ ସହ ୫ମ ସ୍ଥାନକୁ ଖସିଯାଇଛି।



### ଏକନ ଷ୍ଟାଡ଼ିୟମ୍‌ରେ ସର୍ବାଧିକ ସ୍କୋର

ପୂର୍ବରୁ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ଆରମ୍ଭରୁ ଆକ୍ରମଣାତ୍ମକ ସଟ୍ ଖେଳିଥିଲା। ଫଳରେ ଦଳ ୪.୪ ଓଭରରେ ୬୧ ରନ୍ ଉଠାଇଥିଲା। ଗୋଟିଏ ପଟେ ସୁନୀଲ ନାରିନ୍ ଅତି ସହଜରେ ବଡ଼ ସଟ୍‌ମାରୁଥିଲାବେଳେ ଅନ୍ୟ ପଟେ ତାଙ୍କୁ ଉପଯୁକ୍ତ ସହଯୋଗ ମିଳିଥିଲା। ଯାହା ଫଳରେ ସେ ପ୍ରଥମ ୱିକେଟରେ ସଲ୍ଟଙ୍କ ସହ ୨୬ ବଲ୍‌ରୁ ୬୧ ଓ ଦ୍ୱିତୀୟ ୱିକେଟରେ ଅଙ୍ଗକ୍ରିସ୍ ରଘୁବଂଶୀଙ୍କ ସହ ୪୬ ବଲ୍‌ରୁ ୭୯ ରନ୍ ଉଠାଇଥିଲେ। ଉଭୟ ସଲ୍ଟ ୧୪ ବଲରୁ ୩୨ ଏବଂ ରଘୁବଂଶୀ ୨୬ ବଲ୍‌ରୁ ୩୨ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଏହି ସମୟରେ ଦୁଇଟି ଜୀବନଦାନ ପାଇଥିବା ନାରିନ ଆଉ ଏକ ବଡ଼ ସଟ୍ ମାରିବାକୁ ଯାଇ ଆଉଟ ହୋଇଯାଇଥିଲେ। ସେ ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଚଳିତ ସିଜନରେ ଏହା ତାଙ୍କର ତୃତୀୟ ଅର୍ଦ୍ଧଶତକ ଓ ଚତୁର୍ଥଥର ୫୦ରୁ ଊର୍ଦ୍ଧ୍ୱ ସ୍କୋର। ସେ ମୋଟ ୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୬ଟି ଚୌକା ଓ ୭ଟି ଛକା ସହ ୮୧ ରନ୍‌ରେ ଆଉଟ ହୋଇଥିଲେ। ଦ୍ୱିତୀୟ ଖେଳାଳିଭାବେ ନାରିନ୍ ଆଉଟ ପରେ ଆଉ ବଡ଼ ଭାଗୀଦାରି ଦେଖିବାକୁ ମିଳି ନ ଥିଲା। ଏହି ସମୟରେ ଦୁଇ ବିସ୍ଫୋରକ ବ୍ୟାଟର ଆନ୍ଦ୍ରେ ରସେଲ ୮ ବଲରୁ ୧୨ ଓ ରିଙ୍କୁ ସିଂ ୧୧ ବଲ୍‌ରୁ ୧୬ ରନ୍ କରିପାରିଥିଲେ। ଶ୍ରେୟସ ଆୟର ମଧ୍ୟ ୨୩ ରନ୍‌ର ଯୋଗଦାନ ଦେଇଥିଲେ। କିନ୍ତୁ ରମଣଦୀପ ସିଂ ୬ ବଲ୍‌ରୁ ୧ ଚୌକା ଓ ୩ଛକା ବଳରେ ଅପରାଜିତ ୨୫ ରନ୍‌ର ପାଳି ଖେଳିବାରୁ ଏକନ ଷ୍ଟାଡିୟମ୍‌ରେ କୋଲକାତା ରେକର୍ଡ ସ୍କୋର କରିବାରେ ସମର୍ଥ ହୋଇଥିଲା। ଲକ୍ଷ୍ନୌ ପକ୍ଷରୁ ପେସ୍ ବୋଲର ନବୀନ ଉଲ ହକ୍ ୪ ଓଭରରେ ସର୍ବାଧିକ ୪୯ ରନ୍ ଦେଇଥିଲାବେଳେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ତାଙ୍କ ବ୍ୟତୀତ ରବି ବିଷ୍ଣୋଇ ୪ ଓଭରରେ ୩୩ ରନ୍ ଦେଇ ଗୋଟିଏ ୱିକେଟ ନେଇଥିଲେ। ଏହି ମ୍ୟାଚ୍‌କୁ ମିଶାଇ କୋଲକାତା ଚଳିତ ସିଜନରେ ସନ୍‌ରାଇଜର୍ସ ହାଇଦ୍ରାବାଦ ସହ ସର୍ବାଧିକ ୬ଥର ୨୦୦ କିମ୍ବା ତା'ଠାରୁ ଅଧିକ ସ୍କୋର ସଂଗ୍ରହ କରିଛି।

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ | ୧୦ | ୮ | ୨ | ୧୬ | +୦.୬୨୨ |
| ଚେନ୍ନାଇ | ୧୧ | ୬ | ୫ | ୧୨ | +୦.୭୦୦ |
| ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଲକ୍ଷ୍ନୌ | ୧୧ | ୬ | ୫ | ୧୨ | -୦.୩୭୧ |
| ଦିଲ୍ଲୀ | ୧୧ | ୫ | ୬ | ୧୦ | -୦.୪୪୨ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ | ୧୧ | ୪ | ୭ | ୮ | -୦.୧୮୭ |
| ଗୁଜରାଟ | ୧୧ | ୪ | ୭ | ୮ | -୧.୩୨୦ |
| ମୁମ୍ବାଇ | ୧୧ | ୩ | ୮ | ୬ | -୦.୩୫୬ |

# ବଜରଙ୍ଗଙ୍କୁ ନିଲମ୍ବନ କଲା ନାଡା

**ନୂଆଦିଲ୍ଲୀ, ୫।୫(ଏଜେନ୍ସି):** ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ୨୦୨୦ ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ତଥା ତାରକା କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କ୍ରୀଡ଼ାରୁ ନିଲମ୍ବିତ କରିଛି। ଡୋପ୍ ଟେଷ୍ଟ ପାଇଁ ବଜରଙ୍ଗ ନିଜର ନମୁନା ଦେବାକୁ ମନା କରିଥିବାରୁ ତାଙ୍କୁ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ରବିବାର ନାଡା ସୂଚନା ଦେଇଛି। ଗତ ମାର୍ଚ୍ଚ ୧୦ରେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଆୟୋଜିତ ଏସିଆନ କ୍ୱାଲିଫାୟର୍ସର ଜାତୀୟ ଟ୍ରାଏଲ୍‌ରେ ବଜରଙ୍ଗଙ୍କୁ ନମୁନା ବା ସାମ୍ପଲ ଦେବାକୁ ନାଡ଼ା କହିଥିଲା। କିନ୍ତୁ ସେ ମନା କରିଦେଇଥିଲେ। ପୁଣି ସେ କାହିଁକି ନମୁନା ଦେବାକୁ ମନା କରଛନ୍ତି ଏ ନେଇ ନାଡା ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡା)କୁ ଅବଗତ କରାଇବାର ଥିଲା। ଏପ୍ରିଲ ୨୩ ସୁଦ୍ଧା ନାଡା ବଜରଙ୍ଗଙ୍କୁ ନୋଟିସ ଦେଇଥିଲା। ମେ ୭ ତାରିଖ ସୁଦ୍ଧା ସେ ନମୁନା କାହିଁକି ଦେଉନାହାନ୍ତି ବୋଲି ସଫେଇ ଦେବାକୁ କୁହାଯାଥିଲା। କିନ୍ତୁ ସେ ଏପର୍ଯ୍ୟନ୍ତ ଏହାର ଜବାବ ଦେଇନାହାନ୍ତି। ଫଳରେ ତାଙ୍କୁ ନାଡା ନିଲମ୍ବନ କରିବାକୁ ନିଷ୍ପତ୍ତି ନେଇଛି ବୋଲି କହିଛି।

ନାଡ଼ାର ଏହି ଅଭିଯୋଗକୁ ବଜରଙ୍ଗ ଖଣ୍ଡନ କରିଛନ୍ତି। ନମୁନା ଦେବାକୁ କେବେ ମନା କରିନାହାଁ। କିନ୍ତୁ ନାଡା ଏକ୍ସପାୟାରି କିଟ୍ ଦେଇଥିଲା। ତେଣୁ ନମୁନା ଦେବାକୁ ମନା କରିଥିଲି ବୋଲି ବଜରଙ୍ଗ କହିଛନ୍ତି। ଏକ୍ସପାୟାରି କିଟ୍ ଦେଇଥିବା ଅଧିକାରୀଙ୍କ ବିରୋଧରେ ନାଡା କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ବଜରଙ୍ଗ ପାଲଟା ପ୍ରଶ୍ନ ପଚାରିଛନ୍ତି। ତେଣୁ ନାଡା ଏ ସଂକ୍ରାନ୍ତରେ ଆଗକୁ କି ନିଷ୍ପତ୍ତି ନେଉଛି ତାହା ପରେ ଜଣାପଡିବ। ଉଲ୍ଲେଖଥାଉ କି, ବଜରଙ୍ଗ ଅଲିମ୍ପିକ୍ସ କାଂସ୍ୟ ସମେତ ବିଶ୍ୱ ଚାମ୍ପିଅନସିପ୍‌ରେ ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ, ଏସୀୟ କ୍ରୀଡ଼ାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ଭାରତର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାବିତ୍ ବିବେଚିତ ହେଉଛନ୍ତି।

# ଟାଇଟଲ ଜିତିଲେ ସ୍ୱିଆଟେକ

**ମାଦ୍ରିଦ୍, ୫।୫(ଏଜେନ୍ସି):** ମାଦ୍ରିଦ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପୋଲାଣ୍ଡର ଇଗା ସ୍ୱିଆଟେକ ମହିଳା ଏକକ ଚାମ୍ପିଅନ ହୋଇଛନ୍ତି। ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ସ୍ୱିଆଟେକ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ୭-୫, ୪-୬, ୭-୬ ସେଟ୍‌ରେ ପରାସ୍ତ କରି ଚଳିତ ସିଜନର ତୃତୀୟ ଟାଇଟଲ ହାସଲ କରିଛନ୍ତି। ବିଜୟୀ ହେବାକୁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା ଓ ସେ ୩ ଘଣ୍ଟା ୧୧ ମିନିଟ୍ ସମୟ ଆବଶ୍ୟକ କରିଥିଲେ। କାରୋଲିନ୍ ୱୋଜ୍ନିଆକି (୨୦୧୨)ଙ୍କ ପରେ ସ୍ୱିଆଟେକ ସର୍ବକନିଷ୍ଠ ଖେଳାଳି ଭାବେ ୨୦ଟି ଟାଇଟଲ ହାସଲ କରି ଆଉ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଏଥିସହ ସେ ମାଦ୍ରିଦ୍‌ରେ ପ୍ରଥମ ଟାଇଟଲ ହାସଲ କରିଛନ୍ତି। ଏହାପୂର୍ବରୁ ସ୍ୱିଆଟେକ୍ ସେମିଫାଇନାଲରେ ୧୮ ତମ ସିଡ୍ ଖେଳାଳି ଆମେରିକାର ମାଡିନସନ କିଜଙ୍କୁ ୬-୧, ୬-୩ ସିଧାସଳଖ ସେଟ୍‌ରେ ହରାଇ ଫାଇନାଲକୁ ଉଠିଥିଲେ। ସେହିପରି ସାବାଲେଙ୍କା ୧-୬, ୭-୫, ୭-୬ ସେଟ୍‌ରେ ଚତୁର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଥିଲେ।



ମାଦ୍ରିଦ୍ ଓପନ୍ ଟେନିସ

# କଳିଙ୍ଗରେ ଆଇଟିଏଫ୍ ବିଶ୍ୱ କନିଷ୍ଠ ଟେନିସ ଆରମ୍ଭ

ଭୁବନେଶ୍ୱର, ୫।୫(ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପଲେକ୍ସରେ ସୋମବାର ଜେ୩୦ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ବିଶ୍ୱ ଟେନିସ ଟୁର କନିଷ୍ଠ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ସୋମବାରଠାରୁ ଆରମ୍ଭ ହୋଇ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୧ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଯୁବ ଟେନିସ ଖେଳାଳିମାନେ ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଓଡ଼ିଶା ଟେନିସ ସଂଘ (ଓଟିଏ), ସର୍ବଭାରତୀୟ ଟେନିସ ଆସୋସିଏସନ (ଏଆଇଟିଏ) ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଖେଳାଯିବ।

## ଭାରତ ସମେତ ୪ ଦେଶର ୧୧୫ ଖେଳାଳି ଭାଗନେବେ

ବାଳକ ଓ ବାଳିକା ବିଭାଗରେ ଆୟୋଜକ ଭାରତ ସମେତ ଆମେରିକା, ନେପାଳ, କାନାଡ଼ାରୁ ମୋଟ୍ ୧୧୫ଜଣ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ପ୍ରତ୍ୟେକ ଡ୍ର'ରେ ୩୨ ଜଣ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ବାଳକ ଓ ବାଳିକା ବିଭାଗରେ ଏକକ ଓ ଡବଲ୍ସ ପ୍ରତିଯୋଗିତା ଆୟୋଜନ ହେବ। ଟୁର୍ଣ୍ଣାମେଣ୍ଟର ଏକକ ପ୍ରତିଯୋଗିତାରେ ଟାଇଟଲ ହାସଲ କରିବାକୁ ଥିବା ଖେଳାଳିଙ୍କୁ ୩୦ ଲେଖାଏ ପଏଣ୍ଟ ମିଳିବ। ତେଣୁ ଏହି ଟୁର୍ଣ୍ଣାମେଣ୍ଟର ନାମରେ ଜେ୩୦ ଉଲ୍ଲେଖ କରାଯାଇଛି। ସେହିପରି ଯୁଗଳ ପ୍ରତଯୋଗିତାରେ ଚାମ୍ପିଅନ ହେଲେ ଖେଳାଳିଙ୍କୁ ୨୫ ଲେଖାଏ ପଏଣ୍ଟ ମିଳିବ।

ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଓଟିଏ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ଓଟିଏ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଆଇଟିଏଫ୍ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ଲୋଗୋ, ଟିସାର୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା।




### ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

ଗତ କିଛିଦିନ ଧରି ଏଠାରେ ଚାଲିଆସୁଥିବା ଗ୍ରୀଷ୍ମକାଳୀନ ଟେନିସ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଛୋଟ ପିଲାମାନେ ଅଭ୍ୟାସ କରିବାର ସୁଯୋଗ ପାଇଥିଲେ ଓ ନିଜ ପ୍ରତିଭା ବିକାଶ କରିବା ନେଇ ପ୍ରଶିକ୍ଷଣ ପାଇଥିଲେ। ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

## ପ୍ରହସନ ପାଲଟିଛି ଉଜ୍ଜ୍ୱଳା ଯୋଜନା

# କେନ୍ଦ୍ରମନ୍ତ୍ରୀଙ୍କ ଅପାରଗତା, କାଠଧୂଆଁରେ କଲବଲ ମହିଳା: ଡ. ଲେନିନ୍ ମହାନ୍ତି

**ସମ୍ବଲପୁର, ୫।୫(ସମିସ)**

ହାଣ୍ଡିଶାଳରେ ଧୂଆଁରୁ ମିଳିବ ମୁକ୍ତି। ସହଜ ଓ ଶୀଘ୍ର ହେବ ମାଁମାନଙ୍କ ରୋଷେଇ କାର୍ଯ୍ୟ। ଘରେ ଘରେ ପହଞ୍ଚିବ ଉଜ୍ଜ୍ୱଳା ଗ୍ୟାସ। କାଠଧୂଆଁ ନୁହେଁ ଗ୍ୟାସ ନିଆଁରେ ହେବ ରନ୍ଧା କାର୍ଯ୍ୟ। ଗତ କିଛିବର୍ଷ ତଳେ ମାଁ ମାନଙ୍କୁ ଦେଖାଇଥିବା ଏହି ମିଠା ସ୍ୱପ୍ନ ଏବେ ପ୍ରତାରଣା ପାଲଟିଛି। କାରଣ କୋଟି କୋଟି ଟଙ୍କା ବ୍ୟୟରେ ଆରମ୍ଭ କରାଯାଇଥିବା ଉଜ୍ଜ୍ୱଳା ଯୋଜନା ତୃଣମୂଳସ୍ତରରେ କେତେ କାର୍ଯ୍ୟକାରୀ ହୋଇଛି ତା'ର ନଗ୍ନରୂପ ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଗାଁରେ। ଯାହା ସ୍ପଷ୍ଟ କରୁଛି ପୂର୍ବତନ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ତଥା ବର୍ତ୍ତମାନର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମହିଳାମାନଙ୍କ ପ୍ରତି କେତେ ସମ୍ମାନ ରହିଛି।

କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଫେଲ ମାରିଛି। ସାଧାରଣ ମହିଳାଙ୍କୁ ନୁହେଁ ବରଂ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟର ଓ କଳାବେପାରୀଙ୍କ ମୁନାଫା ପାଇଁ ଏହି ଯୋଜନା ଲାଗୁ କରାଯାଇଥିବା ମନେହୁଏ। ପ୍ରକାଶ ଯେ ୨୦୧୬ ମସିହାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇ ପର୍ଯ୍ୟାୟକ୍ରମେ ଉଜ୍ଜ୍ୱଳା ଯୋଜନାକୁ ଲାଗୁ କରାଯାଉଛି। ଯେହେତୁ ସେ ସମୟରେ କେନ୍ଦ୍ରରେ ପେଟ୍ରୋଲିୟମ ମନ୍ତ୍ରୀ ଦାୟିତ୍ୱରେ ଧର୍ମେନ୍ଦ୍ର ପ୍ରଧାନ ରହିଥିଲେ। ଉଜ୍ଜ୍ୱଳା ଯୋଜନାରେ ଓଡ଼ିଶାର ମହିଳାମାନେ ବେଶି ଲାଭାନ୍ୱିତ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ସମସ୍ତଙ୍କ ଆଶା ବିଶ୍ୱାସ ପାଣିଫୋଟକା ଭଳି ଫାଟିଯାଇଛି। କାରଣ କାଗଜପତ୍ରରେ ଯୋଜନାର ସଫଳ ରୂପାୟନ ହୋଇଥିବାବେଳେ ରୋଷେଇଶାଳର ଅବସ୍ଥା ଯଥା ପୂର୍ବଂ ତଥା ପରଂ। ଗ୍ରାମାଞ୍ଚଳରେ ଦି ଓଳି ଭାତ ରାନ୍ଧିବା ପାଇଁ ଆଜିବି ଶୁଖାକାଠ ଓ ଜାଳେଣୀ ଉପରେ ନିର୍ଭର କରିବାକୁ ପଡୁଛି। ମହିଳାମାନେ ଜଙ୍ଗଲକୁ ଶୁଖାକାଠ ସଂଗ୍ରହ କରିବାକୁ ଯାଉଛନ୍ତି। ରେଙ୍ଗାଲି ଗାଁର ମହିଳାମାନଙ୍କ କହିବା ଅନୁସାରେ ଉଜ୍ଜ୍ୱଳା ଯୋଜନାରେ ସେମାନଙ୍କୁ ଯେଉଁ ଗ୍ୟାସ ଟାଙ୍କି ଓ ଚୁଲା ମିଳିବା କଥା ତାହା ମିଳିନାହିଁ। ଯେଉଁମାନେ ଥରେ ଆଣିଛନ୍ତି ଆଉ ଆଣୁନାହାନ୍ତି। ବିଭିନ୍ନ ସମୟରେ ଗ୍ୟାସ ଟାଙ୍କିରେ ଅହେତୁକ ଦରବୃଦ୍ଧି କରାଯାଉଛି। ଗ୍ୟାସ ଆଣିବା ପରେ ଯେଉଁ ସବସିଡି ଟଙ୍କା ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଡ଼ିବା କଥା ତାହା ମଧ୍ୟ ପଡୁନାହିଁ। ଦିନମଜୁରି କରି ପେଟ ପୋଷୁଥିବା ଗରିବ ବ୍ୟକ୍ତିଟିଏ ୧୦୦୦/୧୨୦୦ ଟଙ୍କା ଦେଇ ଗ୍ୟାସ କିଣିବା ଅପେକ୍ଷା ସେହି କାଠରେ ଚୁଲି ଜାଳିବା ଉଚିତ୍ ମଣୁଛି। ଏହା କେବଳ ରେଙ୍ଗାଲି ଗାଁର କଥା ନୁହେଁ। ସମ୍ବଲପୁର, ପଶ୍ଚିମ ଓଡ଼ିଶା ତଥା ସାରା ରାଜ୍ୟରେ ଏ ଅରାଜକତା। ଏଠି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଉଜ୍ଜ୍ୱଳା ଯୋଜନା ପାଇଁ ହଜାର ହଜାର କୋଟି ଖର୍ଚ୍ଚ କରିଥିବା କେନ୍ଦ୍ର ସରକାର ଡିଣ୍ଡିମ ପିଟୁଛନ୍ତି। ଅପରପକ୍ଷେ ରାଜ୍ୟର ୬୦ ରୁ ୬୫ ପ୍ରତିଶତ ଗ୍ରାମାଞ୍ଚଳର ଲୋକେ ସେହି ଜାଳେଣୀ ଉପରେ ଭରସା କରି ରୋଷେଇ କାର୍ଯ୍ୟ କରୁଛନ୍ତି। ତା'ହେଲେ ଏ ଟଙ୍କା ଗଲା କୁଆଡ଼େ? କେନ୍ଦ୍ର ପେଟ୍ରୋଲିୟମ ଓ ଗ୍ୟାସ ବିଭାଗରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ହେବା ପରେ ତୁମେ କିଏ ମୁଁ କିଏ ନୀତିରେ ଉଜ୍ଜ୍ୱଳା ଯୋଜନାକୁ ଅଧା ବାଟରେ ଛାଡିଦେଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଥିଲା ସମୟରେ ଧର୍ମେନ୍ଦ୍ର ଏ ଅଞ୍ଚଳ ପାଇଁ କିଛି କରିପାରିଲେନି। ସେହିଭଳି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇବି ଶିକ୍ଷାର ଉନ୍ନତି ପାଇଁ କିଛି କଲେନାହିଁ। ସେ ଯାହା ହେଉନା କାହିଁକି ମାଁଙ୍କ ଆଖିରୁ ଗଡ଼ିଥିବା ଲୁହର ଜବାବ ଧର୍ମେନ୍ଦ୍ର ନିଶ୍ଚୟ ପାଇବେ। ନିର୍ବାଚନରେ ମହିଳାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଉଚିତ ଜବାବ ଦେବେ ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି।



- ଗ୍ୟାସ ଦର ଅହେତୁକ ବୃଦ୍ଧି ପାଇଁ ଦାୟୀ କିଏ ?
- ଗ୍ୟାସ କିଣିବା ପରେ ସବ୍‌ସିଡି ଟଙ୍କା ଯାଉଛି କୁଆଡେ

## ବିଜେଡିର ମହାନ ମିଶ୍ରଣ ପର୍ବ

# ବିକାଶର ପ୍ରୟୋଗଶାଳା ହେବ ସମ୍ବଲପୁର





**ସମ୍ବଲପୁର, ୫।୫(ସମିସ):** ମାରାଥନ ପ୍ରଚାର କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ବିଭିନ୍ନ ଧର୍ମ, ସମ୍ପ୍ରଦାୟର ଲୋକଙ୍କୁ ଭେଟି ଆଶୀର୍ବାଦ ନେବାପରେ ସନ୍ଧ୍ୟାରେ ଅନେକ ଜନସଭାରେ ଯୋଗ ଦେଇଛନ୍ତି ପ୍ରଣବ ପ୍ରକାଶ। ସନ୍ଧ୍ୟାରେ ଠେଲକୋଲଇଠାରେ ପହଞ୍ଚି କର୍ମୀ ସମ୍ମିଳନୀରେ ସେ ଯୋଗ ଦେଇଥିଲେ। ନିର୍ବାଚନ ରଣନୀତି ଅନୁସାରେ କର୍ମୀମାନଙ୍କୁ କାମ କରିବାକୁ କହିଥିଲେ। ବିରୋଧୀ ନାନା କଥା କହିବେ କିନ୍ତୁ ଆମେ ମୁଖ୍ୟମନ୍ତ୍ରୀଙ୍କ ବିକାଶ କାମର ତାଲିକା ଧରି ଲୋକଙ୍କ ପାଖକୁ ପହଞ୍ଚିବା। ଲୋକଙ୍କୁ କଥା ନୁହେଁ କାମର ରିପୋର୍ଟ ଦେଖାଇବା ବୋଲି ପ୍ରଣବ ପ୍ରକାଶ ଆହ୍ୱାନ କରିଛନ୍ତି। କର୍ମୀ ସମ୍ମିଳନୀ କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ସ୍ଥାନୀୟ ଗଙ୍ଗାଧର ମଣ୍ଡପ ଠାରେ ପହଞ୍ଚିଥିଲେ। ସେଠାରେ ବିଜୁ ଜନତା ଦଳ ତରଫରୁ ଏକ ବିଶାଳ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ସମର୍ଥନ ଜଣାଇ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ସେହିଭଳି ଘୁନଘୁଟିପଡ଼ାର ବାସିନ୍ଦାମାନେ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଜଣାଇ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଘୁନଘୁଟିପଡ଼ାର ବାସିନ୍ଦାମାନେ କହିଥିଲେ ଯେ ବିପଦ ସମୟରେ ବିଜେଡି ଆମକୁ ସହାୟତା କରିଛି। ସମଲେଇ ଯୋଜନାରେ ଆମେ ବିସ୍ଥାପିତ ହୋଇଛୁ। ୯୨ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ କରିଥିଲୁ। ସେ ସମୟରେ ସମ୍ବଲପୁରର କୌଣସି ନେତା ଆମର ପାଖ ମାଡିନଥିଲେ। ପ୍ରଣବ ପ୍ରକାଶ ଦାସ ଓ ରୋହିତ ପୂଜାରୀ ଆମକୁ ଭେଟି ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆମେ ଆଜି ଖୁସି ହୋଇ ତାଙ୍କୁ ସମର୍ଥନ ଜଣାଇବାକୁ ବିଜୁ ଜନତା ଦଳରେ ସାମିଲ ହେଲୁ ବୋଲି କହିଥିଲେ। ଘୁନଘୁଟିପଡ଼ା ବାସିନ୍ଦାଙ୍କ ଭୋଟ ଯୋଡି ଶଙ୍ଖକୁ ଯିବ। ଗୋଟିଏ ଏମପି ପାଇଁ ଓ ଗୋଟିଏ ଏମଏଲଏ ପାଇଁ ଭୋଟ ଦେଇ ଆମେ ତାଙ୍କୁ ବିଜୟୀ କରିବୁ ବୋଲି କହିଥିଲେ। ମିଶ୍ରଣ ପର୍ବ ସାରିବା ପରେ ପ୍ରଣବ ପ୍ରକାଶ ସାକ୍ଷୀପଡ଼ାଠାରେ ଆୟୋଜିତ ହେଉଥିବା ଏକ ଜନସଭାରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ଉଦବୋଧନ ଦେଇ କହିଥଲେ ଆଗାମୀ ଦିନରେ ସମ୍ବଲପୁରକୁ ବିକାଶର ପ୍ରୟୋଗଶାଳା କରାଯିବ। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ବଲପୁରରେ ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରାଯିବ। କିଛି ଲୋକ ଅଛନ୍ତି ଯେଉଁମାନେ ଏଠାରେ ବିକାଶକୁ ବିରୋଧ କରୁଛନ୍ତି। ବିଗତ ୧୦ ବର୍ଷରେ ଆପଣମାନେ ତାଙ୍କୁ ଭଲଭାବରେ ଜାଣିସାରିଲେଣି। ତେଣୁକରି ଚଳିତ ନିର୍ବାଚନରେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରି ଯୋଡି ଶଙ୍ଖରେ ଭୋଟ ଦିଅନ୍ତୁ ଓ ବିକାଶ ଧାରାରେ ସହଭାଗୀ ହୁଅନ୍ତୁ ବୋଲି ନିବେଦନ କରିଥିଲେ। ଏହାପରେ କୁଲତାପଡ଼ାଠାରେ ପହଞ୍ଚି ଏକ ଜନସମାବେଶକୁ ସମ୍ବୋଧନ କରିଥିଲେ। ସେଠାରୁ ଗୋଶାଳା ଅଭିମୁଖେ ବାହାରିଥିଲେ। ଗୋଶାଳା ବିଜେଡିର ଦଳୀୟ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଗୋଶାଳାରୁ ଫେରି ଧନୁପାଲିରେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

- ବିକାଶର ଗତିପଥ ରୋକିବାକୁ ଚାହୁଁଛନ୍ତି କିଛି ଲୋକ
- ଯୋଗଦେଲେ ବିଜେପି, କଂଗ୍ରେସ କର୍ମୀ ଓ ଘୁନଘୁଟିପଡ଼ାବାସୀ

## ଏଟିଏମ୍ ଲକ୍ କି-ପ୍ୟାଡ୍ ଚୋରି

**ସମ୍ବଲପୁର, ୫।୫(ସମିସ):** ସମ୍ବଲପୁର ମୁଦିପଡ଼ା ଅଞ୍ଚଳରେ ଥିବା ଇଣ୍ଡିଆନ ଓଭରସିସ ବ୍ୟାଙ୍କର ଏକ ଏଟିଏମ୍‌ରୁ ଲକ୍ କି-ପେଡ୍ ଚୋରି ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏଟିଏମ୍‌ରେ ଲାଗିଥିବା ଏନ୍‌ସିଆର ଲକ୍ କି-ପେଡ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ବ୍ୟାଙ୍କ ମ୍ୟାନେଜର ଆଶୁତୋଷ ସିଂ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ ଘଟଣାର ତଦନ୍ତ ଜାରି ରଖିଛି।

## ଅଜଣା ଗାଡ଼ି ଧକ୍କାରେ ୨ ଆହତ

ସମ୍ବଲପୁର, ୫।୫(ସମିସ): ହୀରାକୁଦ ଥାନା ଅନ୍ତର୍ଗତ ଲରପଙ୍କଠାରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ୨ ଜଣ ଆହତ ହୋଇଛନ୍ତି। ଗାଡ଼ିଟି ରାସ୍ତା କଡ଼ରେ ଥିବା ଜଣେ ଗୁପଚୁପ ବିକାଳି ଓ ଜଣେ ସ୍କୁଟି ଚାଳକଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେଇ କ୍ଷିପ୍ର ଗତିରେ ଚାଲିଯାଇଥିଲା। ପ୍ରଥମେ ଗାଡ଼ିଟି ଗୁପଚୁପ ବିକାଳିର ଠେଲାକୁ ଧକ୍କା ଦେଇଥିଲେ। ପୁଣି ଭାରସାମ୍ୟ ହରାଇ ସ୍କୁଟି ଚାଳକଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଉଭୟଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଥିଲା। ଘଟଣାସ୍ଥଳରେ ହୀରାକୁଦ ପୁଲିସ ପହଞ୍ଚି ତଦନ୍ତ କରିଥିଲା।

## ୨୮ କୋରେକ୍ସ ଜବତ, ବେପାରୀ ଗିରଫ

**ସମ୍ବଲପୁର, ୫।୫(ସମିସ):** ଧନୁପାଲି ଥାନା ଅଞ୍ଚଳର ଜଣେ କୋରେକ୍ସ ବେପାରୀ ଗିରଫ ହୋଇଛି। ଚାରଭାଟି ମାଉଲି ନଗର ବିକ୍କି ନାଗ ଦୀର୍ଘଦିନରୁ ସେହି ଅଞ୍ଚଳରେ କୋରେକ୍ସ କାରବାର କରୁଥିଲା। ଆଜି ପୁଲିସ ତାର ଘରେ ଚଢ଼ଉ କରିଥିଲା। ସେଠାରୁ ୨୮ ବୋତଲ କୋରେକ୍ସ ଜବତ କରି ଅଭିଯୁକ୍ତ ବିକ୍କିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବାଇକ ଚୋରି ଅଭିଯୋଗ

**ବୁର୍ଲା, ୫।୫(ସମିସ):** ବୁର୍ଲା ସହର ଗାନ୍ଧିପଡ଼ାରୁ ଘରବାରଣ୍ଡାରୁ ବାଇକ୍ ଚୋରି ଅଭିଯୋଗ ହୋଇଛି। ଏନେଇ ପ୍ରତିମା ନାହାକ ନାମକ ଜଣେ ମମିଳା ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଓଡି ୧୫ଏକ୍ସ ୨୫୮୯ ନମ୍ବର ବିଶିଷ୍ଟ ବାଇକକୁ ନିଜ ଘର ବାରଣ୍ଡାରେ ରଖିଥିଲେ। ତେବେ ସକାଳ ୪ଟାରେ ଶୋଇକି ଉଠିବା ପରେ ଗେଟ୍ ଖୋଲାଥିବା ସହ ବାଇକ ନଥିବା ଜାଣିବାକୁ ପାଇଥିଲେ। ବହୁତ ଖୋଜାଖୋଜି କରିବା ପରେ ସେ ବାଇକ ନପାଇବାକୁ ବୁର୍ଲା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ବୁର୍ଲା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ବୁର୍ଲା, ୫।୫(ସମିସ):** ବୁର୍ଲା ଏଲଆଇସି ଅଫିସ ପଛପଟେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ମହିଳା ଜଣକ ୬ ମାସ ହେବ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହୁଛନ୍ତି। ଏନେଇ ମହିଳା ଜଣକୁ ପୂର୍ବରୁ ମଧ୍ୟ ନିର୍ଯାତନା ସହି ନପାରି ଫ୍ୟାମିଲି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ଅଭିଯୋଗ ଅନୁସାରେ ବର୍ତ୍ତମାନ ସମୟରେ ଅଲଗା ରହୁଥିଲେ ସୁଦ୍ଧା ତାଙ୍କ ସ୍ୱାମୀ ଫୋନ ଯୋଗ ଧମକ ଚମକ ଦେବା ସହ ନିର୍ଯ୍ୟାତନା ଦେଉଛନ୍ତି। ମହିଳାଙ୍କ ଅଭିଯୋଗକୁ ଆଧାର କରି ବୁର୍ଲା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦେଶୀ ବନ୍ଧୁକ ସହ ଶିକାରୀ ଗିରଫ

**ରେଢ଼ାଖୋଲ, ୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବଡ଼ବିଲ ଗ୍ରାମ ଜଙ୍ଗଲରେ ରେଢ଼ାଖୋଲ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଜଣେ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଶିକାରୀ ଜଣକ ହେଲେ ବଡ଼ବିଲ ଗ୍ରାମର କନ୍ଦର୍ପ ବେହାରା(୭୮)। ସୂଚନାଯୋଗ୍ୟ, କନ୍ଦର୍ପ ପାଖ ଜଙ୍ଗଲରୁ ଜନ୍ତୁ ଓ ପକ୍ଷୀ ଶୀକାର କରୁଥିଲେ ଏବଂ ଏହି ଶିକାର ପାଇଁ ସେ ଦେଶୀ ବନ୍ଧୁକର ବ୍ୟବହାର କରୁଥିଲେ। ଏନେଇ ପୁଲିସ ସୂଚନା ପାଇ ଚଢ଼ଉ କରିଥିଲା। ତାଙ୍କଠାରୁ ଗୋଟିଏ ବନ୍ଧୁକ ଜବତ କରିଛି। ଏନେଇ ପୋଲିସ୍ କେସ ନଂ ୧୨୩/୦୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି କେଉଁଠୁ ଏବଂ କିପରି ଏହି ଦେଶି ବନ୍ଧୁକ ଆସିଲା ତା' ଉପରେ ଅଧିକ ତଦନ୍ତ କରୁଛି। ଏହି ଚଢ଼ଉରେ ଏଏସ୍‌ଆଇ ବିଶାଖା ନାଏକ, ପୁଲିସ କର୍ମଚାରୀ ମହୋନ ସବର, ଦିନେଶ ନାଏକ, ବସନ୍ତ ଧାରୁଆ, କାଶିରାମ୍ କାର୍ଡରେକା ସାମିଲ ଥିଲେ।

## ଜିଲ୍ଲାସ୍କୁଲ ଛାତ୍ରାବାସ ମାଡ଼ିବସିଛି କ୍ରୀଡ଼ା ବିଭାଗ

# ପୁରାତନ ଛାତ୍ରସଂଘର ପ୍ରତିବାଦ ରଥରେ ସ୍ଥାନାନ୍ତର ଦାବି




**ସମ୍ବଲପୁର, ୫।୫(ସମିସ):** ପୁଣି ତାତିଲେ ଚନ୍ଦ୍ର ଶେଖର ବେରୋ ଜିଲ୍ଲାସ୍କୁଲ ପୁରାତନ ଛାତ୍ର ସଂଘ। ଜିଲ୍ଲାସ୍କୁଲର ଛାତ୍ରାବାସକୁ ସମୟିକ ଭାବେ କ୍ରୀଡା ବିଭାଗ ହଷ୍ଟେଲ କରିଥିଲା। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ୪ ବର୍ଷରୁ ଉର୍ଦ୍ଧ ହେବ ସ୍ଥାନାନ୍ତରିତ ହୋଇ ପାରିଲା ନାହିଁ। ତେଣୁ ଆଜି ପୁଣି ପ୍ରତିବାଦ କରିଛନ୍ତି। ଏକ ପ୍ରତିବାଦ ରଥ କରି ସହରରେ ବୁଲାଇଛନ୍ତି। ଭିନ୍ନ ଉପାୟରେ ଜିଲ୍ଲା ପ୍ରଶାସନ ମନମୁଖୀ କାର୍ଯ୍ୟକୁ ବିରୋଧ କରିଛନ୍ତି। ସ୍କୁଲ ମୁଖ୍ୟ ଗେଟରୁ ରଥ ବାହାରି ସହର ପରିକ୍ରମା କରିଥିଲା। ଶୀଘ୍ର ସମାଧାନ କରିବାକୁ ଦାବି କରିଛନ୍ତି। ଯଦି କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ଚେତାବନି ଦେଇଛନ୍ତି। ଅଭିଯୋଗ କ୍ରମେ ସମ୍ବଲପୁର ଅସୁବିଧା ସ୍ଥିତିରେ ଭିଏସଏସ ଷ୍ଟାଡିୟମ ସ୍ଥିତ କ୍ରୀଡ଼ା ଛାତ୍ରାବାସ। ତେଣୁ ଅନ୍ତେବାସୀଙ୍କୁ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଛାତ୍ରାବାସରେ ସାମୟିକ ଭାବେ ଥଇଥାନ କରାଯାଇଥିଲା। ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ନୂତନ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ଆନ୍ଦୋଳନ କରିବାକୁ ଅନ୍ତେବାସୀଙ୍କୁ ଏଠାରୁ ଫେରାଇ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବର୍ଷା କାଳ ବିତିଯାଇଥିଲେ ହେଁ ଛାତ୍ରା ଛାତ୍ରାବାସକୁ ଜିଲ୍ଲା ସ୍କୁଲକୁ ଫେରାଇ ଦିଆଯିବା ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏହି ସ୍କୁଲରେ ରହିବା ଅସୁବିଧା ନେଇ କିଛି ଛାତ୍ର ବିଦ୍ୟାଳୟ ଛାଡ଼ି ଅନ୍ୟ ବିଦ୍ୟାଳୟକୁ ଚାଲିଯିବାର ମଧ୍ୟ ନଜିର ରହିଛି। ପୁରାତନ ଛାତ୍ରଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। କୌଣସି ବିଚାର ହୋଇ ପାରିଲା ନାହିଁ। କ୍ରୀଡ଼ା ଛାତ୍ରାବାସ ନିର୍ମାଣ କିମ୍ବା ଅସ୍ଥାୟୀ ଭଡ଼ା ସୂତ୍ରରେ କ୍ରୀଡ଼ା ଛାତ୍ରାବାସ କରାଯାଇ ସେଠାକୁ ଅନ୍ତେବାସୀଙ୍କୁ ନିଆଯାଉ ବୋଲି ସଂଘ ଦାବୀ କରିଛି। ପୁରାତନ ଛାତ୍ର ସଂଘ ସଭାପତି ସୁରଜିତ ମିଶ୍ର, ସମ୍ପାଦକ ଇଂ ପ୍ରଦାସ୍ତ ନାଥ, ପବିତ୍ର ତ୍ରିପାଠୀ, ଶଶାଙ୍କ ପୁରୋହିତ ରାହିତ, ମହେନ୍ଦ୍ର ମିଶ୍ର, ସଞ୍ଜିବ ମିଶ୍ର, ସୁକାନ୍ତ ବୋଷ, ଶିବ ବିଶି, ଦିଲୀପ କୁଅଁର, ପ୍ରଦୀପ ମେହେର ଦାବୀ କରିଛନ୍ତି।

